MARCH 08, 2026
SUNDAY, BHUBANESWAR

ମାର୍ଚ୍ଚ ୦୮, ୨୦୨୬
ରବିବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର

AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 185 | ବର୍ଷ- ୧ ● ସଂଖ୍ୟା- ୧୮୫ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- | PAGES - 12 ● PRICE- 7/-

## ଆଜି ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର,୭।୩: ସୁଭଦ୍ରା ହିତାଧିକାରୀଙ୍କ ପାଇଁ ଖୁସି ଖବର। ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ବ୍ୟାଙ୍କ ଖାତାକୁ ଆସିବ ସୁଭଦ୍ରାର ଚତୁର୍ଥ କିସ୍ତି ଟଙ୍କା। ପୁରୀର ତାଳବଣିଆ ପଡିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ୫ ହଜାର ଟଙ୍କା ଲେଖାଏଁ ପଠାଇବେ। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏନେଇ ସୂଚନା ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା ମୁତାବକ,

**ପୁରୀର ତାଳବଣିଆରୁ ଡିବିଟି ମାଧ୍ୟମରେ ପଠାଯିବ**

୧ କୋଟି ୧୨ ଲକ୍ଷ ୫୭ ହଜାର ୬୬୭ ଜଣ ଆବେଦନ କରିଥିବା ବେଳେ ଚତୁର୍ଥ କିସ୍ତିରେ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇବ । ୫ ହଜାର କୋଟିରୁ ଅଧିକ ଟଙ୍କା ଯୋଗ୍ୟ ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ପଠାଯିବ। ପୁରୀର ତାଳବଣିଆଠାରେ ଆୟୋଜିତ ହେବାକୁ ଥିବା ଏକ ବିଶାଳ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ସୁଭଦ୍ରା ଟଙ୍କା ବଣ୍ଟାଯିବ। ☞ପୃଷ୍ଠା-୨

## ଅନ୍ତର୍ଜାତୀୟ ମହିଳା ଦିବସ

# ପ୍ରଗତିପଥେ ଅଗ୍ରସର ହେଉଛି ଓଡ଼ିଶା: ଉପମୁଖ୍ୟମନ୍ତ୍ରୀ

- ଜନ ପ୍ରଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟ ଶାସନ ସଚିବ ସମ୍ବର୍ଦ୍ଧିତ
- ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ମହିଳା ସମ୍ମାନିତ




ଭୁବନେଶ୍ୱର,୭।୩: ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବ ସନ୍ଧ୍ୟାରେ, ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ମହିଳାମାନଙ୍କୁ ସମ୍ମାନିତ କରିବା ପାଇଁ ଭୁବନେଶ୍ୱରସ୍ଥିତ ମେ'ଫେୟାର କନଭେନସନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଦକ୍ଷ ନେତୃତ୍ୱ ଓ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପତ୍ନୀ ତଥା ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ କମ୍ପମପାଟି ଜୟଶ୍ରୀ, ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଡଃ ପ୍ରିୟଙ୍କା ମାରାଣ୍ଡି, ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡଃ ମୃଣାଳିନୀ ଦର୍ସଓ୍ୱାଲ, ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ମାନସୀ ନିମ୍ଭାଲ, ସମେତ ରାଜ୍ୟର ଅନେକ ବିଶିଷ୍ଟ ଅତିଥି ଏବଂ ସଫଳ ☞ପୃଷ୍ଠା-୨

### ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀର ଶୁଭାରମ୍ଭ

ଭୁବନେଶ୍ୱର,୭।୩: ଅନ୍ତର୍ଜାତୀୟ ମହିଳା ଦିବସର ଅବ୍ୟବହିତ ପୂର୍ବରୁ ମିଶନ ଶକ୍ତି ବିଭାଗ ପକ୍ଷରୁ କୋଣାର୍କ ଠାରେ 'ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀ'ର ଶୁଭାରମ୍ଭ ହୋଇଯାଇଛି । ଏହି ସମ୍ମିଳନୀ ୬ ଦିନ ବ୍ୟାପୀ ଜାରି ରହିବ। ଏହି କାର୍ଯ୍ୟକ୍ରମରେ ୩୦ ଗୋଟି ଜିଲ୍ଲାର ସମୁଦାୟ ୭୦୦ ଜଣ ମିଶନ ଶକ୍ତି ବ୍ଲକସ୍ତରୀୟ ସଂଘ କ୍ଲଷ୍ଟରସ୍ତରୀୟମହାସଂଘ ଓ ସେକ୍ରେଟାରୀ ଏବଂ ଜିଲ୍ଲା ଓ ବ୍ଲକସ୍ତରୀୟ କର୍ମଚାରୀ ଭାଗ ନେବେ। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଖୋର୍ଦ୍ଧା, କଟକ, ଜଗତସିଂହପୁର ଏବଂ ନୟାଗଡ଼ ଜିଲ୍ଲାର ମହାସଂଘର ୯୦ ଜଣ ସଭାପତି ଏବଂ ସମ୍ପାଦକ ଏହି ସମ୍ମିଳନୀରେ ସାମିଲ ହୋଇଛନ୍ତି। ମିଶନ ଶକ୍ତି ବିଭାଗର କମିଶନର ☞ପୃଷ୍ଠା-୨

## ଆମେରିକାର ଧମକ

## ଇରାନ୍ ଉପରେ ରାତିରେ ହେବ ସବୁଠୁ ବଡ଼ ଆକ୍ରମଣ

ୱାସିଂଟନ,୭।୩: ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ଆମେରିକା ଇରାନ ବିରୋଧରେ ସମ୍ପୂର୍ଣ୍ଣ ଯୁଦ୍ଧ ଘୋଷଣା କରିଛି। ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଣ୍ଟ ଏକ ଟିଭି ସୋ ସମୟରେ ଚେତାବନୀ ଦେଇଛନ୍ତି, ଶନିବାର ରାତି ଇରାନ ପାଇଁ ସବୁଠାରୁ କଷ୍ଟକର ରାତି ହେବ। ଏହି ବୟାନ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି, କାରଣ ଏହାକୁ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ସାମରିକ ଅଭିଯାନ ଭାବରେ ବର୍ଣ୍ଣନା




କରାଯାଉଛି। ଶାନ୍ତି ପାଇଁ ଆଶା ଏବେ ମଳିନ ହେଉଥିବା ପରି ମନେହେଉଛି ଏବଂ ଯୁଦ୍ଧର କରାଳ ଛାୟା ଗଭୀର ହୋଇଛି। ସ୍କଟ୍ ବେସେଣ୍ଟ ଦାବି କରିଛନ୍ତି, ଆମେରିକାର ସେନାର ପ୍ରାଥମିକ ଲକ୍ଷ୍ୟ ହେଉଛି ଇରାନର କ୍ଷେପଣାସ୍ତ୍ର ଶକ୍ତିକୁ ଚୂର୍ଣ୍ଣ କରିବା। ଆମେରିକା ଆଜି ରାତିରେ ଇରାନର କ୍ଷେପଣାସ୍ତ୍ର ଲଞ୍ଚର ଓ କାରଖାନାଗୁଡ଼ିକୁ ଟାର୍ଗେଟ କରିବ। ଏହି ସୁବିଧାଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ କ୍ଷତି ପହଞ୍ଚାଇବା ଦ୍ୱାରା ପ୍ରତିଶୋଧ ନେବା ପାଇଁ ଇରାନର ସାମରିକ କ୍ଷମତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ଆମେରିକା ଅର୍ଥ ସଚିବଙ୍କ ଅନୁଯାୟୀ, ତାଙ୍କ ସେନା ବର୍ତ୍ତମାନ ଦୁଇଟି ପୃଥକ୍ ମୋର୍ଚ୍ଚାରେ ଏକ ଅତ୍ୟନ୍ତ ପ୍ରଭାବଶାଳୀ ସାମରିକ ଅଭିଯାନ ଚଳାଇଛି, ଯାହା ପ୍ରଶଂସନୀୟ। ସେ କହିଛନ୍ତି, ସଚିବ ହେଗସେଥ୍, ଜେନେରାଲ କେନ୍ ଏବଂ ରାଷ୍ଟ୍ରପତିଙ୍କ ତତ୍ତ୍ୱାବଧାନରେ ଏହି ଅଭିଯାନ ଇରାନକୁ ଯଥେଷ୍ଟ ଦୁର୍ବଳ କରିଛି। ଏହି ବିଶାଳ ଅଭିଯାନର ଉଦ୍ଦେଶ୍ୟ ହେଉଛି ଆଞ୍ଚଳିକ ସ୍ଥିରତା ପୁନଃସ୍ଥାପନ କରିବା ଏବଂ ଶତ୍ରୁର ସାମରିକ ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେବା।



## ଇରାନ ଜାହାଜକୁ ନେଇ ମୁହଁ ଖୋଲିଲେ ଜୟଶଙ୍କର

**ଇରାନ ପକ୍ଷରୁ ଭାରତକୁ ଅନୁରୋଧ କରାଯାଇଥିଲା**

ନୂଆଦିଲ୍ଲୀ,୭।୩: ଇରାନର ଯୁଦ୍ଧଜାହାଜ ଆଇଆର୍‌ଆଇଏସ୍ ଡେନା ବୁଡ଼ିବା ଏବଂ ଭାରତ ଆଇଆର୍‌ଆଇଏସ୍ ଲାଭନର ଡକିଂକୁ ଅନୁମତି ଦେବା ସମ୍ପର୍କରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଶନିବାର ତାଙ୍କର ପ୍ରଥମ ପ୍ରତିକ୍ରିୟା ଦେଇଛନ୍ତି। ଜୟଶଙ୍କର କହିଛନ୍ତି ଯେ, ସମୁଦ୍ର ଆଇନ ଉପରେ ମିଳିତ ଜାତିସଂଘ ସମ୍ମିଳନୀ (ୟୁଏନ୍‌ସିଏଲ୍‌ଓଏସ୍) ଏବଂ ଅନ୍ତର୍ଜାତୀୟ ଆଇନକୁ ସେ ସମର୍ଥନ କରନ୍ତି। ଏହାସହିତ ମାନବିକତା ଦୃଷ୍ଟିକୋଣରୁ ଆଇଆର୍‌ଆଇଏସ୍ ଲାଭନକୁ କୋଚିରେ ଡକିଂ କରିବାକୁ ଅନୁମତି ଦିଆଯାଇଥିଲା। 'ରାଏସିନା ଡାୟଲଗ୍ ୨୦୨୬'ର ତୃତୀୟ ଦିନ ଜୟଶଙ୍କର ଏହି ପ୍ରତିକ୍ରିୟା ରଖିଛନ୍ତି। ଆମେରିକା-ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିଥିବାବେଳେ ଏହାର ପ୍ରଭାବ ସାରା ବିଶ୍ୱରେ ପଡିଛି। ଆମେରିକା ବୁଡାଜାହାଜ ଶ୍ରୀଲଙ୍କା ଉପକୂଳରେ ଇରାନର ଯୁଦ୍ଧଜାହାଜ ଆଇଆର୍‌ଆଇଏସ୍ ଡେନାକୁ ଆକ୍ରମଣ କରି ପୂରାପୂରି ନଷ୍ଟ କରିଦେଇଥିଲା। ☞ପୃଷ୍ଠା-୨

### ଯଯାତିଙ୍କ ଦୁଃଖ ବୁଝିଲେ ମୁଖ୍ୟମନ୍ତ୍ରୀ

## ଚିକିତ୍ସା ପାଇଁ ଦେଲେ ୫ ଲକ୍ଷ

ଢେଙ୍କାନାଳ/ଗଁଦିଆ: ୭/୩ (ବିଜ୍ଞାନ ମହାନ୍ତି/ବେତୁଜି ପ୍ରସାଦ) ସଦର ବ୍ଲକ ଅନ୍ତର୍ଗତ ସପ୍ତଶଯ୍ୟା ପଞ୍ଚାୟତର ବଦରାପଲ୍ଲୀ ଗ୍ରାମର ଯଯାତି କିଶୋରୀ ସାହୁ ଦୀର୍ଘ ଦିନ ଧରି ରକ୍ତହୀନତା ରୋଗରେ ପୀଡିତ ଅଛନ୍ତି। ସେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଆପତ୍ତି କରି ଆର୍ଥିକ ସାହାଯ୍ୟ ମାଗିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



**ସାଧାରଣରେ ପ୍ରଶଂସା ସାଉଣ୍ଟୁଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର**

- ରକ୍ତହୀନତା ରୋଗରେ ପୀଡିତ ଥିଲେ ଯଯାତି
- ଯୋଗାଣ ମନ୍ତ୍ରୀଙ୍କ ଉଦ୍ୟମରେ ମିଳିଲା ସହାୟତା
- ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଜଣାଇଲେ କୃତଜ୍ଞତା

ତାଙ୍କ ଅବସ୍ଥା ବିଚାରକୁ ନେଇ ଯଯାତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା କରିଛନ୍ତି। ସୂଚନା ଅନୁଯାଇ ବୃଦ୍ଧ ବାପ, ମା, ପତ୍ନୀ ଓ ୨ ଛୁଆଙ୍କୁ ନେଇ ଯଯାତିଙ୍କ ପରିବାର। ଯଯାତି ଯାହା ରୋଜଗାର କରନ୍ତି ତାଙ୍କ ପରିବାର ଚଳେ; ହେଲେ ଦୁଃଖର ବିଷୟ ୨୦୧୫ ମସିହାରୁ ସେ ଜାଣିବାକୁ ପାଇଲେ ତାଙ୍କୁ ରକ୍ତହୀନତା ବା ଆନେମିଆ ହୋଇଛି। ସେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ୨୦୨୫ ମସିହା ଅଗଷ୍ଟ ମାସରେ ଶରୀର ଅତ୍ୟଧିକ ଖରାପ ହେବାରୁ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କୁ କେମୋ ଥେରାପି ଦ୍ୱାରା ଚିକିତ୍ସା କରାଯାଉଥିଲା। ତାଙ୍କୁ ☞ପୃଷ୍ଠା-୨

## ଜଙ୍ଗଲ ଜମିର ପଟ୍ଟା ଓ ନକ୍ସା ସଂଶୋଧନ ପାଇଁ ଜିଲ୍ଲାପାଳଙ୍କୁ ଚିଠି

ଭୁବନେଶ୍ୱର,୭।୩ : ରାଜ୍ୟରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ସଂଶୋଧନ ଆଇନରେ ଉଲ୍ଲିଖିତ ଅଧିକାର ଅନୁଯାୟୀ ରାଜସ୍ୱ ବିଭାଗ ଦ୍ୱାରା ସେଥିରେ ନିର୍ଦ୍ଦିଷ୍ଟ ଥିବା ଜଙ୍ଗଲ ଜମିର ଅନ୍ତିମ ନକ୍ସା ପ୍ରସ୍ତୁତ କରାଯିବ। ରାଜସ୍ୱ ଅଥବା ଜଙ୍ଗଲ ବିଭାଗର ଯେଉଁ ରେକର୍ଡରେ ସେହି ଜମି ରହିଛି, ସମ୍ପୃକ୍ତ କର୍ତ୍ତୃପକ୍ଷ ସେହି ରେକର୍ଡ଼ରେ ତାକୁ ସମ୍ମିଳିତ କରିବେ। ଏଥିନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି

**ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ଜଙ୍ଗଲ ଜମି ଅଧିକାରର ହେବ ସୁରକ୍ଷା**

ଜାରି କରିଛନ୍ତି। ରାଜ୍ୟର ନିୟମର ପ୍ରାସଙ୍ଗିକତାକୁ ନେଇ ଦିଆଯାଇଥିବା ସମୟସୀମା କିମ୍ବା ତିନିମାସର ସମୟସୀମା ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ଚିଠିରେ ଉଲ୍ଲେଖ ରହିଛ। ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାପାଳଙ୍କୁ କ୍ଷେତ୍ର ଅଧିକାରୀଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବା ☞ପୃଷ୍ଠା-୨

## ବିଜେପି ଅମଳରେ ଅଧିକ ଲାଭବାନ ହେଉଛନ୍ତି ଚାଷୀ: ରିପୋର୍ଟ

ଭୁବନେଶ୍ୱର,୭।୩: ରାଜ୍ୟରେ ବର୍ତ୍ତମାନ ଚାଷୀମାନଙ୍କଠାରୁ ସରକାର ଖରିଫ ଧାନ ସଂଗ୍ରହ ଜାରି ରଖିଛନ୍ତି। ପୂର୍ବ ବିଜେଡି ସରକାର ଅମଳରେ ରାଜ୍ୟର ଯେତେ ସଂଖ୍ୟକ ଚାଷୀ ଯେଉଁ ପରିମାଣର ଧାନ ବିକ୍ରୟ କରିଥିଲେ ବର୍ତ୍ତମାନ ବିଜେପି ସରକାର ଅମଳରେ ପୂର୍ବାପେକ୍ଷା ଅଧିକ ସଂଖ୍ୟକ ଚାଷୀ ଅଧିକ ପରିମାଣରେ ଧାନ ବିକ୍ରୟ କରିଥିବା ଧାନ ସଂଗ୍ରହ ସ୍ଥିତିର ଏକ ତୁଳନାତ୍ମକ ରିପୋର୍ଟରୁ ଜଣାପଡିଛି। ୩୦ ଜିଲ୍ଲାରୁ ସଂଗୃହୀତ ରିପୋର୍ଟ ଅନୁଯାୟୀ, ବିଗତ ୦୭.୦୩.୨୦୨୪ ସୁଦ୍ଧା ରାଜ୍ୟରେ ଖରିଫ ଧାନ ବିକ୍ରୟ କରିଥିବା ମୋଟ ଚାଷୀଙ୍କ ସଂଖ୍ୟା ୧୩,୩୧,୬୧୯ ହୋଇଥିବାବେଳେ ସେମାନଙ୍କଠାରୁ ଧାନ ସଂଗ୍ରହର ପରିମାଣ ୫୭,୮୪,୮୧୩ ମେଟ୍ରିକ୍ ଟନ୍। ସେହିପରି ବିଜେପି ସରକାର ଅମଳରେ ୨୦୨୪-୨୫ ଖରିଫ ଋତୁରେ ୦୭.୦୩. ୨୦୨୫ ସୁଦ୍ଧା ଧାନ ବିକ୍ରୟ କରିଥିବା ଚାଷୀଙ୍କ ସଂଖ୍ୟା ୧୫,୬୪,୯୮୫ ହୋଇଥିବା ବେଳେ ସେମାନଙ୍କଠାରୁ ସଂଗୃହୀତ ଧାନର ପରିମାଣ ୭୦,୦୬,୭୫୦ ମେଟ୍ରିକ୍ ଟନ୍। ସେହିପରି ଚଳିତ ଆର୍ଥିକ ବର୍ଷ ତଥା ୦୭.୦୩.୨୦୨୬ ସୁଦ୍ଧା ଧାନ ବିକ୍ରୟ କରିଥିବା ମୋଟ ଚାଷୀଙ୍କ ସଂଖ୍ୟା ୧୬,୩୩,୦୩୬ ହୋଇଥିବାବେଳେ ସେମାନଙ୍କଠାରୁ ସଂଗୃହୀତ ଧାନର ପରିମାଣ ୬୯,୦୧,୧୯୯ ମେଟ୍ରିକ୍ ଟନ୍। ରାଜ୍ୟର ଚାଷୀମାନେ ଅଧିକ ସଂଖ୍ୟାରେ ପଞ୍ଜିକୃତ ହେବା ସହିତ ସେମାନଙ୍କ ଧାନ ବିକ୍ରୟ କରି ୪୮ଘଣ୍ଟା ମଧ୍ୟରେ ପ୍ରାପ୍ୟ ପାଇପାରୁଛନ୍ତି। ଏଥିସହିତ ସରକାର ୮୦୦ଟଙ୍କାର ଇନ୍‌ପୁଟ୍ ସହାୟତା ଦେଉଥିବାରୁ ଚାଷୀମାନେ ସନ୍ତୋଷ ପ୍ରକାଶ କରିଛନ୍ତି। ଏସବୁ ସମ୍ଭବ ହୋଇପାରିଛି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନିରନ୍ତର ଉଦ୍ୟମ ପାଇଁ। ରାଜ୍ୟର ଚାଷୀମାନେ ☞ପୃଷ୍ଠା-୨



## ଧାନ ସଂଗ୍ରହ ସ୍ଥିତି

**ଖରିଫ ୨୦୨୩-୨୪ ବର୍ଷ ବନାମ ଖରିଫ ୨୦୨୪-୨୫ ବର୍ଷ ବନାମ ଖରିଫ ୨୦୨୫-୨୬ ବର୍ଷ**

| ୧ | ୨ | ୩ | ୪ | ୫ | ୬ | ୭ | ୮ |
|---|---|---|---|---|---|---|---|
| | | ଖରିଫ ୨୦୨୩-୨୪ ବର୍ଷ (୦୭.୦୩.୨୪ ସୁଦ୍ଧା) | | ଖରିଫ ୨୦୨୪-୨୫ ବର୍ଷ (୦୭.୦୩.୨୫ ସୁଦ୍ଧା) | | ଖରିଫ ୨୦୨୫-୨୬ ବର୍ଷ (୦୭.୦୩.୨୬ ସୁଦ୍ଧା) | |
| କ୍ର.ନଂ. | ଜିଲ୍ଲାର ନାମ | ମଣ୍ଡିରେ ଧାନ ବିକ୍ରୟ କରିଥିବା ଚାଷୀଙ୍କ ସଂଖ୍ୟା | ମଣ୍ଡିରେ କ୍ରୟ ହୋଇଥିବା ଧାନର ପରିମାଣ (ମେଟ୍ରିକ୍ ଟନ୍‌ରେ) | ମଣ୍ଡିରେ ଧାନ ବିକ୍ରୟ କରିଥିବା ଚାଷୀଙ୍କ ସଂଖ୍ୟା | ମଣ୍ଡିରେ କ୍ରୟ ହୋଇଥିବା ଧାନର ପରିମାଣ (ମେଟ୍ରିକ୍ ଟନ୍‌ରେ) | ମଣ୍ଡିରେ ଧାନ ବିକ୍ରୟ କରିଥିବା ଚାଷୀଙ୍କ ସଂଖ୍ୟା | ମଣ୍ଡିରେ କ୍ରୟ ହୋଇଥିବା ଧାନର ପରିମାଣ (ମେଟ୍ରିକ୍ ଟନ୍‌ରେ) |
| ୧. | ଅନୁଗୁଳ | ୪୦,୩୯୬ | ୧,୧୫,୭୦୦ | ୪୩,୦୧୪ | ୧,୩୨,୭୨୫ | ୪୫,୦୩୬ | ୧,୩୦,୭୬୮ |
| ୨. | ବାଲେଶ୍ୱର | ୬୧,୮୭୩ | ୧,୮୬,୦୬୭ | ୮୭,୦୧୭ | ୨,୬୯,୭୬୦ | ୭୫,୬୯୨ | ୨,୧୫,୫୩୮ |
| ୩. | ବରଗଡ଼ | ୧,୩୫,୭୯୧ | ୭,୩୬,୭୧୪ | ୧,୫୦,୪୯୨ | ୭,୭୩,୦୬୭ | ୧,୫୮,୭୯୭ | ୭,୬୬,୬୦୨ |
| ୪. | ଭଦ୍ରକ | ୪୭,୫୯୧ | ୧,୯୭,୭୩୦ | ୬୯,୦୮୦ | ୨,୯୫,୯୧୦ | ୫୫,୩୪୫ | ୨,୧୪,୭୮୦ |
| ୫. | ବଲାଙ୍ଗୀର | ୭୫,୦୪୪ | ୩,୪୩,୪୩୭ | ୯୧,୨୮୩ | ୪,୦୯,୭୪୮ | ୧,୦୧,୫୮୨ | ୪,୪୮,୬୬୦ |
| ୬. | ବୌଦ୍ଧ | ୩୫,୧୮୧ | ୧,୬୦,୮୭୫ | ୪୧,୧୩୯ | ୧,୯୮,୮୧୨ | ୪୪,୪୮୫ | ୨,୦୫,୩୪୭ |
| ୭. | କଟକ | ୫୧,୫୬୯ | ୧,୫୦,୮୫୧ | ୫୫,୯୭୬ | ୧,୭୫,୬୮୭ | ୫୫,୭୫୧ | ୧,୭୪,୫୪୯ |
| ୮. | ଦେବଗଡ଼ | ୧୫,୩୬୦ | ୫୧,୦୭୯ | ୧୮,୮୪୬ | ୬୩,୨୬୨ | ୨୦,୫୭୩ | ୬୫,୩୬୪ |
| ୯. | ଢେଙ୍କାନାଳ | ୪୬,୦୪୯ | ୧,୪୦,୪୭୦ | ୪୫,୪୫୨ | ୧,୫୦,୬୨୪ | ୩୮,୧୯୨ | ୧,୨୦,୯୭୪ |
| ୧୦. | ଗଜପତି | ୧୨,୭୧୩ | ୫୮,୫୪୧ | ୩୫,୫୮୭ | ୬୪,୫୨୯ | ୧୪,୯୯୭ | ୬୯,୧୫୬ |
| ୧୧. | ଗଞ୍ଜାମ | ୧,୧୦,୬୪୧ | ୪,୪୩,୪୮୦ | ୧,୩୭,୯୬୦ | ୫,୭୯,୫୬୭ | ୧,୪୯,୧୩୭ | ୫,୫୦,୩୫୫ |
| ୧୨. | ଜଗତସିଂହପୁର | ୪୦,୨୮୬ | ୧,୩୮,୮୮୧ | ୨୫,୨୯୪ | ୧,୦୩,୩୧୭ | ୨୧,୦୭୦ | ୭୯,୭୯୨ |
| ୧୩. | ଯାଜପୁର | ୩୭,୬୬୦ | ୧,୫୭,୩୫୭ | ୪୩,୧୪୭ | ୧,୮୩,୬୮୫ | ୪୪,୭୪୨ | ୧,୬୨,୩୩୭ |
| ୧୪. | ଝାରସୁଗୁଡ଼ା | ୧୭,୨୦୪ | ୭୧,୪୮୨ | ୨୦,୭୭୮ | ୯୦,୬୧୮ | ୨୨,୪୯୩ | ୯୬,୪୭୯ |
| ୧୫. | କଳାହାଣ୍ଡି | ୯୨,୬୯୫ | ୫,୧୨,୦୩୧ | ୧,୦୯,୧୪୨ | ୬,୦୯,୬୮୧ | ୧,୧୭,୬୬୨ | ୬,୪୧,୪୧୮ |
| ୧୬. | କନ୍ଧମାଳ | ୨,୧୦୯ | ୭,୦୨୬ | ୨,୬୬୮ | ୧୦,୫୫୮ | ୩,୧୪୧ | ୧୨,୩୪୫ |
| ୧୭. | କେନ୍ଦ୍ରାପଡ଼ା | ୨୩,୩୬୯ | ୮୩,୭୬୫ | ୩୦,୮୨୯ | ୧,୧୧,୦୦୯ | ୩୫,୫୦୪ | ୧,୨୦,୭୦୮ |
| ୧୮. | କେନ୍ଦୁଝର | ୪୨,୩୮୬ | ୧,୫୬,୫୬୩ | ୫୦,୨୪୯ | ୧,୯୪,୫୫୫ | ୫୯,୪୯୪ | ୨,୧୨,୮୩୫ |
| ୧୯. | ଖୋର୍ଦ୍ଧା | ୩୮,୫୪୫ | ୧,୨୪,୫୮୮ | ୪୬,୫୯୬ | ୧,୬୦,୬୨୬ | ୪୮,୪୮୩ | ୧,୬୧,୧୯୬ |
| ୨୦. | କୋରାପୁଟ | ୩୩,୪୭୦ | ୨,୧୦,୯୩୮ | ୩୭,୪୭୭ | ୨,୫୦,୯୭୭ | ୪୧,୮୫୬ | ୨,୬୭,୭୬୮ |
| ୨୧. | ମାଲକାନଗିରି | ୨୫,୦୨୪ | ୯୧,୭୦୦ | ୩୪,୧୯୩ | ୧,୪୪,୨୦୪ | ୩୬,୦୦୮ | ୧,୩୧,୭୧୪ |
| ୨୨. | ମୟୂରଭଞ୍ଜ | ୩୫,୧୨୬ | ୧,୪୬,୮୯୯ | ୫୧,୬୫୪ | ୨,୧୮,୪୯୪ | ୬୨,୫୬୨ | ୨,୩୩,୪୯୪ |
| ୨୩. | ନବରଙ୍ଗପୁର | ୨୩,୪୨୦ | ୧,୨୭,୨୨୯ | ୪୦,୧୩୬ | ୨,୪୫,୪୬୫ | ୪୧,୫୩୮ | ୨,୩୦,୩୪୦ |
| ୨୪. | ନୟାଗଡ଼ | ୪୧,୩୪୫ | ୧,୨୯,୭୯୪ | ୪୨,୨୯୦ | ୧,୪୩,୪୬୯ | ୪୬,୧୨୪ | ୧,୩୯,୫୯୫ |
| ୨୫. | ନୂଆପଡ଼ା | ୩୬,୨୩୨ | ୧,୭୮,୭୬୯ | ୪୪,୩୮୫ | ୨,୨୯,୦୬୧ | ୪୯,୨୯୯ | ୨,୫୦,୭୭୫ |
| ୨୬. | ପୁରୀ | ୩୧,୩୯୪ | ୧,୧୫,୨୬୧ | ୩୬,୯୬୦ | ୧,୪୬,୯୪୨ | ୩୬,୧୨୯ | ୧,୩୧,୫୬୧ |
| ୨୭. | ରାୟଗଡ଼ା | ୧୬,୩୮୮ | ୯୨,୪୩୩ | ୧୮,୮୨୭ | ୧,୧୯,୬୨୩ | ୧୮,୯୬୨ | ୧,୦୯,୨୬୬ |
| ୨୮. | ସମ୍ବଲପୁର | ୫୪,୯୪୭ | ୩,୦୬,୮୩୯ | ୫୮,୦୨୮ | ୩,୧୫,୧୧୯ | ୬୩,୩୨୦ | ୩,୨୬,୪୫୨ |
| ୨୯. | ସୁବର୍ଣ୍ଣପୁର | ୬୩,୩୫୦ | ୩,୫୫,୦୦୧ | ୬୬,୧୩୫ | ୩,୭୨,୦୨୦ | ୭୦,୫୧୭ | ୩,୭୮,୮୧୬ |
| ୩୦. | ସୁନ୍ଦରଗଡ଼ | ୪୪,୪୬୧ | ୧,୯୩,୩୧୧ | ୫୧,୪୦୧ | ୨,୪୩,୫୭୩ | ୫୪,୫୪୫ | ୨,୫୨,୨୦୭ |
| ସର୍ବମୋଟ: | | ୧୩,୩୧,୬୧୯ | ୫୭,୮୪,୮୧୩ | ୧୫,୬୪,୯୮୫ | ୭୦,୦୬,୭୫୦ | ୧୬,୩୩,୦୩୬ | ୬୯,୦୧,୧୯୯ |



**ଅକ୍ଷର ବ୍ୟଙ୍ଗ ବିଚାର**

**ଡ.ଗିରୀଶ ରଂଜନ**

ବିଧାୟକଙ୍କର କାନରେ ଆସିକି
ମନ୍ତ୍ର ଫୁଙ୍କିଲେ ଶାହା
ଦିଲ୍ଲୀପ ରାୟଙ୍କୁ ଜିତାଇ ଆଣ
କର ତୁମେ ପଛେ ଯାହା
ପାଇବେନି କେହି ରାହା
ଗୋଟି ଗୋଟି କରି ଏମିତି କିଣ
ବିଜେଡି ହୋଇବ ସାହା

## ୯ରୁ ପେନସନ ଭୋଗୀଙ୍କ ବିକ୍ଷୋଭ

ନୂଆଦିଲ୍ଲୀ, ୭/୩- କର୍ମଚାରୀ ପେନ୍‌ସନ ଯୋଜନା (ଇପିଏସ୍-୯୫)ରେ ହିତାଧିକାରୀ ପେନ୍‌ସନଭୋଗୀମାନେ ସର୍ବନିମ୍ନ ପେନ୍‌ସନ୍ ବୃଦ୍ଧି କରିବାକୁ ଦାବି କରିଛନ୍ତି। ସଂପ୍ରତି ଏହି ଯୋଜନାରେ ସର୍ବନିମ୍ନ ପେନ୍‌ସନ୍ ମାତ୍ର ୧୦୦୦ ଟଙ୍କା ରହିଛି। ଏହାକୁ ୭୫୦୦ ଟଙ୍କାକୁ ବୃଦ୍ଧି କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏଥିପାଇଁ ନୂଆଦିଲ୍ଲୀସ୍ଥିତ ଯନ୍ତରମନ୍ତରଠାରେ ଚଳିତ ମାସ ୯ ତାରିଖଠାରୁ ତିନି ଦିନିଆ ବିକ୍ଷୋଭ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ, କେନ୍ଦ୍ର, ରାଜ୍ୟ ଓ ରାଷ୍ଟ୍ରାୟତ୍ତ ସଂସ୍ଥା ସମେତ ବିଭିନ୍ନ ଘରୋଇ ଓ ସମବାୟ ସଂସ୍ଥାରୁ ଅବସର ନେଇଥିବା ପ୍ରାୟ ୮.୧ ନିୟୁତ କର୍ମଚାରୀ 'ଇପିଏସ୍-୯୫ ଜାତୀୟ ବିକ୍ଷୋଭ କମିଟି' ମାଧ୍ୟମରେ ଜାତୀୟ ସଭାପତି ଅଶୋକ ରାଉତଙ୍କ ନେତୃତ୍ୱରେ ଦୀର୍ଘ ନଅ ବର୍ଷ ହେଲା ଏହି ଦାବି ଉପସ୍ଥାପନ କରି ଆସୁଛନ୍ତି। କମିଟି ପକ୍ଷରୁ ☞ପୃଷ୍ଠା-୨



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆଜି ମିଳିବ ସୁଭଦ୍ରା...

୨ ଲକ୍ଷ ୧୩ ହଜାର ୧୯୮ ଜଣ ନୂଆ ସୁଭଦ୍ରା ହିତାଧିକାରୀ ଟଙ୍କା ପାଇବେ। ସେହିଭଳି ଗ୍ରୀଭାନ୍ସ ପୋର୍ଟାଲରେ ଆସିଥିବା ଅଭିଯୋଗରୁ ୩୬ ହଜାର ୩୮୫ ଜଣ ପାଇବେ ସୁଭଦ୍ରା ଟଙ୍କା। ଏପ୍ରିଲ ମାସରେ ଯାହାଙ୍କୁ ୨୧ ବର୍ଷ ହୋଇଥିବ ସେମାନେ ଆବେଦନ କରିବେ। ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ଗତ ସେପ୍ଟେମ୍ବର ୧୭ରେ ରାଜ୍ୟରେ ସୁଭଦ୍ରା ଯୋଜନା ଆରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ହିତାଧିକାରୀମାନଙ୍କୁ ପୂର୍ବରୁ ୩ଟି କିସ୍ତିରେ ୧୫ ହଜାର ଟଙ୍କା ବଣ୍ଟାଯାଇଛି।

### ପ୍ରଗତିପଥେ ଅଗ୍ରସର...

ମହିଳାମାନେ ଯୋଗ ଦେଇଥିଲେ। ଅତିଥିମାନଙ୍କ ଆଗମନ ପରେ ବୃକ୍ଷରେ ଜଳଦାନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା, ଯାହା ଅଭିବୃଦ୍ଧି, ଆଶା ଏବଂ ନାରୀଶକ୍ତିର ପ୍ରତୀକ ଅଟେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କୁ ତାଙ୍କର ଅଦ୍ୱିତୀୟ ନେତୃତ୍ୱ ଏବଂ ଜନ ପ୍ରଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ନିଜ ଅଭିଭାଷଣରେ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରୁ ଏତେ ସଂଖ୍ୟକ ସଫଳ ମହିଳାଙ୍କ ଉପସ୍ଥିତି ଏକ ବଳିଷ୍ଠ ପ୍ରମାଣ ଯେ, ଆଜିର ଓଡ଼ିଶାରେ ମହିଳାମାନେ ରାଜ୍ୟର ବିକାଶରେ କେବଳ ସହଭାଗୀ ନୁହନ୍ତି, ବରଂ ପରିବର୍ତ୍ତନର ନେତୃତ୍ୱ ନେଇ ରାଜ୍ୟର ବିକାଶ ଧାରାକୁ ଏକ ନୂତନ ରୂପ ଦେଉଛନ୍ତି।

ପରିଶେଷରେ, ବିଶିଷ୍ଟ କଣ୍ଠଶିଳ୍ପୀ ତଥା କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଶ୍ରୀମତୀ ସୁସ୍ମିତା ଦାଶ ଏବଂ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଡ଼ଃ ଆଦ୍ୟାଶା ଦାସଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଉତ୍ସବକୁ ଅଧିକ ମନୋଜ୍ଞ କରିଥିଲା।

### ସୁଭଦ୍ରା ଶକ୍ତି ନେତୃତ୍ୱ...

ତଥା ଶାସନ ସଚିବ ସୁଶ୍ରୀ ମାନସୀ ନିମ୍ଭାଲ କାର୍ଯ୍ୟକ୍ରମକୁ ସମ୍ବୋଧନ କରି କହିଲେ, ''ମହିଳାମାନେ ହେଉଛନ୍ତି ଶକ୍ତି, ସହନଶୀଳତା ଏବଂ ସଫଳତାର ଏକ ପରିଚୟ। ମିଶନ ଶକ୍ତି ଆଜି ମହିଳା ସଶକ୍ତିକରଣର ଏକ ସଫଳ ମଡେଲ ଭାବେ ସାରା ଦେଶରେ ପରିଚିତ। 'ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମଳନୀ' ସେହି ମହିଳା ନେତୃତ୍ୱକୁ ଆହୁରି ସୁଦୃଢ଼ କରିବା ସହ ସେମାନଙ୍କ ମଧ୍ୟରେ ନୂତନ ଉଦ୍ୟୋଗ ଓ ନେତୃତ୍ୱ ସୃଷ୍ଟି କରିବ।'' ଏସ୍.ଏଚ୍.ଜିରୁ ଏସ୍.ଏମ୍.ଇରେ ପରିଣତ କରିବା ପାଇଁ ଜାଭିୟର୍ସ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟର ଅଭିଜ୍ଞ ତାଲିମଦାତା ମହିଳାମାନଙ୍କୁ ଦକ୍ଷତା ବିକାଶ, ଷ୍ଟାର୍ଟ-ଅପ୍ ସୁଯୋଗ, ଡିଜିଟାଲ୍ ଏବଂ ଆର୍ଥିକ ସାକ୍ଷରତା ଭଳି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଏହା ସହିତ ଆଗାମୀ ଦିନରେ ଅଧିକରୁ ଅଧିକ ଲକ୍ଷପତି ଓ ମହା ଲକ୍ଷପତି ଦିଦି ସୃଷ୍ଟି କରିବା ଦିଗରେ ନୂତନ ଉଦ୍ୟୋଗ ସୃଷ୍ଟି କରି ଆର୍ଥିକ ରୂପେ ସ୍ୱାବଲମ୍ବୀ ହେବା ପାଇଁ ଉତ୍ସାହିତ କରିଛନ୍ତି। ଏହି ସମ୍ମିଳନୀରେ ମିଶନ ଶକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ, ଉପ ସଚିବ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ଇରାନ ଜାହାଜକୁ ନେଇ...

ଏଥିରେ ୮୭ ଇରାନ ନାବିକଙ୍କ ମୃତ୍ୟୁ ହୋଇଥିଲା। ସେବେଠାରୁ ଭାରତ ମହାସାଗରରେ ସୁରକ୍ଷାକୁ ନେଇ ଗମ୍ଭୀର ସଙ୍କଟ ଉପୁଜି କରିଛି। ପଶ୍ଚିମ ଏସିଆରେ ଉତ୍ତେଜନା ପ୍ରକାଶ ପାଇବା ସମୟରେ ଭାରତ ମହାସାଗରରେ ଆଇଆର୍‌ଆଇଏସ୍ ଡେନାକୁ ମିଶାଇ ୩ଟି ଇରାନ ଯୁଦ୍ଧଜାହାଜ ରହିଥିଲା। ଏଥିରୁ ଗୋଟିଏ ଜାହାଜ ଆଇଆର୍‌ଆଇଏସ୍ ଲାଭନକୁ କୋଚିରେ ଡକିଂ କରିବାକୁ ଅନୁମତି ଦିଆଯାଇଥିଲା ଅନ୍ୟଟି ଶ୍ରୀଲଙ୍କା ପହଞ୍ଚି ଯାଇଥିଲା। ଇଣ୍ଟରନାସନାଲ ଫ୍ଲିଟ୍ ରିଭ୍ୟୁରେ ଆଇଆରଆଇଏସ୍ ଲାଭାନ ଅଂଶଗ୍ରହଣ କରି ଫେରିବା ସମୟରେ ଏଥିରେ ବୈଷୟିକ ତ୍ରୁଟି ଦେଖାଯାଇଥିଲା। ଆଇଆରଆଇଏସ୍ ଡେନା ବୁଡିବା ପୂର୍ବରୁ ଇରାନ ଫେବ୍ରୁଆରି ୨୮ରେ ଆଇଆରଆଇଏସ୍ ଲାଭନକୁ ଭାରତର ବନ୍ଦରରେ ରହିବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲା। ଭାରତ ମାର୍ଚ୍ଚ ୧ ତାରିଖରେ ଏଥିପାଇଁ ଅନୁମତି ଦେଇଥିଲା। ଏଥିରେ ୧୮୩ ଜଣ ନାବିକ ଥିବାବେଳେ ଅଧିକାଂଶ ଯୁବ କ୍ୟାଡେଟ ଥିଲେ ବୋଲି ଜୟଶଙ୍କର କହିଛନ୍ତି। ଜାହାଜରେ ଥିବା ୧୮୩ଜଣ କୁ

ସଦସ୍ୟ ବର୍ତ୍ତମାନ କୋଚିରେ ଭାରତୀୟ ନୌସେନା ପ୍ରତିଷ୍ଠାନରେ ରହିଛନ୍ତି। ମାନବିକତା ଦୃଷ୍ଟିକୋଣରୁ ଭାରତ ଏଥିପାଇଁ ଅନୁମତି ଦେଇଥିଲା ବୋଲି ଜୟଶଙ୍କର କହିଛନ୍ତି। ବିଦେଶ ମନ୍ତ୍ରୀ ଜୟଶଙ୍କର କହିଛନ୍ତି, ପଶ୍ଚିମ ଏସିଆ ଓ ସାମୁଦ୍ରିକ କ୍ଷେତ୍ରରେ ବଢୁଥିବା ଉତ୍ତେଜନାକୁ ଦେଖି ଭାରତ ପାଇଁ ଏହାର ନାବିକ ଓ ମର୍ଚ୍ଚାଣ୍ଟ ସିପିଂର ସୁରକ୍ଷା ବଡ ଚିନ୍ତାର ବିଷୟ ହୋଇଛି। ବିଭିନ୍ନ ଦେଶ ଦ୍ୱାରା ପରିଚାଳିତ ବାଣିଜ୍ୟିକ ଜାହାଜରେ ବହୁ ସଂଖ୍ୟକ ଭାରତୀୟ ନାଗରିକ କାମ କରୁଛନ୍ତି। ଏପରି ସ୍ଥିତିରେ ତୈଳ ଟ୍ୟାଙ୍କର କିମ୍ବା ଅନ୍ୟ ମାଲବାହୀ ଜାହାଜ ଉପରେ ଆକ୍ରମଣ ଆଶଙ୍କା ବୃଦ୍ଧି ପାଇଛି। ଦୁଇଟି ଜାହାଜ ଉପରେ ଆକ୍ରମଣରେ ଭାରତୀୟଙ୍କ ମୃତ୍ୟୁ ମଧ୍ୟ ହୋଇଛି ବୋଲି ଜୟଶଙ୍କର କହିଥିଲେ।

### ଚିକିତ୍ସା ପାଇଁ ଦେଲେ...

ଆୟୁଷ୍ମାନ ଯୋଜନାରେ ମିଳୁଥିବା ଅର୍ଥ ରାଶି ସରିଯିବା ପରେ ସେ ଢେଙ୍କାନାଳ ବିଧାୟକ ତଥା ଓଡିଶା ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଦେଖା କରିଥିଲେ ଓ ମନ୍ତ୍ରୀଙ୍କ ପରାମର୍ଶ କ୍ରମେ ମୁଖ୍ୟମନ୍ତ୍ରୀଙ୍କୁ ସାହାଯ୍ୟ ପାଇଁ ନିବେଦନ କରିଥିଲେ। ଯଯାତିଙ୍କ ଆବେଦନ ବିଚାରକୁ ନେଇ ମୁଖ୍ୟମନ୍ତ୍ରୀ ଯଯାତିଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓ ଯଯାତିଙ୍କ ପରିବାରକୁ ଶୁଭ କାମନା ଜଣାଇଛନ୍ତି। ଏ ଘଟଣା ଶୁଣିବା ପରେ ଯଯାତି ଓ ତାଙ୍କ ପରିବାରରେ ଆଶାର ଏକ ନୂତନ ସୂର୍ଯ୍ୟୋଦୟ ହୋଇଛି। ଯଯାତି ଏହି ସହଯୋଗ ପାଇଁ ଢେଙ୍କାନାଳ ବିଧାୟକ ତଥା ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି।

### ଜଙ୍ଗଲ ଜମିର ପଟ୍ଟା ଓ ନକ୍ସା...

ଜଙ୍ଗଲ ଜମିର ପର୍ଯ୍ୟବେକ୍ଷଣ କରି, ବକେୟା ଥିବା ଜଙ୍ଗଲ ଜମି ସତ୍ତ୍ୱଗୁଡ଼ିକର ସୀମା ନିର୍ଦ୍ଧାରଣ (ଡିମାର୍କେସନ୍)ସହ 'ଭୂଲେଖ' ଡାଟାବେସରେ ବକେୟା ଥିବା ପଟ୍ଟା ଓ ନକ୍ସା ସଂଶୋଧନ କାର୍ଯ୍ୟକୁ ୩୦ ଏପ୍ରିଲ୍ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମ୍ବନ୍ଧୀୟ ସମସ୍ତ ସଂଶୋଧିତ ସୂଚନା ସରକାରୀ ରେକର୍ଡ଼ରେ ତୁରନ୍ତ ସମ୍ମିଳିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ହିତାଧିକାରୀମାନଙ୍କ ଅଧିକାରର ସୁରକ୍ଷା ହେବା ସହ ସେମାନେ ସଠିକ୍ ଭାବରେ ବିଭିନ୍ନ ସରକାରୀ ଯୋଜନାର ସୁଫଳ ପାଇପାରିବେ ବୋଲି ରାଜସ୍ୱ ସଚିବ ଆଶାବ୍ୟକ୍ତ କରିଛନ୍ତି।

### ୯ରୁ ପେନସନ...

ଜାରି କରାଯାଇଥିବା ଏକ ବିବୃତିରେ କୁହାଯାଇଛି ଯେ ଏହି ପ୍ରସଙ୍ଗରେ ଦେଶର ପ୍ରଧାନମନ୍ତ୍ରୀଙ୍କ ସମେତ ସମସ୍ତ ସାଂସଦଙ୍କୁ ଅବଗତ କରାଯାଇଛି। କିନ୍ତୁ 'ସବ୍‌କା ସାଥ୍ ସବ୍‌କା ବିକାଶ' ନାରା ଦେଉଥିବା ସରକାର ବରିଷ୍ଠ ପେନସନଭୋଗୀଙ୍କ ଏହି ଆବଶ୍ୟକତାକୁ ଅଣଦେଖା କରୁଛି। କମିଟି ପକ୍ଷରୁ କୁହାଯାଇଛି ଯେ ଚାକିରି କାଳରେ ୩୦ରୁ ୩୫ ବର୍ଷ ଧରି କର୍ମଚାରୀ ଭବିଷ୍ୟନିଧି ପାଣ୍ଠିରେ ନିୟମିତ ଭାବେ ଜମା କରୁଥିଲେ ମଧ୍ୟ ପେନ୍‌ସନଭୋଗୀଙ୍କୁ ମାତ୍ର ୧,୧୭୧ ଟଙ୍କା ପେନ୍‌ସନ୍ ମିଳୁଛି। ଯାହାକି ସେମାନଙ୍କ ଚାହିଦା ପୂରଣ କରି ପାରୁନି। ଅନ୍ୟପକ୍ଷରେ ସରକାରୀ ଯୋଜନାରେ ମାଳ ମାଳ ମାଗଣା ପେନ୍‌ସନ୍ ସରକାର ବାଣ୍ଟି ଦେଉଛନ୍ତି। ଅତି କମ୍ ପେନ୍‌ସନ ସାଙ୍ଗକୁ ମେଡିକାଲ ସୁବିଧା ପ୍ରଦାନ କରାଯାଉ ନଥିବାରୁ ବହୁ ପେନ୍‌ସନ୍ ଭୋଗୀ ରୋଗରେ ପଡ଼ି ମୃତ୍ୟୁମୁଖରେ ପଡୁଥିବା କମିଟି କହିଛି। ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେଉଥିବାବେଳେ ପେନସନଭୋଗୀମାନେ ସେମାନଙ୍କ ଦାବିକୁ ନେଇ 'କର ବା ମର' ନୀତିରେ ୩ ଦିନିଆ ଧାରଣା ଦେବେ ବୋଲି କହିଛନ୍ତି। ଏଥିରେ ବିଭିନ୍ନ ରାଜ୍ୟରୁ ବହୁ ସଂଖ୍ୟାରେ ପେନସନଭୋଗୀମାନେ ସାମିଲ ହେବେ।

### ବିଜେପି ଅମଳରେ ଅଧିକ...

ଯେପରି ସୁରୁଖୁରୁରେ ମଣ୍ଡିରେ ଧାନ ବିକ୍ରିକରି ଯଥାର୍ଥ ପ୍ରାପ୍ୟ ପାଇପାରିବେ ସେଥିପ୍ରତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବେଶ୍ ସଚେତନ ଅଛନ୍ତି। ଚାଷୀଙ୍କ ସହ ସିଧାସଳଖ ଫୋନ୍ ମାଧ୍ୟମରେ କଥାହୋଇ ସେମାନଙ୍କ ସମସ୍ୟା ବୁଝି ତୁରନ୍ତ ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ଏଥିପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ରାଜ୍ୟର ଚାଷୀମାନଙ୍କର ପ୍ରଶଂସାଭାଜନ ହୋଇପାରିଛନ୍ତି।



ସର୍ବ ଭାରତୀୟ ସିଭିଲ ସର୍ଭିସ ପରୀକ୍ଷାରେ ୧୦୦ତମ ସ୍ଥାନ ହାସଲ କରିଥିବା ସାତ୍ତ୍ୱିକ ସତ୍ୟକାମଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

## ଗୋରୁ ବୋଝେଇ ପିକଅପ୍ ଜବତ:ଡ୍ରାଇଭର ଅଟକ

ଯାଜପୁର, ୭।୩(ଅକ୍ଷର ଓଡ଼ିଶା):ଟମକା ଛକ ନିକଟରୁ ବେଆଇନ ଗୋରୁ ବୋଝେଇ ପିକଅପ୍ ଜବତ,ଡ୍ରାଇଭର ଅଟକ। ସୂଚନା ମୁତାବକ ସ୍ଥାନୀୟ ଗୋ ସେବକ ମାନେ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଗୋରୁ ବୋଝେଇ ପିକଅପ ଗାଡ଼ି ନଂOD15W0679ରେ ଥିବା ୧୨ ଗୋରୁଙ୍କୁ ଉଦ୍ଧାର କରିଥିଲେ। ଏହାସହିତ ପୋଲିସ୍‌କୁ ଖବର ଦେଇଥିଲେ । ଖବରପାଇ ଟମକା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରକୁ ଥାନାରେ ଅଟକ ରଖିଛି। ସ୍ଥାନୀୟ ଅଞ୍ଚଳରେ କିଛି ଚାପାଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ଏଠି ପ୍ରଶ୍ନ ଉଠୁଛି କି ଏଥିରେ ସମ୍ପୃକ୍ତ ଥିବା ମାଫିଆ କେବେ ଧରୁଛି ପୋଲିସ ତାହା ଦେଖିବାକୁ ରହିଲା।

## ନୂତନ ଥାନା ଗୃହର ଶୁଭ ଉଦ୍‌ଘାଟନ



ବଲାଙ୍ଗିର,୭।୩ (ଦେବେନ୍ଦ୍ର): ବଲାଙ୍ଗୀର ଜିଲ୍ଲା ଆଗଲପୁର ରେ ନୂତନ ଥାନା ଗୃହର ଶୁଭ ଉଦଘାଟନ ହୋଇଛି । ଭରଚୁଆଲ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ କେନ୍ଦ୍ର ସରକାରଙ୍କଙ୍କ ଗୃହ ଓ ସମବାୟ ମନ୍ତ୍ରୀ ଅମିତ ସାଙ୍କ ଦ୍ୱାରା ଥାନାର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି । ଏହି ଶୁଭ ଅବସରରେ ଥାନାରେ ପ୍ରତ୍ୟକ୍ଷ ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକ,ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମହାପାତ୍ର କୁଳଦୀପ ମହାନ୍ତି , ଅତିରିକ୍ତ ତହସିଲଦାର ଫାଲଗୁନି ଶବର , ବିଧାୟକଙ୍କ ଆଗଲପୁର ପ୍ରତିନିଧି ପିତାମ୍ବର କଣ୍ଡା , ସାଂସଦଙ୍କ ଆଗଲପୁର ପ୍ରତିନିଧି ଉମେଶ ପଟେଲ, ଆଗଲପୁର ଜୋନ ମଣ୍ଡଳ ସଭାପତି ହିମାଂଶୁ ସାହୁ ମଂଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଓଡିଶାରେ ୧୪୧ ଟି ନୂତନ ମଣ୍ଡିର ଶୁଭ ଉଦଘାଟନ ସମେତ ବଲାଙ୍ଗୀର ଜିଲ୍ଲାରେ ଆଗଲପୁର ,ତୁଷୁରା , ପୁଇଁତଲା ସହ ରାଜ୍ୟରେ ମୋଟ ୨୪ ଟି ଥାନାର ନୂତନ ଗୃହ ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଶାହାଙ୍କ ଦ୍ୱାରା ଉଦଘାଟନ ହୋଇଛି। ଏହି ନୂତନ ଥାନା ହେବାରୁ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପକୁ ରୋକାଯାଇ ପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଏହାସହ ଅଞ୍ଚଳ ରେ ଜନ ସାଧାରଣଙ୍କ ସହଯୋଗ ଆବଶ୍ୟକ ବୋ ଲି ଅନୁରୋଧ କରାଗଲା। ଆଗଲପୁର ଥାନାର ନୂତନ ଗୃହ ପାଇଁ ଥାନା ଅଧିକାରୀ ଅନୀତା ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏ ଏସ ଆଇ ଦୀପ୍ତି ମୟୀ ଶତପଥୀ , ଏସ ଆଇ ସୂଚୀସ୍ମିତା ଜେନା ,ଏଏସ ଆଇ ରାମ ପ୍ରସାଦ ବିଶୋଇ ତଥା ଆଗଲପୁର ଥାନାର ସମସ୍ତ କର୍ମଚାରୀ ଉକ୍ତ ଶୁଭ ଉଦଘାଟନରେ ସହଯୋଗ କରିଥିଲେ। ଏହାସହ ଆଗଲପୁର ଅଞ୍ଚଳର ବୁଦ୍ଧିଜୀବୀ ସହ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ ।

## ଷଡ଼ଯନ୍ତ୍ରକାରୀଙ୍କୁ ଦମନ ପାଇଁ ମହେନ୍ଦ୍ରଗିରିରେ ମେଳି

ପାରଳାଖେମୁଣ୍ଡି,୭।୩ (ତାରିଣୀ ପ୍ରସାଦ ପଣ୍ଡା ): ପୁରାଣପ୍ରସିଦ୍ଧ ଓ ପବିତ୍ର ଶୈବ ପୀଠ ଗଜପତି ଜିଲ୍ଲାର ମହେନ୍ଦ୍ରଗିରି ଠାରେ ଗତ କିଛି ଦିନ ତଳେ ଦେଖାଦେଇଥିବା ବିବାଦର ସ୍ଥାୟୀ ସମାଧାନ ସହ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରି ଭଙ୍ଗାରୁଜା ଓ ଆକ୍ରମଣ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଅଞ୍ଚଳର ଶତାଧିକ ଲୋକେ ଶୁକ୍ରବାର ମହେନ୍ଦ୍ରଗିରିରେ ଏକତ୍ର ହୋଇ ମେଳି କରିଥିବା ସୂଚନା ମିଳିଛି। ମହେନ୍ଦ୍ରଗିରି ଇକୋ ଡେଭଲପମେଣ୍ଟ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ। ଏହି ବୈଠକରେ ଭାସ୍କର ତୀର୍ଥ (ଲକ୍ଷ୍ମୀ ବାବା), ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘ ଚାଳକ ରାଧାକୃଷ୍ଣ ଜାନି, ବିଶ୍ୱହିନ୍ଦୁ ପରିଷଦର ସଭାପତି ଗୌରାଙ୍ଗ ଗମାଙ୍ଗ, ଇକୋ ଡେଭେଲପମେଣ୍ଟ କମିଟିର ସଭାପତି ସନ୍ନ୍ୟାସୀ ଭୂୟାଁ, କମିଟିର କୋଷାଧକ୍ଷ ଭାସ୍କର ମଣ୍ଡଳ, ମହେନ୍ଦ୍ରଗିରି ଡେଭଲପମେଣ୍ଟ କମିଟି ଟ୍ରଷ୍ଟର ସମ୍ପାଦକ କାମଦେବ ବଡ଼ନାୟକ, ଡେଭଲପମେଣ୍ଟ କମିଟି ଟ୍ରଷ୍ଟର ସଦସ୍ୟ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଭଗବତ ପାଇକ, ସିଦ୍ଧେଶ୍ୱର ମିଶ୍ର ଓ ବିଜେପି ନେତା ଗଣେଶ ମଣ୍ଡଳ ଉପସ୍ଥିତ ଥିଲେ। ମହେନ୍ଦ୍ରଗିରି ଏକ ପବିତ୍ର ସ୍ଥାନ । ଏହାର ପବିତ୍ରତା ରକ୍ଷା କରିବା ଏବଂ ଏଠାକୁ ଆସୁଥିବା ଲୋକଙ୍କ



ସୁବିଧା ପାଇଁ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଲୋକଙ୍କୁ ଉଚିତ ଜବାବ ଦିଆଯିବ ବୋଲି ମେଳିରେ ଉପସ୍ଥିତ ଥିବା ଅଞ୍ଚଳବାସୀ ଦାବି କରିଛନ୍ତି। ମହେନ୍ଦ୍ରଗିରିରେ ବୈଠକ ପରେ ଉନ୍ନୟନ୍ କମିଟି ସଦସ୍ୟ ଏବଂ ଅଞ୍ଚଳବାସୀ ଶତାଧିକ ସଂଖ୍ୟାରେ ଉପସ୍ଥିତ ରହି ଗତକାଲି ଅପରାହ୍ନରେ ପାରଳାଖେମୁଣ୍ଡିକୁ ଯାଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଜିଲ୍ଲାପାଳଙ୍କୁ ଭେଟି ମହେନ୍ଦ୍ରଗିରିରେ ବାରଘର ଗାଁ ଲୋକେ ବାରମ୍ବାର ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ଏବଂ ତାହା ଯାହା ଅସହ୍ୟ ହେଲାଣି ଓ ତେଣୁ ବିଶୃଙ୍ଖଳାକରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବିପତ୍ର ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

## ଦୋଳ ପର୍ବ ମହାସମାରୋହରେ ପାଳିତ



ଜଗତସିଂହପୁର,୭।୩(ଅକ୍ଷର ଓଡ଼ିଶା): ଜଗତସିଂହପୁର ଜିଲ୍ଲା,ଏରସମା ବ୍ଲକ ସୋମପୁର ଗ୍ରାମରେ ପବିତ୍ର ଦୋଳ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ଗାଁର ଆବାଳବୃଦ୍ଧବନିତା ଏହି ପାରମ୍ପରିକ ପର୍ବରେ ସାମିଲ ହୋଇ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଫାଲ୍‌ଗୁନ ଶୁକ୍ଲ ଦଶମୀଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ଗ୍ରାମର ଆରାଧ ଦେବତା ବିମାନରେ ବିଜେ କରି ଗ୍ରାମ ପରିକ୍ରମା କରିଥିଲେ। ଘଣ୍ଟ, ଶଙ୍ଖ ଏବଂ ହୁଳହୁଳି ଧ୍ୱନିରେ ସୋମପୁର ଗ୍ରାମର ଗଳିକନ୍ଦି ପ୍ରକମ୍ପିତ ହୋଇଥିଲା। ଶ୍ରଦ୍ଧାଳୁମାନେ ନିଜ ନିଜ ଦ୍ୱାର ଆଗରେ ଭଗବାନଙ୍କୁ ଭୋଗ ଅର୍ପଣ କରିବା ସହ ପାରମ୍ପରିକ ଅବିର ଖେଳି ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ପୁରୋହିତଙ୍କ ଦ୍ୱାରା ମନ୍ତ୍ରପାଠ ଏବଂ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ବିମାନ ବାହକମାନେ କାନ୍ଧରେ ପ୍ରଭୁଙ୍କୁ ବୋହି ଗ୍ରାମର ପ୍ରତିଟି ଘରକୁ ଯାଇଥିଲେ। ଯାହା ଏକ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା। ଏହି ଉତ୍ସବ ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ଓ ଏକତାର ବାର୍ତ୍ତା ବହନ କରିଥିବା ବେଳେ ଶାନ୍ତିଶୃଙ୍ଖଳାର ସହ ସମସ୍ତ କାର୍ଯ୍ୟକ୍ରମ ସମାପ୍ତ ହୋଇଛି।

## ଅନ୍ତର୍ଜାତିୟ ମହିଳା ଦିବସରେ ଯୋଗ ଶିବିର

ଦେବଗଡ଼,୭।୩(ଅକ୍ଷର ଓଡ଼ିଶା): ଅନ୍ତର୍ଜାତିୟ ମହିଳା ଦିବସ ୨୦୨୬ ପରିପ୍ରେକ୍ଷିରେ ତିନିଦିନ ଧରି ଓଡ଼ିଆ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ମାର୍ଚ୍ଚ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ମହିଳା ପାଇଁ ଏକ ତିନିଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପ୍ରଥମ ଦିବସରେ ଇନ୍ଦୋର ଷ୍ଟାଡିୟମରେ 'ଶକ୍ତି ସ୍ୱରୂପିଣୀ' ଯୋଗ ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ। ଜିଲ୍ଲାପାଳ ଶ୍ରୀ ସାହୁ ଶରୀରକୁ ସୁସ୍ଥ ରଖିବାକୁ ହେଲେ ପ୍ରତିଦିନ ଯୋଗ କରିବା ନିତ୍ୟାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଯୋଗ ଗୁରୁ ପରିବାର ବିଦ୍ୟାଳୟ ଟ୍ରଷ୍ଟ ଆଚାର୍ଯ୍ୟ ଲେଖରାଜ ମହିଳାମାନଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଅନ୍ତିମ ଦିବସରେ ତଥା ମାର୍ଚ୍ଚରେ ଅର୍ନ୍ତଜାତୀୟ ମହିଳା ଦିବସରେ ବିଷୟ ପ୍ରସ୍ତୁ 'ଶକ୍ତିର ଗତି ରାଷ୍ଟ୍ରର ପ୍ରଗତି' ୱାକାଥନ ଅନୁଷ୍ଠିତ ହେବ।

## ଅନ୍ତର୍ଜାତୀୟ ମହିଳା ଦିବସ

ପୁରୀ,୭ ।୩(ଅକ୍ଷର ଓଡ଼ିଶା): ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ କ୍ରୀଡା କାର୍ଯ୍ୟାଳୟ ସହଯୋଗରେ ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଶ୍ରୀଜଗନ୍ନାଥ ଷ୍ଟାଡିୟମ ଠାରେ ଆଜି ପୂର୍ବାହ୍ନରେ ଏହି ତିନି ଦିନିଆ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସର ମୁଖ୍ୟଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଆତ୍ମସୁରକ୍ଷା ସମସ୍ତଙ୍କ ପାଇଁ ଏକ ଜରୁରୀ ଆବଶ୍ୟକତା ବୋଲି କହିଥିଲେ। ପଢୁଥିବା ଅଥବା କର୍ମଜୀବୀ ମହିଳାମାନଙ୍କ କ୍ଷେତ୍ରରେ ଆତ୍ମସୁରକ୍ଷା ସୁନିଶ୍ଚିତ କରିବା ଆବଶ୍ୟକ। ନିଜକୁ ଦକ୍ଷ କରି ସାହସୀ ହେବା, ପରିସ୍ଥିତିର ମୁକାବିଲା ପାଇଁ ମନୋବଳ ଦୃଢ କରିବା ଓ ଭୟ ପରିହାର କରି କୌଶଳ ପୂର୍ଣ୍ଣ ଭାବେ କୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ଶ୍ରୀସେଠୀ ଆହ୍ୱାନ ଦେଇଥିଲେ। ପ୍ରଥମେ ଆତ୍ମସୁରକ୍ଷା କୌଶଳ ସମ୍ପର୍କରେ ପ୍ରଶିକ୍ଷକ ସତ୍ୟଭାମା ଦଳାଇ ପ୍ରଶିକ୍ଷଣ ଦେଇଥିଲେ। କ୍ୟାରିଅର ଗଠନ ଓ ନେତୃତ୍ୱ ନେବାର ଦକ୍ଷତା ସମ୍ପର୍କରେ ଶିକ୍ଷାବିତ ସୁକାନ୍ତ କୁମାର ମହାନ୍ତି ଓ ସମାଜସେବୀ ତଥା ଦି ବେଲର ମୁଖ୍ୟ ସିଦ୍ଧାର୍ଥ ରାୟ ବିଭିନ୍ନ ଉଦାହରଣ ଜରିଆରେ ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଏଥିରେ ଅଧକ୍ଷତା କରିଥିଲେ।

### ୩୧,୪୯୮ଟି ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ

## ୩୨୮ଜଣ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୭।୩: ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ 'ଅପରେସନ ସାଇବର କବଚ' ସମଗ୍ର ରାଜ୍ୟରେ ଜାରି ରହିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଏସ୍.ପି. ଓ ଡି.ସି.ପି. ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍ ମାନଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ଅଭିଯାନ ଅଧୀନରେ ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ସମ୍ପୃକ୍ତ ସହାୟକ ମାନଙ୍କୁ ଚିହ୍ନଟ କରାଯାଇ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏପର୍ଯ୍ୟନ୍ତ 'ଅପରେସନ ସାଇବର କବଚ' ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୩୧,୪୯୮ଟି ମ୍ୟୁଲ୍/ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ୧୦୯୦ଟି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ସାଇବର ମାମଲା, ଏ.ଟି.ଏମ୍ ଉଠାଣ ସମ୍ପର୍କିତ ୩୪ଟି, ଚେକ୍ ଉଠାଣ ସମ୍ପର୍କିତ ୩୫ଟି ଏବଂ ୨୩ଟି ନକଲି ସିମ୍/PoS ଯାଞ୍ଚ ସମ୍ପର୍କିତ ମାମଲା ରୁଜୁ କରାଯାଇଛି। ଏହା ସହ ୩୨୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସହ, ନୂଆ ଓ ପୁରୁଣା ୧୮୩ଟି ଏଫ୍.ଆଇ.ଆର୍ ସହ ସଂପୃକ୍ତ ୬୫୩୨ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ଏହି ବିଶେଷ ଅଭିଯାନରେ ପୁରୀ ଜିଲ୍ଲା ପୋଲିସ ୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ରାଉରକେଲା ଜିଲ୍ଲା ପୋଲିସ ୨୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସଂପୃକ୍ତ ୩ଟି ଏବଂ ଚେକ୍ ଟଙ୍କା ଉଠାଣ ସଂପୃକ୍ତ ୧ଟି ମାମଲା ରୁଜୁ କରି ୩ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ଭୁବନେଶ୍ୱର (UPD) ପୋଲିସ ୧୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରିବା ସହ ୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ୪ ଜଣଙ୍କୁ ନୋଟିସ୍ ଜାରି କରିଛି। କଟକ (UPD) ପୋଲିସ ଚେକ୍ ଟଙ୍କା ଉଠାଣ ସଂପୃକ୍ତ ୧ଟି ମାମଲା ରୁଜୁ କରିଛି। ସେହିପରି ନୟାଗଡ଼ ଜିଲ୍ଲା ପୋଲିସ ୮୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୩୦ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ବଲାଙ୍ଗିର ଜିଲ୍ଲା ପୋଲିସ ୬ଟି, ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ୮୦ଟି, ବାଲେଶ୍ୱର ଜିଲ୍ଲା ପୋଲିସ ୩୩ଟି ଏବଂ ଭଦ୍ରକ ଜିଲ୍ଲା ପୋଲିସ ୨୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି। ସେହିପରି ମୟୂରଭଞ୍ଜ ଜିଲ୍ଲା ପୋଲିସ ୨୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧୮ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ବ୍ରହ୍ମପୁର ଜିଲ୍ଲା ପୋଲିସ ୮୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ପୁରୁଣା ଏଫ୍.ଆଇ.ଆର୍ ସଂପୃକ୍ତ ୮୦ ଜଣଙ୍କୁ ନୋଟିସ୍ ଜାରି କରିଛି। ବୌଦ୍ଧ ଜିଲ୍ଲା ପୋଲିସ ୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୭ ଜଣଙ୍କୁ ନୋଟିସ୍ ଜାରି କରିଛି। ସେହିପରି ଗଞ୍ଜାମ ଜିଲ୍ଲା ପୋଲିସ ୧୧ଟି, କଳାହାଣ୍ଡି ଜିଲ୍ଲା ପୋଲିସ ୧୨୪ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୪ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। କୋରାପୁଟ ଜିଲ୍ଲା ପୋଲିସ ୨୩ଟି, ମାଲକାନଗିରି ଜିଲ୍ଲା ପୋଲିସ ୬ଟି ଏବଂ ନୂଆପଡ଼ା ଜିଲ୍ଲା ପୋଲିସ ୧୧୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି। ରାଜ୍ୟବାସୀଙ୍କ ଡିଜିଟାଲ କାରବାରର ସୁରକ୍ଷା ପାଇଁ ଓଡ଼ିଶା ପୋଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ। ସାଇବର ଅପରାଧ ମୁକ୍ତ ଓଡ଼ିଶା ଗଠନ ପାଇଁ ଏହି ଅଭିଯାନ ଆଗାମୀ ଦିନରେ ଆହୁରି କଡ଼ାକଡ଼ି ହେବ ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି।

### 'କ୍ୟାନଭାସ ପରେ : କଳାର ନୂଆ ପରିଚୟ ୨୦୩୬- ପରମ୍ପରା, ପ୍ରଯୁକ୍ତି ଓ ପରିବର୍ତ୍ତନ'

## ଜାତୀୟ ଚିତ୍ରକଳା ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର,୭।୩: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଲଳିତ କଳା ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଜାତୀୟ ଚିତ୍ରକଳା ସମ୍ମିଳନୀ 'କ୍ୟାନଭାସ ପରେ : କଳାର ନୂଆ ପରିଚୟ ୨୦୩୬- ପରମ୍ପରା, ପ୍ରଯୁକ୍ତି ଓ ପରିବର୍ତ୍ତନ' ଉଦ୍‌ଯାପିତ ହୋଇଯାଇଛି। ମାର୍ଚ୍ଚ ୬ ଓ ୭ ତାରିଖ ଦୁଇ ଦିନ ଧରି କଳିଙ୍ଗ ଆର୍ଟ ଗ୍ୟାଲେରୀରେ ଏହି ସମ୍ମିଳନୀର ଆୟୋଜନ କରାଯାଇଥିଲା।



ଜାତୀୟ ଚିତ୍ରକଳା ସମ୍ମିଳନୀରେ ବିଶିଷ୍ଟ ଚିତ୍ରଶିଳ୍ପୀ ଜଗନ୍ନାଥ ପଣ୍ଡା, ପ୍ରବୀର ଦଳାଇ, ଜ୍ଞାନେଶ ମିଶ୍ର, ନାନକ ଗାଙ୍ଗୁଲି, ଆର ମୋହନ ସୁନ୍ଦରମ୍, ଯତୀନ ଦାସ, ଅଲେଖ ଚରଣ ସାହୁ, ଅଦ୍ୱୈତ ଚରଣ ଗଡ଼ନାୟକ, ଦର୍ଶନ ଶତପଥୀ, ସୁବ୍ରତ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଓଡ଼ିଶାର ପାରମ୍ପରିକ ଚିତ୍ରକଳା, କୃତ୍ରିମ ବୁଦ୍ଧିମତା ଯୁଗରେ ଚିତ୍ରକଳାର ଭବିଷ୍ୟତ, ବିଭିନ୍ନ ମନ୍ଦିରର ମୂର୍ତ୍ତି କାରିଗରୀ, ଓଡ଼ିଶାର ସମୃଦ୍ଧ କଳା ଓ ସ୍ଥାପତ୍ୟ ସହିତ ବର୍ତ୍ତମାନ ସମୟରେ ଚିତ୍ରକଳା ପାଇଁ ବ୍ୟବହୃତ ହେଉଥିବା ବିଭିନ୍ନ ଗ୍ରାଫିକ୍ସ ସଫ୍ଟୱେୟାର ସମ୍ବନ୍ଧରେ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଚିତ୍ରକଳାକୁ ନେଇ କିପରି ନିଜର ଭବିଷ୍ୟତ ନିର୍ମାଣ କରିହେବ ସେ ସମ୍ବନ୍ଧରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ। ସମସ୍ତ ଚିତ୍ରଶିଳ୍ପୀମାନଙ୍କୁ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡା. ବିଜୟ କେତନ ଉପାଧ୍ୟାୟ କହିଥିଲେ ଯେ, ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଆୟୋଜିତ ହେଉଥିବା ଜାତୀୟ ଚିତ୍ରକଳା ସମ୍ମିଳନୀ ଛାତ୍ରଛାତ୍ରୀମାନଙ୍କୁ ଆଜିର କୃତ୍ରିମ ବୁଦ୍ଧିମତା ଯୁଗରେ ଚିତ୍ରକଳା କ୍ଷେତ୍ରରେ ବ୍ୟବହୃତ ହେଉଥିବା ବିଭିନ୍ନ କୌଶଳ ଓ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧରେ ଅବଗତ କରାଇପାରିଛି। ଏଥିସହ ଆଜିର ପରିବର୍ତ୍ତିତ ସମୟରେ ଆମ ପାରମ୍ପରିକ ଚିତ୍ରକଳାକୁ ସଂରକ୍ଷିତ କରିବା ସହ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରି ଯେପରି ଯୁବ ଚିତ୍ରଶିଳ୍ପୀମାନେ ଚିତ୍ରକଳା କ୍ଷେତ୍ରରେ ସଫଳତା ଅର୍ଜନ କରିପାରିବେ, ସେ ସମ୍ବନ୍ଧରେ ଗୁରୁତ୍ୱାରୋପ କରାଯାଇଛି।

ଓଡ଼ିଶା ଲଳିତ କଳା ଏକାଡେମୀର ଏହି ଦୁଇ ଦିବସୀୟ ଚିତ୍ରକଳା ସମ୍ମିଳନୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା, ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ଡ଼. ଦେବଯାନୀ ଭୂୟାଁଙ୍କ ସମେତ ସଂସ୍କୃତି ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ଆର୍ଟ ଆଣ୍ଡ କ୍ରାଫ୍ଟ କଲେଜ ଓ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଗଁଦିଆ, ୭/୩ (ବେତୁଜୀ ପ୍ରସାଦ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକର ଅନ୍ୟତମ ପ୍ରତିଷ୍ଠିତ ତଥା ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କପିଳାସର ବାର୍ଷିକ ଉତ୍ସବ, ୬ ମାର୍ଚ୍ଚ ଶୁକ୍ରବାର ଅପରାହ୍ଣରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଭବ୍ୟ ଉତ୍ସବରେ ଶିକ୍ଷା, ସଂସ୍କୃତି ଓ ସଫଳତାର

## ‘ସକାରାତ୍ମକ ସ୍ୱପ୍ନ ହିଁ ଶ୍ରେଷ୍ଠ ମଣିଷ ଗଢ଼ିବାର ମାଧ୍ୟମ’

ସମନ୍ୱୟ ଦେଖିବାକୁ ମିଳିଥିଲା ।ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମନୋସିନୀ ସାହୁଙ୍କ ସଭାପତିତ୍ୱ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ଖଟୁଆ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍ ?ଘାଟନ କରିଥିଲେ । ସେ ନିଜ ଅଭିଭାଷଣରେ ନାରୀ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।ମୁଖ୍ୟ ବକ୍ତା ଭାବେ ଜାତୀୟ (ରାଷ୍ଟ୍ରପତି) ପୁରସ୍କାର ପ୍ରାପ୍ତ ତଥା ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ହରିହର ସାହୁ ଯୋଗଦେଇ ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ । ସେ କହିଥିଲେ, ‘ମାଧ୍ୟମିକ ଶିକ୍ଷା ହିଁ ଜଣେ ଶିଶୁର ଜୀବନ ଗଠନର ପ୍ରକୃଷ୍ଟ ସମୟ । ଏହି ସମୟରେ ସକାରାତ୍ମକ ସ୍ୱପ୍ନ ଦେଖିଲେ ହିଁ ଜଣେ ଆଦର୍ଶ ମଣିଷ ଭାବେ ସମାଜରେ ପ୍ରତିଷ୍ଠିତ ହୋଇପାରିବ ।‘ସମ୍ମାନିତ ଅତିଥି ଭାବେ ଗଁଦିଆ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଅଭିଜିତ୍ ବେହେରା, ସହକାରୀ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଦ୍ୟାଧର ପରିଡ଼ା, ବିଶ୍ୱନାଥପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ନରେନ୍ଦ୍ର କୁମାର ଦାସ, ପଞ୍ଚସଖା ଶିକ୍ଷା ସେତୁର ସଭାପତି ଯୁଗଳ କିଶୋର ମିଶ୍ର, ପରିଚାଳନା ପରିଷଦର ସଭାପତି ବିପିନ ବିହାରୀ ବେହେରା, ଶିକ୍ଷକ ରମାକାନ୍ତ ସାହୁ ଏବଂ ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।ଏହି ଅବସରରେ ଶିକ୍ଷା ଓ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ:ପଞ୍ଚସଖା ଶିକ୍ଷା ସେତୁ ସଭାପତି ଶ୍ରୀ ମିଶ୍ର ଓ ପରିଚାଳନା ପରିଷଦ ସଭାପତି ଶ୍ରୀ ବେହେରାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।କାର୍ଯ୍ୟାଳୟ ସହାୟିକା ପଦ୍ମିନୀ ଭୋଇଙ୍କୁ ତାଙ୍କର ନିଷ୍ଠାପର ସେବା ପାଇଁ ଟ୍ରଫି, ପ୍ରମାଣ ପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ‘ଇନ୍ଦ୍ରଧନୁ’ ପରିବେଷିତ ହୋଇଥିଲା । ଏହାକୁ ଶିକ୍ଷୟିତ୍ରୀ ଶିବାନୀ ମିଶ୍ର, ଦିପ୍ତିମୟୀ ପ୍ରଧାନ, ନନ୍ଦିନୀ ରାଉଳ ଓ ପୁଷ୍ପଲତା କଅଁର ପରିଚାଳନା କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ସନ୍ତୋଷିନୀ ହୋତା ଅତିଥି ପରିଚୟ ଓ ମଞ୍ଚ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ଦୁର୍ଗେଶିନନ୍ଦିନୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ସମସ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର କର୍ମଚାରୀ ରମେଶ ଚନ୍ଦ୍ର ମହାନ୍ତଙ୍କ ସମେତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ପରିଚାଳନା କମିଟିର ସଭ୍ୟସଭ୍ୟାମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

# କଳଣ୍ଡା ଗୁଡ଼ିସାହିରେ ବାର୍ଷିକ ତ୍ରିନାଥ ମେଳା



ହିନ୍ଦୋଳ/ଖଜୁରିଆକଟା ୭/୩(ନୀଳକଣ୍ଠ ଦାସ/ଅଜୟ କୁମାର ଭଞ୍ଜ ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଗୁଳେହୀ ଗ୍ରାମ ପଞ୍ଚାୟତ ଅଧିନସ୍ଥ କଳାଣ୍ଡା ଗୁଡ଼ି ସାହିରେ ୬ ତାରିଖ ଶୁକ୍ରବାର ଦିନ ବାର୍ଷିକ ତ୍ରିନାଥ ମେଳା ବୈଦିକ ରୀତି ନୀତି ଅନୁସାରେ ମହା ଆଡ଼ମ୍ବରରେ ସହକାରେ ପାଳନ କରାଯାଇଛି । ପ୍ରତ୍ୟୁଷରୁ ଗ୍ରାମର ଶ୍ରଦ୍ଧାଳୁ ମହିଳା ମାନେ ନଗର କୀର୍ତ୍ତନ ମାଧ୍ୟମରେ ଗ୍ରାମ ପୁଷ୍କରିଣୀରୁ ଜଳ ପୂର୍ଣ୍ଣ କଳସୀ ଆଣି ମେଳା ଆସ୍ଥାନ ଠାରେ ରଖିବା ପରେ କର୍ତ୍ତା ମକରା ସାହୁଙ୍କ ଉପସ୍ଥିତିରେ ଗ୍ରାମର ନିତ୍ୟ ପୂଜକ ବିଭୂତି ଭୂଷଣ ପାଳ ପୂଜାର୍ଚ୍ଚନା କରିବା ସହ ବିଶ୍ୱର କଲ୍ୟାଣ ନିମନ୍ତେ ଯଜ୍ଞରେ ଘୃତ ସମର୍ପଣ କରିଥିଲେ । ପରେ ଗ୍ରାମ ବାସୀଙ୍କ ସମେତ ଉପସ୍ଥିତ ଶ୍ରଦ୍ଧାଳୁ ମାନେ ସାମୁହିକ ଆନନ୍ଦ ବଜାରରେ ସାମିଲ ହୋଇଥିଲେ । ଏହାପରେ ଗୁଡ଼ି ସାହି ସମେତ ବଙ୍ଗୁ , ସାନହିନ୍ଦୋଳ, ଗୁଳେହୀ, ପଡ଼ା , ବାରିହା ରଗଡ଼ି , ବେଲ ଗାଡିଆ, ବୁରୁଗି ଭୂଇଁ , ପାଟଲା ପ୍ରଭୃତି ୧୨ ଟି ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ରାତ୍ର ସାରା ହରି ନାମ ପରିବେଷଣ କରିଥିଲେ କ୍ଷ ସଙ୍କୀର୍ତ୍ତନ ମଣ୍ଡଳୀକୁ ମଙ୍ଗରାଜ ପ୍ରଧାନ ପରିଚାଳନା କରିଥିଲେ ।। ଗ୍ରାମ କମିଟିର ସଭାପତି ପାହୁ ମହାଳିକ , ସମ୍ପାଦକ ଲିଟୁ ଦାସ , ନବ କିଶୋର ପ୍ରଧାନ , ହଗୁରୁ ସାହୁ , ନିରୋଦ ପ୍ରଧାନ, କିଣା ସାହୁ ବିଭିନ୍ନ ଦାୟିତ୍ୱ ନେଇ ଉତ୍ସବକୁ ସଫଳ କରିଥିଲେ କ୍ଷ ସରପଂଚ ରିତା ସାହୁ, ସମିତି ସଭ୍ୟ ପ୍ରଭାତୀ ବିଶ୍ୱାଳ , ବିମଳ ବିଶ୍ୱାଳ , ଦିବାକର ଦେହୁରୀ ପ୍ରମୁଖ ଯୋଗଦେଇ ଗ୍ରାମବାସୀ ମାନଙ୍କୁ ଉତ୍ସାହିତ କରିଥିଲେ ।

# କାଙ୍କଡପାଳରେ ଦୋଳ ମହୋତ୍ସବ

ଢେଙ୍କାନାଳ,୦୭/୦୩(ସୁଶାନ୍ତ କୁମାର ପାଣୀ): ଚଳିତ ବର୍ଷ ସଦର ବ୍ଲକ୍ ଅନ୍ତର୍ଗତ କାଙ୍କଡପାଳ ଗ୍ରାମରେ ମହାସମାରୋହରେ ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କର ଦୋଳମ ହୋସତ



ଗତ ୩ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ଧରି ପାଳନ କରାଯାଇଅଛି । ଗତ ୫ ତାରିଖ ଦିନ ବିମାନ ଶୋଭାଯାତ୍ରା ସହ ରାତ୍ର ୧୦ ଘଟିକାରେ ରୟାଲ୍ ଚ୍ୟାଲେଞ୍ଜ ଅପେରା ଦ୍ୱାରା ଯାତ୍ରା ପରିବେଷଣ କରାଯାଇଥିଲା । ଶୋଭାଯାତ୍ରାରେ ଘଂଟ ବାଦ୍ୟ, ମାଦଳ ବାଦ୍ୟ ଓ ଗୋପାଳ ଲଉଡି କରାଯାଇ ମହାଆଡମ୍ବରରେ ଗ୍ରାମ ପରିକ୍ରମା କରଯାଇଥିଲା । ଗ୍ରାମ୍ୟ କମିଟିର ସଭାପତି ଚନ୍ଦନ ମହାନ୍ତି, ସଂପାଦକ ପୁରୁଷୋତମ ଦାସ, ଗ୍ରାମ କମିଟିର ସଦସ୍ୟ ବୃନ୍ଦ ପ୍ରମୋଦ କୁମାର ପଣ୍ଡା, ଗିରିଶ ଦାସ, ବିଚିତ୍ରାନନ୍ଦ ଦାସ, ବିକାଶ ପରିଡା, ଭରତ ସାସମଲ୍, ବୁଦ୍ଧଦେବ ସାସମଲ, ଲମ୍ବୋଦର ପ୍ରଧାନ ଓ ଗୁରୁଚାରୀ ଷେଣ୍ଢଙ୍କ ସାହାଯ୍ୟ ସହଯୋଗରେ ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।

# ଉପଖଣ୍ଡ ବସନ୍ତ ମହୋତ୍ସବ ଓ ପଲ୍ଲିଶ୍ରୀମେଳା ଉଦ୍‌ଘାଟିତ



କାମାକ୍ଷାନଗର୬/୩(ସୁମନ୍ତ ଜେନା) : ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ ବାଜିରାଉତ ମଞ୍ଚରେ ଶୁକ୍ରବାର କାମାକ୍ଷାନଗର ଉପଖଣ୍ଡ ବସନ୍ତ ମହୋତ୍ସବ ଉଦଘାଟିତ ହୋଇଯାଇଛି । ଏହି ମହୋତ୍ସବ ସୋମବାରଠାରୁ ଆରମ୍ଭ ହୋଇ ରବିବାର ପର୍ଯ୍ୟନ୍ତ ତିନିଦିନ ଧରି ଚାଲିବ ।ଏଥି ଉଦଘାଟିତ ହୋଇଥିବା ପଲ୍ଲିଶ୍ରୀମେଳା ୫ ଦିନ ଧରି ଚାଲିବ । ମହୋତ୍ସବ ଓ ପଲ୍ଲିଶ୍ରୀମେଳା ଉପଲକ୍ଷେ ଅପରାହ୍ନରେ ଏକ ସାସ୍କୃତିକ ଶୋଭାଯାତ୍ରା ତାରିଣୀ ମନ୍ଦିର ଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ମହୋତ୍ସବ ସ୍ଥଳରେ ପହଞ୍ଚି ଥିଲା ।ଏଥିରେ ସାଂସଦଙ୍କ ସମେତ ସ୍ଥାନୀୟ ବିଧାୟକ ଓ ଜିଲାର ସମସ୍ତ ବିଧାୟକ ଉପସ୍ଥିତ ରହି ଶୋଭାଯାତ୍ରର ଶୋଭା ବର୍ଧନ କରିଥିଲା । ସଂଧ୍ୟାରେ ଉପଜିଲ୍ଲାପାଳ ତଥା ମହୋତ୍ସବ କମିଟିର ଅଧ୍ୟକ୍ଷ ଦିନମଣି ନାଏକଙ୍କ ଅଧିକାରୀ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି କହିଲେ ଆମ ଅଂଚଳର ସର୍ବ କନିଷ୍ଠ ସହିଦ ବାଜିରାଉତ ପାଇଁ ଆମ ଅଂଚଳକୁ ଦେଶ ନୁହିଁ ସମଗ୍ର ବିଶ୍ୱରେ ପରିଚିତ କରାଇଛି ।ଖାଲି ସେତିକି ନୁହେଁ ଆମ ରାଜ୍ୟର ଓଡିଶୀ ନୃତ୍ୟ ପାରମ୍ପରିକ ଖାଦ୍ୟ ମଧ ଦେଶରନାମ କରିଛି । କାମାକ୍ଷାନଗର ବିଧାୟକ ଶତୃଘ୍ନ ଜେନା,ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ , ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ,ଢେଙ୍କାନାଳ ଭାଜପା ଜିଲା ସଭାପତି ରାସବିହାରୀ ପ୍ରମୁଖ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ କହିଲେ ମହୋତ୍ସବ କେବଳ ମନୋରଂଜନ ପାଇଁ ନୁହେଁ, ଏହାଦ୍ୱାରା ଭାଇଚାର ବୃଦ୍ଧି ହେବ ବୋଲି କହିଥିଲେ । ପଲ୍ଲିଶ୍ରୀମେଳା ଓ ଖାଦ୍ୟ ମେଳା ଦ୍ୱାରା ଦେଶ ଓ ରାଜ୍ୟର ବିଭିନ୍ନ ଘରକରଣା ଜିନିଷ ହାତ ପାଖରେ ପାଇବେ ବୋଲି କହିଥିଲେ । ମହୋତ୍ସବ କମିଟିର ସଂମ୍ପାଦକ ତଥା ବିଡିଓ ପ୍ରଭୁକଲ୍ୟାଣ ଦାଶ ଧନ୍ୟବାଦ ପ୍ରଦାନକରିଥିଲେ । ତହସିଲଦାର ଶୁଭଙ୍କର ମହାନ୍ତି,ସହକାରୀ ଜିଲାପାଳ ଦିପକ କୁମାର ମିଶ୍ର ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ ।

# ଦେଢ ଏକର ଜାଗାରେ ପଡ଼ିଲା ଡାଳ ଛାମୁଣ୍ଡିଆ

## ରବିବାରଠାରୁ ମକୁଆକାଟେଣୀ ହାଟ ଆରମ୍ଭ

କାମାକ୍ଷାନଗର ୭/୩(ସୁମନ୍ତଜେନା) : ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ ବ୍ଲକର ମକୁଆକାଟେଣୀ ପଂଚାୟତରେ ରବିବାରଠାରୁ ନୂଆ ଏକ ସାପ୍ତାହିକ ହାଟ ଆରମ୍ଭ ହେଉଛି । ଏଥିପାଇଁ ଗାଁ ମୁଣ୍ଡରେ ପ୍ରାୟ ଦେଢ ଏକର ଜାଗାରେ ଗ୍ରାମବାସୀ ସାପ୍ତାହିକ ହାଟ ଆରମ୍ଭ ହେବ । ଏହାକୁ ବିଦ୍ଧିବଦ୍ଧ ଭାବେ ସ୍ଥାନୀୟ ସରପଂଚ ଉଦଘାଟନ କରିବେ । କାମାକ୍ଷାନଗରରେ ସୋମବାର ହାଟ ହୋଇଥାଏ । ମଙ୍ଗଳବାର ବାଟଗାଁରେ ହାଟ ହୋଇଥାଏ । ବିରାଶାଳରେ ବୁଧବାର ହାଟ ହୋଇଥାଏ ।



ଶ୍ରମ ଦାନ କରି ଏକ ବିରାଟ ଅସ୍ଥାୟୀ ବିକ୍ରୟ ସ୍ଥଳ ନିର୍ମାଣ କରିଛନ୍ତି । ସମସ୍ତ ଗ୍ରାମବାସୀ ଏକାଠି ମିଳିତ ହୋଇ ଖୁଣ୍ଟ ପୋତି, ଛୋଟ ଛୋଟ ଚାଳିଆ ତିଆରି କରିଛନ୍ତି । ମକୁଆକାଟେଣୀ ଗାଁରେ ପ୍ରାୟ ୨୦୦ ଘର ଚାଷୀ ପରିବାର ଅଛନ୍ତି । ବାଇଗଣ, ପୋଟଳ, ଭେଣ୍ଡିଠାରୁ ଆରମ୍ଭ କରି ଝୁଡଙ୍ଗ, ବିନସ, କଲରା ସମସ୍ତ ସବୁଜ ପରିବା ଚାଷ କରାଯାଏ । ଗାଁରେ ଘରେ ଘରେ ସମସ୍ତେ ପ୍ରାୟ ଚାଷ କରିଥାନ୍ତି । ଏହିଠାରୁ ପନିପରିବା ବହୁ ପରିମାଣରେ ଆଖପାଖ କାମାକ୍ଷାନଗର, କଙ୍କଡାହାଡ ଏବଂ ଭୁବନକୁ ସପ୍ଲାଇ ହୋଇଥାଏ । ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି, ଏଥର ଗ୍ରାମରେ ଏକ ସାପ୍ତାହିକ ହାଟ କରାଯିବ । ଏହା ଫଳରେ ଆଖପାଖ ୧୦ଟି ପଂଚାୟତର ଲୋକ ପନିପରିବା ବିକ୍ରି ତଥା କିଣିବିକାର ସୁବିଧା ପାଇପାରିବେ । ଗାଁ ଚାଷୀ ମଧ ଭଲ ବଜାର ପାଇବେ ବୋଲି ସୂଚନା ଦେଇଛନ୍ତି ମକୁଆ କାଟେଣୀ ଗ୍ରାମ ସଭାପତି ନବ କିଶୋର ପ୍ରଧାନ । ରବିବାର ଠାରୁ ଏହି ମକୁଆକାଟେଣୀରେ ରବିବାର ସାପ୍ତାହିକ ହାଟ ହେଲେ ଶତାଧିକ ସଂଖ୍ୟା ସ୍ଥାନୀୟ ଚାଷୀଙ୍କୁ ବିକ୍ରି ପାଇଁ ଭଲ ବଜାର ମିଳିବ ବୋଲି ଚାଷୀ କହିଛନ୍ତି । ହାଟ ପାଇଁ ଡାଳ ଛାମୁଣ୍ଡିଆ ଶନିବାର ସୁଦ୍ଧା ନିର୍ମାଣ କରିଛି । ଗାଁ ହାଟ ସ୍ଥଳରେ ନିର୍ମାଣ ହୋଇଥିବା ନୂଆ ଚାଳିଆରେ ଗ୍ରାମସଭା ଆୟୋଜିତ ହୋଇଥିଲା । ଏଥିରେ ସମସ୍ତ ଗ୍ରାମବାସୀ ରବିବାର ଠାରୁ ସାପ୍ତାହିକ ହାଟରେ ଯୋଗଦାନ କରିବା ସହ ବିଭିନ୍ନ ସ୍ଥାନରୁ ଆସୁଥିବା ହାଟ ବ୍ୟବସାୟୀଙ୍କୁ ସହଯୋଗ କରିବାକୁ ସହମତି ଦେଇଛନ୍ତି । ମକୁଆକାଟେଣୀ ରବିବାର ହାଟ ହେଲେ ଆଖପାଖରେ ଥିବା ବାଘୁଆ, ତରାଜଙ୍ଗ, କଇରାଟାଙ୍ଗର, ବ୍ରାହ୍ମଣିଆ, ଖଟଖୁରା, ତଣ୍ଡିମୁଣ୍ଡା, ଢୋଲପଷି, କେଡାଇତା, ହଳଦିଗୁଣ୍ଡି, ଝାଞ୍ଜିରିବେରଣା, ବାଲିଗୁମା, ରହଣୀ, ବିରାଶାଳ, ଜାମୁକେଡ଼ା, କୋଳିବଣିଆ, ଖଜୁରିଆ ଏବଂ ପଥରକଟା ପରି ଗ୍ରାମ ବ୍ୟବସାୟୀ ଉପକୃତ ହେବେ ବୋଲି କୁହାଯାଇଛି ।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଖଜୁରିଆକଟା ୭/୩(ନୀଳକଣ୍ଠ ଦାସ ) : ଖଜୁରିଆକଟା -ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ସଦାଶିବପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି ।ସଦାଶିବପୁର ପଞ୍ଚାୟତ ସରପଞ୍ଚ ତଥା ମହିଳା ଶିଶୁ ସୁରକ୍ଷା ମଞ୍ଚ ଅଧ୍ୟକ୍ଷା ଶ୍ରୀମତୀ ଧରିତ୍ରୀ ମଲ୍ଲିକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଓଡ଼ାପଡ଼ା ବ୍ଲକ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ପାଢ଼ୀ ସମ୍ମାନୀତ ଅତିଥି ରୂପେ ଢେ଼ଙ୍କାନାଳ ଏଫ୍ ଇ ଏସ୍ ଟିମ୍ ଲିଡର ଦାଓ୍ୱା ସେର୍ପା ଓଡ଼ାପଡ଼ା ବ୍ଲକ କନିଷ୍ଠ ଯନ୍ତ୍ରୀ ଅଳକା ବତୀ ସାମଲ ବନ କର୍ମଚାରୀ ଯମୁନା ସ୍ୱାଇଁ ,ଓ ପଞ୍ଚାୟତ ନିର୍ବାହି ଅଧିକାରୀ ବିଦୁର ମାଝୀ ଯୋଗ ଦେଇ ମହିଳା ଦିବସ ପାଳନ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ସଂଗଠନ ର ସଦସ୍ୟା ଅଙ୍ଗନବାଡି କର୍ମୀ ସଂଘସହାୟକ ଗୋଷ୍ଠୀ ର ମହିଳା ମାନେ ଯୋଗ ଦେଇଥିଲେ ।

# ଲକ୍ଷ୍ମୀବଜାର ମହ୍ଲାସାହିରେ ଅଷ୍ଟପ୍ରହର ନାମଯଜ୍ଞ



ଢେଙ୍କାନାଳ୦୭/୦୩(ଅକ୍ଷର ଓଡ଼ିଶା) : ଢେଙ୍କାନାଳ ସହର ଲକ୍ଷ୍ମୀବଜାର ମହ୍ଲାସାହିରେ ଦ୍ୱିତୀୟ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ କଳସଯାତ୍ରା । ସ୍ଥାନୀୟ ଭାଗିରଥୀ ସାଗର କୂଳରୁ ପୂଜାର୍ଚ୍ଚନା କରାଯାଇ ୧୨ରୁ ଉର୍ଦ୍ଧ୍ୱ ପୁରୁଷମାନେ ସଂକୀର୍ତ୍ତନ ମଣ୍ଡଳୀ, ବାଦ୍ୟ ଓ ଘଂଟ ଦ୍ୱାରା ସହର ପରିକ୍ରମା କରି କୁଞ୍ଜରେ ସ୍ଥାପନ କରିଥିଲେ । ପରେ ଅଧିବାସ ପୂଜା ଓ ଅଖଣ୍ଡଦୀପ ସ୍ଥାପନ କରାଯାଇଥିଲା । ଆସନ୍ତାକାଲି ରବିବାର ନାମଯଜ୍ଞ ଓ ଆସନ୍ତା ସୋମବାର ଦିନ ନଗରକୀର୍ତନ, ନାମ ସମାପନ, ଦଧିହାଣ୍ଡି ଭଙ୍ଗନ ଓ ପ୍ରସାଦସେବନ ଅନୁଷ୍ଠିତ ହେବ । ଶନି ମନ୍ଦିରର ପୂଜକ ସୁଶା ଭାଇନା, ପୁରୀ ରାଧାମାଧବ ଆଶ୍ରମର ଭଗବାନ ଦାଶ, ଅଷ୍ଟପ୍ରହର ପୂଜକ ଜଗନ୍ନାଥ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ପୂଜାକୁ ସମ୍ପନ୍ନ କରୁଛନ୍ତି । କର୍ତା ପ୍ରଦୀପ କୁମାର ବେହେରା, ବସନ୍ତ ବେହେରା, ପ୍ରଦୀପ ବେହେରା, ପ୍ରଦୀପ ସେଠୀ, ବିଘ୍ନରାଜ ଷେଣ୍ଢ, ଆଦିତ୍ୟ ସେଠୀ, ସନ୍ତୋଷ ବେହେରା, ବାବୁଲି ଦଳେଇ ଓ ପଙ୍କଜ ସେଠୀଙ୍କ ସମେତ ଶ୍ରୀ ଶ୍ରୀ ଶନିଶ୍ଚର କୀର୍ତନ ମଣ୍ଡଳୀର ସଭ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଅଁଳାବେରେଣୀ ବଜାରରେ ବୁଲିଲା ଦନ୍ତା

କାମାକ୍ଷାନଗର-୭/୩(ସୁମନ୍ତ ଜେନା) : କାମାକ୍ଷାନଗର ପର୍ଶ୍ଚିମାଞ୍ଚଳ ରେଞ୍ଜ ଅଁଳାବେରେଣୀ ଗ୍ରାମ ରେ ଥମିବାର ନାଁ ଧରୁନି ହାତୀ ଆତଙ୍କ । ଗତକିଛିଦିନ ଧରି ଏହି ଅଞ୍ଚଳ ରେ ଏଗାର ଟିକିଆ ହାତୀପଲ ଆତଙ୍କ ସୃଷ୍ଟି କରିଥିବା ବେଳେ ଏକ ଗୋଠଛଡା ଦନ୍ତା ଏବେ ସ୍ଥାନୀୟ ବାସିନ୍ଦା ଙ୍କ ପାଇଁ ବିପଦ ସୃଷ୍ଟି କରିଛି । ଦନ୍ତା ଟି ଗତ ଦୁଇଦିନ ତଳେ ଅଁଳାବେରେଣୀ ଗ୍ରାମ ର ଚାରୁଲତା ନାଏକ ନାମକ ଜଣେ ମହିଳା ଙ୍କୁ ଦଳି ଦେଇଥିବା ବେଳେ ଗତକାଲି ରାତିରେ ଢେଙ୍କାନାଳ – କାମାକ୍ଷାନଗର ମୁଖ୍ୟରାସ୍ତାରେ ବହୁ ସମୟ ପର୍ଯ୍ୟନ୍ତ ଛିଡା ହୋଇ ରହିବା ସହ ଅଁଳାବେରେଣୀ ବଜାର ରେ ବୁଲୁଥିବା ସିସିଟିଭି ରେ କଏଦ ହୋଇଛି । ଅଁଳାବେରେଣୀ ବଜାର ରେ ଥିବା ସାମ୍ବାଦିକ ତଥା ସମାଜସେବୀ ପର୍ଶୁରାମ ମହାଭୋଇ ଙ୍କ ସିସିଟିଭି ରେ ଦନ୍ତା ଟି ଅଁଳାବେରେଣୀ ବଜାର ରେ ବୁଲୁଥିବା ଦେଖିବାକୁ ମିଳିଛି



। ଜଙ୍ଗଲ ଛାଡି ଦନ୍ତା ଟି ଏବେ ଗାଁ ମୁହାଁ ହେଉଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ଅଛନ୍ତି । ତେବେ ଦନ୍ତା ଟି ଗତକାଲି ଅଁଳାବେରେଣୀ ଗାଁ ରେ ଥିବା କିଛି କଦଳୀବଗିଚା ନଷ୍ଟ କରିଥିବା ବେଳେ ବନବିଭାଗ ତୁରନ୍ତ ଗାଁ ନିକଟ ରୁ ଦନ୍ତା କୁ ଘଉଡ଼ାଇବାପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

# ଯୌନ ନିର୍ଯାତନା ନିବାରଣ କର୍ମଶାଳା ଅନୁଷ୍ଠିତ

ଢେ଼ଙ୍କାନାଳ,୦୭/୦୩(ସୁଶାନ୍ତ କୁମାର ପାଣୀ):ଆଜି ପୂର୍ବାହ୍ନରେ ପୁରୁଣା ଜିଲ୍ଲାପରିଷଦ ହଲ ଠାରେ ଉତ୍ତର କେନ୍ଦ୍ରାଞ୍ଚଳ ଓ ଢେ଼ଙ୍କାନାଳ ପୋଲିସ ପ୍ରଶାସନ ପକ୍ଷରୁ ଯୌନ ନିର୍ଯାତନା ନିବାରଣ ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଉତ୍ତର କେନ୍ଦ୍ରାଞ୍ଚଳ ଆଇ.ଜି. ଶ୍ରୀ ସତ୍ୟବ୍ରତ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ, ମହିଳାମାନଙ୍କ ନିମନ୍ତେ ନିରାପଦ ଓ ସମ୍ମାନଜନକ କାର୍ଯ୍ୟକ୍ଷେତ୍ର ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଆମେ ସମସ୍ତେ ଶାରୀରିକ ଓ ମୌଖିକ ଯୋଗାଯୋଗ ଏବଂ ଆଚରଣ ପ୍ରତି ସଚେତନ ରହିବା, ଅସୁରକ୍ଷିତ ମନେ କଲେ ପ୍ରତିବାଦ କରିବା, ଆଇନକୁ ବୁଝି ଅଧିକାର ସାବ୍ୟସ୍ତ କରିବା, ଆବଶ୍ୟକ ସ୍ଥଳେ ଆଭ୍ୟନ୍ତରିଣ କମିଟିକୁ ଜଣାଇବା ସହ କୌଣସି ପ୍ରକାରର ନିର୍ଯ୍ୟାତନାକୁ ପ୍ରଶ୍ରୟ ନ ଦେବାକୁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ଆଶିଷ ଇଶ୍ୱର ପାଟିଲ, ସମସ୍ତ କ୍ଷେତ୍ରରେ ଛୋଟ ଛୋଟ ବିଷୟ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ପରବର୍ତ୍ତୀ ସମୟରେ ତାହା କୌଣସି ବଡ଼ ସମସ୍ୟାର ରୂପ ଧାରଣ କରିବ ନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ । ସମସ୍ତ ସରକାରୀ ଓ ଘରୋଇ ପ୍ରତିଷ୍ଠାନରେ ବିଶେଷ କରି ମହିଳାମାନେ ଯେପରି କୌଣସି ପ୍ରକାରର ଯୌନ ନିର୍ଯାତନାର ସମ୍ମୁଖୀନ ନ ହେବେ, ମାନସିକ ନିର୍ଯ୍ୟାତନାର ଶିକାର ନ ହେବେ ସେଥିପ୍ରତି ସମସ୍ତେ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି । ପ୍ରାରମ୍ଭରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଭିନବ ସୋନକର ସ୍ୱାଗତ ଅଭିଭାଷଣ ପ୍ରଦାନ କରି କର୍ମଶାଳା ଆୟୋଜନ ସଂପର୍କରେ ଅବଗତ କରାଇଥିଲେ । ଏହି କର୍ମଶାଳାରେ ରିସୋର୍ସ ପରସନ୍ ଅରୁଣୋଦୟ ୟୁନିଭର୍ସସିଟିର ପ୍ରଫେସର ଶ୍ରୀ ଆବାଶ ପରିଡ଼ା, ନ୍ୟାସନାଲ ଲ ୟୁନିଭର୍ସସିଟିର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଶ୍ରୀମତୀ କୁନ୍ତିରାଣୀ ପଧାନ ଏବଂ ଉଦୟଟେଲ କମୁନିକେସନ୍ ର ଶ୍ରୀ ଦିବାକର ପ୍ରସାଦ ଦାଶ ଯୋଗ ଦେଇ, ଲିଙ୍ଗଗତ ପ୍ରଭେଦ ଯୋଗୁଁ ଉପୁଯୁଥିବା ହିଂସା ଓ ତାର ପ୍ରତିକାର, ଡ଼ିଜିଟାଲ ନିରାପତ୍ତା ରକ୍ଷା, ନାରୀ ନିର୍ଯ୍ୟାତନା ବିରୁଦ୍ଧରେ ଥିବା ସାମ୍ବିଧାନିକ ଅଧିକାର ଓ ନାରୀ ସଶକ୍ତିକରଣ ସଂପର୍କରେ ବିଷଦ ଆଲୋଚନା କରିଥିଲେ । ସର୍ବଶ୍ରେଷ୍ଠ ହେବାର ଆଶା, ବଳ ଓ କ୍ଷମତା ହାସଲ , ପ୍ରଚଳିତ ଲୋକ କଥା, ଭାଷାଗତ ବ୍ୟବହାର ହିଂସା ବୃଦ୍ଧିର କାରଣ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ ।ଶ୍ରୀମତୀ ପଧାନ ପୋଷ୍ ଆକ୍ଟ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥଲେ । ଏହି କର୍ମଶାଳାରେ ଜିଲ୍ଲାର ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସୂର୍ଯ୍ୟମଣି ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




## ପ୍ରେରଣା ପାଲଟିଛନ୍ତି ସରପା ଗାଁର ପଦ୍ମିନୀ

# ସ୍ୱାବଲମ୍ବୀ ଶିଖାଇଛି ଟାଟା ଷ୍ଟିଲ ଫାଉଣ୍ଡେସନ





ଖଜୁରିଆ କଟା ୭/୩(ନୀଳକଣ୍ଠ ଦାସ ) : ଖଜୁରିଆକଟା -ଗ୍ରାମାଞ୍ଚଳର ମହିଳାମାନେ ଆଜି କେବଳ ଘରର ଚାରି କାନ୍ଥ ମଧ୍ୟରେ ସୀମିତ ନାହାଁନ୍ତି, ବରଂ ନିଜର ଦକ୍ଷତା ବଳରେ ଆର୍ଥିକ ସ୍ୱାଧୀନତା ହାସଲ କରିବା ସହ ସମାଜରେ ନେତୃତ୍ୱ ନେଉଛନ୍ତି । ଏହାର ଏକ ଜ୍ୱଳନ୍ତ ଉଦାହରଣ ସାଜିଛନ୍ତି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ନୂଆଗାଁ ପଞ୍ଚାୟତ ସରପା ଗ୍ରାମର ପଦ୍ମିନୀ ସେନାପତି । ଓମ୍ ମା’ ମହାଲକ୍ଷ୍ମୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଭାବେ ନିଜର ଯାତ୍ରା ଆରମ୍ଭ କରିଥିବା ପଦ୍ମିନୀ ଆଜି ‘ଗୃହଲକ୍ଷ୍ମୀ ସମବାୟ ସମିତି’ର ସଭାପତି ଭାବେ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ।ପଦ୍ମିନୀ ୨୦୧୯ ମସିହାରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ‘ଗୃହଲକ୍ଷ୍ମୀ’ କାର୍ଯ୍ୟକ୍ରମ ସହ ଜଡ଼ିତ ହୋଇଥିଲେ । ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ମହିଳା ସଶକ୍ତିକରଣ ଓ ଉଦ୍ୟୋଗିତା ଅଭିଯାନ ଅଧୀନରେ ୨୦୨୦ରେ ଓଡ଼ିଶା ସମବାୟ ସମିତି ଅଧିନିୟମ, ୧୯୬୨ ଅନୁଯାୟୀ ଏହି ସମିତି ପଞ୍ଜିକୃତ ହୋଇଥିଲା । ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ଥିଲା ଗ୍ରାମାଞ୍ଚଳ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ସେମାନଙ୍କୁ ଦକ୍ଷତା ବିକାଶ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ବଜାର ସୁଯୋଗ ଯୋଗାଇଦେବା ।ପଦ୍ମିନୀ ଉପଯୁକ୍ତ ପ୍ରଶିକ୍ଷଣ ଏବଂ ମାର୍ଗଦର୍ଶନ ପାଇବା ପରେ ନିଜ ସ୍ୱୟଂ ସହାୟକ ଗୋଷ୍ଠୀ ସହ ମିଶି ଧୂପକାଠି ତିଆରି ୟୁନିଟ୍ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ସେ ଫିନାଇଲ୍ ପ୍ରସ୍ତୁତି ସହିତ ଓଡ଼ିଶାର ପାରମ୍ପରିକ ଖାଦ୍ୟ ଯଥା ଆରିସା ପିଠା ଓ ବଡ଼ି ତିଆରି କରି ନିଜର ବ୍ୟବସାୟକୁ ସମ୍ପ୍ରସାରିତ କରିଥିଲେ । ଆଜି ସେ ମାସିକ ପ୍ରାୟ ୧୨,୦୦୦ ଟଙ୍କା ରୋଜଗାର କରି ନିଜ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରିଛନ୍ତି । ତାଙ୍କର ଏହି ନିଷ୍ଠା ଓ ଦକ୍ଷତା ପାଇଁ ୨୦୨୨ ମସିହାରେ ସେ ଗୃହଲକ୍ଷ୍ମୀ ସମବାୟ ସମିତିର ସଭାପତି ଭାବେ ନିର୍ବାଚିତ ହୋଇଥିଲେ ।ବର୍ତ୍ତମାନ ପଦ୍ମିନୀ ୨,୨୫୦ ଜଣ ମହିଳା ସେୟାରହୋଲ୍ଡରଙ୍କ ନେତୃତ୍ୱ ନେଉଛନ୍ତି । ୧୧ ଜଣ ମହିଳା ନିର୍ଦ୍ଦେଶକଙ୍କ ଦ୍ୱାରା ପରିଚାଳିତ ଏହି ସମିତି ଗତ ୬ ବର୍ଷ ମଧ୍ୟରେ ୧,୦୬୫ ଜଣ ମହିଳା ଉଦ୍ୟୋଗୀଙ୍କୁ ଗ୍ରୋସରୀ, ଟିଫିନ ସର୍ଭିସ, କୁକୁଡ଼ା ପାଳନ, ସିଲେଇ ଏବଂ ହସ୍ତଶିଳ୍ପ ଭଳି ବିଭିନ୍ନ କ୍ଷେତ୍ରରେ ସହାୟତା ଯୋଗାଇଦେଇଛି ।

# ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା




କାମାକ୍ଷାନଗର ୭/୩(ସୁମନ୍ତ ଜେନା) : କାମାକ୍ଷାନଗର ମହାବିଦ୍ୟାଳୟରେ ନୂତନ ଭାବେ ଯୋଗଦାନ କରିଥିବା ଅଧ୍ୟକ୍ଷ ଡ଼ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଅଛି । ବରିଷ୍ଠ ପ୍ରାଧ୍ୟାପକ ରଞ୍ଜନ କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଶ୍ରୀକାନ୍ତ କୁମାର ପ୍ରଧାନ, ପ୍ରାଧ୍ୟାପିକା ସୁବାସିନୀ ସାଠୁଆ ମହାପାତ୍ର, ଅଧ୍ୟାପକ ସତ୍ୟନାରାୟଣ ମିଶ୍ର, ଅଧ୍ୟାପକ ଜ୍ଞାନରଞ୍ଜନ ମିଶ୍ର,ଅଧ୍ୟାପକ ଡ଼ ଶ୍ରୀବତ୍ସ କୁମାର ସାହୁ, ଅଧ୍ୟାପକ ରଶ୍ମିରଞ୍ଜନ ସେନାପତି,ଅଧ୍ୟାପକ ପ୍ରମୋଦ କୁମାର ସ୍ୱାଇଁ, ଅଧ୍ୟାପକ ପ୍ରଦୀପ କୁମାର ମହାପାତ୍ର, ଅଧ୍ୟାପକ ଡ଼ ଜୟକୃଷ୍ଣ ମିଶ୍ର, ଅଧ୍ୟାପିକା ଶାନ୍ତାନିବେଦିତା ମହାନ୍ତି, ଅଧ୍ୟାପକ ଅମରେଶ ପଣ୍ଡା, ପ୍ରତିପାଦକ ପ୍ରଶାନ୍ତ କୁମାର ପଣ୍ଡା, ମୁଖ୍ୟ କିରାଣୀ ପଞ୍ଚାନନ ଜେନା ପ୍ରମୁଖ ତାଙ୍କର ବକ୍ତବ୍ୟରେ ଅଧ୍ୟକ୍ଷ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱଦେଇ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରି ମହାବିଦ୍ୟାଳୟର ବିକାଶ କ୍ଷେତ୍ରରେ ସହାୟକ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଅଧ୍ୟକ୍ଷ ଡ଼ ମହାନ୍ତି ନିଜ ବକ୍ତବ୍ୟରେ ଶିକ୍ଷା କୁ ଗୁରୁତ୍ୱ ଦେବା ସହ ନିଜ କାର୍ଯ୍ୟକାଳରେ ମହାବିଦ୍ୟାଳୟର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସକାଶେ ପଦକ୍ଷେପ ନେବାକୁ ପ୍ରତିଶୃତି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ । ଶେଷରେ ପ୍ରାଧ୍ୟାପକ ଶ୍ରୀକାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।




**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# 'ଯୋରଜାର-ମୁଲକତାର'

ଇଂରାଜୀ ନୂତନ ବର୍ଷ ୨୦୨୬ ଆରମ୍ଭରେ ଆମେରିକା ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଭେନେଜୁଏଲା ଉପରେ ଅଚାନକ ଆକ୍ରମଣ କରି ଏହାକୁ ଦଖଲ କରି ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କୁ ଅପରହଣ କରି ବନ୍ଦୀ ଭାବେ ରଖିବା ସହ ଏହାର ଶାସନ ଡୋରିକୁ ହାତକୁ ନେଇ ଏହାର ତୈଳ ଭଣ୍ଡାରକୁ ବିପଣନ କରିବା ନିମନ୍ତେ ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଘୋଷଣା କରିବା ସମଗ୍ର ବିଶ୍ୱ ପାଇଁ ଏକ ଭୟଙ୍କର ସନ୍ଦେଶ ପ୍ରଦାନ କରୁଛି ବୋଲି କୁହାଯାଇପାରିବ। କେବଳ ଏତିକି ନୁହେଁ ଆମେରିକାର ବିନା ଅନୁମୋଦନରେ ପଡୋଶୀ ରାଷ୍ଟ୍ରମାନଙ୍କର ସାର୍ବଭୌମତ୍ୱର କୌଣସି ଅର୍ଥ ନାହିଁ ବୋଲି ଏହା ସଂକେତ ପ୍ରଦାନ କରେ। କହିବା ବାହୁଲ୍ୟ ଯେ, ପଡୋଶୀ ତଥା ଆମେରିକ ସହ ସୁସମ୍ପର୍କ ରଖିନଥିବା ରାଷ୍ଟ୍ରମାନଙ୍କୁ ନାଲି ଆଖି ଦେଖାଇ 'ଜୋରଜାର ମୂଳକ ତା'ର' ନୀତିକୁ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛି ବୋଲି କୁହାଯାଇପାରିବ। ଏହା ନିସନ୍ଦେହ ଯେ, ଆମେରିକାର ଯୋରଜାର ମୂଳକତାର ନୀତି ନୂଆ ନୁହଁ ଅତୀତରେ ୨୦୦୩ ମସିହାରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତ ଜୁନିୟର ବୁଶ ଉପରେ ଆକ୍ରମଣ କରି ଏହାର ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ ସର୍ବ ସମ୍ମୁଖରେ ଫାଶୀ ଝୁଲାଇଥିବାବେଳେ ରାଷ୍ଟ୍ରପତି ରେଗାନ ଲେବାନନରେ, ସିନିୟର ବୁଶ ପାନାମାରେ, କ୍ଲିଣ୍ଟନ ଯୁଗୋ ସ୍ଲୋଭିଆରେ, ଓବାମା ଲିବ୍ୟାରେ ଏବଂ ବାଇଡେନ ଯେମନେ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମ୍ପୃକ୍ତ ରାଷ୍ଟ୍ରଗୁଡିକୁ ନିୟନ୍ତ୍ରଣରେ ରଖିଛି। ବିଶ୍ୱର ବୃହତଶକ୍ତି ଭାବେ ପରିଚିତ ଏବଂ ସର୍ବବୃହତ ଗଣତାନ୍ତ୍ରୀକ ରାଷ୍ଟ୍ର ଭାବେ ପରିଚିତ ଆମେରିକାର ଆମେରିକା ବିଶ୍ୱର ବହୁ ରାଷ୍ଟ୍ରଙ୍କୁ ନିଜର ଗୋଡାଣିଆ ଭାବେ ରଖି ଏହାର ତୈଳ ସମ୍ପଦ ସହ ବିଭିନ୍ନ ପ୍ରାକୃତିକ ସମ୍ପଦକୁ କେବଳ ନିଜ ନିୟନ୍ତ୍ରଣରେ ରଖିନାହିଁ, ଲୁଟ କରିବାରେ ଲାଗିଛି। ଏକବିଂଶ ଶତାବ୍ଦୀରେ ଆମେରିକା 'ଯୋରଜାର ମୂଳକ ତା'ର' ମୂଳକ ତା'ର ନୀତିରେ ନିଜର ଉପନିବେଶବାଦ ନୀତିକୁ ଜାହିରି କରିଚାଲିଛି। ଯାହାକି ଆନ୍ତର୍ଜାତିକ ଆଇନର ସ୍ପଷ୍ଟ ଉଲଂଘନ। ଅନ୍ୟ ରାଷ୍ଟ୍ରର ତୈଳ ଓ ପ୍ରାକୃତିକ ସମ୍ପଦ ଉପରେ ଜାତିସଂଘର ଧାରା ୨ରେ ନିଷେଧାଜ୍ଞ ଥିବା ସତ୍ୱେ ଆମେରିକା ଏହାକୁ ହେୟ ଜ୍ଞାନ କରିଚାଲିଛି। ଜାତିସଂଘ ଏକ ପ୍ରକାର ଅସହାୟ ହୋଇପଡିଥିବା ମନେହୁଏ। କାରବିଆନ ସାଗରେ ନିଶାଦ୍ରବ୍ୟ ଚାଲାଣ ରୋକିବା ଆଳରେ ତେଲବାହୀ ଜାହିରିକୁ ନିୟନ୍ତ୍ରଣ କରିବା ଏବଂ ନିରୀହ ଲୋକଙ୍କୁ ହତ୍ୟା ବନ୍ଦ ଲାଗି ଜାତିସଂଘ ନିରାପତା ପରିଷଦର ପ୍ରସ୍ତାବକୁ ଆମେରିକାୟ ଏଡାଇ ଦେଇ ନିଜେ ବିଚାରପତି ଓ ଦଣ୍ଡବିଧାନକାରୀର ଭୂମିକା ନିର୍ବାହ କରିଛି। କେବଳ ଏତିକି ନୁହେଁ, ଭେନେଜୁଏଲାର ରାଷ୍ଟ୍ରପତି ଦମ୍ପତିଙ୍କୁ ହାତକଡି ପକାଇ ଅଦାଲତରେ ହାଜର କରିଛି। ଭେନେଜୁଏଲା ପରେ ରାଷ୍ଟ୍ରପତିଙ୍କୁ ଗିରଫ ଏବଂ ଟ୍ରମ୍ପଙ୍କ ଘୋଷଣାକୁ ଚୀନ, ରୁଷ, ଇରାନ ସମେତ ବହୁ ରାଷ୍ଟ୍ର ତୀବ୍ର ନିନ୍ଦା କରିଥିବାବେଳେ ରାଷ୍ଟ୍ରପତି ଦମ୍ପତିଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ଦାବି କରିଛନ୍ତି।

**କାଳର କପାଳ ତଳେ ସମୟ ଏକ ଅବିରାମ ସ୍ରୋତ। ଏହି ସ୍ରୋତ ମଧ୍ୟରେ କିଛି ଦିନ ସାଧାରଣ ହୋଇଥିବା ବେଳେ ଆଉ କିଛି ଦିନ ଇତିହାସର ମାଇଲଖୁଣ୍ଟ ଭାବେ ଉଭା ହୁଅନ୍ତି। ଆଜି ମାର୍ଚ୍ଚ ୭ ତାରିଖ। ବିଶ୍ୱ, ଭାରତ ଓ ଆମ ପ୍ରିୟ ଓଡ଼ିଶାର ଘଟଣାକ୍ରମକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ଏହି ଦିନଟି ମାନବ ସଭ୍ୟତାର ବିବର୍ତ୍ତନ, ସାଧୀନତା ସଂଗ୍ରାମ ଏବଂ ସାମାଜିକ ସଂସ୍କାର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।**

## ଆଜି ଦିବସର ଅନୁଚିନ୍ତା

### ମାର୍ଚ୍ଚ ୭ ତାରିଖ

ବିଶ୍ୱ ପରିପ୍ରେକ୍ଷୀରେ ମାର୍ଚ୍ଚ ୭ ଗଣତନ୍ତ୍ର ଓ ମାନବିକତାର ସ୍ୱରର ସାକ୍ଷର ବହନ କରିଛି। ଆନ୍ତର୍ଜାତିକ କ୍ଷେତ୍ରରେ ଆଜିର ଦିନଟି ବେଶ୍ ଉଲ୍ଲେଖନୀୟ। ୧୯୭୧ ମସିହା ମାର୍ଚ୍ଚ ୭ ତାରିଖରେ ବାଙ୍ଗଲାଦେଶର ଜାତିର ପିତା ଶେଖ୍ ମୁଜିବୁର ରହମାନ ଢାକାର ରେସ୍ କୋର୍ସ ମଇଦାନରେ ସେହି ଐତିହାସିକ ଭାଷଣ ଦେଇଥିଲେ,ଯାହା ଏକ ନୂତନ ରାଷ୍ଟ୍ରର ଜନ୍ମ ପାଇଁ ମୂଳଦୁଆ ପକାଇଥିଲା। 'ଏଥରର ସଂଗ୍ରାମ ଆମର ମୁକ୍ତିର ସଂଗ୍ରାମ, ଏଥରର ସଂଗ୍ରାମ ସାଧୀନତାର ସଂଗ୍ରାମ 'ଏହି ଘୋଷଣା କେବଳ ଏକ ନାରା ନଥିଲା, ବରଂ ନିଷ୍ପେସିତ ଜନତାଙ୍କ ଅନ୍ତରର ଦୃଢ଼ ଆହ୍ୱାନ ଥିଲା। ସେହିପରି ଆଜିର ଦିନରେ ବିଶ୍ୱ ସାସ୍ଥ୍ୟ ଏବଂ ବିଜ୍ଞାନ କ୍ଷେତ୍ରରେ ମଧ ଅନେକ ନୂତନ ଦିଗ ଉନ୍ମୋଚିତ ହୋଇଛି।ପ୍ରତିଟି ମାର୍ଚ୍ଚ ୭ ଆମକୁ ମନେ ପକାଇଦିଏ ଯେ ସଂଘର୍ଷ ବିନା ସଫଳତା ଅସମ୍ଭବ।

ଭାରତୀୟ ଇତିହାସର ଫର୍ଦ୍ଦରେ ମାର୍ଚ୍ଚ ୭ ଏକ ନୂତନ ଦିଗନ୍ତର ଦିଗ ନିର୍ଦ୍ଦେଶ କରିଥାଏ।ଭାରତୀୟ ପରିପ୍ରେକ୍ଷୀରେ ଏହି ଦିନଟି ବହୁତଗୁଡ଼ିଏ ସ୍ମୃତି ବହନ କରେ। ୧୯୩୬ ମସିହାରେ ଆଜିର ଦିନରେ ଭାରତୀୟ କ୍ରିକେଟର ଜଣେ କିମ୍ବଦନ୍ତୀ ବ୍ୟକ୍ତିତ୍ୱ ବିଭିଏଲ୍ ଗୁପ୍ତାଙ୍କ ଜନ୍ମର ସ୍ମୃତି ବହନ କରୁଥିବା ବେଳେ, ମନୋରଞ୍ଜନ ଓ କ୍ରୀଡ଼ା ଜଗତର ଅନେକ ପ୍ରତିଭା ଏହି ଦିନ ସହ ଜଡ଼ିତ। ତେବେ ଅଧ୍ୟାତ୍ମିକ ଓ ସାମାଜିକ କ୍ଷେତ୍ରରେ ପରମହଂସ ଯୋଗାନନ୍ଦଙ୍କ ଅବଦାନ ଅତୁଳନୀୟ। ୧୯୫୨ ମସିହା ମାର୍ଚ୍ଚ ୭ ତାରିଖରେ ଏହି ମହାନ ଯୋଗୀ ମହାସମାଧି ପ୍ରାପ୍ତ ହୋଇଥିଲେ। ତାଙ୍କର 'ଅଟୋବାୟୋଗ୍ରାଫି ଅଫ୍ ଏ ଯୋଗୀ' ପୁସ୍ତକ ଆଜି ମଧ କୋଟି କୋଟି ଜନତାଙ୍କୁ ଅନ୍ତର୍ମୁଖୀ ହେବାକୁ ପ୍ରେରଣା ଯୋଗାଉଛି। ଭାରତୀୟ ଦର୍ଶନକୁ ପାଶ୍ଚାତ୍ୟ ଜଗତରେ ପହଞ୍ଚାଇବାରେ ତାଙ୍କର ଭୂମିକାକୁ ସାରା ବିଶ୍ୱ ସମ୍ମାନର ସହ ସ୍ମରଣ କରେ।

ଓଡ଼ିଶା କ୍ଷେତ୍ରରେ ମାର୍ଚ୍ଚ ୭ ଏବଂ ସାଭିମାନ ଅଙ୍ଗାଙ୍ଗୀ ଭାବେ ଜଡିତ।ଓଡ଼ିଶାର ରାଜନୈତିକ ଏବଂ ସାଂସ୍କୃତିକ ଜୀବନରେ ମାର୍ଚ୍ଚ ମାସଟି ଅତ୍ୟନ୍ତ ଉତ୍ସାହର ମାସ। ଆଜିର ଦିନରେ ଓଡ଼ିଶାର କୋଣ ଅନୁକୋଣରେ ପ୍ରତିଭାମାନଙ୍କୁ ସ୍ମରଣ କରାଯାଏ। ଓଡ଼ିଶାର ପ୍ରଖ୍ୟାତ ସାଧୀନତା ସଂଗ୍ରାମୀ ତଥା ସମାଜସେବୀଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ବାର୍ଷିକୀଗୁଡ଼ିକୁ ମଧ୍ୟ ପାଳନ ଅବସରରେ ଆମେ ନିଜର ଅତୀତକୁ ଖୋଜିଥାଉ। ଓଡ଼ିଶା ମାଟିର ବୀରତ୍ୱ ଓ ସଂସ୍କୃତିର ଧାରାକୁ ବଜାୟ ରଖିବା ପାଇଁ ଆଜିର ଦିନଟି ଶପଥ ନେବାର ଦିନ। ଆଜି ଅନେକ ମହାପୁରୁଷଙ୍କ ପୂଣ୍ୟ ତିଥି ହୋଇଥିବାରୁ ଆଜିର ମହତ୍ତ୍ୱ ବିଚାର କଲେ ଜନ୍ମ ଜୟନ୍ତୀ ଓ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ସେମାନଙ୍କ ତ୍ୟାଗକୁ ମନେ ପକାଇବା ହିଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଶ୍ରାଦ୍ଧ ମାନେ କେବଳ ପିଣ୍ଡଦାନ ନୁହେଁ, ବରଂ ସେମାନଙ୍କ ଆଦର୍ଶକୁ ଜୀବନରେ ପାଳନ କରିବା। ବାଗ୍ମୀ ବିଶ୍ୱନାଥ କରଙ୍କ ଭଳି ବ୍ୟକ୍ତିତ୍ୱ ହେଉନ୍ତୁ ବା ସହିଦ ଲକ୍ଷ୍ମଣ ନାୟକଙ୍କ ବୀରତ୍ୱ,ଏହି ଐତିହାସିକ ତିଥିଗୁଡ଼ିକ ଆମ ଭିତରେ ଦେଶପ୍ରେମ ଓ ସମାଜ ସେବାର ଜାଗରଣ ସୃଷ୍ଟି କରେ।

ଆଜିର ଶ୍ରେଷ୍ଠ ଅନୁଚିନ୍ତା କଥା ବିଚାର କଲେ ଏ କଥା ସ୍ପଷ୍ଟ ହୁଏ ଯେ 'ଅତୀତରୁ ଶିକ୍ଷା,ବର୍ତ୍ତମାନରେ କର୍ମ ଏବଂ ଭବିଷ୍ୟତ ପାଇଁ ସପ୍ନ'- ଏହା ହିଁ ହେଉଛି ଆଜିର ଦିନର ସାରକଥା। ମାର୍ଚ୍ଚ ୭ ତାରିଖ ଆମକୁ ଶିଖାଏ ଯେ ସମୟ କାହାରିକୁ ଅପେକ୍ଷା କରେ ନାହିଁ,କିନ୍ତୁ ସମୟର ସଦୁପଯୋଗ କରୁଥିବା ବ୍ୟକ୍ତି ହିଁ ଇତିହାସ ସୃଷ୍ଟି କରେ।ଆଜିର ଏହି ପବିତ୍ର ଦିନରେ ଆମେ ଆମର ପୂର୍ବପୁରୁଷଙ୍କୁ ପ୍ରଣାମ ଜଣାଇବା ସହ ଏକ ସୁନ୍ଦର, ସୁସ୍ଥ ଏବଂ ଶିକ୍ଷିତ ସମାଜ ଗଠନ ପାଇଁ ସଙ୍କଳ୍ପବଦ୍ଧ ହେବା। ଓଡ଼ିଶାର ଅସ୍ମିତାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଆମେ ପ୍ରତ୍ୟେକେ ଜଣେ ଜଣେ ସୈନିକ ସାଜିବା।

ଉପସଂହାରରେ ଏତିକି କୁହାଯାଇପାରେ ଯେ ଇତିହାସ କେବଳ ତାରିଖର ସମାହାର ନୁହେଁ,ଏହା ମଣିଷର ଅନ୍ତହୀନ ସଂଗ୍ରାମର କାହାଣୀ। ମାର୍ଚ୍ଚ ୭ ଆମକୁ ସେହି ସଂଗ୍ରାମର ସ୍ମୃତି ଚାରଣ କରିବାକୁ ସୁଯୋଗ ଦେଇଛି। ଆସନ୍ତୁ, ଆଜିର ଦିନକୁ କେବଳ ଏକ କ୍ୟାଲେଣ୍ଡରର ପୃଷ୍ଠା ଭାବେ ନଦେଖି,ଏକ ନୂତନ ଆରମ୍ଭର ପର୍ବ ଭାବେ ଗ୍ରହଣ କରିବା।


**ଡା. ଦେବୀ ପ୍ରସାଦ ମିଶ୍ର**
ୟୁନେସ୍କୋର ଆଜୀବନ ସଦସ୍ୟ, ଉତ୍କଳ ଫେଡେରେସନ୍ ଅଫ୍
ୟୁନାଇଟେଡ୍ ନେସନସ୍ ଆସୋସିଏସନ୍ (ଉଫୁନା)ର ମିଡ଼ିଆ ପ୍ରଭାରୀ
ମୋ: ୯୪୩୭୧୦୬୫୬୯, ୭୦୦୮୯୫୯୯୪୫
ଇ-ମେଲ୍ : debisirscience@gmail.com
debiprasadmishra085@gmail.com


# ନାରୀ ସଶକ୍ତିକରଣର ଦିଗ ଓ ସାମାଜିକ ସଂସ୍କାର

'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ,
ରମନ୍ତେ ତତ୍ର ଦେବତାଃ' ।।

ବର୍ତ୍ତମାନ ମହିଳାମାନଙ୍କ ସାମାଜିକ ସାଂସ୍କୃତିକ ଆର୍ଥିକ ସୁଦୃଢ଼ୀକରଣ ପାଇଁ ସରକାରୀ ଏବଂ ବେସରକାରୀ ସ୍ତରରେ ଅନେକ ଚିନ୍ତନ ପ୍ରଚେଷ୍ଟା କରାଯାଉଛି। ସମୟ ସହ ତାଳ ଦେଇ ନାରୀ ମାନେ ସଶକ୍ତ ହେଉଛନ୍ତି। ଶିକ୍ଷା, ଖେଳ, ରାଜନୀତିରେ, ଅଭିନୟ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବର୍ତ୍ତମାନ ମହିଳାମାନେ ଆଗଧାଡ଼ିର ନାୟିକା। ତେବେ ଅତୀତରେ ନାରୀ ସଶକ୍ତିକରଣ ପାଇଁ ଭାରତ ବର୍ଷରେ କେମିତି ବିଭିନ୍ନ ସଂଗଠନ ଏବଂ ସମାଜ ସଂସ୍କାରକ ମାନଙ୍କ ଦ୍ୱାରା ପ୍ରୟାସ କରାଯାଇଥିଲା ଆଲୋଚନା କରିବା। ଊନବିଂଶ ଶତାବ୍ଦୀ ଭାରତରେ ମହିଳାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଥିଲା। ଏହି ସମୟ ମଧ୍ୟରେ, ମହିଳାମାନଙ୍କ ସହ ଜଡିତ ସାମାଜିକ ସଂସ୍କାର ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ କରାଯାଇଥିଲା। ସତୀଦାହ ପ୍ରଥା, ବିଧବା ପ୍ରଥା ପୁନଃବିବାହ ନିଷେଧ ବହୁବିବାହ ଏବଂ ବାଲ୍ୟବିବାହ ଭଳି ସାମାଜିକ କୁକର୍ମ ଜାରି ରହିଥିଲା। ଏଗୁଡ଼ିକୁ ସାମାଜିକ ପ୍ରଗତିରେ ବାଧା ଭାବରେ ଚିହ୍ନଟ କରି ଅନେକ ବ୍ୟକ୍ତି ଏବଂ ସଂଗଠନ ସେଗୁଡ଼ିକୁ ଦୂର କରିବା ପାଇଁ କାର୍ଯ୍ୟ କରିଥିଲେ। ରାଜା ରାମମୋହନ ରାୟ ଏହି କ୍ଷେତ୍ରରେ ଜଣେ ପ୍ରମୁଖ ବ୍ୟକ୍ତି। ସାମାଜିକ ଭାବରେ ଗୃହୀତ ସତୀଦାହ ପ୍ରଥାକୁ ଦୂର କରିବା ସହଜ ନଥିଲା, କିନ୍ତୁ ଏହି ବ୍ୟକ୍ତିମାନଙ୍କ ପ୍ରୟାସ ଦ୍ୱାରା ଏହି ସାମାଜିକ କୁକର୍ମକୁ ଦୂର କରିବାରେ ସଫଳତା ମିଳିଥିଲା। ଏହି ପ୍ରଶ୍ନ ମଧ ଉଠାଯାଇଥିଲା ଯେ ଯଦି ବିଧବାମାନେ ସତୀ ନ ହୁଅନ୍ତି, ତେବେ ସମାଜରେ ବିଧବାଙ୍କ ସଂଖ୍ୟା ବୃଦ୍ଧି ପାଇବ। ଏପରି ପରିସ୍ଥିତିରେ, ସେମାନଙ୍କୁ ପୁନଃବିବାହ କରିବାକୁ ଏବଂ ସେମାନଙ୍କୁ ହୀନ ଦୃଷ୍ଟିରେ ଦେଖିବା ବନ୍ଦ କରିବାକୁ ଲୋକମାନଙ୍କୁ ପ୍ରବର୍ତ୍ତାଇବାକୁ ପଡିବ। ଏସବୁର ମୂଳରେ ଥିଲା ଏହି ବୁଝାମଣା ଯେ ମହିଳାମାନଙ୍କୁ ଶିକ୍ଷିତ କରିବାର ଏକ ବଡ଼ ଆବଶ୍ୟକତା ଥିଲା। ଯାହା ଫଳରେ ମହିଳାମାନଙ୍କ ଶିକ୍ଷା ପାଇଁ ସ୍କୁଲ, କଲେଜ ଏବଂ ଛାତ୍ରାବାସ ଖୋଲିବା ସହିତ ବିଧବା ଗୃହ ଏବଂ ଆଶ୍ରୟସ୍ଥଳ ପ୍ରତିଷ୍ଠା ହୋଇଥିଲା। ତେଣୁ, ଏହା ଦେଖାଯାଇପାରେ ଯେ, ସାମାଜିକ ସଂସ୍କାର ନାମରେ ମହିଳାମାନଙ୍କ ସ୍ଥିତିକୁ ଉନ୍ନତ କରିବା ପାଇଁ ପ୍ରୟାସ କିଛି ମହିଳା ସଂଗଠନ ଏବଂ ଅନୁଷ୍ଠାନ ଅନେକ କିଛି କରିଥିଲେ।

**ବ୍ରାହ୍ମ ସମାଜ:** ଊନବିଂଶ ଶତାବ୍ଦୀରେ ଭାରତରେ ପ୍ରଭାବଶାଳୀ ସାମାଜିକ-ଧାର୍ମିକ ଆନ୍ଦୋଳନ ମଧ୍ୟରୁ ବ୍ରାହ୍ମ ସମାଜ କାର୍ଯ୍ୟ ଅନନ୍ୟ ଥିଲା। ଯାହା ଆଧୁନିକ ଭାରତର ମୂଳଦୁଆରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲା। ପ୍ରଚଳିତ ସାମାଜିକ କୁସଂସ୍କାର ବିରୁଦ୍ଧରେ ପ୍ରତିବାଦ କରିବା ପାଇଁ ୧୮୨୮ ମସିହାରେ ରାଜା ରାମମୋହନ ରାୟଙ୍କ ଦ୍ୱାରା ଏହା ପ୍ରତିଷ୍ଠା ହୋଇଥିଲା। ଏହା ବଙ୍ଗୀୟ ନବ ଜାଗରଣର ସମୟ ମଧ ଥିଲା। ଏହା ବ୍ୟାପକ କାର୍ଯ୍ୟ କରୁଥିବା ବେଳେ, ବ୍ରହ୍ମ ସମାଜ ମଧ ମହିଳାମାନଙ୍କ ଉପରେ ଅତ୍ୟାଚାର ବନ୍ଦ କରିବା ପାଇଁ ପ୍ରୟାସ କରିଥିଲା। ସେତେବେଳେ ସମାଜରେ ମହିଳାମାନଙ୍କ ପ୍ରତି ଅନେକ ପକ୍ଷପାତ ଥିଲା । ଏହି ପକ୍ଷପାତ ଧର୍ମ ଉପରେ ଆଧାରିତ ଥିଲା। ତେଣୁ, ପରିବର୍ତ୍ତନ ଆଣିବା ପାଇଁ ସାମାଜିକ ଧର୍ମାନ୍ଧତାକୁ ମଧ ଦୂର କରିବା ଆବଶ୍ୟକ ଥିଲା। ବାଲ୍ୟ ବିବାହ ଏବଂ ବହୁବିବାହ ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ଆବଶ୍ୟକତା ଥିଲା। ଯାହାକୁ ବ୍ରହ୍ମ ସମାଜ ଦ୍ୱାରା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆନ୍ତଃଜାତି ବିବାହକୁ ପ୍ରୋତ୍ସାହିତ କରାଯାଇଥିଲା ଏବଂ ଏହାକୁ ସହଜ ମଧ କରାଯାଇଥିଲା। ଯାହା ସାମାଜିକ ଅସନ୍ତୋଷ ସୃଷ୍ଟି କରିଥିଲା, ଯାହାର ପରିଣାମ ସ୍ୱରୂପ ୧୮୭୨ ମସିହାରେ ନାଗରିକ ବିବାହ ଆଇନ ପ୍ରଣୟନ ହୋଇଥିଲା। ଏହା ମହିଳାଙ୍କ ପାଇଁ ବିବାହର ସର୍ବନିମ୍ନ ବୟସ ୧୪ ବର୍ଷକୁ ବୃଦ୍ଧି କରିଥିଲା। କେଶବ ଚନ୍ଦ୍ର ସେନ୍ ମହିଳା ଶିକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ କରିଥିଲେ।

**ପ୍ରାର୍ଥନା ସମାଜ:** ୧୮୬୭ ମସିହାରେ ସାମାଜିକ-ଧାର୍ମିକ ସଂସ୍କାର ପାଇଁ ଆତ୍ମାରାମ ପାଣ୍ଡୁରଙ୍ଗ ଙ୍କ ଦ୍ୱାରା ମୁମ୍ବାଇରେ ପ୍ରାର୍ଥନା ସମାଜ ପ୍ରତିଷ୍ଠିତ ହୋଇଥିଲା। ପରେ, ସମାଜ ସଂସ୍କାରକ ମହାଦେବ ଗୋବିନ୍ଦ ରାନାଡେ ଏବଂ ଆର.ଜି. ଭଣ୍ଡାରକରଙ୍କ ସମ୍ପୃକ୍ତି ସହିତ ଆନ୍ଦୋଳନ ଆହୁରି ଗତି ପାଇଲା ଏବଂ ସଂସ୍କାର କାର୍ଯ୍ୟକ୍ରମଗୁଡ଼ିକ ଦ୍ରୁତ ଗତିରେ ଅଗ୍ରଗତି କଲା। ପ୍ରାର୍ଥନା ସମାଜ ମଧ ମହିଳା ଶିକ୍ଷା ଉପରେ ବହୁତ ଗୁରୁତ୍ୱ ଦେଇଥିଲା। ଏହା ମହିଳା ଏବଂ ଦଳିତଙ୍କ ସ୍ଥିତି ଉନ୍ନତ କରିବା ପାଇଁ କାମ କରିଥିଲା। ଏହା ବାଲ୍ୟ ବିବାହ, ମହିଳାମାନଙ୍କ ପାଇଁ ଉତ୍ତମ ଶିକ୍ଷା ସୁଯୋଗ ଏବଂ ବିଧବା ପୁନଃବିବାହ ଭଳି ପ୍ରସଙ୍ଗ ଉପରେ ସାମାଜିକ ସଚେତନତା ବୃଦ୍ଧି କରିବାକୁ ଚେଷ୍ଟା କରିଥିଲା।

ଆର୍ଯ୍ୟ ସମାଜ: 'ବେଦକୁ ଫେରିଯାଅ' ସ୍ଲୋଗାନ ସହିତ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ ୧୮୭୫ ମସିହାରେ ଆର୍ଯ୍ୟ ସମାଜ ପ୍ରତିଷ୍ଠା କରିଥିଲେ। ଏହା ଏକ ସମ୍ପୂର୍ଣ୍ଣ ଧାର୍ମିକ ପୁନର୍ଜୀବନ ବାଦୀ ଆନ୍ଦୋଳନ ଥିଲା। ଆର୍ଯ୍ୟ ସମାଜ ଏକ ଧାର୍ମିକ ଆନ୍ଦୋଳନ ଭାବରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ ମଧ ଏହା ମହିଳାମାନଙ୍କ ପାଇଁ ଏକ ପ୍ରଗତିଶୀଳ ଦୃଷ୍ଟିକୋଣ ମଧ ରଖିଥିଲା। ଏହା ମହିଳାମାନଙ୍କ ପାଇଁ ଶିକ୍ଷାର ଆବଶ୍ୟକତାକୁ ସମର୍ଥନ କରିଥିଲା। ଯେତେବେଳେ ମହିଳାମାନେ ସେମାନଙ୍କର ମୌଳିକ ଅଧିକାର ପାଇଁ ଲଢୁଥିଲେ, ସେତେବେଳେ ଏହା ମହିଳାମାନଙ୍କ ପାଇଁ ସମାନ ଅଧିକାର ପାଇଁ ସମର୍ଥନ କରିଥିଲା, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଚିହ୍ନିତ କରିଥିଲା। ଏହା ବାଲ୍ୟ ବିବାହକୁ ଦୂର କରିବା ପାଇଁ ମଧ କାର୍ଯ୍ୟ କରିଥିଲା। ଏହା ମହିଳା ଶିକ୍ଷା ପାଇଁ ଅନେକ ଅନୁଷ୍ଠାନ ମଧ ପ୍ରତିଷ୍ଠା କରିଥିଲା।

ପଣ୍ଡିତା ରମାବାଈ ଶିଶୁ ବିଧବା ଏବଂ ବିଧବାମାନଙ୍କ ଦୁର୍ଦ୍ଦଶା ବିଷୟରେ ସ୍ୱର ଉଠାଇଥିଲେ ଏବଂ କୋଲକାତାରେ ଏହାକୁ ବ୍ୟାପକ କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ୧୮୮୧ ମସିହାରେ ସେ ପୁନେରେ ଆର୍ଯ୍ୟ ମହିଳା ସମାଜ ପ୍ରତିଷ୍ଠା କରିଥିଲେ ଏବଂ ମହିଳା ଶିକ୍ଷା ପାଇଁ କାର୍ଯ୍ୟ କରିଥିଲେ। ଅନ୍ୟ ଜାତିର ଜଣେ ଓକିଲଙ୍କୁ ବିବାହ କରିବା ଫଳରେ ତାଙ୍କୁ ମୌଳବାଦୀଙ୍କ ଦ୍ୱାରା ସମାଲୋଚନାର ସମ୍ମୁଖୀନ ହେବାକୁ ପଡିଲା। ୧୮୮୯ ମସିହାରେ ସେ ବିଧବାମାନଙ୍କ ପାଇଁ ଶାରଦା ସଦନ ପ୍ରତିଷ୍ଠା କରିଥିଲେ। ପରେ, ସେ କୃପା ସଦନ, ଏକ ମହିଳା ଆଶ୍ରୟସ୍ଥଳ ମଧ ପ୍ରତିଷ୍ଠା କରିଥିଲେ। ସେ ମୁକ୍ତି ମିଶନ ଆରମ୍ଭ କରିଥିଲେ, ଯାହା ସମାଜ ଦ୍ୱାରା ପରିତ୍ୟକ୍ତ ମହିଳା ଏବଂ ପିଲାମାନଙ୍କୁ ଆଶ୍ରୟ ଦେଇଥିଲା। ମହିଳାମାନଙ୍କ ଉନ୍ନତି ପାଇଁ ତାଙ୍କର ସମଗ୍ର ଜୀବନ ଉତ୍ସର୍ଗ କରିଥିବା ବିଦ୍ୟାଗୌରୀ ନୀଳକଣ୍ଠ ଅଖିଳ ଭାରତୀୟ ମହିଳା ସମ୍ମିଳନୀର ଅହମଦାବାଦ ଶାଖା ପ୍ରତିଷ୍ଠା କରିଥିଲେ। ସେ ଅନେକ ଶିକ୍ଷାନୁଷ୍ଠାନ ସହିତ ଜଡିତ ଥିଲେ ଯାହା ବିଧବା କିମ୍ବା ବିବାହ ଯୋଗୁଁ ସ୍କୁଲ ଛାଡିଥିବା ମହିଳାମାନଙ୍କୁ ଶିକ୍ଷା ପ୍ରଦାନ କରୁଥିଲା।




**ନିରଞ୍ଜନ ନାୟକ**
ଟିକିରି, କାଶୀପୁର, ରାୟଗଡା
ମୋ- ୯୪୩୭୩୧୭୪୧୭


ମହାତ୍ମା ଗାନ୍ଧୀଙ୍କ ସମୟରେ ମହିଳା

ଗାନ୍ଧୀଜୀଙ୍କ ସମୟରେ ମହିଳାମାନେ ଶିକ୍ଷିତ ଏବଂ ସାମାଜିକ-ରାଜନୈତିକ ପ୍ରସଙ୍ଗ ବିଷୟରେ ଜ୍ଞାନୀ ହେବା ଆରମ୍ଭ କରିଥିଲେ ତେବେ ସେମାନେ ରାଜନୀତି କିମ୍ବା ନେତୃତ୍ୱ କ୍ଷେତ୍ରରେ କିପରି ନିଜର ଉପସ୍ଥିତି ଅନୁଭବ କରାଇପାରିବେ ସେଇ ବିଷୟରେ ସଚେତନ ଥିଲେ। ଅନେକ ମହିଳା ଗାନ୍ଧୀଙ୍କ ଆହ୍ୱାନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ମହିଳା ଆନ୍ଦୋଳନ ଉପରେ ମଧ ଗାନ୍ଧୀଙ୍କ ପ୍ରଭାବ ଦୃଶ୍ୟମାନ। ମହାତ୍ମା ଗାନ୍ଧୀ ମହିଳାମାନଙ୍କ ପାଇଁ ସମାନ ଅଧିକାର ଉପରେ ଗୁରୁତ୍ୱ ଦେଇଥିଲେ ଏବଂ ସେମାନଙ୍କୁ ପୁରୁଷଙ୍କ ସାଥୀ ଭାବରେ ଦେଖୁଥିଲେ। ସହନଶୀଳତା, ତ୍ୟାଗ ଏବଂ ଦୁଃଖ ସହିବାର ଅପାର କ୍ଷମତା ଭଳି ଅନନ୍ୟ ଗୁଣ ଯୋଗୁଁ ସେ ମହିଳାମାନଙ୍କୁ ଅହିଂସା ଆନ୍ଦୋଳନ ପାଇଁ ଆଦର୍ଶ ଭାବରେ ଉପଯୁକ୍ତ ବୋଲି ମାନିଥିଲେ। ମହିଳାମାନଙ୍କ ଉନ୍ନତି ପାଇଁ ଜଣେ ପ୍ରଗତିଶୀଳ ଚିନ୍ତକ ଥିଲେ। ସେ ଶିକ୍ଷା ବ୍ୟତୀତ ଆର୍ଥିକ ସାଧୀନତା ପାଇଁ ସମର୍ଥନ କରିଥିଲେ, ଏହାକୁ ମହିଳାମାନଙ୍କ ଉନ୍ନତି ପାଇଁ ଅତ୍ୟାବଶ୍ୟକ ମନେ କରୁଥିଲେ। ଫଳସ୍ୱରୂପ, ମହିଳାମାନେ ସଭିନ ଅମାନ୍ୟ ଆନ୍ଦୋଳନ, ସ୍ୱଦେଶୀ ଆନ୍ଦୋଳନ, ଲବଣ ମାର୍ଚ୍ଚ ଏବଂ ମଦ ଦୋକାନ ଆଗରେ ଧାରଣା ଦେଇଥିଲେ।

ବିଂଶ ଶତାବ୍ଦୀ ଏବଂ ମହିଳା ସଂଗଠନ ଗୋଟିଏ ପଟେ ମହିଳା ଶିକ୍ଷା ଉପରେ ଗୁରୁତ୍ୱ ମହିଳା ଶିକ୍ଷାକୁ ଆଗେଇ ନେଉଥିଲା, ଅନ୍ୟପଟେ, ବିଭିନ୍ନ ସଂଗଠନ ଏଥିରେ ସେମାନଙ୍କର ଭୂମିକା ଗ୍ରହଣ କରୁଥିଲେ। ୧୯୧୭ ମସିହାରେ ମାର୍ଗାରେଟ କଜିନ୍ସ ଇଣ୍ଡିଆନ୍ ମହିଳା ସଂଘ, ୧୯୨୬ ମସିହାରେ ଜାତୀୟ ଭାରତୀୟ ମହିଳା ପରିଷଦ, ୧୯୨୭ ମସିହାରେ ଅଖିଳ ଭାରତୀୟ ମହିଳା ପରିଷଦ ଏବଂ ୧୯୩୪ ମସିହାରେ ଜ୍ୟୋତି ସଂଘ ଭଳି ସଂଗଠନ ଏହି ସ୍ୱରକୁ ଆହୁରି ତୀବ୍ର କରିଥିଲ।। ୧୯୧୭ ମସିହାରେ ମହିଳାମାନଙ୍କ ମତଦାନର ପ୍ରସଙ୍ଗ ଉଠାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ସମର୍ଥନ କରାଯାଇଥିଲା।

ସାଧୀନତା ପରେ ମହିଳା

ଭାରତର ସାଧୀନତା ପରେ ମହିଳାମାନେ ବିବାହ, ଉତ୍ତରାଧିକାର ଏବଂ ଅଭି ଭାବକତ୍ୱରେ ବ୍ୟାପକ ଅଧିକାର ପାଇଥିଲେ। ଏହାର ଏକ ନକାରାତ୍ମକ ପରିଣାମ ସ୍ୱରୂପ ମହିଳା ସଂଗଠନଗୁଡ଼ିକ କିଛିଟା ଶିଥିଳ ହୋଇଗଲେ। ସେହି ସମୟରେ ମହିଳାଙ୍କ ପାଇଁ କିଛି କାର୍ଯ୍ୟକ୍ରମ ବିକଶିତ ହୋଇଥିଲେ ମଧ, ସେଗୁଡ଼ିକ ଦୂରଦୂରାନ୍ତ ଗ୍ରାମଗୁଡ଼ିକରେ ପହଞ୍ଚିବା ପାଇଁ ଯଥେଷ୍ଟ ବିକେନ୍ଦ୍ରୀକରଣ ହୋଇନଥିଲା। ସେମାନେ ମୁଖ୍ୟତଃ ସହରଗୁଡ଼ିକରେ ସୀମିତ ରହିଲେ। ଗ୍ରାମାଞ୍ଚଳର ବିକାଶ ପାଇଁ କସ୍ତୁରବା ସ୍ମାରକୀ ଟ୍ରଷ୍ଟ ଏବଂ ଭାରତୀୟ ଗ୍ରାମୀଣ ମହିଳା ସଂଘ ପ୍ରତିଷ୍ଠିତ ହୋଇଥିଲା। ସାଧୀନତା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ମହିଳାଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ କୌଣସି ଉଚିତ ପଦକ୍ଷେପ ନିଆଯାଇ ନଥିଲା। ସରକାର ୧୯୭୬ ମସିହାରେ ସମାନ ପାରିଶ୍ରମିକ ଆଇନ ପ୍ରଣୟନ କରିଥିଲେ କିନ୍ତୁ ଏହା ନିଷ୍କ୍ରିୟ ରହିଥିଲା। ମହିଳାମାନେ ଆର୍ଥିକ ଭାବରେ ପଛୁଆ ରହିଥିଲେ ଯାହା ଫଳରେ ଶୋଷଣ ଜାରି ରହିଥିଲା। ସାଧୀନତା ପରେ ସାଧୀନତା ଆନ୍ଦୋଳନରେ ସାମିଲ ମହିଳାମାନେ କିଛି ରାଜନୈତିକ ପଦବୀ ହାସଲ କରିଥିଲେ କିନ୍ତୁ ସଂଖ୍ୟା ବହୁତ କମ୍ ଥିଲା। ତଥାପି ୭୪ତମ ସମ୍ବିଧାନ ସଂଶୋଧନ ପରେ ମହିଳାମାନେ ସ୍ଥାନୀୟ ଶାସନରେ ଏକ ତୃତୀୟାଂଶ ସଂରକ୍ଷଣ ପାଇଥିଲେ।

ସାମାଜିକ ଦୃଷ୍ଟିରୁ, ୧୯୭୦ ଏବଂ ୧୯୮୦ ଦଶକ ଭାରତରେ ମହିଳା ପୁନରୁତ୍ଥାନର ଦଶନ୍ଧି ଥିଲା। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧ୍ୟରେ ଅସମାନତା ଥିଲା। ଆର୍ଥିକ କଷ୍ଟ ବୃଦ୍ଧି ପାଉଥିଲା। ମହିଳା ଶ୍ରମିକଙ୍କ ଅବସ୍ଥାକୁ ଉନ୍ନତ କରିବା ପାଇଁ ଅନେକ ସଂଗଠନ ଉଭା ହୋଇଥିଲେ, ଯେପରିକି କାର୍ଯ୍ୟକର୍ତ୍ତା ମହିଳା ସଂଘ (ତାମିଲନାଡୁ), ଶ୍ରମିକ ମହିଳା ସଂଗଠନ (ମହାରାଷ୍ଟ୍ର), ଏବଂ ମହିଳା ସରୋଜଗର ସଂସ୍ଥା (ଗୁଜୁରାଟ)। ଏହି ସମୟରେ, ମହିଳା ସଂଗଠନଗୁଡ଼ିକ ଘରୋଇ ହିଂସା, ଯୌତୁକ, ମଦ୍ୟପାନ ଏବଂ କର୍ମକ୍ଷେତ୍ରରେ ବୈଷମ୍ୟ ଭଳି ପ୍ରସଙ୍ଗ ବିରୁଦ୍ଧରେ ଜାତୀୟ ସ୍ତରରେ ପ୍ରତିବାଦ କରିଥିଲେ। ୧୯୮୦ ମସିହାରେ ଯୌତୁକ ବିରୋଧୀ ସଚେତନତା ମାର୍ଚ୍ଚ ଗଠନ କରାଯାଇଥିଲା। ଏହାର ପ୍ରଭାବ ଏବଂ ସଚେତନତା ଅଭିଯାନ ଯୋଗୁଁ ୧୯୮୪ ମସିହାରେ ଯୌତୁକ ନିରୋଧ ଆଇନ ପ୍ରଣୟନ କରାଯାଇଥିଲା। ବଳାତ୍କାର ବିରୋଧୀ ଆନ୍ଦୋଳନ ମଧ ସମାନ ଧାରା ସୃଷ୍ଟି କରିଥିଲା ଏବଂ ୧୯୮୩ ମସିହାରେ ଦଣ୍ଡ ସଂହିତା ସଂଶୋଧନ କରାଯାଇଥିଲା। ୧୯୮୮ ମସିହାରେ, ରାଜସ୍ଥାନରେ କିଶୋରୀ ବିଧବା ରୂପ କନୱାରଙ୍କ ସତୀ ମହିଳା ସଂଗଠନ ଗୁଡ଼ିକୁ ସଚେତନତା ସୃଷ୍ଟି କରିବାକୁ ବାଧ କରାଯାଇଥିଲା ଯାହା ସରକାରଙ୍କୁ ଶୀଘ୍ର ଏକ ବିଲ୍ ଆଗତ କରିବାକୁ ବାଧ କରିଥିଲା। ଏହିପରି ଅନେକ ଉଦାହରଣ ଏବଂ କାରଣ ୧୯୯୨ ମସିହାରେ ଜାତୀୟ ମହିଳା କମିଶନ ଗଠନ କରିବାକୁ ବାଧ କରିଥିଲା ଏହା ଏକ ସାମ୍ବିଧାନିକ ସଂସ୍ଥା ଯାହା ସମୟ ସମୟରେ ସରକାରଙ୍କୁ ସୁପାରିଶ ପ୍ରଦାନ କରୁଥିଲା। ବର୍ତ୍ତମାନ ଅନେକ ବେସରକାରୀ ଅନୁଷ୍ଠାନ ମହିଳାମାନଙ୍କର ସାମାଜିକ-ରାଜନୈତିକ, ଅର୍ଥନୈତିକ ଏବଂ ଶିକ୍ଷାଗତ ସ୍ଥିତିକୁ ଆହୁରି ଉନ୍ନତ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ନାଗରିକ ସମାଜ ସଂଗଠନଗୁଡ଼ିକ ମଧ ପ୍ରଭାବଶାଳୀ ଭାବରେ ସେମାନଙ୍କର ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ବର୍ଦ୍ଧିତ ସଚେତନ ସମାଜର ଫଳସ୍ୱରୂପ, 'ମି ଟୁ' ଭଳି ଆନ୍ଦୋଳନ ଅନଲାଇନ୍ ସୋସିଆଲ ମିଡିଆ ପ୍ଲାଟଫର୍ମରେ ବ୍ୟାପକ ଆକର୍ଷଣ ହାସଲ କରିଛି, ଅନେକ ମହିଳା ଶାରୀରିକ ନିର୍ଯ୍ୟାତନାର ଅଭିଜ୍ଞତା ପ୍ରକାଶ କରିଛନ୍ତି। ଏହି ଆନ୍ଦୋଳନଗୁଡ଼ିକ ଅଧିକ ବିକେନ୍ଦ୍ରୀକୃତ ରୂପ ନେଇ ସମାଜରେ ସଚେତନତା ବୃଦ୍ଧି କରିବାକୁ ପ୍ରୟାସ କରୁଛନ୍ତି। ଓଡ଼ିଶାରେ ମଧ ନାରୀ ସଶକ୍ତିକରଣ ଦିଗ ଉନ୍ମୋଚିତ ହୋଇଛି। ଅନେକ ସଂଗଠନ, ସରକାରୀ ସ୍ତରରେ ନାରୀ ମାନଙ୍କ ସାମାଜିକ ସାଂସ୍କୃତିକ ଆର୍ଥିକ ସୁଦୃଢ଼ୀକରଣ ଉପରେ ଧ୍ୟାନ ଦିଆଯାଉଛି।

# ମହିଳା ସଶକ୍ତିକରଣ: ଏକ ପ୍ରତିବଦ୍ଧତା

"ଯା ଦେବୀ ସର୍ବଭୂତେଷୁ
ମାତୃ ରୂପେଣ ସଂସ୍ଥିତା"

ସଂସାରର ସମସ୍ତ ନାରୀ ମାତୃରୂପରେ ପୂଜ୍ୟା ଅଟନ୍ତି। ସେ ସୃଷ୍ଟିକାରିଣୀ, ପାଳନକାରିଣୀ ଏବଂ ବିନାଶକାରିଣୀ ଭାବରେ ସମୟାନୁରୂପ ପରିବର୍ତ୍ତନଶୀଳ ଅଟନ୍ତି। ସେ ଜାୟା, ଜନନୀ, ଭଗିନୀ ଏବଂ କନ୍ୟା ରୂପରେ ଶ୍ରଦ୍ଧାଶୀଳ ବ୍ୟକ୍ତିତ୍ୱଟିଏ। ପରିବାରକୁ ବାନ୍ଧି ରଖିବା ଏବଂ ସତ୍ମାର୍ଗରେ ସମାଜକୁ ଦିଗଦର୍ଶନ ଦେବାରେ ସେ ସିଦ୍ଧହସ୍ତ ଓ ବୈଦିକ ଯୁଗର ମହିୟସୀ ବିଦୂଷୀମାନଙ୍କର ଦର୍ଶନର ସାଧୀନତା ସଦା ଶିକ୍ଷଣୀୟ ଏବଂ ଅନୁକରଣୀୟ। ସାଧୀନତା ସଂଗ୍ରାମରେ ଝାସ ଦେଇଥିବା ବୀରାଙ୍ଗନାମାନଙ୍କର ବୀରଗାଥା ଇତିହାସର ପୃଷ୍ଠାମଣ୍ଡନ କରିଛି। ସାଧୀନତା ପରବର୍ତ୍ତୀ ଅବସ୍ଥାରେ ନାରୀମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଆହ୍ୱାନ, ସୁଯୋଗ ଏବଂ ପ୍ରତିବଦ୍ଧତା ସୃଷ୍ଟି କରିଛି । ସମୁଦାୟ ଜନସଂଖ୍ୟାର ପ୍ରାୟ ୫୦ ପ୍ରତିଶତ ମହିଳା ଥିବାରୁ ଏକ ସୁସ୍ଥ ସମାଜ ଗଠନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ସଶକ୍ତ ଏବଂ ସମୃଦ୍ଧ ସମାଜର ପରିକଳ୍ପନା ସେତେବେଳେ ସମ୍ଭବ ଯେତେବେଳେ ସମସ୍ତ ବର୍ଗର ବ୍ୟକ୍ତି ସମାନତାକୁ ଉପଭୋଗ କରିପାରିବେ। ସାମାଜିକ ପରିସ୍ଥିତିକୁ ଅନୁଧ୍ୟାନ କଲେ ନିଶ୍ଚିତ ଭାବରେ ଉପେକ୍ଷାର ଗନ୍ଧ କେତେକାଂଶରେ ଦେଖାଯାଏ। ମହିଳା ସଶକ୍ତିକରଣ ସାଧାରଣତଃ ଆର୍ଥିକ ସଶକ୍ତିକରଣ ସହ ସମସ୍ତ କ୍ଷେତ୍ରରେ ସୁବିଧା, ସୁଯୋଗ ଏବଂ ସମାନ ଅଧିକାରକୁ ସମ୍ମାନ ସହିତ ଉପଭୋଗ କରିବାକୁ ବୁଝାଏ। ପ୍ରତ୍ୟେକ ମହିଳାଙ୍କର ସାମ୍ବିଧାନିକ ଅଧିକାରଗୁଡ଼ିକୁ ଉପଭୋଗ କରିବା ହିଁ ଉଚ୍ଚ ପ୍ରସ୍ଥିତି ଲାଭ କରାଏ। ସଶକ୍ତିକରଣ ପାଇଁ ଅନେକ କାରକ ଦାୟୀ ଅଟନ୍ତି ସାମାଜିକ, ଆର୍ଥିକ, ଶିକ୍ଷାଗତ, ସାଂସ୍କୃତିକ ଏବଂ ମାନସିକ କାରକ। ସାଧୀନତାର ଦୀର୍ଘବର୍ଷ ଅତିକ୍ରାନ୍ତ କରିଥିଲେ ମଧ ମହିଳାଟିଏ ପୁରୁଷକେନ୍ଦ୍ରିକ ସମାଜର ଅଂଶବିଶେଷ ବୋଲି ସମୟ ସମୟରେ ନିଜକୁ ଅନୁଭବ କରେ। ଲିଙ୍ଗଗତ ବିଭେଦତାର ଶିକାର ହେବାକୁ ପଡ଼େ। ନିଜସ୍ୱ ମତ ରଖିବା ଏବଂ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼େ। ଅନୌପଚାରିକ ସାମାଜିକ କଟକଣାର ଚାପ ତାଙ୍କ ଉପରେ ଥାଏ। ବାଲ୍ୟକାଳରୁ ପୌଢ଼ ଅବସ୍ଥା ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ପରିଧି ମଧ୍ୟରେ ରହିବାକୁ ପଡ଼େ। ଏହି ଅଦୃଶ୍ୟ ଚାପର ଯୋଗୁ ତାଙ୍କ ସୃଜନଶୀଳତା ପରିପ୍ରକାଶ ପାଇ ପାରେ ନାହିଁ। ସହର ଏବଂ ଗ୍ରାମ ସମାଜରେ ନାରୀମାନଙ୍କର ସାମାଜିକ ପ୍ରସ୍ଥିତିରେ ଅନ୍ତର ଦେଖାଯାଏ। ଗ୍ରାମୀଣ ସମୁଦାୟରେ ଥିବା ମହିଳାମାନେ ଅଧିକ ସାମାଜିକ କଟକଣା ସାମ୍ନା କରନ୍ତି, ଫଳରେ ସେମାନଙ୍କର ସାମାଜିକ ପ୍ରସ୍ଥିତି ନିମ୍ନଗାମୀ ହୋଇଥାଏ। ମହିଳା ସଶକ୍ତିକରଣର ପ୍ରଧାନ ଉଦ୍ଦେଶ୍ୟ ହେଉଛି ନାରୀମାନଙ୍କୁ ଆର୍ଥିକ ଭାବେ ସଶକ୍ତ ଏବଂ ସାବଲମ୍ବୀ କରିବା। କିନ୍ତୁ ଆର୍ଥିକ ସାବଲମ୍ବନତାର ପରିସଂଖ୍ୟାନ ଅତ୍ୟନ୍ତ ନ୍ୟୁନ। କର୍ମକ୍ଷେତ୍ରରେ ମହିଳାମାନଙ୍କର ସୁରକ୍ଷା, ସମାନ କାମ ପାଇଁ ସମାନ ଦରମା, ମାତୃତ୍ୱ କାଳୀନ ସବେତନ ଛୁଟି ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ସରକାରୀ ଓ ବେସରକାରୀ ଦୁଇ ସ୍ତରରେ ଗଭୀର ଧ୍ୟାନ ଆବଶ୍ୟକ କରେ। ପ୍ରଗତିଶୀଳ ସମାଜ ପାଇଁ ଶିକ୍ଷା ଏକ ଅନିବାର୍ଯ୍ୟ ଆବଶ୍ୟକତା। ଜଣେ ଶିକ୍ଷିତ ମହିଳା ତାଙ୍କ ପରିବାରକୁ ଶିକ୍ଷିତ କରାଇବା ସହ ଚାରିପାଖରେ ଥିବା ଲୋକମାନଙ୍କୁ ମଧ ଜ୍ଞାନର ଆଲୋକରେ ଆଲୋକିତ କରନ୍ତି। ପ୍ରତ୍ୟେକ କନ୍ୟା ସନ୍ତାନର ପାଠପଢ଼ିବାର ଅଧିକାରକୁ ପିତାମାତାମାନେ ଗୁରୁତ୍ୱ ଦେବା ଆବଶ୍ୟକ। ଉପଯୁକ୍ତ ଶିକ୍ଷା କେବଳ ଆର୍ଥିକ ସାବଲମ୍ବନତା ନୁହେଁ, ବରଂ ସୁସ୍ଥ ସମାଜ ଗଠନରେ ମଧ ସାହାଯ୍ୟ କରେ। ମହିଳାମାନଙ୍କର ସାସ୍ଥ୍ୟଗତ ସମସ୍ୟା ଅନ୍ୟ ଏକ ପ୍ରତିବନ୍ଧକ ଭାବେ ଦୃଢ଼ ହୋଇ ରହିଛି। କନ୍ୟାଭ୍ରୂଣ ହତ୍ୟା, ମାତୃମୃତ୍ୟୁ ହାର ଇତ୍ୟାଦି ସମସ୍ୟାର ସ୍ଥାୟୀ ସମାଧାନ ମହିଳା ସଶକ୍ତିକରଣ ପ୍ରକ୍ରିୟାକୁ ସୁଦୃଢ଼ କରିବ। କନ୍ୟା ସନ୍ତାନଙ୍କର ପାଳନପୋଷଣ, ଉପଯୁକ୍ତ ଶିକ୍ଷା, ସାସ୍ଥ୍ୟ ଏବଂ ସାମଗ୍ରୀକ ବିକାଶ ପ୍ରତ୍ୟେକ ପିତାମାତାଙ୍କର ଗୁରୁଦାୟିତ୍ୱ ଅଟେ। ସରକାରୀ ଯୋଜନାଗୁଡ଼ିକର ଉପଲବ୍ଧତା ସହ ବ୍ୟକ୍ତିଗତ ପ୍ରଚେଷ୍ଟା ଏବଂ ଉଚ୍ଚକୋଟୀର ମାନବୀୟ ଚିନ୍ତାଧାରା ଦ୍ୱାରା ହିଁ ମହିଳା ସଶକ୍ତିକରଣ ସମ୍ଭବପର ହୋଇପାରିବ।


**- ଡ଼ଃ ହରିଶ୍ମୟୀ ମିଶ୍ର**
ଅଧ୍ୟାପିକା, ଇନ୍ଦିରାଗାନ୍ଧୀ ମହିଳା
ମହାବିଦ୍ୟାଳୟ, ଯାଜପୁର ରୋଡ଼

# ଅନ୍ତର୍ଜାତୀୟ ମହିଳା ଦିବସ



ସାଧାରଣତଃ ବନ୍ୟପ୍ରାଣୀ ଫଟୋଗ୍ରାଫିକୁ ପୁରୁଷମାନଙ୍କ କାର୍ଯ୍ୟ ବୋଲି କୁହାଯାଏ। କାରଣ ଏହା ଏକ ଆହ୍ୱାନପୂର୍ଣ୍ଣ ବୃତ୍ତି ଭାବରେ ଜଣାଯାଏ। ଏଥିରେ ଧର୍ଯ୍ୟ, ସାହସ, କୌଶଳ ଓ ଦୃଢତାର ଆବଶ୍ୟକତା ରହିଥାଏ। କିନ୍ତୁ ସମୟ ବଦଳିଛି। ଫଟୋଗ୍ରାଫି ଯାହା କେବଳ ପୁରୁଷଙ୍କ କ୍ଷେତ୍ରରେ ସମ୍ଭବ ଥିଲା, ତାହା ଏବେ ମହିଳାମାନେ କରି ଦେଖାଉଛନ୍ତି। ପ୍ରକୃତିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ କ୍ୟାମେରା ଲେନ୍ସରେ କଏଦ କରି ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ଅନେକ ପ୍ରେରଣାଦାୟୀ କାହାଣୀ ସାମ୍ନାକୁ ଆଣିଛନ୍ତି। ସମାଜର କଟକଣା, କଟାକ୍ଷ, ରଢ଼ିବାଦୀ ଚିନ୍ତାଧାରାକୁ ଆଡେଇ ଫଟୋଗ୍ରାଫି କରିସେମାନଙ୍କ ସାହସ ଓ ଦକ୍ଷତାକୁ ପ୍ରତିପାଦନ କରିଛନ୍ତି। ମହିଳା ଦିବସ ଅବସରରେ ସେହିପରିକେତେକ ପ୍ରସିଦ୍ଧି ଲାଭ କରିଥିବା ଭାରତୀୟ ମହିଳା ବନ୍ୟପ୍ରାଣୀ ଫୋଟୋଗ୍ରାଫରଙ୍କୁ ନେଇ **ପ୍ରଭାତ ପଟ୍ଟନାୟକଙ୍କ** ବିଶେଷ ଉପସ୍ଥାପନା...

## ପରିଚୟ ଦେଇଛି ବନ୍ୟପ୍ରାଣୀ ଫଟୋଗ୍ରାଫି



### ଅପରୂପା ଦେ

ଅପରୁପା ଦେ ବନ୍ୟପ୍ରାଣୀ ଫୋଟୋଗ୍ରାଫର ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି । ସେ ନିଜର ଫଟୋଗ୍ରାଫି ମାଧ୍ୟମରେ ପରିବେଶ, ପଶୁପକ୍ଷୀ ସମେତ ଭାରତର ବିଭିନ୍ନ ଜୈବବିବିଧତାକୁ ସୁନ୍ଦର ଭାବରେ ଉତ୍ତୋଳନ କରନ୍ତି। ତେବେ ଏହି ଫଟୋଗ୍ରାଫି ପାଇଁ ସେ ବହୁ ବର୍ଷ ସମୟ ଦେଇଛନ୍ତି। ଫୋଟୋଗ୍ରାଫି ମାଧ୍ୟମରେ ଅନେକ ହଜି ଯାଉଥିବା ପ୍ରଜାତିଙ୍କ ସହ ପରିଚିତ କରାଇଥାନ୍ତି। ସେହିପରି ତାଙ୍କ ଉତ୍ତୋଳିତ ଫୋଟୋ କେବଳ ବନ୍ୟପ୍ରାଣୀଙ୍କ ପାଇଁ ଥିବା ଭଲ ପାଇବାକୁ ଦର୍ଶାଏ ନାହିଁ, ବରଂ ପରିବେଶ ସଂରକ୍ଷଣ ପାଇଁ ସମାଜକୁ ବାର୍ତ୍ତା ପ୍ରେରଣ କରିଥାଏ।



### ଐଶ୍ୱର୍ଯ୍ୟା ଶ୍ରୀଧର

ପ୍ରଥମ ଭାରତୀୟ ମହିଳା ବନ୍ୟପ୍ରାଣୀ ଫଟୋଗ୍ରାଫର ଭାବେ ଐଶ୍ୱର୍ଯ୍ୟା ଫଟୋଗ୍ରାଫର ଅଫ୍ ଦି ଇୟର ୨୦୨୦ ଆୱାର୍ଡ ପ୍ରାପ୍ତ କରିଛନ୍ତି। ପିଲାବେଳୁ ତାଙ୍କର ବନ୍ୟପ୍ରାଣୀ ଫଟୋଗ୍ରାଫି ପ୍ରତି ରୁଚି ରହିଥିଲା। ଯାହାର ଫଳସ୍ୱରୂପ ସେ ମାତ୍ର ଏଗାର ବର୍ଷ ବୟସରେଫଟୋଗ୍ରାଫି ଆରମ୍ଭ କରିଥିଲେ। ତାଙ୍କ ପିତା ବମ୍ବେ ନାଚୁରାଲ୍ସ ହିଷ୍ଟୋରୀ ସୋସାଇଟିର ସଦସ୍ୟ ଥିଲେ। ତେଣୁ ସେ ନିଜ ପିତାଙ୍କ ସହ ସବୁ ସ୍ଥାନକୁ ଯାଉଥିଲେ। ତାଙ୍କ ପିତା ତାଙ୍କୁ ଫଟୋଗ୍ରାଫି ଦିଗରେ ପ୍ରେରଣା ଦେଇଥିଲେ। ଫଳରେ ସେ ସ୍ନାତକ ଶିକ୍ଷା ସମାପ୍ତି ପରେ ବନ୍ୟପ୍ରାଣୀ ଫଟୋଗ୍ରାଫର ହୋଇଥିଲେ। ତାଙ୍କୁ ଘଞ୍ଚ ଜଙ୍ଗଲ ମଧ୍ୟରେ ପଶି ହିଂସ୍ର ପ୍ରାଣୀଙ୍କ ଫଟୋ ଉତ୍ତୋଳନ କରିବାକୁ ଡର ଲାଗେନି। ଜଙ୍ଗଲର ପ୍ରାକୃତିକ ପରିବେଶ ମଧ୍ୟରେ ରହିବାକୁ ସେ ଖୁବ୍ ଭଲପାଆନ୍ତି। ଫଟୋଗ୍ରାଫି କେବଳ ନିଶା ନୁହେଁ, ଏଥିରୁ ଜୀବନର ଅନେକ କଥା ଶିଖିବାକୁ ହୋଇଥାଏ ବୋଲି ସେ କୁହନ୍ତି। ସେ ନିଜର ଫଟୋଗ୍ରାଫି ପାଇଁ 'ସାଂକଞ୍ଚୁରୀ ଏସିଆ ୟଙ୍ଗ୍ ନାଚୁରାଲ୍ଷ୍ଟିକ୍ ଆୱାର୍ଡ' ସମେତ 'ଇଣ୍ଟରନ୍ୟାସ୍ନାଲ୍ କ୍ୟାମେରା ଫେୟାର୍ ଅ।ଓ୍।ର୍ଡ' ପାଇଛନ୍ତି।

ସକାଳର ପ୍ରଥମ ଆଲୋକ ସହିତ ଯାହାର ଦିନ ଆରମ୍ଭ ହୁଏ ଓ ରାତିର ଶେଷ ନିରବତା ପର୍ଯ୍ୟନ୍ତ ଯିଏ ପରିବାର ପାଇଁ ଅନବରତ ଚାଲିଥାଏ, ସେ ହେଉଛନ୍ତି ନାରୀ। ଘରର ହସ, ସନ୍ତାନଙ୍କ ସ୍ୱପ୍ନ ଓ ପରିବାରର ଆଶାକୁ ନିଜ ହୃଦୟରେ ଧରି ସେ ନିରବରେ ଜୀବନର ଅନେକ ଭାର ବହନ କରେ। କେବେ ସେ ମା' ହୋଇ ସନ୍ତାନଙ୍କ ଭବିଷ୍ୟତ ଗଢ଼େ, କେବେ ଝିଅ ହୋଇ ପିତାମାତାଙ୍କ ଗର୍ବ ହୁଏ, ତ କେବେ ପତ୍ନୀ ହୋଇ ସଂସାରର ପ୍ରତ୍ୟେକ ଦାୟିତ୍ୱକୁ ନିଜ କାନ୍ଧରେ ନେଇ ଚାଲେ। ନିଜର ଇଛା ଓ ସ୍ୱପ୍ନକୁ ଅନେକ ସମୟରେ ପଛକୁ ରଖି ସେ ଅନ୍ୟମାନଙ୍କ ଖୁସିରେ ନିଜର ଖୁସି ଖୋଜିନିଏ।ସମୟ ବଦଳିଛି, କିନ୍ତୁ ନାରୀଙ୍କ ସହନଶୀଳତା ଓ ସ୍ନେହର ମୂଲ୍ୟ କେବେ ବଦଳେନି। ଆଜିର ନାରୀ କେବଳ ଘରର ଦାୟିତ୍ୱ ନୁହେଁ, ସମାଜ ଓ ପେଶାଜୀବନରେ ମଧ୍ୟ ନିଜର ପରିଚୟ ସୃଷ୍ଟି କରୁଛନ୍ତି। ସକାଳର ରୋଷେଇଘରଠୁ ଆରମ୍ଭକରି ଅଫିସର ଦାୟିତ୍ୱ ପର୍ଯ୍ୟନ୍ତ, ସେ ପ୍ରତ୍ୟେକ କ୍ଷେତ୍ରରେ ନିଜର ପରିଶ୍ରମ ଓ ପ୍ରତିଭାରେ ସଫଳତା ଲେଖୁଛନ୍ତି। ଅନେକ ସମୟ ସମସ୍ୟା, ଚାପ ଓ ଚ୍ୟାଲେଞ୍ଜ ସାମ୍ନାକୁ ଆସିଥାଏ, ତଥାପି ନାରୀ ତାହାକୁ ଅଟକାଇ ନ ରହି ନିଜ ଦୃଢ଼ ଇଚ୍ଛାଶକ୍ତିରେ ଆଗକୁ ବଢୁଛନ୍ତି।ନାରୀ କେବଳ ଏକ ଶବ୍ଦ ନୁହେଁସେ ହେଉଛି ତ୍ୟାଗ, ସ୍ନେହ, ସାହସ ଓ ଅସୀମ ଶକ୍ତିର ଏକ ଜୀବନ୍ତ ପରିଚୟ। ସେ ନିଜେ ଅନେକ କଷ୍ଟ ସହିଥିଲେ ମଧ୍ୟ ଅନ୍ୟମାନଙ୍କ ଜୀବନକୁ ଆଲୋକିତ କରିଦେଇଥାଏ। ଏହି ନିରବ ସଂଘର୍ଷ ଓ ଅସାଧାରଣ ସାହସର କାହାଣୀ ହେଉଛି ନାରୀ, ଯିଏ ପ୍ରତ୍ୟେକ ପରିବାର ଓ ସମାଜର ମୂଳ ଶକ୍ତି...

## ଆଜିର ନାରୀଙ୍କ ନୂଆ ପରିଚୟ

ପୂର୍ବରୁ ନାରୀଙ୍କୁ ମାତ୍ର ଘରର ସୀମାରେ ଦେଖାଯାଉଥିଲା। କିନ୍ତୁ ସମୟ ବଦଳିଛି। ଶିକ୍ଷା ଓ ସଚେତନତା ବୃଦ୍ଧି ପାଇବା ସହିତ ଆଜି ଓଡ଼ିଶାର ନାରୀମାନେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଲିସ, ସାମ୍ବାଦିକତା, ଆଇଟି ଓ ବ୍ୟବସାୟ ଭଳି ଅନେକ କ୍ଷେତ୍ରରେ ନିଜ ସ୍ଥାନ ସୃଷ୍ଟି କରୁଛନ୍ତି। ଭୁବନେଶ୍ୱର ଭଳି ସହରରେ ଅନେକ ମହିଳା ସକାଳେ ପରିବାରର ଦାୟିତ୍ୱ ସମ୍ଭାଳି ଅଫିସରେ ପ୍ରୋଫେସନାଲ୍ ଭାବେ କାମ କରୁଛନ୍ତି।

କେବଳ ସହର ନୁହେଁ, ଗ୍ରାମ ଅଞ୍ଚଳରେ ମଧ୍ୟ ଏହି ପରିବର୍ତ୍ତନ ଦେଖାଯାଉଛି। ସ୍ୱୟଂସହାୟକ ଗୋଷ୍ଠୀ (ଏସ୍ଏଚଜି) ମାଧ୍ୟମରେ ଅନେକ ମହିଳା ଛୋଟ ବ୍ୟବସାୟ ଆରମ୍ଭ କରି ପରିବାରର ଅର୍ଥନୀତିକୁ ଶକ୍ତିଶାଳୀ କରୁଛନ୍ତି। କିଛି ମହିଳା ଶିକ୍ଷୟିତ୍ରୀ, ଆଙ୍ଗନବାଡ଼ି କର୍ମୀ କିମ୍ବା ନର୍ସ ଭାବେ କାମ କରି ସମାଜ ସେବାରେ ମଧ୍ୟ ଭୂମିକା ନେଉଛନ୍ତି। ତଥାପି ଏହି ପଥ ସବୁବେଳେ ସହଜ ନୁହେଁ। କାମର ଚାପ, ସମୟର ଅଭାବ ଓ ସମାଜର କିଛି ପୁରୁଣା ଧାରଣା ଆଜି ମଧ୍ୟ ନାରୀଙ୍କ ସାମ୍ନାରେ ଚ୍ୟାଲେଞ୍ଜ ହୋଇ ରହିଛି। କିନ୍ତୁ ପରିବାରର ସହଯୋଗ ଓ ନିଜର ଆତ୍ମବିଶ୍ୱାସ ଥିଲେ ନାରୀମାନେ ସେହି ସବୁ ବାଧାକୁ ଅଟକାଇ ଆଗକୁ ବଢୁଛନ୍ତି। ଆଜିର ନାରୀ କେବଳ ଘରର ଦାୟିତ୍ୱ ନୁହେଁ, ସମାଜ ଓ ଦେଶର ଉନ୍ନତିରେ ମଧ୍ୟ ସମାନ ଭାଗିଦାର। କାର୍ଯ୍ୟ ଓ ପରିବାର ମଧ୍ୟରେ ସନ୍ତୁଳନ ରଖି ସେମାନେ ପ୍ରମାଣ କରୁଛନ୍ତିନାରୀ ଚାହିଲେ ଅସମ୍ଭବ କିଛି ନୁହେଁ। ନାରୀଙ୍କ ଏହି ଅଦମ୍ୟ ସାହସ, ପରିଶ୍ରମ ଓ ସଫଳତାର କାହାଣୀ ଆଜିର ସମାଜ ପାଇଁ ଏକ ବଡ଼ ପ୍ରେରଣା।



### ଆରଜୁ ଖୁରାନା

ଭାରତରେ ପ୍ରସିଦ୍ଧି ଲାଭ କରିଥିବା ମହିଳା ବନ୍ୟପ୍ରାଣୀ ଫଟୋଗ୍ରାଫର୍ଙ୍କ ମଧ୍ୟରୁ ଆରଜୁ ଖୁରାନା ଅନ୍ୟତମ।ସେ ଆଇନ୍ ଶିକ୍ଷାରେ ସ୍ନାତକ କରି ଫଟୋଗ୍ରାଫି ଦୁନିଆରେ ପାଦ ଥାପିଥିଲେ। ସେ ସର୍ବଦା ଆକାଶରେ ଉଡ଼ି ଯାଉଥିବା ଦଳ ଦଳ ପକ୍ଷୀଙ୍କୁ ଦେଖୁଥିଲେ। ତାଙ୍କର ଚମକଯୁକ୍ତ ରଙ୍ଗ ଓ ସୁନ୍ଦରତାକୁ ଦେଖି ସେ ବିମୋହିତ ହେଉଥିଲେ। ୧୬ ବର୍ଷ ବୟସରେ କ୍ୟାମେରା ଧରିବା ପରେ ସେ ଜାଣିଥିଲେ ବଣ, ଜଙ୍ଗଲ, ପାହାଡ଼ ମଧ୍ୟରେ ପ୍ରକୃତ ସୁନ୍ଦରତା ଭରି ରହିଛି । କିନ୍ତୁ ପୁରୁଷ ପ୍ରାଧାନ୍ୟ ସମାଜରେ ଜଣେ ମହିଳା ଭାବେ ଏହି କାର୍ଯ୍ୟ କରିବା ତାଙ୍କ ପାଇଁ ଏତେ ସହଜ ନଥିଲା। ସେ ଖୁବ୍ ନିଷ୍ଠାର ସହ ଫୋଟୋଗ୍ରାଫି ଶିକ୍ଷିଥିଲେ। ଏଥିପାଇଁ ତାଙ୍କୁ ପରିବାର ଲୋକେ ମଧ୍ୟ ସମର୍ଥନ କରିଥିଲେ। ୨୬ବର୍ଷ ବୟସରେ ସେ ପରିବାର ଲୋକଙ୍କୁ ବୁଝାଇ ସୋଲୋ ଟ୍ରିପରେ ଯାଇଥିଲେ। ତାଙ୍କ କହିବାନୁଯାୟୀ, ସେ ଭାରତରେ ଏକମାତ୍ର ବନ୍ୟପ୍ରାଣୀ ଫଟୋଗ୍ରାଫର ଯିଏ କି ଗୋଟିଏ ରୋଡ୍ ଟ୍ରିପରେ ୫୫ ବ୍ୟାଘ୍ର ସଂରକ୍ଷଣ ବୁଲିଥିଲେ। ଏଥିପାଇଁ ତାଙ୍କୁ ଛଅରୁ ସାତ ମାସ ସମୟ ଲାଗିଥିଲା।

## କାହିଁକି ପାଳନ କରାଯାଏ ମହିଳା ଦିବସ



ସମାଜର ପ୍ରତ୍ୟେକ ପରିବାର, ପ୍ରତ୍ୟେକ ସଫଳତା ଓ ପ୍ରତ୍ୟେକ ଆଶାର ପଛରେ ଥାଏ ଜଣେ ନାରୀର ନିରବ ଅବଦାନ। ତ୍ୟାଗ, ସ୍ନେହ ଓ ସହନଶୀଳତାରେ ନାରୀ ସମାଜକୁ ଗଢ଼ି ତୋଳିଥାଏ। ଏହି ଅବଦାନକୁ ସ୍ମରଣ କରିବା ଓ ନାରୀଙ୍କ ଅଧିକାର ଓ ସମ୍ମାନ ପାଇଁ ସଚେତନତା ବଢ଼ାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଏ। ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରେ ସମଗ୍ର ବିଶ୍ୱରେ ଏହି ଦିବସ ପାଳନ କରାଯାଏ। ଏହା କେବଳ ଉତ୍ସବର ଦିନ ନୁହେଁ, ବରଂ ନାରୀଙ୍କ ଅଧିକାର, ସମାନତା ଓ ସମ୍ମାନ ପାଇଁ ହୋଇଥିବା ଦୀର୍ଘ ସଂଘର୍ଷକୁ ସ୍ମରଣ କରିବାର ଦିନ। ଶତାବ୍ଦୀ ପୂର୍ବରୁ ନାରୀମାନେ କାମର ସମୟ, ଦରମା ଓ ମୂଳ ଅଧିକାର ପାଇଁ ଆନ୍ଦୋଳନ କରିଥିଲେ। ସେହି ସଂଘର୍ଷରୁ ଆରମ୍ଭ ହୋଇଥିଲା ମହିଳା ଦିବସ ପାଳନର ପ୍ରଥା। ପରେ ବିଶ୍ୱସ୍ତରରେ ଏହାକୁ ଗୁରୁତ୍ୱ ଦେଇ ୟୁନାଇଟେଡ୍ ନେସନ ୧୯୭୫ ମସିହାରେ ଆନ୍ତର୍ଜାତୀୟ ମହିଳା ଦିବସକୁ ଆଧିକାରିକ ଭାବେ ପାଳନ କରିବା ଆରମ୍ଭ କଲା। ସେବେଠୁ ଏହି ଦିନ ବିଶ୍ୱର ବିଭିନ୍ନ ଦେଶରେ ନାରୀଙ୍କ ସଫଳତା, ସଂଘର୍ଷ ଓ ଅବଦାନକୁ ସମ୍ମାନ ଦେବାର ଦିନ ଭାବେ ପାଳିତ ହେଉଛି। ଆଜିର ସମୟରେ ନାରୀମାନେ ଶିକ୍ଷା, ବିଜ୍ଞାନ, ରାଜନୀତି, କ୍ରୀଡ଼ା, ବ୍ୟବସାୟ ଓ ସମାଜ ସେବା ଭଳି ଅନେକ କ୍ଷେତ୍ରରେ ନିଜ ପ୍ରତିଭା ପ୍ରମାଣ କରୁଛନ୍ତି। ତଥାପି ସମାଜରେ ଅନେକ ସ୍ଥାନରେ ନାରୀମାନେ ଏପର୍ଯ୍ୟନ୍ତ ଅସମାନତା ଓ ଚ୍ୟାଲେଞ୍ଜ ସମ୍ମୁଖୀନ ହେଉଛନ୍ତି। ତେଣୁ ମହିଳା ଦିବସ କେବଳ ଅଭିନନ୍ଦନ ଜଣାଇବାର ଦିନ ନୁହେଁ, ବରଂ ସମାଜରେ ସମାନ ଅଧିକାର ଓ ସମ୍ମାନ ସ୍ଥାପନ ପାଇଁ ଆମ ସମସ୍ତଙ୍କୁ ସଚେତନ କରିବାର ଦିନ ମଧ୍ୟ। ଏହି ଦିନରେ ବିଭିନ୍ନ ସଂସ୍ଥା, ଶିକ୍ଷା ପ୍ରତିଷ୍ଠାନ ଓ ସମାଜିକ ସଂଗଠନ ମହିଳାଙ୍କ ସଫଳତାକୁ ସମ୍ମାନ ଦେଇଥାନ୍ତି ଓ ସେମାନଙ୍କ ଅଧିକାର ନେଇ ଆଲୋଚନା କରାଯାଏ। ଏହା ନାରୀଙ୍କ ସାହସ, ସଫଳତା ଓ ସଂଘର୍ଷକୁ ମନେପକାଇବାର ଏକ ଅବସର। ସମାଜର ଉନ୍ନତି ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନାରୀଙ୍କ ଭୂମିକା ଅପରିହାର୍ଯ୍ୟ। ତେଣୁ ମହିଳା ଦିବସ ଆମକୁ ମନେପକାଏନାରୀଙ୍କୁ ସମ୍ମାନ ଦେବା କେବଳ ଏକ ଦିନର କାମ ନୁହେଁ, ଏହା ପ୍ରତ୍ୟେକ ଦିନର ଦାୟିତ୍ୱ...

## ସୋସିଆଲ ମିଡିଆ : ନାରୀଙ୍କ ନୂଆ କଣ୍ଠସ୍ୱର

ପୂର୍ବରୁ ନାରୀଙ୍କ ମତ ଓ କଥା ଘରର ଚାରିକାନ୍ଥ ମଧ୍ୟରେ ସୀମିତ ରହିଯାଉଥିଲା। କିନ୍ତୁ ଡିଜିଟାଲ୍ ଯୁଗରେ ସେହି ଚିତ୍ର ବଦଳିଯାଇଛି। ଆଜି ସୋସିଆଲ ମିଡିଆ ନାରୀଙ୍କ ପାଇଁ ଏକ ନୂଆ ମଞ୍ଚ ହୋଇଉଠିଛି, ଯେଉଁଠାରେ ସେମାନେ ନିଜର ମତ, ପ୍ରତିଭା ଓ ଅନୁଭବକୁ ସମଗ୍ର ବିଶ୍ୱ ସାମ୍ନାରେ ରଖୁଛନ୍ତି। କେହି ରାନ୍ଧଣା ଭିଡିଓ ତିଆରି କରୁଛନ୍ତି, କେହି ଫ୍ୟାଶନ୍ ଓ ବ୍ୟୁଟି ସମ୍ପର୍କିତ ପରାମର୍ଶ ଦେଉଛନ୍ତି, ତ କେହି ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାଜିକ ସଚେତନତା ଉପରେ ଭିଡିଓ ମାଧ୍ୟମରେ ଲୋକଙ୍କୁ ସଚେତନ କରୁଛନ୍ତି। ଓଡ଼ିଶାରେ ମଧ୍ୟ ଏହି ପ୍ରବଣତା ବଢୁଛି। ଭୁବନେଶ୍ୱର ଓ କଟକ ଭଳି ସହରରେ ଅନେକ ଯୁବତୀ ସୋସିଆଲ ମିଡିଆ ମାଧ୍ୟମରେ ନିଜର କ୍ୟାରିୟର ଗଢୁଛନ୍ତି। କେହି ବ୍ଲଗିଂ କରୁଛନ୍ତି, କେହି ଛୋଟ ବ୍ୟବସାୟର ପ୍ରଚାର କରୁଛନ୍ତି। ଗ୍ରାମ ଅଞ୍ଚଳର ମହିଳାମାନେ ମଧ୍ୟ ଏବେ ଏହି ମାଧ୍ୟମ ଦ୍ୱାରା ନିଜର ହସ୍ତଶିଳ୍ପ ଓ ଘରୋଇ ଉତ୍ପାଦକୁ ବଜାରକୁ ନେଉଛନ୍ତି। ସୋସିଆଲ ମିଡିଆ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ଆଜି ନାରୀଙ୍କ ଆତ୍ମପ୍ରକାଶର ଏକ ଶକ୍ତିଶାଳୀ ମଞ୍ଚ ହୋଇପାରିଛି। ଏହା ଦ୍ୱାରା ସେମାନେ ନିଜର ମତ ରଖିପାରୁଛନ୍ତି, ଅନ୍ୟାୟ ବିରୋଧରେ ସ୍ୱର ଉଠାଇପାରୁଛନ୍ତି ଓ ଅନେକଙ୍କ ପାଇଁ ପ୍ରେରଣା ହୋଇଉଠୁଛନ୍ତି। ତଥାପି ସୋସିଆଲ ମିଡିଆ ବ୍ୟବହାର ସହିତ କିଛି ଚ୍ୟାଲେଞ୍ଜ ମଧ୍ୟ ରହିଛିଟ୍ରୋଲିଂ, ଅପମାନଜନକ ମନ୍ତବ୍ୟ ଓ ଭୁଲ ସୂଚନା। କିନ୍ତୁ ଏହା ସତ୍ତ୍ୱେ ଅନେକ ମହିଳା ନିଜର ଆତ୍ମବିଶ୍ୱାସ ଓ ସାହସ ସହିତ ଏହି ମାଧ୍ୟମକୁ ଠିକ୍ ଭାବେ ବ୍ୟବହାର କରୁଛନ୍ତି। ଡିଜିଟାଲ୍ ଯୁଗରେ ସୋସିଆଲ ମିଡିଆ ନାରୀଙ୍କ ପାଇଁ ଏକ ନୂଆ ଦ୍ୱାର ଖୋଲିଦେଇଛି।



## ବ୍ୟାଙ୍କରୁ ଲୁଟ ଉଦ୍ୟମ, ତଦନ୍ତ କରୁଛି ପୋଲିସ




ଯାଜପୁର, ୭/୩ (ଅକ୍ଷର ଓଡ଼ିଶା)- ଯାଜପୁର ରୋଡ ଆଦର୍ଶ ଥାନା ଅନ୍ତର୍ଗତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (PNB) ଶାଖାରେ ଲୁଟ ଉଦ୍ୟମ । ସୂଚନା ମୁତାବକ ବିଳମ୍ବିତ ରାତିରେ ଜଣେ ଦୁର୍ବୃତ୍ତ ବ୍ୟାଙ୍କର ଝରକା କାଟି ଭିତରକୁ ପ୍ରବେଶ କରି ଲୁଟ କରିବାକୁ ଉଦ୍ୟମ କରିଥିବା ସିଟିଭିରେ ଦେଖିବାକୁ ମିଳିଛି। ଆଜି ସକାଳେ ବ୍ୟାଙ୍କ ଖୋଲିବା ପରେ ଘଟଣାଟି ସମ୍ପର୍କରେ ଜଣାପଡ଼ିଥିଲା। ପରେ ବ୍ୟାଙ୍କ ପକ୍ଷରୁ ଯାଜପୁର ରୋଡ ଆଦର୍ଶ ଥାନାକୁ ଖବର ଦିଆଯାଇଥିଲା। ଚୋରୀ ଉଦ୍ୟମ ସମ୍ପର୍କରେ ସୂଚନା ପାଇ ଯାଜପୁର ରୋଡ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ଖୋଜିବାରେ ଲାଗିପଡ଼ିଛି। ତେବେ ଏପର୍ଯ୍ୟନ୍ତ ବ୍ୟାଙ୍କରୁ କିଛି ଟଙ୍କା କିମ୍ବା ସାମଗ୍ରୀ ଲୁଟ ହୋଇଛି କି ନାହିଁ, ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ, ତଦନ୍ତ ପରେ ସମ୍ମାନାକୁ ଆସିବ।

## ଦୁଇ ବାଇକ ମୁହାଁମୁହିଁ ଧକ୍କା, ୪ ଗୁରୁତର

ଖିଲ୍ଲକୋଟ, ୭/୩ (ନିଲୁପଣ୍ଡା)- ଖଲ୍ଲିକୋଟ ଥାନା ଅନ୍ତର୍ଗତ ଖଲ୍ଲିକୋଟ ତହସିଲ କାର୍ଯ୍ୟାଳୟ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ୪ ଜଣ ଗୁରୁତର ଆହତ ହୋଇଥିବା ଦେଖିବାକୁ ମିଳିଛି। ଚାରି ଆହତ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ କେନ୍ଦୁପାଟ ଗ୍ରାମର ଦୁଇ ଭାଇ ଦୀପକ ଗୌଡ ଓ ମିଟୁ ଗୌଡ ଏବଂ ଖୋର୍ଦ୍ଧା ଜିଲ୍ଲା ଚିଲିକା ଫାଣ୍ଡି ଅନ୍ତର୍ଗତ ବଡକୁଳ ଗ୍ରାମର ସତ୍ୟ ନାରାୟଣ ନାୟକ ଓ ରାଜ କୁମାର ନାୟକ ବୋଲି ଜଣାପଡିଛି। ଦୀପକ ଓ ମିଟୁ ଗୋଟିଏ ବାଇକରେ ଖଲ୍ଲିକୋଟ ଠାରୁ କୋଦଳା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଅନ୍ୟ ଏକ ବାଇକରେ ସତ୍ୟ ନାରାୟଣ ଓ ରାଜ କୁମାର ଖଲ୍ଲିକୋଟ ଅଭିମୁଖେ ଆସୁଥିବା ବେଳେ ନିର୍ମଳଝର ଠାରୁ ଭରସା ମଝିରେ ତହସିଲ କାର୍ଯ୍ୟାଳୟ ଠାରୁ ଅନତି ଦୂରରେ ଉଭୟ ବାଇକ ମଧ୍ୟରେ ବହୁ ଯୋରରେ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡି ରାସ୍ତାରେ ପଡିବା ସହ ଚାରି ଜଣ ବାଇକ ଆରୋହୀ ରାସ୍ତା କଡରେ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକମାନେ ୧୦୮ ଆମ୍ବୁଲାନ୍ସକୁ ଖବର ଦେବା ପରେ ଆହତ ସମସ୍ତଙ୍କୁ ନିକଟସ୍ଥ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ଏମ କେ ସି ଜିକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି ।

## କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ନିମନ୍ତେ AI ବ୍ୟବହାର କର୍ମଶାଳା




କେଶିଙ୍ଗା/ଭବାନୀପାଟଣା, ୦୭/୦୩ (ମଧୁ ସିନ୍ଦୁର )-ଓଡ଼ିଶା ଇଓ ନୀତି-୨୦୨୫ ର ଉଦ୍ଦେଶ୍ୟ ଏବଂ 'ଇଓ ଲକ୍ଷ୍ୟ ଇକ୍ଷକ୍ଷ'' ର ଦୂରଦୃଷ୍ଟି ଆଧାରରେ ଆଜି କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ପାଇଁ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ନିମନ୍ତେ ''AI Tools for Operational Excellence'' ଶୀର୍ଷକ ଏକ ଦିନିକିଆ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଓ OCAC ଦ୍ୱାରା ପରିଚାଳିତ ଏବଂ E&IT ବିଭାଗ ଅଧୀନସ୍ଥ Odisha Knowledge Corporation Limited (OKCL) ଦ୍ୱାରା ଏହି କର୍ମଶାଳାଟି କାର୍ଯ୍ୟକାରୀ ହୋଇଥିଲା। ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି- ଦୈନନ୍ଦିନ କାର୍ଯ୍ୟକୁ ସ୍ୱୟଂଚାଳିତ କରି କାର୍ଯ୍ୟାଳୟର ଉତ୍ପାଦନଶୀଳତା ବୃଦ୍ଧି କରିବା, ତୁରନ୍ତ ତଥ୍ୟ (ଡାଟା) ଅନୁଶୀଳନ ଏବଂ ପ୍ରାଥମିକ ବିଶ୍ଳେଷଣାତ୍ମକ ଉପକରଣ ମାଧ୍ୟମରେ ଉନ୍ନତ ନିଷ୍ପତ୍ତି ଗ୍ରହଣ କରିବା। ଏଆଇ-ଆଧାରିତ ଯୋଗାଯୋଗ, ସୁଲଭତା ଏବଂ ସୂଚନା ପ୍ରସାରଣ ଉପକରଣର ବ୍ୟବହାର କରି ନାଗରିକ ସେବା ପ୍ରଦାନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଶାସନ ବ୍ୟବସ୍ଥାରେ ଏଆଇର ଦାୟିତ୍ୱବାନ ତଥା ପ୍ରଭାବଶାଳୀ ଉପଯୋଗ ପାଇଁ ଏକ ମୌଳିକ 'AI-first' ମାନସିକତା ବିକାଶ କରିବା। କଳାହାଣ୍ଡିର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଓ୍ୱାନ ଏହି କର୍ମଶାଳାକୁ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, OKCLର ସମ୍ପିତ୍ ସୁଭାଶିଷ ସାହୁ, ଆକାଶ ବେହେରା, ଭାରତ ପ୍ରସାଦ ପଣ୍ଡିତ, ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ସଞ୍ଜୀବ କୁମାର ଚୌଧୁରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷା ବିକାଶର ଚାବିକାଠି: ଗଣଶିକ୍ଷାମନ୍ତ୍ରୀ




ରାୟଗଡ଼ା, ୭।୩ (କୈଳାଶ ସାଇଁ)- ଜିଲ୍ଲାସ୍ତରୀୟ ପିଏମଶ୍ରୀ ମେଳା ସହ ଆଭାସୀ ସଂସଦ କାର୍ଯ୍ୟକ୍ରମ ଦୁଇଦିନ ଧରି ଜିସିଡି ଉଚ୍ଚବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବିକଶିତ ଭାରତ ଗଠନ ନିମନ୍ତେ ବିକଶିତ ଓଡିଶାର ପ୍ରସ୍ତୁତି ଓ ୨୦୩୬ ମସିହା ସୁଦ୍ଧା ଲକ୍ଷ୍ୟ ହାସଲ ପାଇଁ ସରକାର ସଂକଳ୍ପ ବଦ୍ଧ। ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ସରକାର ମୋଟ ଛବିଶି ଗୋଟି ଉଚ୍ଚ ବିଦ୍ୟାଳୟକୁ ପିଏମଶ୍ରୀ ଘୋଷଣା କରିଛନ୍ତି। ଏଠାରେ ପିଲାଙ୍କୁ ସ୍ମାର୍ଟ ଶ୍ରେଣୀଗୃହ, ଡିଜିଟାଲ ଶିକ୍ଷା ସହ ଏକବିଂଶ ଶତାବ୍ଦୀ ଉପଯୋଗୀ କୌଶଳ ଶିକ୍ଷା ପ୍ରଦାନ କରାଯାଉଛି । ଜାତୀୟ ଶିକ୍ଷାନୀତି ଆଧାରରେ ବିଦ୍ୟାଳୟ ଗୁଡିକର ବିକାଶ କରିବା ସହ ନୂତନ ଶିକ୍ଷକ ପଦବୀ ପୂରଣ, ଓଡ଼ିଆ ଭାଷାର ଅସ୍ମିତା ରକ୍ଷା ସହ ଆଞ୍ଚଳିକ ଭାଷାରେ ଶିକ୍ଷାଦାନର ବ୍ୟବସ୍ଥା, ଅଧାରୁ ପାଠ ଛାଡିଥିବା ଶିଶୁଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା, ବୟସ୍କଙ୍କ ପାଇଁ ମୁକ୍ତ ବିଦ୍ୟାଳୟ ଶିକ୍ଷାଦାନର ବ୍ୟବସ୍ଥା, ମାଧୋସିଂ ହାତ ଖର୍ଚ୍ଚ ଯୋଜନା, ଉଚ୍ଚବିଦ୍ୟାଳୟର ଶିଶୁଙ୍କୁ ପୋଷଣ ଯୋଜନାରେ ସାମିଲ କରିବା ଆଦି ସରକାରଙ୍କ ପଦକ୍ଷେପମାନ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛି ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରକାଶ କରିଛନ୍ତି । ସେହିପରି ମାନ୍ୟବର ମନ୍ତ୍ରୀ ଛାୟା ସଂସଦ କାର୍ଯ୍ୟକ୍ରମରେ ଯୋଗଦେଇ ଆଦର୍ଶ ସଂସଦର ଉଦଘାଟନ କରିଥିଲେ । ଶିଶୁଙ୍କ ବିରୋଧୀ ଭୂମିକାରେ ବିକାଶ ସମ୍ପର୍କିତ ପ୍ରଶ୍ନବାଣ ଓ ଆଭାସୀ ବିଭାଗୀୟ ମନ୍ତ୍ରୀଙ୍କ ପ୍ରତ୍ୟୁତ୍ତରରେ ଆଭାସୀ ସଂସଦର ପରିସର ଅଧିକ ରୋମାଞ୍ଚକର ତଥା ହୃଦୟସ୍ପର୍ଶୀ ହୋଇଥିଲା । ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଆୟୋଜନର ଭୂୟସୀ ପ୍ରଶଂସା କରିବା ସହ ରାଜ୍ୟ ସ୍ତରରେ ଉତ୍ତମ ପ୍ରଦର୍ଶନ କରି ପ୍ରଶଂସିତ ହେବା ପାଇଁ ଉତ୍ସାହିତ କରିଥିଲେ। ଶ୍ରୀଯୁକ୍ତ ଗଣ୍ଡ ପିଲାଙ୍କୁ ସାହାସୀ, ଆତ୍ମବିଶ୍ୱାସୀ ଓ କର୍ମବୀର ହୋଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସହ ବିବେକାନନ୍ଦ ଓ ନେଲସନ ମଣ୍ଡେଲାଙ୍କ ଜୀବନୀର ଉଦାହରଣ ଦେଇ ଭଲ ମଣିଷ ହେବାର ମନ୍ତ୍ର ପ୍ରବର୍ତ୍ତାଇଥିଲେ।

ଏଡିଇଓ ଶାନ୍ତିଲତା ମୁନି ଗଳ୍ପ ମାଧ୍ୟମରେ ଅଂଶଗ୍ରହଣକାରୀଙ୍କୁ ଅନେକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ନବିନ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ଉକ୍ତିରେ ପିଲାଙ୍କୁ ଚରିତ୍ର ଗଠନ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉତ୍ତମ ନାଗରିକ ଗଠନରେ ସାହାଯ୍ୟ କରେ, କର୍ତ୍ତବ୍ୟ ଓ ପରିଶ୍ରମର ଫଳ ସର୍ବଦା ମିଠା ହୋଇଥାଏ ବୋଲି କହିଥିଲେ । ବିଭିନ୍ନ କ୍ଷେତ୍ରରେ ପ୍ରଥମ ତିନିଜଣ କୃତି ଶିଶୁଙ୍କୁ ପୁରସ୍କୃତ କରିଥିଲେ।

ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନ ଲାଲ ମାଝୀ, ଶାନ୍ତିଲତା ମୁନି ଓ ସସ୍ମିତା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସହ ନମିତା ପଧାନ, ସୁନୀତା ଭୁଏ, ଶିକ୍ଷକ ନୀଳାଞ୍ଚଳ ମିଶ୍ର, ସସ୍ମିତା ମିଶ୍ର, ସୁରେଶ ପଟ୍ଟନାୟକ, ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ଆଦର୍ଶ ବିଦ୍ୟାଳୟ ଅଧକ୍ଷ, ପିଏମଶ୍ରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ଜିଲ୍ଲା ସମଗ୍ର ଶିକ୍ଷାର କର୍ମକର୍ତ୍ତା ବୃନ୍ଦ ସମେତ ଏକ ହଜାରରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ।

## ମହିଳା ଦିବସରେ 'ଶକ୍ତି ସ୍ୱରୂପିଣୀ' କାର୍ଯ୍ୟକ୍ରମ



ନୂଆପଡା, ୭/୩ ( ମୋହନ ଲାଲ ଦୀପ )ଅନ୍ତର୍ଜାତୀୟ ମହିଳା ଦିବସ -୨୦୨୬ ଅବସରରେ ପ୍ରଥମ ଦିନର କାର୍ଯ୍ୟକ୍ରମ ନୂଆପଡା ବିଜୁ ପଟ୍ଟନାୟକ ଇଣ୍ଡୋର୍ ଷ୍ଟାଡିୟମ୍ ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା,ଯୋଗ ପ୍ରଶିକ୍ଷିକ ଶଶି ଭୂଷଣ ପାଣିଗ୍ରାହୀ, କ୍ଷମାନିଧି ଦେବାଙ୍ଗନ, କାର୍ତ୍ତିକ ଶବର ପ୍ରମୁଖ ଯୋଗ ଦେଇଥିଲେ କ୍ଷ ସ୍ଥାନୀୟ ନେସନାଲ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ତିନିଶହ ବାଳିକା, ସେମାନଙ୍କ ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ ଯାଜ୍ଞସେନି ମହାପାତ୍ର ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେଫ ଖେଲୋ ଇଣ୍ଡିଆ ସେଣ୍ଟର ନୂଆପଡାର କୋଚ ଦେବବ୍ରତ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଆଜିର ପ୍ରଥମ ଦିବସ 'ଶକ୍ତି ସ୍ୱରୂପିଣୀ' (Her Body | Her Power) କାର୍ଯ୍ୟକ୍ରମ ଅବସରରେ ଶାରୀରିକ ଫିଟନେସ୍, ପୋଷଣ ଏବଂ ମାନସିକ ସୁସ୍ଥତା ସକାଶେ ସାମୁହିକ ଯୋଗ ଅଧିବେଶନ, ଜୁମ୍ବା, ଏରୋବିକ୍ସ, ଶାରୀରିକ କୌଶଳ ଇତ୍ୟାଦି ସମ୍ପର୍କରେ ଛାତ୍ରୀ ଏବଂ ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଦିଗ ଦର୍ଶନରେ ଆହୁରି ଦୁଇଦିନ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ବଢେଇ ପ୍ରକାଶ କରିଛନ୍ତି ।

# ପ୍ରାଣୀ ସମ୍ପଦ କ୍ଷେତ୍ରରେ ଆତ୍ମ ନିଯୁକ୍ତି ନିମନ୍ତେ ଜିଲ୍ଲା ସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ ଶିବିର



ଭବାନୀ ପାଟଣା, ୭/୩ (ଅକ୍ଷର ଓଡ଼ିଶା)କଳାହାଣ୍ଡି ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରରେ ତିନି ଦିନ ଧରି ଜିଲ୍ଲା ସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ ଶିବିର କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା, ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନିରୋଦ ଚନ୍ଦ୍ର କହଁରଙ୍କ ଦ୍ୱାରା ଉଦ୍ଘାଟନ କରିଥିଲେ,ଏହି ଶିବିରରେ ଗୋପାଳନ ଓ ସଂଘନ୍ ଘାସ ଚାଷ ଉପରେ ଚାଷୀ ମାନଙ୍କୁ ଆତ୍ମ ନିଯୁକ୍ତି ନିମନ୍ତେ ଅନେକ ପ୍ରକାର ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ତାଲିମ ପ୍ରଦାନ କରା ଯାଇ ଥିଲା, ବିଭିନ୍ନ ବ୍ଲକ ରୁ ଚାଷୀ ମାନେ ବହୁ ସଂଖ୍ୟକ ଭାବେ ଉପସ୍ଥିତ ଥିଲେ, ପ୍ରାଣୀ ସମ୍ପଦର ଅଭିବୃଦ୍ଧି ରାଜ୍ୟର ଚାଷିଙ୍କ ସମୃଦ୍ଧି ନିମନ୍ତେ ପ୍ରାଣୀ ସମ୍ପଦ ବିଭାଗ ଓଡ଼ିଶା ସରକାର ପକ୍ଷରୁ ଚାଷି ମାନଙ୍କ ପାଇଁ ଅନେକ ପ୍ରକାର ପଦକ୍ଷେପ ଗ୍ରହଣ କରୁ ଥିବା ବେଳେ ମହିଳା ଓ ପୁରୁଷ ମାନଙ୍କୁ ଆତ୍ମ ନିଯୁକ୍ତି ନିମନ୍ତେ ଉତ୍ସାହିତ କରି ଥିଲେ, ଆଗାମୀ ଦିନରେ ଚାଷୀ ମାନେ ଗାଈ ଓ କୁକୁଡ଼ା ପାଳନ କରି ନିଜେ ଉପକୃତ ହେବା ସହ ଅନ୍ୟ ଲୋକେ ଜୀବିକା ନିର୍ବାହ କରି ପାରିବେ ବୋଲି ଉଦବୋଧନ ଦେଇଥିଲେ, ଏହି ପରୀପ୍ରେକ୍ଷୀରେ ଜିଲ୍ଲା ତାଲିମ ସଂଯୋଜକ ଡ, କେଦାରନାଥ ଖମାରୀ ଙ୍କ ନେତୃତ୍ୱରେ ତାଲିମ ଶିବିର ଆୟୋଜନ ହୋଇଥିଲା ବେଳେ, କେଭିକେରୁ ଅମିତାଭ ପଣ୍ଡା, ଅତିରିକ୍ତ ପ୍ରାଣୀ ସମ୍ପଦ ଅଧିକାରିଣୀ ସୁନେଲି ମହାପାତ୍ର, ଜୁନାଗଡ଼ ବ୍ଲକ ବିଭିଓ ପ୍ରତିମଞ୍ଜୁରି ନାଏକ ପ୍ରମୁଖ ଯୋଗ ଦେଇଥିଲେ ଓ ପ୍ରାଣୀ ବିଭାଗର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ, ଏହା ପରେ ଚାଷୀ ମାନଙ୍କୁ ଡାଇରୀ ଫାର୍ମର। ଦୃଶ୍ୟ ଦେଖାଇ ଥିଲେ, ଏ ନେଇ ତାଲିମ ଶିବିର ସୁନ୍ଦର ଭାବେ ଓ ସୁବ୍ୟବସ୍ଥା ସହ ପରିଚାଳନା ହୋଇ ଥିଲା, ଚାଷି ମାନଙ୍କ ପାଇଁ ଜଳ ଓ ଟିଫିନ୍ ସହ ଖାଦ୍ୟର ସୁବ୍ୟବସ୍ଥା କରା ଯାଇଥିଲା, ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସି ଥିବା ଚାଷୀ ମାନଙ୍କ ମଧ୍ୟରେ ଗୋଲାମୁଣ୍ଡା ବ୍ଲକ ରୁ ମମତା ସେନାପତି, ମନୋହର ସେନାପତି ପ୍ରମୁଖରୁ ବହୁ ସଂଖ୍ୟକ ଭାବେ ଉପସ୍ଥିତ ଥିବା ଚାଷୀ ମାନଙ୍କ ପକ୍ଷରୁ ଉଚ୍ଚ ପ୍ରଶଂସିତ ହୋଇ ପାରି ଥିଲେ, ଏହା ପରେ କେତେକ ଚାଷୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରି ଥିବା ବେଳେ ଗୋଲାମୁଣ୍ଡା ବ୍ଲକରୁ ମନୁହର ସେନାପତିଙ୍କୁ ଦକ୍ଷତା ବୃଦ୍ଧି ତାଲିମ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।

## ବାଇକ ଅସ୍ତରଙ୍ଗରେ ଚାଲାଣ କଟିଲା ପୁରୀରେ




ଅସ୍ତରଙ୍ଗ, ୭/୩ (ସମିର ବେଉରା)-ବର୍ତ୍ତମାନ ରାଜ୍ୟ ସରକାରଙ୍କ ଆଞ୍ଚଳିକ ପରିବହନ ବିଭାଗର ଅନେକ ନିୟମ ଲାଗୁହେଲା ପରେ ପ୍ରତ୍ୟେକ ଦିନ କିଛି ନା କିଛି ଲୋକ ଙ୍କୁ ଅଭିଯୋଗ ଆସୁଛି ସେମାନେ ଗୋଟେ ସ୍ଥାନରେ ଥିବା ବେଳେ ତାଙ୍କ ଗାଡି ନମ୍ବରରେ ଅନ୍ୟ ସ୍ଥାନରେ କିପରି କଟୁଛି ଚାଲାଣ, ଯାହାକୁ ନେଇ ଅନେକ ତୁମ୍ବୀ ତୁଫାନ ମଧ୍ୟ ଶାସକ ଓ ବିରୋଧୀ ମାନଙ୍କ ଭିତରେ ଘଟୁଛି, ଠିକ ସେହିପରି ଅସ୍ତରଙ୍ଗ ଅଞ୍ଚଳ ର ଏହିପରି ଏକ ଘଟଣା ସମସ୍ତ ଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଛି, ଅସ୍ତରଙ୍ଗ ବ୍ଲକ କାକଟପୁର ଥାନା ଅନ୍ତର୍ଗତ ଜିଉଁନ୍ତି ଅଞ୍ଚଳ ର ଯୁବକ ବିଶ୍ୱମ୍ଭର ସ୍ୱାଇଁ ନିଜ ୟାମା ବାଇକ ଜିଉଁନ୍ତି ଗ୍ରାମରୁ ଆଣି ଜିଉଁନ୍ତି ଛକ ରେ ଜଣେ ସମ୍ପର୍କୀୟ ଙ୍କ ଘରେ ଗାଡି ରଖି ଭୁବନେଶ୍ୱର ବସ ରେ ସକାଳ ୬ ଘଟିକା ୫୦ ମିନିଟ ସମୟ ରେ ଅସ୍ତରଙ୍ଗ ଭୁବନେଶ୍ୱର ବସ ରେ ଭୁବନେଶ୍ୱର ଯାଇଥିଲେ, ପୁନଃବାର ଭୁବନେଶ୍ୱର ରୁ ଅସ୍ତରଙ୍ଗ ବସ ରେ ଆସି ଜିଉଁନ୍ତି ଛକ ରେ ଓହ୍ଲାଇ ସମ୍ପର୍କୀୟଙ୍କ ଘରୁ ନିଜ ଗାଡି ଆଣି ଘରକୁ ଆସିଥିଲେ, ଯୁବକ ଙ୍କ ଅଭିଯୋଗ ଯେ ୬ ତାରିଖ ବା ଶୁକ୍ରବାର ଦିନ ସକାଳୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଅସ୍ତରଙ୍ଗ ରେ ଗାଡି ଯାହା ପୁଣି ବାଇକ ଯାହାର ନମ୍ବର (ଓଡି ୧୩ ଏଚେ ୭୩୭୭)ମାତ୍ର ମୋ ମୋବାଇଲ କୁ ପରିବହନ ବିଭାଗ ର ଏକ ୧୦୦୦ ଟଙ୍କା ଫାଇନ ପୁରୀ ବାସୁଳେଇସାହି ଥାନା ଅଞ୍ଚଳ ରୁ କିପରି କାଟିଲା, ଯାହା ସମ୍ପୂର୍ଣ୍ଣ ରୂପେ ଏକ ଆଶ୍ଚର୍ଯ୍ୟ କରିଦେବା ଭଳି କଥା, ଆଉ ଏକ ଆଶ୍ଚର୍ଯ୍ୟ ଘଟଣା ଯୁବକ ଜଣଙ୍କ ଇଣ୍ଟରନେଟ ସହାୟତା ରେ ସବୁ ଖୋଳତାଡ଼ କରିବା ପରେ ଇଚାଲାଣ କାଗଜରେ ତାଙ୍କ ୟମାବାଇକ ନମ୍ବର ଓ ମାଲିକଙ୍କ ନାମ ସହିତ ସବୁ ଠିକ ଅଛି ମାତ୍ର ଏହି ନମ୍ବରରେ ଗୋଟେ ସ୍କୁଟି ଗାଡି ର ଫୋଟୋ ଆସିଛି, ଯାହା ଯୁବକ ଜଣଙ୍କୁ ସମ୍ପୂର୍ଣ୍ଣ ମାନସିକ ସ୍ତର ରେ ବେହାଲ କରିଦେଇଛି, ପ୍ରଥମେ ଅସ୍ତରଙ୍ଗ ରେ ପୁରା ଦିନ ତମାମ ଗାଡି ରହିଛି, ଦ୍ୱିତୀୟ ବିଶ୍ୱମ୍ଭର ସ୍ୱାଇଁ ଙ୍କ ୟାମା ବାଇକ ମାତ୍ର ଚାଲାଣ ରେ ତାଙ୍କ ପଞ୍ଜିକରଣ ନାମ ରେ ଚାଲାଣ କିନ୍ତୁ ସ୍କୁଟି, ଯାହା ପ୍ରମାଣ କରୁଛି ଇଚାଲାଣ ବ୍ୟବସ୍ଥାରେ କିଛି ତ୍ରୁଟି ଆଜି ପର୍ଯ୍ୟନ୍ତ ରହିଛି ଯେଉଁ କାରଣରୁ ଅନେକ ଲୋକ ବିନା କାରଣ ରେ ହଜାର ହଜାର ଟଙ୍କା ର ଜୋରିମାନା ଭରୁଛନ୍ତି ଆଞ୍ଚଳିକ ପରିବହନ କ୍ଷେତ୍ର ରେ, ଏ ନେଇ ଶନିବାର ଦିନ ଯୁବକ ଜଣଙ୍କ କାକଟପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ଆଉ ତଦନ୍ତ କରିବାକୁ ଦାବୀ କରିଛନ୍ତି ।

# ୫ଟି ନୂତନ ଥାନା ଗୃହ ଉଦ୍‌ଘାଟନ

କେସିଙ୍ଗା/ଭବାନୀପାଟଣା, ୭/୩ (ମଧୁ ସିନ୍ଦୁର)- କଳାହାଣ୍ଡି ଜିଲ୍ଲା ୫ ଗୋଟି ନୂତନ ଥାନା ଗୃହ ଭରଚୁଆଲ ମାଧ୍ୟମରେ ଉଦ୍‌ଘାଟନ କଲେ ଗୃହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ସାହା । ଯଥା କଲମପୁର, କେ ଗାଁ, କାର୍ଲାପାଟ, ନର୍ଲା, କେସିଙ୍ଗା ଏହି ନୂତନ ଥାନା କୁ ନୂତନ ଭାବେ ଉଦଘାଟନ କରାଯାଇଛି କ୍ଷ ସେହିପରି କେସିଙ୍ଗା ଆଦର୍ଶ ଥାନାର ନୂତନ ଗୃହ ଶୁକ୍ରବାର ସନ୍ଧ୍ୟାରେ ଭର୍ଚୁଆଲ୍ ମାଧ୍ୟମରେ ଉଦ୍ଘାଟନ ହୋଇଛି। ଗୃହ ଓ ସମବାୟ ମନ୍ତ୍ରୀ ଅମିତ ସାହାଙ୍କ କରକମଳରେ ନବନିର୍ମିତ ଏହି ଥାନା ଗୃହର ଉଦ୍ଘାଟନ କରାଯାଇଥିଲା। ବୃଦ୍ଧିଶୀଳ ଜନସଂଖ୍ୟା ଓ ଆଇନ-ଶୃଙ୍ଖଳା ସମ୍ବନ୍ଧୀୟ କାର୍ଯ୍ୟର ପରିଧି ବଢ଼ିବା ସହିତ ଏକ ଆଧୁନିକ ଓ ସୁବିଧାସମ୍ପନ୍ନ ଥାନା ଭବନର ଆବଶ୍ୟକତା ଅନୁଭବ ହେଉଥିଲା। ଏହି ପରିପ୍ରେକ୍ଷିତରେ ନବନିର୍ମିତ ଆଦର୍ଶ ଥାନା ଗୃହ ଅଞ୍ଚଳର ଲୋକମାନଙ୍କୁ ଉତ୍ତମ ପୋଲିସ ସେବା ପ୍ରଦାନ କରିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି। ଉଦ୍ଘାଟନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀ, କେସିଙ୍ଗା ଏନଏସି ଚ୍ୟାରମେନ ନୃପରାଜ ଯାଦବ ଓ କେସିଙ୍ଗା ବ୍ଲକ ଚ୍ୟାରମେନ ଚନ୍ଦନ କୁମାର ସେନାପତି ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ନୂତନ ଥାନା ଗୃହ ଆରମ୍ଭ ହେବାରେ ଅଞ୍ଚଳରେ ଆଇନ-ଶୃଙ୍ଖଳା ବ୍ୟବସ୍ଥା ଆହୁରି ଶକ୍ତିଶାଳୀ ହେବ ବୋଲି ମତ ରଖିଥିଲେ। ଏହି ଅବସରରେ କେସିଙ୍ଗା ଥାନାର ଆଇଆଇସି ଜିତେନ୍ଦ୍ର କୁମାର ବିଶ୍ୱାଳ ସହିତ ଏସଆଇ ଅରକ୍ଷିତ ମାଝୀ, ରାଜେଶ




ପରିଡା, ରସବିହାରୀ ସା ଓ ରେଣୁକା କ୍ଷେଥ ଉପସ୍ଥିତ ଥିଲେ। ସେହିପରି ଧନେଶ୍ୱର ସୁନାନୀ, ଶାନ୍ତିଲତା ବାରିକ ସହ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ନୂତନ ଥାନା ଗୃହ ଆରମ୍ଭ ହେବାରୁ ଲୋକମାନଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ ଆହୁରି ସୁବିଧାଜନକ ଭାବେ କରାଯିବ ବୋଲି ସ୍ଥାନୀୟ ଅଧିକାରୀମାନେ ଆଶା ବ୍ୟକ୍ତ କରିଛନ୍ତି। ପୋଲିସ କାର୍ଯ୍ୟକଳାପ ଆହୁରି ସୁଚାରୁ ଭାବେ ପରିଚାଳିତ ହେବା ସହ ଅଞ୍ଚଳର ଲୋକମାନେ ଦ୍ରୁତ ଓ ସୁବିଧାଜନକ ସେବା ପାଇବେ ବୋଲି ମତ ପ୍ରକାଶ ପାଇଛି। ଏହି ଉଦ୍‌ଘାଟନକୁ ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି।

## ପୌରାଣିକ ନାଟକ ଉଦ୍‌ଘାଟିତ

ବେଗୁନିଆପଡ଼ା, ୭/୩ (ସିପ୍ରା ପଟ୍ଟନାୟକ)- ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ମଠସରସିଂ ପଂଚାୟତ ଅନ୍ତର୍ଗତ ବାଦର୍ଖପଲ୍ଲୀରେ ଦୋଳ ପୂର୍ଣ୍ଣିମା ଉପଲକ୍ଷେ ଶ୍ରୀଶ୍ରୀ ଚୈତନ୍ୟ ଠାକୁର ଯୁବନାଟ୍ୟ ସଂସଦ ଆନୁକୂଲ୍ୟରେ ମଞ୍ଚସ୍ଥ ନାଟକ 'ସତୀ ଲୁହରେ ଜଳୁଛି ଲଙ୍କା'କୁ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ମନୋଜ କୁମାର ପାଣ୍ଡି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ କୋଦଳା ଏନ ଏ ସି ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକ ଯୋଗଦେଇ ଥିଲେ । ସାମ୍ମାନିତ ଅତିଥି ଭାବେ ମଣ୍ଡଳ ସଭାପତି ରାଜେନ୍ଦ୍ର ଭୂୟାଁ, ରତନ ବିଷୋୟୀ, ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ, ପ୍ରତିମା ପାଢ଼ୀ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ସନ୍ତୋଷ ବେହେରା, ସମିତି ସଭ୍ୟ ବ୍ରଜ ସୁନ୍ଦର ସାହୁ ସ୍ଥାନୀୟ ସମିତି ସଭ୍ୟା ପ୍ରତିନିଧି ଝଡିଆ ସ୍ୱାଇଁ, ନାଟ୍ୟ ମ୍ୟାନେଜର ରଞ୍ଜନ ସ୍ୱାଇଁ , ମୁଖ୍ୟ ପରିଚାଳକ ରମାକାନ୍ତ ସ୍ୱାଇଁ, ଅଧିକାରୀ ଲିପୁନ ସ୍ୱାଇଁ , ଗ୍ରାମ୍ୟ କମିଟି ବୃନ୍ଦ ଯୋଗଦେଇ ଥିଲେ।

# ଇଟା ଭାଟି ପାଇଁ ବେଆଇନ ମାଟି ଖନନ ବୃଦ୍ଧି



❖ ନୀରବତା ସାଜିଛି ପ୍ରଶାସନ
❖ ସାଧାରଣରେ ପ୍ରଶ୍ନବାଚୀ

ଚିକିଟି, ୭/୩ (କ୍ୟୁରେସ୍ ରେଡ୍ଡି)- ଗଞ୍ଜାମ ଜିଲ୍ଲାରେ ଇଟା ଭାଟି ପାଇଁ ବେଆଇନ ଭାବେ ମାଟି ଖନନ ଓ ଚୋରା ଚାଲାଣ ଦିନକୁ ଦିନ ବଢୁଥିବା ଅଭିଯୋଗ ସାମ୍ନାକୁ ଆସୁଛି। ବିଶେଷତଃ ପାତ୍ରପୁର ଓ ଚିକିଟି ଅଞ୍ଚଳର ବିଭିନ୍ନ ସ୍ଥାନରେ ଏହି କାରବାର ବ୍ୟାପକ ଭାବେ ଚାଲୁଥିବା ସତ୍ତ୍ୱେ ସମ୍ବନ୍ଧିତ ପ୍ରଶାସନୀୟ ବିଭାଗ ଏଥିପ୍ରତି ନୀରବ ରହିଥିବା ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ପାତ୍ରପୁର ଓ ଚିକିଟି ଅଞ୍ଚଳର ବିଭିନ୍ନ ଗ୍ରାମରେ ଇଟା ଭାଟି ପାଇଁ ବଡ଼ ପରିମାଣରେ ମାଟି ଖନନ କରାଯାଉଛି। ଅନେକ ସ୍ଥାନରେ ଚାଷ ଜମି ଓ ସରକାରୀ ଜମିରୁ ମଧ୍ୟ ଅନୁମତି ବିନା ମାଟି କଟାଯାଉଥିବା ଅଭିଯୋଗ ରହିଛି। ଜେସିବି ଯନ୍ତ୍ର ବ୍ୟବହାର କରି ଗଭୀର ଗଡ଼ଡା ଖୋଦାଯାଉଥିବାରୁ ଚାଷ ଜମିର କ୍ଷତି ସହିତ ପରିବେଶ ପ୍ରତି ମଧ୍ୟ ଗୁରୁତର ବିପଦ ସୃଷ୍ଟି ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ବେଆଇନ ମାଟି ଖନନ କାର୍ଯ୍ୟରେ ପଡ଼ୋଶୀ ଆନ୍ଧ୍ର ପ୍ରଦେଶର କିଛି ଜେସିବି ମାଲିକମାନେ ମୁଖ୍ୟ ଭୂମିକା ନେଉଛନ୍ତି। ସେମାନେ ସ୍ଥାନୀୟ କିଛି ରାଜସ୍ୱ ବିଭାଗର ଅଧିକାରୀଙ୍କ ସହଯୋଗରେ ଏହି ଅବୈଧ କାରବାରକୁ ଚାଲୁ ରଖିଥିବା ନେଇ ଅଭିଯୋଗ ଉଠିଛି। ଏହା ମାଧ୍ୟମରେ ମାଟି ଓ ମୋରମ ଖନନ କରି ସେଗୁଡ଼ିକୁ ଇଟା ଭାଟିଗୁଡ଼ିକୁ ଚୋରା ଭାବେ ପଠାଯାଉଥିବା କୁହାଯାଉଛି। ସ୍ଥାନୀୟ ବାସିନ୍ଦାମାନଙ୍କ କହିବା ଅନୁଯାୟୀ, ଏହି କାରବାର ଦିନ ଓ ରାତି ଅବିରତ ଭାବେ ଚାଲୁଥିଲେ ମଧ୍ୟ ସମ୍ବନ୍ଧିତ ବିଭାଗ ଏଥିପ୍ରତି କୌଣସି ପ୍ରଭାବଶାଳୀ ପଦକ୍ଷେପ ନେଉନାହାନ୍ତି। ଅନେକଥର ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟନୁଷ୍ଠାନ ଦେଖିବାକୁ ମିଳୁନାହିଁ ବୋଲି ସେମାନେ କହିଛନ୍ତି। ଜଣେ ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ପ୍ରାୟ ପ୍ରତିଦିନ ଜେସିବି ଯନ୍ତ୍ର ବ୍ୟବହାର କରି ମାଟି କଟାଯାଉଛି ଏବଂ ଟ୍ରାକ୍ଟର ଓ ଟ୍ରକ୍‌ରେ ମାଟି ବୋଝାଇ ଇଟା ଭାଟିଗୁଡ଼ିକୁ ପଠାଯାଉଛି। ସବୁ କାର୍ଯ୍ୟ ଖୋଲାଖୋଲି ହେଉଥିବା ସତ୍ତ୍ୱେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ନଜର ପଡୁନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟ ଜଣେ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏହି ବେଆଇନ ମାଟି ଖନନ କାରଣରୁ ଚାଷ ଜମି ନଷ୍ଟ ହେଉଛି। ଆଗାମୀ ବର୍ଷା ଋତୁରେ ଏହି ଗଭୀର ଗଡ଼ଡାଗୁଡ଼ିକ ଆଉ ବଡ଼ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଏହି ପରିସ୍ଥିତିରେ ସାଧାରଣ ଲୋକମାନଙ୍କ ମଧ୍ୟରେ ଏକ ପ୍ରଶ୍ନ ଉଠୁଛିଯେତେବେଳେ ଏପରି ଅବୈଧ କାରବାର ସ୍ପଷ୍ଟ ଭାବେ ଚାଲୁଛି, ତେବେ ପ୍ରଶାସନ କାହିଁକି ଏଥିପ୍ରତି ଦୃଢ଼ ପଦକ୍ଷେପ ନେଉନାହିଁ? ଏହା ପଛରେ କୌଣସି ସ୍ୱାର୍ଥ ଜଡିତ ରହିଛି କି ନାହିଁ, ସେଥିପାଇଁ ଅଞ୍ଚଳରେ ବିଭିନ୍ନ ମତାମତ ଓ ଚର୍ଚ୍ଚା ଚାଲିଛି। ଯଦି ଗଞ୍ଜାମ ଜିଲ୍ଲାରେ ଏହିପରି ବେଆଇନ ମାଟି ଖନନ ଓ ଚୋରା ଚାଲାଣ ଜାରି ରହେ, ତେବେ ଏହା ଆଗାମୀ ଦିନରେ ପରିବେଶ ସହିତ ଚାଷୀମାନଙ୍କ ଜୀବିକା ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ। ସେହି ସହିତ ସରକାରଙ୍କୁ ମଧ୍ୟ ବ୍ୟାପକ ରାଜସ୍ୱ କ୍ଷତି ହେବାର ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷିତରେ ଜିଲ୍ଲା ପ୍ରଶାସନ ଶୀଘ୍ର ତଦନ୍ତ କରି ଏହି ଅବୈଧ କାରବାର ଉପରେ କଡ଼ା କାର୍ଯ୍ୟନୁଷ୍ଠାନ ନେବାକୁ ସାଧାରଣ ଲୋକମାନେ ଦାବି।

## ନୟାଗଡ଼ ଜିଲ୍ଲାରେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଆରମ୍ଭ

ନୟାଗଡ଼, ୭/୩ (ଅକ୍ଷର ଓଡ଼ିଶା)- ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଅବସରରେ ନୟାଗଡ଼ ଜିଲ୍ଲାର ୮ ଗୋଟି ବ୍ଲକରୁ ମୋଟ ୯୮ଜଣ ଶ୍ରୀଜଗନ୍ନାଥ ଦର୍ଶନାଭିଳାଷୀ ଆଜି ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି । କେବଳ ବରିଷ୍ଠ ନାଗରିକ ଏବଂ ବିଧବା ଭତ୍ତା ପାଉଥିବା ଉପଭୋକ୍ତା ଏଥିରେ ସାମିଲ ହୋଇଥିଲେ। ପ୍ରଥମ ଦଫାରେ ଯେଉଁମାନେ ଯାଇ ପାରି ନାହାନ୍ତି ଦ୍ୱିତୀୟ ଥରରେ ସେମାନଙ୍କୁ ଅଗ୍ରାଧିକାର ଦିଆ ଯିବାକୁ ବ୍ୟବସ୍ଥା ରହିଛି । ଏହି କାର୍ଯ୍ୟକ୍ରମକୁ ମାନ୍ୟବର ସାଂସଦ କନ୍ଧମାଳ ସୁକାନ୍ତ କୁମାର ପାଣିଗ୍ରାହୀ ଉଦଘାଟନ କରିଛନ୍ତି କ୍ଷ ତାଙ୍କ ସହ ଯୋଗ ଦେଇଛନ୍ତି ସମ୍ମାନନୀୟା ଜିଲ୍ଲାପାଳ ମଧୁମିତା ରଥ, ସମ୍ମାନନୀୟ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଓଡିଶା ରାଜ୍ୟ ସଡକ ପରିବହନ ନିଗମର ପରିଚାଳକ ବିଭୁ ପ୍ରସାଦ ତ୍ରିପାଠୀ । ପ୍ରାରମ୍ଭରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସତ୍ୟଭାମା ବେହେରା ସ୍ୱାଗତ ଭାଷଣ ରଖିଥିଲେ । ମାନ୍ୟବର ସାଂସଦ କନ୍ଧମାଳ, ଜଗନ୍ନାଥଙ୍କ ଆଦିପୀଠ ନୟାଗଡ଼ କହି ଜଗନ୍ନାଥ ଦର୍ଶନରେ ଯାଉଥିବା ତୀର୍ଥଯାତ୍ରୀ ମାନଙ୍କୁ ଯାତ୍ରାର ଶୁଭ ମନାସି ଥିଲେ । ସମ୍ମାନନୀୟ ଜିଲ୍ଲାପାଳ ତୀର୍ଥ ଯାତ୍ରୀ ମାନଙ୍କର ଯାତ୍ରାରେ ଶୃଙ୍ଖଳାଗତ ଭାବେ ପରିଦର୍ଶନ କରି ଫେରିବାକୁ ବୁଝାଇଥିଲେ ।ଅତିରିକ୍ତ ଜିଲ୍ଲାପାଳ କହିଲେ ଯେ ଆପଣମାନଙ୍କର ସୌଭାଗ୍ୟ କି ଆପଣମାନେ ଜଗନ୍ନାଥ ଦର୍ଶନ କରିବାକୁ ଯାଉଛନ୍ତି, ଯାହାଙ୍କୁ ବିଶ୍ୱର କୋଣ ଅନୁକୋଣରୁ ଆସି ଦର୍ଶନ କରୁଛନ୍ତି ଓ ଟିମରେ ରହି ଶୃଙ୍ଖଳାଗତ ଭାବେ ଦର୍ଶନ କରିବା ପାଇଁ କହିଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଭାସୀ ମାଧ୍ୟମରେ ସାଇବର ଥାନା ଉଦ୍‌ଘାଟନ




ପାରଳାଖେମୁଣ୍ଡି, ୭/୩(ତାରିଣୀ ପ୍ରସାଦ ପଣ୍ଡା ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଆଦର୍ଶ ଥାନା ପରିସରରେ ଗତକାଲି ସନ୍ଧ୍ୟା ୬ ଘଣ୍ଟା ବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆଭାସୀ ମାଧ୍ୟମରେ ସାଇବର ଥାନାର ଉଦଘାଟନ କରିଛନ୍ତି। ଏହି ଅବସରରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ପାରଳା ବିଧାୟକ ରୂପେଶ ପାଣିଗ୍ରାହୀ, ଗଜପତି ଏସପି ଯତୀନ୍ଦ୍ର ପଣ୍ଡା, ପାରଳା ପୌର ପରିଷଦ ଅଧକ୍ଷା ନିର୍ମଳା ସେଠୀଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ. ଗଜପତି ଜିଲ୍ଲା ଏସପି ଯତୀନ୍ଦ୍ର ନାଥ ପଣ୍ଡା ଏହି ସାଇବାର ଥାନା ଉଦଘାଟନ ପରେ କହିଥିଲେ ଯେ ଅପରାଧୀମାନଙ୍କୁ ଦମନ କରିବା ପାଇଁ ସାଇବର ଥାନାର ଉଦଘାଟନ ସ୍ୱାଗତଯୋଗ୍ୟ ଅଟେ। ଭିନ୍ନ ଭିନ୍ନ ଭାବେ ସାଧାରଣଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଠକୁଥିବା ସାଇବର ଅପରାଧୀମାନଙ୍କୁ ଜବତ କରିବା ସହ ଦୃଢ କାର୍ଯାନୁଷ୍ଠାନ ଗ୍ରହଣ କରିବା ସାଇବର ଥାନାର ମୁଖ୍ୟ କାର୍ଯ୍ୟ ରହିବ। ପାରଳାଖେମୁଣ୍ଡି ଠାରେ ଏହି ସାଇବାର ଥାନାର ଦାୟିତ୍ୱ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଦିଆଯାଇଛି।



# ସୃଜନ ସାକ୍ଷର

ରବିବାର ୦୮।୦୩।୨୦୨୬

ଅକ୍ଷର
AKHYARA ODISHA


# ଅନ୍ତରାଷ୍ଟ୍ରୀୟ ମହିଳା ଦିବସର ଅନୁଚିନ୍ତା




**ଡ଼କ୍ଟର ପ୍ରମୋଦ କୁମାର ପଣ୍ଡା**
ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର, ମୋ-୭୯୭୮୨୮୩୧୯୦


ନାରୀ ବ୍ରହ୍ମାଣ୍ଡର ଏକ ବିଶେଷ ଅଂଶ। ଅପିତୁ ନାରୀ ଭିତରେ ସଂପୂର୍ଣ୍ଣ ବ୍ରହ୍ମାଣ୍ଡ ସମାହିତ। ନାରୀ ମାତୃ ରୂପିଣୀ, ଶକ୍ତି ରୂପିଣୀ, ବୁଦ୍ଧି ରୂପିଣୀ, ବିଦ୍ୟା ରୂପିଣୀ। ନାରୀ ଦୁର୍ବଳା ନୁହେଁ, ସବଳା। ନାରୀ ବସ୍ତୁ ନୁହେଁ, ବାସ୍ତବ। ନାରୀ ପଣ୍ୟ ନୁହେଁ ଗଣ୍ୟ। ନାରୀ କାୟା ନୁହେଁ, କନ୍ୟା, ଜାୟା, ଜନନୀ, ଭଗିନୀ, ସବୁକିଛି। ନାରୀ ପୂଜନୀୟା। ଯେଉଠାରେ ନାରୀଙ୍କୁ ପୂଜା କରାଯାଏ, ସେହିଠାରେ ଦେବତା ବାସ କରନ୍ତି। ମନୁସ୍ମୃତି କୁହେ, ''ଯତ୍ର ନାର୍ଯ୍ୟସ୍ତ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ''। ଅର୍ଥାନ୍ତରେ ଯେଉଠି ନାରୀଙ୍କ ଅସମ୍ମାନ ହୁଏ ସେଠି ଦେବତା ରୁହନ୍ତି ନାହିଁ। ସନାତନ ଧର୍ମରେ ନାରୀର ସ୍ଥାନ ବହୁତ ଉଚ୍ଚରେ। ସେଥିପାଇଁ ଭଗବାନଙ୍କ ନାମ ଆଗରେ ତାଙ୍କ ପତ୍ନୀଙ୍କ ନାମ ଲାଗେ। ଯେମିତିକି ରାଧାକୃଷ୍ଣ, ସୀତାରାମ, ଲକ୍ଷ୍ମୀ ନାରାୟଣ ଇତ୍ୟାଦି। ପାର୍ବତୀପତୟେ ନମଃ ଉଚ୍ଚାରଣ ପୂର୍ବକ ଦେବାଧିଦେବ ମହାଦେବଙ୍କୁ ପ୍ରଣିପାତ କରାଯାଇଥାଏ। ଭାରତବର୍ଷରେ ବର୍ଷକୁ ଦୁଇଥର ନବରାତ୍ରି ପାଳିତ ହୁଏ। ଅନ୍ତିମ ଦିବସରେ କନ୍ୟା ପୂଜା କରାଯାଏ। ଏସବୁ ସତ୍ତ୍ୱେ ସମ୍ପ୍ରତି ନାରୀଙ୍କ ପ୍ରତି ଦୁର୍ନୀତି ଦୁର୍ଭାଗ୍ୟଜନକ। ମହିଳାଙ୍କ ସମାନତା, ସ୍ୱାଧୀନତା, ସମ୍ମାନ ଓ ସଶକ୍ତିକରଣ ପାଇଁ ଆମକୁ ମହିଳା ଦିବସ ପାଳନ କରି ଜନସଚେତନତା ସୃଷ୍ଟି କରିବାକୁ ପଡୁଛି।

ଆସୁଛି ମାର୍ଚ୍ଚ ଆଠ ତାରିଖ। ବିଶ୍ୱ ପାଳିବ ଅନ୍ତରାଷ୍ଟ୍ରୀୟ ମହିଳା ଦିବସ। ସଭା ସମିତି ହେବ। ଆଲୋଚନା ପର୍ଯ୍ୟାଲୋଚନା ଚାଲିବ। ବିଜ୍ଞ ଲୋକେ ଭାଷଣ ଦେବେ। ଶ୍ରୋତା ଶୁଣିବେ। ଶୋଭାଯାତ୍ରା ବାହାରିବ। ସ୍ଲୋଗାନ ଦିଆଯିବ। ଲୋକେ ପାଳିଆ ଧରିବେ। କର୍ମଶାଳା, ପ୍ରଦର୍ଶନୀ, ପ୍ରଶିକ୍ଷଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଦର୍ଶକ ଉପଭୋଗ କରିବେ। କିଛି ମହିଳାଙ୍କ ଗୁଣଗାନ ହେବ। ଆଉକିଛି ସମ୍ମାନିତ ହେବେ। ପୁରସ୍କାର ମାନପତ୍ର, ଫୁଲତୋଡ଼ା, ଅଙ୍ଗବସ୍ତ୍ର ଇତ୍ୟାଦି ଇତ୍ୟାଦି ପ୍ରଦାନ କରାଯିବ। ସଚେତନ ନାଗରିକ ମହିଳାଙ୍କ ସମସ୍ୟା ନେଇ ଗଭୀର ଚିନ୍ତା ପ୍ରକଟ କରିବେ। ଚିନ୍ତନ ଚାଲିବ। ସମାଧାନର ସୂତ୍ର ବାହାରିବ। ନିରାକରଣ ପାଇଁ ସଂକଳ୍ପପତ୍ର ପାରିତ ହେବ। ସମବେତ ସମସ୍ତେ ଶପଥ ନେବେ। ଯେଝା ବାଟରେ ଘରକୁ ଫେରିବେ। ନିଜ ନିଜ କାମରେ ବ୍ୟସ୍ତ ରହିବେ। ବହିବସ୍ତାନି ବନ୍ଧା ହେବ। ଭୁଲିଯିବେ। ଆର ବର୍ଷକୁ ପ୍ରତୀକ୍ଷା ରହିବ। ବର୍ଷେ ପରେ ସମୀକ୍ଷା। ସଫଳତାର ହାର ଦେଖି ସମସ୍ତେ ମର୍ମାହତ ହେବେ। ଦୁଃଖ ପ୍ରକାଶ କରିବେ। ପୂର୍ବବର୍ଷ ଭଳି କାର୍ଯ୍ୟକ୍ରମର ପୁନରାବୃତ୍ତି ହେବ। ଶପଥ ସଂକଳ୍ପ ସବୁକିଛି। ତାପରେ ପୁନଶ୍ଚ ଘରବାହୁଡ଼ା। ଇମିତି କେତେ କଣ ଚାଲିଛି ବିଗତ ୧୧୫ ବର୍ଷ ଧରି, ୧୯୧୧ ମସିହାରୁ। ସ୍ଥିତି କିନ୍ତୁ ଯଥା ପୂର୍ବଂ, ତଥା ପରଂ। ବରଂ ବିଗୁଡୁଛି। ପୁନେଇଁ ଚାନ୍ଦ ଅମା ଅନ୍ଧକାର ଦୂର କରିବା ଭଳି କଥା ଇୟେ। ଦିନକରେ ଖାଦ୍ୟତକ ଖାଇ ବାକି ଦିନ ଖାଡା ଓପାସରେ ରହିବା ଯାହା ବର୍ଷକୁ କେବଳ ଗୋଟିଏ ଦିନ ମହିଳାଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିବା ତାହା। ସତୀ ପ୍ରଥା ଉଚ୍ଛେଦ ହୋଇଛି। ବାଲ୍ୟ ବିବାହ କମିଛି। ଝିଅ ପୁଅ ମଧ୍ୟରେ ବୈଷମ୍ୟ ତୁଳନାତ୍ମକ ରୂପେ ହ୍ରାସ ପାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବିଜ୍ଞାନ, ଅନ୍ତରୀକ୍ଷ, ଆବିଷ୍କାର, ଉଦ୍ଭାବନ, ଖେଳକୁଦ, ବ୍ୟବସାୟ ଆଦି ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ସହଭାଗିତା ବୃଦ୍ଧି ପାଇଛି। ପ୍ରଗତି ଘଟିଛି। କଳ୍ପନା ଚାୱଲା ଓ ସୁନିତା ଉଇଲିଅମ ଅନ୍ତରୀକ୍ଷରେ ଉଡାଣ ଭରିଛନ୍ତି। ସନ୍ତୋଷ ଯାଦବ ନିଜ ମହିଳା ଶକ୍ତିରେ ହିମାଳୟକୁ ମାପିଛନ୍ତି। ଏସବୁ ଭାରତକୁ ଗୌରବାନ୍ୱିତ କରେ। କିନ୍ତୁ ଅନ୍ୟପକ୍ଷରେ ମହିଳା ନା ତ ଜନ୍ମ ପୂର୍ବରୁ ନା ଜନ୍ମ ପରେ ସୁରକ୍ଷିତ। ମାଆ ଗର୍ଭରେ କନ୍ୟାକୁ ହତ୍ୟା କରାଯାଉଛି। ଦୁଇ ବର୍ଷର ଶିଶୁଠୁ ଆରମ୍ଭ କରି ଷାଠିଏ ବର୍ଷର ବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ଅସୁରକ୍ଷିତ। ଛୋଟ ଶିଶୁକୁ ଯୌନ ନିର୍ଯ୍ୟାତନା, ଷାଠିଏ ବର୍ଷର ବୁଢ଼ୀକୁ ଗେଙ୍ଗ ରେପ। ସ୍କୁଲ ଛାତ୍ରୀ ଶିକ୍ଷକ କିମ୍ବା ଅନ୍ୟ ପୁରୁଷ କର୍ମଚାରୀ ଦ୍ୱାରା ଯୌନ ଶୋଷଣର ଶିକାର। ଗୋଟିଏପଟେ ପ୍ରଗତି ଏବଂ ଅନ୍ୟପଟେ ବ୍ୟଭିଚାର। ବିରାଟ ବିରୋଧଭାସ ସୃଷ୍ଟି କରୁଛି। କେବଳ ଭାରତ ନୁହଁ, ବିଶ୍ୱର ସମସ୍ତ ଦେଶରେ ଉଣାଅଧିକେ ସମାନ ଦୃଶ୍ୟ ଦେଖିବାକୁ ମିଳୁଛି। ଆଫଗାନିସ୍ତାନ ଭଳି ଇସଲାମିକ ଦେଶରେ ମହିଳାଙ୍କ ମୌଳିକ ମାନବ ଅଧିକାର ନାହିଁ। ଜାତିସଙ୍ଘ ନିରବଦ୍ରଷ୍ଟା। ଏଭଳି ବୈଶ୍ୱିକ ସ୍ଥିତରେ ଏକ ଦିବାସୀୟ ଅନ୍ତରାଷ୍ଟ୍ରୀୟ ମହିଳା ଦିବସ ପାଳନ କଣ ଓ କେତେ କାମକୁ ଆସିବ? ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ ଅନୁସାରେ ୨୦୨୨ ମସିହାରେ ୪,୪୫,୨୫୬ ମହିଳା ବିରୋଧୀ ଅପରାଧିକ ମାମଲା ରୁଜୁ ହୋଇଥିଲା ଯାହା ୨୦୧୮ ଓ ୨୦୨୧ ମସିହା ତୁଳନାରେ ଯଥାକ୍ରମେ ୧୨.୯ ଓ ୪% ଅଧିକ ଅଟେ। ଭାରତରେ ମହିଳା ବିରୋଧୀ ଅପରାଧ ହାର ପ୍ରତି ଏକ ଲକ୍ଷ ମହିଳାରେ ୬୬.୪ ରହିଛି। ଦେଶର ତେର ଗୋଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ, ତେଲେଙ୍ଗାନା, ରାଜସ୍ଥାନ, ଓଡିଶା, ଆନ୍ଧ୍ରପ୍ରଦେଶ, ଆଣ୍ଡାମାନ ଓ ନିକୋବର,କେରଳ, ଆସାମ, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ, ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗରେ ମହିଳା ବିରୋଧୀ ଅପରାଧ ହାର ଜାତୀୟ ହାର ଅପେକ୍ଷା ଅଧିକ ରହିଛି। ଏଥିରେ କ୍ରୁରତା ୩୧.୪%, ଅପହରଣ ୧୯.୨%,ହମଲା ୧୮.୭% ଓ ବଳାତ୍କାର ୭.୬% ଅନ୍ତର୍ଭୁକ୍ତ। ୨୦୨୨ ମସିହାରେ ଭାରତରେ ୩୧୫୧୬ କେବଳ ବଳାତ୍କାର ମାମଲା ପଞ୍ଜୀକରଣ ହୋଇଥିଲା। ପୃଥିବୀରେ ପ୍ରତିଦିନ ୧୩୭ ଜଣ ଝିଅ ଏବଂ ମହିଳାଙ୍କୁ ତାଙ୍କ ମାତାପିତା କିମ୍ବା ତାଙ୍କ ଜୀବନସାଥୀ ହତ୍ୟା କରୁଛନ୍ତି। ଗୋଟିଏ ବର୍ଷରେ ବିଶ୍ୱରେ ରୁଜୁ ହୋଇଥିବା ୮୪୦ ମିଲିୟନ ହିଂସାତ୍ମକ ମାମଲା ମଧ୍ୟରୁ ୩୦% କେବଳ ପନ୍ଦର ଓ ତଦୁର୍ଦ୍ଧ୍ୱ ବୟସର ମହିଳା ବିରୋଧୀ ଅପରାଧିକ ମାମଲା। ପ୍ରତି ମିନିଟରେ ୨୮ ଜଣ ଝିଅଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ ବିବାହ କରାଯାଉଅଛି। ପ୍ରତି ତିନି ଜଣରେ ଜଣେ ମହିଳା ହିଂସାର ସମ୍ମୁଖୀନ ହେଉଛନ୍ତି। ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ବିଚାର କଲେ ଲିଙ୍ଗଗତ ବୈଷମ୍ୟ ଦୂର କରିବାକୁ ୧୪୦ ବର୍ଷ ଲାଗିବାର ସମ୍ଭାବନା ରହିଛି। ପୁରୁଷଙ୍କ ତୁଳନାରେ ମହିଳା ନେତାଙ୍କ ସଂଖ୍ୟା ଖୁବ୍ କମ। ନଗଣ୍ୟ କହିଲେ ଚଳେ। ବିଶ୍ୱର ୧୮୧ ମିଲିୟନ ଝିଅ ଓ ଯୁବତୀ ଶିକ୍ଷା ଓ ରୋଜଗାରରୁ ବଞ୍ଚିତ। ୭୨ ଗୋଟି ଦେଶରେ ମହିଳାଙ୍କୁ ବ୍ୟାଙ୍କ ଖାତା ଖୋଲିବାର ଅନୁମତି ନାହିଁ। ବିଶ୍ୱ ବ୍ୟାଙ୍କର ଏକ ତଥ୍ୟ ଅନୁଯାୟୀ ବିନା କୌଣସି ପ୍ରତିବନ୍ଧକରେ ୭୨% ପୁରୁଷ ଓ ୬୫% ମହିଳା ବ୍ୟାଙ୍କ ଖାତା ଖୋଲିଛନ୍ତି। ଏ କ୍ଷେତ୍ରରେ ଅନ୍ୟ ଦେଶ ଆପେକ୍ଷା ଭାରତର ସ୍ଥିତି ସୁଦୃଢ଼ ଅଟେ। ଆମ ଦେଶର ୮୮% ପୁରୁଷ ଓ ୭୭% ମହିଳାଙ୍କ ବ୍ୟାଙ୍କ ଖାତା ରହିଛି। ଦଶ ଜଣରୁ ଜଣେ ମହିଳା ନିଜର ଅସୁନ୍ଦର ଚେହେରା ଯୋଗୁଁ ନିଜକୁ ଶାରୀରିକ କ୍ଷତି ପହଞ୍ଚାଇଥାନ୍ତି। ସାମାନ୍ୟତଃ ମହିଳାଙ୍କୁ ପୁରୁଷଙ୍କ ତୁଳନାରେ ତିନିଗୁଣା ଅଧିକ ଘରକାମ କରିବାକୁ ପଡିଥାଏ। ଦୁର୍ବଳ ଆର୍ଥିକ ସ୍ଥିତି ଯୋଗୁଁ ସେମାନଙ୍କୁ ଅନ୍ୟ ଉପରେ ନିର୍ଭର କରିବାକୁ ପଡେ ଯଦ୍ୱାରା ତାଙ୍କର ସ୍ୱାଭିମାନ କ୍ଷୁର୍ଣ୍ଣ ହୁଏ। ସେମାନେ ହିନମାନ୍ୟତାର ଶିକାର ହୋଇଥାନ୍ତି। ଏହା ଅନ୍ତରାଷ୍ଟ୍ରୀୟ ମହିଳା ଦିବସ। ବାସ୍ତବିକତା ହେଲା ସ୍ଥିତିରେ ସିମିତି ଆଖିଦୃଶିଆ ପରିବର୍ତ୍ତନ ନାହିଁ।

ଅନ୍ତରାଷ୍ଟ୍ରୀୟ ମହିଳା ଦିବସ ଶ୍ରମିକ ଆନ୍ଦୋଳନରୁ ସୃଷ୍ଟି ହୋଇଥିଲା। ୧୯୦୮ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କ ସହରରେ ୧୫୦୦୦ ମହିଳା କାମ କରିବା ସମୟ ହ୍ରାସ, ଭଲ ପାଉଣା ଓ ମତଦାନ ଅଧିକାର ଦାବିରେ ଶୋଭାଯାତ୍ରା ପ୍ରଦର୍ଶନ କରିଥିଲେ। ଆମେରିକା ଏହି ଦିନକୁ ପ୍ରଥମ ରାଷ୍ଟ୍ରୀୟ ମହିଳା ଦିବସ ରୂପେ ଘୋଷିତ କରିଥିଲା। ୧୯୧୦ ମସିହାରେ ଡେନମାର୍କ କୋପେନହଗେନ ଠାରେ ଆୟୋଜିତ କର୍ମଜୀବୀ ମହିଳାମାନଙ୍କର ଅନ୍ତର୍ଜାତୀୟ ସମ୍ମିଳନୀର ଭାଗ ନେଇଥିବା ୧୭ ଦେଶର ୧୦୦ ଜଣ ମହିଳା କ୍ଲାରା ଜେଟକିନଙ୍କ ଦ୍ୱାରା ଆଗତ ଅନ୍ତରାଷ୍ଟ୍ରୀୟ ମହିଳା ଦିବସ ପାଳନ ପ୍ରସ୍ତାବକୁ ସମର୍ଥନ କରିଥିଲେ। ୧୯୧୧ ମସିହାରେ ଅଷ୍ଟ୍ରିଆ, ଡେନମାର୍କ, ଜର୍ମାନୀ, ସ୍ୱିଜରଲ୍ୟାଣ୍ଡ ଆଦି କିଛି ୟୁରୋପୀୟ ଦେଶରେ ଅନ୍ତରାଷ୍ଟ୍ରୀୟ ମହିଳା ଦିବସ ପାଳିତ ହୋଇଥିଲେ ମଧ୍ୟ ୧୯୭୫ ମସିହାରେ ସଂଯୁକ୍ତ ରାଷ୍ଟ୍ର ଦ୍ୱାରା ଏହାକୁ ଅଧିକାରିକ ମାନ୍ୟତା ପ୍ରାପ୍ତ ହୋଇଥିଲା। ତତ୍ପରଠୁ ମାର୍ଚ୍ଚ ଆଠ ତାରିଖ ଦିନ ପ୍ରତିବର୍ଷ ବୈଶ୍ୱିକ ମହିଳା ଦିବସ ପାଳିତ ହୋଇଆସୁଛି। Celebrating the Past, Planning for the Future ରୁ ଆରମ୍ଭ ଅନ୍ତର୍ଜାତୀୟ ମହିଳା ଦିବସର ଯାତ୍ରାGive to Gainରେ ପହଞ୍ଚସାରିଛି। ମହିଳା ସମ୍ପ୍ରତି ବାହାରେ ନୁହଁ, ନିଜ ଅଧିକାର ପାଇଁ ନିଜ ଘରେ ସଂଘର୍ଷ କରୁଛି। ସ୍ଥିତିରେ ସିମିତି ଆଖିଦୃଶିଆ ସୁଧାର ହୋଇନାହିଁ। ମାନସିକତାରେ ପରିବର୍ତ୍ତନ ଓ ବ୍ୟବସ୍ଥା ପ୍ରତି ଭୟ ମହିଳା ସମାନତା ଓ ସମ୍ମାନ ଅକ୍ଷତ ରଖିବ। ଅଧିକ ସଂଖ୍ୟାରେ ସରୋଜିନୀ ନାଇଡୁ, ପଣ୍ଡିତା ରମାବାଈ, ସାବିତ୍ରୀ ଦେବୀ ଫୁଲେ, କଳ୍ପନା ଚାୱଲା, ସୁନୀତା ଉଇଲିୟମ, ସନ୍ତୋଷ ଯାଦବ, ରମାଦେବୀ, ସରଳା ଦେବୀ, କୁନ୍ତଳା କୁମାରୀ ସାବତ, ମାଳତୀ ଦେବୀ, ପାର୍ବତୀ ଗିରି, ଅନ୍ନପୂର୍ଣ୍ଣା ମହାରଣା ସୃଷ୍ଟି ହେବେ। ଏହା ନିଶ୍ଚିତ ଓ ନିଃସନ୍ଦେହ।

## ଅବସର ପରେ !!

● ବଳରାମ ପଣ୍ଡା



କହୁଥିଲେ ସବୁ ଏଭର ଗ୍ରିଇନ୍,
ଚାକିରିରେ ଥିଲା ବେଳେ।
ଏବେ କହୁଛନ୍ତି ଡେମେଜ୍ ଇଞ୍ଜିନ୍,
ଅବସର ନେବା ପରେ।

କାମ କରିବାକୁ ବେଳ ଅଣ୍ଟେ ନାହିଁ,
ଚାକିରିରେ ଥିଲା ବେଳେ।
ଏବେ ଖାଲି ବେଳ,କାମ ଜମା ନାହିଁ,
ଅବସର ନେବା ପରେ।

ତର ତର ହେଇ ଅଫିସ ଯିବାକୁ,
ପଡୁଥିଲା ଚାକିରିରେ।
ଏବେ ବେକାରରେ ସମୟ କଟୁଛି,
ଅବସର ନେବା ପରେ।

ଘରେ ଦେଖିବାକୁ ମିଳେନାହିଁ ଜମା,
ଦିନ ବେଳେ ଚାକିରିରେ।
ଏବେ ଦିନରାତି ଚବିଶ ଘଣ୍ଟା ରୁ,
ତେଇଶି ଘଣ୍ଟା ଭିତରେ।

ସକାଳୁ ସକାଳୁ ଗାଧୁଆ ଟା ହୁଏ,
ଥିଲା ବେଳେ ଚାକିରିରେ।
ଗାଧେଇବା ଏବେ ଗୋଟାଏ ବାଜୁଛି,
ଅବସର ନେବା ପରେ।

ଚାକିରି ବେଳରେ ସମୟ ମିଳେନି,
ଟିଭି ଦେଖିବାକୁ ଘରେ।
ତେଇଁ ଥିବା ଯାଏ ଟିଭି ଚାଲୁଥାଏ,
ଅବସର ନେବା ପରେ।

ପେ ରେ ସାର୍ଟ ଇନ୍ ହେଉଥିଲା,
ଚାକିରିରେ ଥିଲା ବେଳେ।
ଏବେ ଗଞ୍ଜି ବଢି ସାର୍ଟର ତଳେ,
ଗଞ୍ଜି ପେଏଣ୍ଟ ଉପରେ।

ଇସ୍ତ୍ରୀ ନହେଲେ ପିନ୍ଧା ହୁଏ ନାହିଁ,
ଡ୍ରେସ୍ ଚାକିରି ବେଳେ।
ଏବେ ଲୁଚାକୋଚା ପେଏଣ୍ଟ ସାଆଟ୍,
ଚଳେ ଲୁଙ୍ଗି ଗାମୁଛାରେ।

ବ୍ରିଫ୍ କେଶ୍ ଅବା ଦାମିକା ବେଏଗ,
ବାଇକ୍ ପାଖରେ ଝୁଲେ।
ଏବେ ଖାଲି ହାଟ ବେଏଗ ଭରସା,
ଅବସର ନେବା ପରେ।

ଫୁଲ୍ ସୋଜ୍ ମୋଜା ବିନା ଚଳେ
ନାହିଁ,
ଚାକିରିରେ ଥିଲା ବେଳେଟ
ଫୁଲ୍ ସୋଜ୍ ମୋଜା ଉଭେଇ
ଗଲେଣି,
ଅବସର ନେବା ପରେ।

ନିଶ ମୁଣ୍ଡ ବାଳ ରଙ୍ଗ କରାଯାଏ,
ବାଳ ଟିକେ ପାଚିଗଲେ।
ଏବେ ନିଶ ନାହିଁ କଳାଧଳା ବାଳ,
ଅବସର ନେବା ପରେ।

ଛୁଟି ଦିନ ଅବା ପୁନେଇଁ ପରବ,
ଲେଖା ହୁଏ ଡାଇରୀରେ।
ତିଥି ବାର କିଛି ଜାଣି ହେଉନାହିଁ,
ଅବସର ନେବା ପରେ।

ଭିନ୍ନ ଭିନ୍ନ ଏଡଭାନ୍ସ ଉଠାହୁଏ,
ଥିଲା ବେଳେ ଚାକିରିରେ।
ଏବେ ପହିଲାକୁ ପେନସନ ଭରସା,
ଅବସର ନେବା ପରେ।


**– ଅବସରପ୍ରାପ୍ତ ପ୍ରାଧ୍ୟାପକ**
**ପଥରଚକଡ଼ା, ଭାପୁର, ନୟାଗଡ଼**


# ଆନ୍ତର୍ଜାତିକ ନାରୀ ଦିବସ

ମାର୍ଚ୍ଚ ମାସ ଆଠ ତାରିଖ ହେଉଛି 'ଆନ୍ତର୍ଜାତିକ ନାରୀ ଦିବସ'। ନାରୀର ମୌଳିକ ଅଧିକାରକୁ ନେଇ ଚର୍ଚ୍ଚା କରିବା ପାଇଁ ଏହି ଦିବସ ର ପରିକଳ୍ପନା। ନାରୀ, ତୁମେ ଅନନ୍ୟା, ଅନନ୍ଦିତା। କେବେ ତୁମେ ମା'ର ପଣତ କାନି ତ କେବେ ତୁମେ ଭାଇ ହାତର ରାକ୍ଷୀ। କେବେ ପୁରୁଷର ଧର୍ମ ସଙ୍ଗିନୀ, ପୁଣି ତା'ର ସୁଖ ଦୁଃଖର ସାଥୀ। ତୁମେ ଘରର ଘରଣୀ, ତୁମେ ପୁଣି ବୟସ ନିର୍ବିଶେଷରେ ଜନନୀ। ତୁମେ ସ୍ନେହମୟୀ, ସର୍ବଂସହା , ତୁମେ ନାରୀ।

ନାରୀ ସ୍ରଷ୍ଟାଙ୍କର ଏକ ଅନବଦ୍ୟ ସୃଷ୍ଟି। ତାଙ୍କର ଏକ ଅବର୍ଣ୍ଣନୀୟ ସୃଜନଶୀଳତା। କୁଆଁ କୁଆଁ ରାବ ଦେଇ ଯେତେବେଳେ ଘରକୁ କନ୍ୟାଟିଏ ଆସେ ଲାଗେ ଯେମିତି ମା' ମହାଲକ୍ଷ୍ମୀଙ୍କ ଅବିର୍ଭାବ ହେଲା। ଧୀରେ ଧୀରେ ସେ ଲତାଟିଏ ପରି ବଢିଚାଲେ। ବିଭିନ୍ନ ସମୟରେ ସେ ଶିଖେ ଜୀବନ ବଞ୍ଚିବାର କଳା ଆଉ ଜୀବନକୁ ବଞ୍ଚାଇବାର କଳା। ପରିବାର ଠାରୁ ଆରମ୍ଭ କରି ସମାଜ ପ୍ରତି ଦାୟିତ୍ୱକୁ ବହନ କରିବାକୁ ଧୀରେ ଧୀରେ ସଚେତନ ହୁଏ।

ନାରୀକୁ ନେଇ ସାହିତ୍ୟ ସମ୍ଭାର, ଶିଳ୍ପୀର କଳା। ନାରୀ ବିନା ସୃଷ୍ଟିର ପ୍ରତିଟି ଦିଗ ଯେପରି ଅସମ୍ପୂର୍ଣ୍ଣ। ବଗିଚାରୁ ମନ୍ଦିର ଯାଏଁ ଫୁଲର ଯାତ୍ରା ପରି ନାରୀର ଯାତ୍ରା ବାପଘରୁ ଶାଶୁଘର। ଏହି ଯାତ୍ରା ସମୟରେ ସେ ରଖିଥାଏ ଅନେକ ଧୈର୍ଯ୍ୟ ଓ ନିଷ୍ଠା। ସ୍ନେହ, ପ୍ରେମ ଓ ସେବାର ଏକ ଚିରସ୍ରୋତା ନଦୀ। ଝିଅଟିର ଦରୋଟି କଥା ଓ ହସ ବାପା, ମା'ଙ୍କ ଠାରୁ ଆରମ୍ଭ କରି ସମସ୍ତଙ୍କ ମନରେ ଖୁସି ଆଣିଦିଏ।ପାଠ ପଢି ପରିବାର ପାଇଁ ଗୌରବ ଆଣେ। ତା ପରେ ଯେତେବେଳେ ତା' ଦେହରେ ଯୌବନର ରଙ୍ଗ ଲାଗେ ତା' ସମ୍ପର୍କର ପରିଭାଷାରେ ପରିବର୍ତ୍ତନ ଦେଖାଯାଏ। କେହି ଜଣେ ଅଜଣା ଲୋକଙ୍କୁ ନିଜର କରି ତା' ସଂସାରକୁ ଆପଣାର କରିନିଏ। ଦୁହିତାରୁ ହୋଇଯାଏ ପତ୍ନୀ। ନିଜ ବାପଘର ପରିବାର ସହ ସମ୍ଭାଳିନଏ ଶାଶୁଘର ପରିବାରର ପୁରା ଦାୟିତ୍ୱ। ଦୁଇଟି ପରିବାର ଭିତରେ ଯୋଗସୂତ୍ର ସୃଷ୍ଟି କରେ।


କେବଳ ଏତିକି ନୁହେଁ ନାରୀ ଆଜି ସବୁ କ୍ଷେତ୍ରରେ ଧୁରୀଣା। ଭୂମିରୁ ଭୂମାଯାଏଁ ତା'ର ଯାତ୍ରା ସଫଳ ହୋଇଛି। ଘରର ପ୍ରତିଟି ପାଇଟିକୁ ସୁଚାରୁ ରୁପେ କରିବା ଠାରୁ ଆରମ୍ଭ କରି ମହାକାଶରେ ବୁଲି ଆସିଲାଣି ନାରୀ। ନୃତ୍ୟ , ସଙ୍ଗୀତ, ସାହିତ୍ୟଠାରୁ ଆରମ୍ଭ କରି ସେବା ଓ ସେନାରେ ମଧ୍ୟ ନିଜର ଦକ୍ଷତା ଦେଖାଇପାରିଛି ନାରୀ। ନାରୀ କେବେ ସ୍ନେହମୟୀ କେବେ ପୁଣି ଶତ୍ରୁ ପାଇଁ ସଂହାରିଣୀ।

ଏତେ ସବୁପରେ ବି ନାରୀକୁ ବୁଝିବାକୁ ଏ ସମାଜ ଅମଙ୍ଗ କାହିଁକି। ସବୁ ବଳିଦାନ ପରେ ବି ତା' ଉପରେ ଏତେ ନିର୍ଯାତନା କାହିଁକି? ଏ ପ୍ରଶ୍ନ


ସବୁବେଳେ ଅସମାହିତ। ତେବେ ଆସନ୍ତୁ ଆଜିର ବିଶ୍ୱ ମହିଳା ଦିବସରେ ନାରୀକୁ ସମ୍ମାନ ଦେଇ ସାରା ବିଶ୍ୱର ମଙ୍ଗଳ କରିବାକୁ ଚେଷ୍ଟା କରିବା।

କେବଳ ଏତିକି ନୁହେଁ ନାରୀ ଆଜି ସବୁ କ୍ଷେତ୍ରରେ ଧୁରୀଣା। ଭୂମିରୁ ଭୂମାଯାଏଁ ତା'ର ଯାତ୍ରା ସଫଳ ହୋଇଛି। ଘରର ପ୍ରତିଟି ପାଇଟିକୁ ସୁଚାରୁ ରୁପେ କରିବା ଠାରୁ ଆରମ୍ଭ କରି ମହାକାଶରେ ବୁଲି ଆସିଲାଣି ନାରୀ। ନୃତ୍ୟ , ସଙ୍ଗୀତ, ସାହିତ୍ୟଠାରୁ ଆରମ୍ଭ କରି ସେବା ଓ ସେନାରେ ମଧ୍ୟ ନିଜର ଦକ୍ଷତା ଦେଖାଇପାରିଛି ନାରୀ। ନାରୀ କେବେ ସ୍ନେହମୟୀ କେବେ ପୁଣି ଶତ୍ରୁ ପାଇଁ ସଂହାରିଣୀ।

ଏତେ ସବୁପରେ ବି ନାରୀକୁ ବୁଝିବାକୁ ଏ ସମାଜ ଅମଙ୍ଗ କାହିଁକି। ସବୁ ବଳିଦାନ ପରେ ବି ତା' ଉପରେ ଏତେ ନିର୍ଯାତନା କାହିଁକି? ଏ ପ୍ରଶ୍ନ ସବୁବେଳେ ଅସମାହିତ। ତେବେ ଆସନ୍ତୁ ଆଜିର ବିଶ୍ୱ ମହିଳା ଦିବସରେ ନାରୀକୁ ସମ୍ମାନ ଦେଇ ସାରା ବିଶ୍ୱର ମଙ୍ଗଳ କରିବାକୁ ଚେଷ୍ଟା କରିବା। ଆଜି ଆନ୍ତର୍ଜାତିକ ନାରୀ ଦିବସରେ ନାରୀକୁ ନିଜର ଏକ କବିତାରେ ଗୋଟିଏ ସୁନ୍ଦର୍ ସଂଜ୍ଞା ଦେଇଥିବା କବିଗୁରୁ ରବୀନ୍ଦ୍ରନାଥ ଟାଗୋର ଙ୍କୁ ଶ୍ରଦ୍ଧାର ସହ ସ୍ମରଣ କରୁଛି। ସେଇ କବିତାର ଦୁଇ ଧାଡ଼ି ନିମ୍ନରେ ଲେଖୁଛି।

'ଖାଲି ବିଧାତାର ସୃଷ୍ଟି ନୁହଁ ତୁମେ ନାରୀ,
ପୁରୁଷ ଗଢେ ତୁମକୁ ସୌନ୍ଦର୍ଯ୍ୟ ସଂଚାରି,
ଆପଣା ଅନ୍ତର ମଧ୍ୟେ ବସି କବିଗଣ,
ଉପମା ସୁବର୍ଣ୍ଣ ସୂତା ବୁଣନ୍ତି ବସନ।'

ନିଜର କ୍ଷମତା ତଥା ଅସ୍ତିତ୍ୱର ଅଧିକାରକୁ ନାରୀ ଯେତେ ପ୍ରାପ୍ତି କରେ, ସେତେ ସେତେ ସେ ପୁରୁଷକୃତ ପଞ୍ଜୁରୀରୁ ମୁକ୍ତ ହୁଏ। ସ୍ୱୟଂସମ୍ପୂର୍ଣ୍ଣା ନାରୀ ପୁରୁଷକୃତ ଈଶ୍ୱରକୁ ପ୍ରତ୍ୟାଖ୍ୟାନ କରିବାର ସାମର୍ଥ୍ୟ ରଖେ। ନିଜର ସ୍ୱାଭାବିକ ଅଧିକାର ପାଇଁ ନାରୀକୁ ଯଥେଷ୍ଟ ସଂଘର୍ଷ କରିବାକୁ ପଡିଛି ଆଉ ଏବେ ବି କୌଣସି କୌଣସି ଘର କୋଣରୁ କରିବାକୁ ପଡୁଛି। ନାରୀ ସଂଗ୍ରାମର ଇତିହାସ...

୧୮୫୭ ମସିହା ମାର୍ଚ୍ଚ ୮ ତାରିଖରେ ଆମେରିକାର ସିଲେଇ କାରଖାନାର ନାରୀ ଶ୍ରମିକ ମାନେ ନିଜ କାର୍ଯ୍ୟରେ ସମାନ ଅଧିକାର ଓ ସୁସ୍ଥ ବ୍ୟବହାର ଦାବୀରେ ରାଜାରାସ୍ତା କୁ ପ୍ରଥମ କରି ଓହ୍ଲାଇ ଥିଲେ। ୧୮୬୦ ମସିହା ମାର୍ଚ୍ଚ ୮ ତାରିଖରେ ନାରୀ ଶ୍ରମିକ ମାନେ ସେମାନଙ୍କର ଦାବୀ ଆଦାୟ ପାଇଁ ସଂଘବଦ୍ଧ ହୋଇ ନିଜର ଏକ ୟୁନିଅନ୍ ଗଢ଼ିବାକୁ ଯାଇ ବିଫଳ ହୋଇଥିଲେ। ୧୮୮୯ ମସିହାରେ ପ୍ୟାରିସ୍ ରେ ପ୍ରଥମ ଆନ୍ତର୍ଜାତିକ ନାରୀ ସମ୍ମିଳନୀର ନେତୃତ୍ୱ ନେଇ ଜର୍ମାନୀର ସମାଜତାନ୍ତ୍ରିକ ନେତ୍ରୀ କ୍ଲାରା ଜେଟକିନ୍ ପୁରୁଷ ସହ ନାରୀର ସମାନ ଅଧିକାର କଥାଟିକୁ ଦୃଢ଼ ଭାବରେ ଉପସ୍ଥାପନା କରିଥଲେ।



୧୯୧୦ ମସିହାରେ ଦ୍ ?ିତୀୟ ସମାଜତାନ୍ତ୍ରିକ ଆନ୍ତର୍ଜାତିକ ସମ୍ମିଳନୀ କୋପେନ୍ ହେଗେନ୍ ରେ ହୋଇଥିଲା। ଏଥିରେ ପୃଥିବୀ ର ସତରଟି ଦେଶର ଶହେଜଣ ପ୍ରତିନିଧି ଯୋଗ ଦେଇଥିଲେ। ସେଠାରେ ଗୋଟିଏ ଆନ୍ତର୍ଜାତିକ ଦିବସ ପାଳନ ର ନିଷ୍ପତି ନିଆ ଯାଇଥିଲା। ୧୯୧୧ ମସିହା ମାର୍ଚ୍ଚ ମାସ ୧୯ ତାରିଖ ଦିନ ପ୍ରଥମ ନାରୀ ଦିବସ ହିସାବରେ ପାଳନ କରାଯାଇଥିଲା। ଏଥିରେ ସୁଇଜରଲ୍ୟାଣ୍ଡ, ଡେନମାର୍କ, ଅଷ୍ଟ୍ରିଆ ଓ ଜର୍ମାନର ଲକ୍ଷାଧିକ ନାରୀ ଯୋଗ ଦେଇଥିଲେ। ୧୯୧୩-୧୪ ରେ ନାରୀମାନଙ୍କର ଅଧିକାର ଦାବୀ କରିବାରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଲା। ୧୯୧୭ ମସିହାରେ ଋଷୀୟ ମାନଙ୍କ ଅ ?ସ୍ଥା ଏତେ ଖରାପ୍ ହେଇ ଯାଇଥିଲା ଯେ ସେମାନେ ଦୁଇ ମୁଠା ଖାଇବାକୁ ବି ପାଉନଥିଲେ। ବ୍ରେଡ୍ ପାଇଁ ଲମ୍ବା ଧାଡ଼ି ଯାହାକୁ 'ବ୍ରେଡ କ୍ୟୁ' ବୋଲି କୁହାଯାଉଥିଲା। ସେଇ 'ବ୍ରେଡ୍ କ୍ୟୁ'ରୁ କ୍ଷୁଧାର୍ତ୍ତ ଲୋକମାନଙ୍କର, ବିଶେଷ କରି ନାରୀମାନଙ୍କର ପ୍ରତିବାଦ ଆରମ୍ଭ ହୋଇ ଯାଇଥିଲା। ସେଦିନ ଥିଲା ମାର୍ଚ୍ଚ ୮ ତାରିଖ। ୧୯୪୭ ମସିହାରେ ରାଷ୍ଟ୍ରସଙ୍ଘ ମାର୍ଚ୍ଚ ମାସ ଆଠ ତାରିଖ କୁ ଆନ୍ତର୍ଜାତିକ ନାରୀ ଦିବସ ହିସାବରେ ପାଳନ କରିବା ପାଇଁ ସ୍ୱୀକୃତି ଦେଇଥିଲା।

ଆମ ସଂସ୍କୃତିରେ ନାରୀର ସ୍ଥାନ ସ୍ୱତନ୍ତ୍ର। ଏଠାରେ ନାରୀର ମହନୀୟତାକୁ ସମ୍ମାନ ଜଣାଯାଏ ଓ ନାରୀକୁ ସକଳ ଶକ୍ତିର ଉତ୍ସ ଭାବେ ପୂଜା କରାଯାଏ। ନାରୀର ଉନ୍ନତି ବିନା ସମାଜ ବା ରାଷ୍ଟ୍ରର ବିକାଶ ଅସମ୍ଭବ। ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ, ଯେଉଁ ପର୍ଯ୍ୟନ୍ତ ନାରୀର ଅବସ୍ଥାରେ ଉନ୍ନତି ଆସିନାହିଁ, ସେ ପର୍ଯ୍ୟନ୍ତ ବିଶ୍ୱର ମଙ୍ଗଳ ସମ୍ଭବ ନୁହେଁ। ଯେମିତି ଗୋଟିଏ ଡେଣା ଦ୍ୱାରା ପକ୍ଷୀଟିଏ ଉଡ଼ିପାରେ ନାହିଁ, ସେମିତି ନାରୀର ଉନ୍ନତି ଓ ସହଯୋଗ ବିନା ଏକ ସମାଜ ଅଗ୍ରଗତି କରିପାରେ ନାହିଁ। ଆମ ସଂସ୍କୃତିରେ ନାରୀ ଶକ୍ତି ସ୍ୱରୂପିଣୀ, ପରମେଶ୍ୱରୀ ଏବଂ ଚିର ବନ୍ଦନୀୟା। ସ୍ୱାମୀଜୀ ଆହୁରି ମଧ୍ୟ କହିଥିଲେ ଯେ, ଏକ ରାଷ୍ଟ୍ରର ସମୃଦ୍ଧିର ପ୍ରକୃତ ପରିମାପକ ହେଉଛି ଏହାର ନାରୀମାନଙ୍କ ପ୍ରତି ଆଚରଣ। ନାରୀର ସହଭାଗିତା ବିନା ରାଷ୍ଟ୍ରର ବିକାଶ ସର୍ବଦା ଅସମ୍ପୂର୍ଣ୍ଣ। ଆଜି ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ନାରୀ ପ୍ରତି ସମ୍ମାନ, ସମ୍ବେଦନଶୀଳତା ଓ ସହଯୋଗ ସମସ୍ତଙ୍କର ଧ୍ୟେୟ ହେବା ଜରୁରୀ।



ନାରୀ ହେଉଛି ସୃଷ୍ଟିକର୍ତ୍ତାଙ୍କର ଏକ ଅନବଦ୍ୟ ସୃଷ୍ଟି, ଯାହାଙ୍କ ବିନା ଏ ସୁନ୍ଦର ସୃଷ୍ଟି ସମ୍ଭବ ନୁହେଁ। ପ୍ରାଚ୍ୟ, ପାଶ୍ଚାତ୍ୟ ସବୁ ରାଷ୍ଟ୍ରରେ କାଳ ନିର୍ବିଶେଷରେ ଏହା ସ୍ୱୀକୃତ ଯେ ନାରୀ ସମାଜର ଅବିଚ୍ଛେଦ୍ୟ ଅଙ୍ଗ ଓ ପ୍ରକୃତି ପୁରୁଷର ମିଳନରେ ସୁନ୍ଦର ସମାଜଟିଏ ଗଢ଼ିଉଠେ। ଛୋଟ ବଡ ଅନେକ ଦାୟିତ୍ୱ ନିର୍ବାହ କରି ଉଭୟ ନାରୀ ଓ ପୁରୁଷ ସମାଜକୁ ଆଗେଇ ନେଇଥାନ୍ତି। ସେଇ ନାରୀମାନଙ୍କ ସମ୍ମାନ ଓ ସ୍ୱାଧୀକାର ପାଇଁ ପ୍ରତିବର୍ଷ ମାର୍ଚ୍ଚ ୮ତାରିଖରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି। ତେବେ ଏହି ଦିବସ ପାଳନ ପାଇଁ ନାରୀମାନଙ୍କୁ ଅନେକ ସଂଘର୍ଷ କରିବାକୁ ପଡିଛି।

ଆଜି ସମୟ ବଦଳିଛି। ଅନେକ ସଂଗ୍ରାମ ପରେ ନାରୀ ତାର ସାମ୍ବିଧାନିକ ଅଧିକାର ପାଇଛି। ''ଆନ୍ତର୍ଜାତିକ ମହିଳା ଦିବସ'' ନାରୀମାନଙ୍କ ରାଜନୈତିକ, ଅର୍ଥନୀତିକ, ଶୈକ୍ଷିକ, ମାନସିକ ଓ ସାମାଜିକ ଜୀବନର ସଫଳତାର ନିଦର୍ଶନ ଅଟେ। ଆମେଏହି ଦିନରେ ନାରୀଙ୍କୁ ସମ୍ମାନ ଦେବାପାଇଁ ଅନେକ କାର୍ଯ୍ୟକ୍ରମ ଆୟୋଜନ କରିଥାଉ। ଚୀନ, ଆମେରିକା, ବୁଲଗାରିଆ, କାଜାଖସ୍ଥାନ, ମଙ୍ଗୋଲିଆ, ୟୁକ୍ରେନ ଆଦି ଦେଶରେ ଏହାକୁ ସରକାରୀ ଛୁଟିଦିବସ ଘୋଷଣା କରାଯାଇଛି। ଏହି ଅବସରରେ ସେଠାରେ ପୁରୁଷ ମାନେ ସେମାନଙ୍କ ମା, ଭଉଣୀ, ସ୍ତ୍ରୀ, ସହକର୍ମୀଙ୍କୁ ସମ୍ମାନ ଜଣେଇ ଫୁଲ ଓ ଉପହାର ଦେଇଥାନ୍ତି। ଅନେକ ଏହାକୁ ''Mother's day'' ଭାବେ ମଧ୍ୟ ପାଳିଥାନ୍ତି। ଆମ ରାଜ୍ୟରେ ମଧ୍ୟ ମହିଳାଙ୍କ ପାଇଁ ଅନେକ ଯୋଜନା କରାଯାଉଛି। ଆସନ୍ତୁ ଆଜି ଆନ୍ତର୍ଜାତିକ ନାରୀ ଦିବସ ଅବସରରେ ଆମର ସମସ୍ତ ସୁନ୍ଦର୍ ଆବେଗର ଫଳଶ୍ରୁତି ଆଉ ତାର ଯଥାଯଥ ଅଧିକାରର ସୁରକ୍ଷା.. ଏଇ ଦୁଇଟି ଆଧାରରେ ନାରୀକୁ ବିବେଚନା କରିବାକୁ ପ୍ରତିଶ୍ରୁତି ବଦ୍ଧ ହେବା। ଆଜିର ଆନ୍ତର୍ଜାତିକ ନାରୀ ଦିବସରେ ପ୍ରତ୍ୟେକ ନାରୀଙ୍କୁ ମୋର ଅସରନ୍ତି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।


**– ଡଃ ମାଙ୍ଗଳିକା ମହାପାତ୍ର**
ରେଭେନସା ବିଶ୍ୱବିଦ୍ୟାଳୟ

Ph.D. (Environment Studies.), M.Phil. (Botany), M.Sc.& M.Ed. (Life Sc. & Envir), M.A. in Odia, B.Sc. Botany (Hons and Distinction)
Plot No: 353, Prasanti Vihar, At/Po: KIIT, Patia, Near KIIT University, Bhubaneswar 751024, Odisha, India
Phone : 9437861999
E. Mail : drmangalikamohapatra@gmail.com

# ଅନ୍ତର୍ଜାତୀୟ ମହିଳା ଦିବସ



## ନାରୀବାଦର ପ୍ରବାହିତ ଧାରା

ଆନ୍ତର୍ଜାତୀୟ ଶ୍ରମଜୀବୀ ମହିଳା ଦିବସ ମାର୍ଚ୍ଚ ୮ । ଅନେକ ପରିବର୍ତ୍ତନର ବାର୍ତ୍ତା ଓ ପୁରୁଷ କୈନ୍ଦ୍ରିକ ସମାଜରେ ଆଉ ନାରୀ ପଛରେ ନାହିଁ, ସବୁ କ୍ଷେତ୍ରରେ ଆଗରେ ଥିବା ବିଭିନ୍ନ ଆଲୋଚନା ଓ ଆଲେଖ୍ୟରୁ ସୂଚନା ମିଳେ । ଖୁବ୍ ଭଲ କଥା ଆମେ ଏହାକୁ କେବେ ଅସ୍ୱୀକାର କରିପାରିବା ନାହିଁ । କିନ୍ତୁ ବାସ୍ତବରେ କ'ଣ ଘଟୁଛି ତାହାହିଁ ଏ ଆଲେଖ୍ୟର ଉଦ୍ଦେଶ୍ୟ । ନିକଟରେ ଏକ ଗଣ ଆନ୍ଦୋଳନ ହୋଇଥିଲା । ମହିଳାମାନେ ରାସ୍ତାରେ ସ୍ଲୋଗାନ ଦେଇଥିଲେ, କାରଖାନାଗୁଡ଼ିକରେ ଧର୍ମଘଟ କରିଥିଲେ, ବିପ୍ଳବରେ ଭାଗ ନେଇଥିଲେ ଓ କ୍ଷମତାରେ ଥିବା ଲୋକଙ୍କ ସହ ସିଧାସଳଖ ସଂଘର୍ଷ କରିଥିଲେ । କହିରଖେ ଏହା ଏକପ୍ରକାର ନାରୀବାଦ ଥିଲା । ବର୍ତ୍ତମାନ ଆଉ ଏକ ଭିନ୍ନ ଧରଣର ନାରୀବାଦ ଅଛି ଯାହା ସେମିନାର ହଲ୍ ଟେବୁଲ ଉପରେ ବିତର୍କ, ଟ୍ୱିଟରରେ ଟ୍ରେଣ୍ଡ ଓ ବିଜ୍ଞାପନରେ ଦ୍ ?ାରା ଘଟୁଛି । ଯାହା ନାରୀ ସଶକ୍ତିକରଣକୁ ବିକ୍ରୟ କରେ । ପ୍ରଶ୍ନ ଉଠେ - ଆମେ କେଉଁଠାରୁ ଆରମ୍ଭ କରିଛେ ଓ ଏବେ କେଉଁଠି ଆସି ପହଁଚି ପାରିଛେ ।

ପ୍ରଥମତଃ ଅଧିକାରର ମୂଳଦୁଆକୁ ଦୃଷ୍ଟି ଦେଲେ ଅଷ୍ଟାଦଶ ଶତାବ୍ଦୀର ଶେଷରେ, ମେରି ୱୋଲଷ୍ଟୋନକ୍ରାଫ୍ଟ ସେହି ସମୟର ମହିଳାମାନଙ୍କ ପାଇଁ ବୌଦ୍ଧିକ ସଂଗ୍ରାମର ମୂଳଦୁଆ ପକାଇଥିଲେ । ଯେତେବେଳେ ଯାହା ମହିଳାଙ୍କ ଅଧିକାରର ଏକ ଭିଣ୍ଡିକେସନ୍ ଲେଖିଥିଲା । ସେହି ଯୁଗରେ ମହିଳାମାନଙ୍କୁ ମଣିଷ ଅପେକ୍ଷା ଅଧିକ ମାତ୍ରାରେ ସମ୍ପତ୍ତିର ମାନ୍ୟତା ଦିଆଯାଇଥିଲା । ଶିକ୍ଷା, ସମ୍ପତ୍ତି ଓ ଭୋଟ୍ ଦେବାର ଅଧିକାର ନାରୀବାଦର ପ୍ରଥମ ତରଙ୍ଗର କେନ୍ଦ୍ର ପାଲଟିଗଲା । ଊନବିଂଶ ଓ ବିଂଶ ଶତାବ୍ଦୀର ପ୍ରାରମ୍ଭରେ କ୍ଲାରା ଜେଟବେନ୍ ତଥା ଅନ୍ୟାନ୍ୟ ସମାଜବାଦୀ ମହିଳାମାନଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ବୃଦ୍ଧି ପାଇଥିଲା । ଯେଉଁମାନେ ଜାତିଗତ ମହିଳାଙ୍କ ଅଧିକାର ଓ ରାଜନୈତିକ ଅଂଶଗ୍ରହଣ ପାଇଁ ଲଢ଼ିଥିଲେ ।

ଦ୍ୱିତୀୟ ତରଙ୍ଗ ହେଉଛି ଶରୀର ଓ ମାନସିକ ଚେତନାର ପ୍ରଶ୍ନକୁ ନେଇ । ୧୯୫୦-୬୦ ଦଶକରେ ସାଇମନ୍ ଡି ବୋଉଙ୍କ ଦ୍ୱିତୀୟ ସେକ୍ସ (ଲିଙ୍ଗ) ଅପରାଜିତ ଦ୍ୱିତୀୟ ପ୍ରସଙ୍ଗକୁ ନିର୍ଦ୍ଦେଶ ଦେଇଥିଲା । ସେ ମହିଳାଙ୍କର 'ଅନ୍ୟ' ସ୍ଥିତି ଉପରେ ପ୍ରଶ୍ନ କରିଥିଲେ । ଏହା ଏକ ଚମତ୍କାର ଉତ୍ତମ ସମୟ ଥିଲା ଯେତେବେଳେ ଗର୍ଭପାତ, ଲିଙ୍ଗଗତ ଭେଦଭାବ, ଅସମାନତା ଏବଂ ଯୌନ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯାଇଥିଲା । କିନ୍ତୁ ଏହି ଆନ୍ଦୋଳନ ଧୀରେ ଧୀରେ ମଧ୍ୟବିତ୍ତ ମହିଳାମାନଙ୍କ ମଧ୍ୟରେ ସୀମିତ ହୋଇଗଲା ।

ନାରୀବାଦର ତୃତୀୟ ପ୍ରସଙ୍ଗ ହେଉଛି ପରିଚୟ ଓ ଆଲୋଚନା । ୧୯୯୦ ଦଶକରେ ନାରୀବାଦ ମଧ୍ୟରେ ଜାତି, ଶ୍ରେଣୀ, ଯୌନତା ଓ ସାମାଜିକ ତଥା ସାଂସ୍କୃତିକ ବିବିଧତାକୁ ନେଇ ଆରମ୍ଭ ହେବାକୁ ଲାଗିଲା । କିନ୍ତୁ ଏହି ସମୟ ମଧ୍ୟରେ ଏହା ଚାରୋଟି ଆକାରରେ ସଙ୍କୋଚନ କଲା । ଏକାଡେମିକ୍ ଜର୍ଣ୍ଣାଲ୍ ଓ ନାରୀବାଦୀ ଅଧ୍ୟୟନରେ ରିଜୋନାନ୍ସ ପାଇଥିବା ଏହି ଆନ୍ଦୋଳନ ତୃଣମୂଳ ସଂଘର୍ଷରୁ ଦୂରେଇ ଗଲା ।

ସେହି ଭଳି ଚତୁର୍ଥ ପ୍ରସଙ୍ଗରେ ଡିଜିଟାଲ୍ ଫେମିନିଜିମ୍ ଏଣ୍ଡ ଏଲିଟ୍ ଡାଇମେନ୍ସନ୍ ବର୍ତ୍ତମାନର ନାରୀବାଦୀ ତରଙ୍ଗ ସୋସିଆଲ୍ ମିଡିଆ ଓ ପପ୍ ସଂସ୍କୃତିରେ ଅଧିକ ଦୃଶ୍ୟମାନ ହେଉଛି । ମି ଟୁ (MeToo) ପରି ଅଭିଯାନ ଗୁରୁତ୍ୱପୂର୍ଣ୍ଣ ଥିଲା । କିନ୍ତୁ ସେମାନେ ମଧ୍ୟ ସହରୀ ମହିଳା ଗଣମାଧ୍ୟମରେ ସୀମିତ ରହିଲେ । ଗାନ୍ଧୀଜୀଙ୍କ ଦୃଷ୍ଟିରେ ଥିବା ସହରରେ ଶ୍ରମିକ ମହିଳାଙ୍କ ସମସ୍ୟା, କୃଷକ ଆନ୍ଦୋଳନରେ ମହିଳାଙ୍କ ଭୂମିକା, ଦୈନିକ ବେତନ ଶ୍ରମିକ ଭାବରେ କାର୍ଯ୍ୟ କରୁଥିବା ମହିଳାଙ୍କ ସମସ୍ୟା ଏହି ନାରୀବାଦ ପରିସରରୁ ଚାଲିଗଲା ।

ଏବେକାର ନାରୀବାଦ ଆଉ ଏକ ଆନ୍ଦୋଳନ ନୁହେଁ, ବରଂ ଏକ ବ୍ରାଣ୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଜିର ନାରୀବାଦ ପ୍ରାୟତଃ କର୍ପୋରେଟ୍ ଅଭିଯାନ, ଆବେଗ ବ୍ରାଣ୍ଡ ତଥା ସେମିନାର ହଲରେ କମିଯାଏ । 'ବସ୍ ଲେଡି' ପରି ଶବ୍ଦ ଶୁଣାଯାଏ, କିନ୍ତୁ କ୍ଷେତରେ କାମ କରୁଥିବା ମହିଳାଙ୍କ ସ୍ୱର ଶୁଣାଯାଏ ନାହିଁ । ପ୍ରଶ୍ନ ଉଠେ - ଏହି ନାରୀବାଦ ପ୍ରକୃତରେ ମହିଳାମାନଙ୍କ ପାଇଁ ଲଢୁଛି କି । ବରଂ ଏହା ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ମହିଳାମାନଙ୍କ ପାଇଁ ଏକପ୍ରକାର ସୁବିଧାଜନକ ବକ୍ତବ୍ୟ ପାଲଟି ଯାଇଛି ।

ନାରୀବାଦ ଏହାର ମୂଳକୁ ଫେରିବା ଆବଶ୍ୟକ ଯେଉଁଠାରେ ମହିଳାମାନେ ଦଳର ଅଂଶ, ବଳର ନେତା ଏବଂ ପରିବର୍ତ୍ତନର ମୁଖ୍ୟ ଥିଲେ । କ୍ଲାରା ଜେଟକିନ୍ ଓ ରୋସା ଲକ୍ସେମବର୍ଗ ପରି ଲଢୁ ଥିବା ମହିଳାମାନେ ସେଠାରେ ଅଛନ୍ତି । ବରଂ ସେମାନଙ୍କର ସଂଗ୍ରାମକୁ ମୁଖ୍ୟ ସ୍ରୋତର ଏକ ଅଂଶ କରିବାର ଆବଶ୍ୟକତା ଅଛି । ମହିଳା ଦିବସ କେବଳ ଏକ ଉତ୍ସବ ନୁହେଁ, ବରଂ ମନେ ରଖିବାକୁ ଏକ ଆନ୍ଦୋଳନ । ଆମକୁ ମନେ ରଖିବାକୁ ହେବ ଯେ ଏହି ଆନ୍ଦୋଳନ କେବଳ ଯେଉଁମାନେ ସେମିନାରରେ ଭାଷଣ ଦିଅନ୍ତି ସେମାନଙ୍କ ପାଇଁ ନୁହେଁ, ବରଂ ସେହି ମହିଳାମାନଙ୍କ ପାଇଁ, ଯେଉଁମାନେ ବିଭିନ୍ନ କ୍ଷେତ୍ରରେ, କାରଖାନା, ରାସ୍ତା ଓ ଘରେ ପରିବର୍ତ୍ତନର ମୂଳଦୁଆ ପକାଉଛନ୍ତି ।

ପ୍ରକୃତରେ ଏହାର ବାସ୍ତବତା ସଂପର୍କରେ ଆଲୋଚନା କଲେ ସ୍ପଷ୍ଟ ହେବ ଏକ କ୍ଷମତାସୀନ ସମାଜ ଓ ଜାତିବାଦ ହିନ୍ୟମନ୍ୟତା ରଖୁଥିବା ସମାଜ ନାରୀ ବାବଦ ପାଇଁ କୁମ୍ଭୀର କାନ୍ଦଣା କରି ଚାଲିଛି । ସେମାନେ ଗୋଟିଏ ଗୋଟିଏ ଇଟା ପକାଉଛନ୍ତି । ନିଜେ ତିଆରି କରିଥିବା ନୂତନ ସମାଜ ଗଠନ ନାମ ଶୁଣାଇବାରେ ବ୍ୟସ୍ତ ଅଛନ୍ତି । ମହିଳାମାନଙ୍କ ପାଇଁ ଆଜି ମଧ୍ୟ ନିଜ ଭଲ ପାଇବା ଭଳି ସମାଜ ଗଠନ କରିବା ଏକ ଚ୍ୟାଲେଞ୍ଜ ନୁହେଁ । ଦେଶ ଦାସତ୍ୱରୁ ବାହାରି ଆସିଥିଲା ସତ, କିନ୍ତୁ ବର୍ତ୍ତମାନ ଏହା ରୟାଲଟି ଓ ପିତୃପୁରୁଷଙ୍କ କବଳରେ ଅଛି । ଦେଶର ସ୍ୱାଧୀନତା ପୂର୍ବରୁ ମଧ୍ୟ ମହିଳାଙ୍କ ଜୀବନ ଜୀବିକା ପାଇଁ ସଂଗ୍ରାମ ସେ ସମୟରେ ରହିଥିଲା । ଏହା ପରେ ମଧ୍ୟ ଜାରି ରହିଛି । ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ଏହାର ଉନ୍ନତିରେ ଅନେକ ପରିବର୍ତ୍ତନ ଆସିଛି ।

ଆଜି ଆମେ ଏକ ଅଜବ ସମୟ ଦେଇ ଗତି କରୁଛେ । ଯେଉଁଠି ମଧ୍ୟବିତ୍ତ ପରିବାରରେ ପୁରୁଷମାନେ ନିଜ ମା ଓ ପିତାଙ୍କୁ ପରମ୍ପରାର ମୂଲ୍ୟବୋଧରେ ବାନ୍ଧି ରଖିବାକୁ ଚେଷ୍ଟା କରନ୍ତି । କିନ୍ତୁ ଦେଖିବାକୁ ଗଲେ ନିଜ ଝିଅକୁ ଆଧୁନିକୀକରଣ କରିବାକୁ ଚାହାଁନ୍ତି । ଅନ୍ୟପକ୍ଷରେ ପରମ୍ପରାକୁ କ୍ଷତିରେ ପହଞ୍ଚାଇ ଝିଅକୁ ପାଶ୍ଚାତ୍ୟ ଢଙ୍ଗରେ ଲାଳନପାଳନ କରିବାକୁ ବାଧ୍ୟ ହେଉଛନ୍ତି । ଏହା ଆମ ସମାଜ ବାହାରେ , ଯାହା ଅପସଂସ୍କୃତି । ସମସ୍ତ ପରମ୍ପରା ନିୟମ ଓ ରୀତିନୀତି ମହିଳାମାନଙ୍କ ଅଧୀନରେ ପଡୁଛି । ସିନେମା ହଲରେ ମହିଳା ପ୍ରସଙ୍ଗରେ ନିର୍ମିତ ଚଳଚ୍ଚିତ୍ର ଦେଖିବାବେଳେ, ପୁରୁଷଙ୍କ ସ୍ୱରରୁ ବୁଝିହେବ ଯେ ନାରୀମାନେ ନିର୍ଯ୍ୟାତନା ପାଇବାକୁ କେତେ ଭୟ କରୁଛନ୍ତି । ଏଠାରେ ପାଠକ ମାନଙ୍କ ଅବଗତ ନିମନ୍ତେ ୨୦୨୪ କିରଣ ରାଓରେ ଦୁଇଟି ଚଳଚ୍ଚିତ୍ର ଆଲୋଚନା କରିବା ଆବଶ୍ୟକ ମଣୁଛି । ଆରତୀ କଦମଙ୍କ ନିର୍ଦ୍ଦେଶିତ 'ମିସ୍ ଲେଡିଜ୍' ଏଣ୍ଡ 'ମିସ୍' ସାଧାରଣ ମହିଳାଙ୍କ ଜୀବନରୁ ଦୈନନ୍ଦିନ କାହାଣୀ ନେଇଛନ୍ତି । ସମାଜରେ ମହିଳାମାନଙ୍କ ପାଇଁ ଏକ ସ୍ଥାନ ସୃଷ୍ଟି କରିବା ପାଇଁ ଏହି ଉଭୟ ଦଳ ଯାହା କରିଛନ୍ତି ତାହା ସମାଜରୁ ପୁରୁଷ ପ୍ରାଧାନ୍ୟ ଆଧିପତ୍ୟକୁ ହରାଇଲା । ସଂସ୍କୃତିର କାନ୍ଥ ଭାଙ୍ଗୁଥିବା ଏହି ଚଳଚ୍ଚିତ୍ରଗୁଡ଼ିକରେ କେବଳ ଉଚ୍ଚ ମାନର ଅଭିନୟ ନୁହେଁ, ଜଣେ ମହିଳା ଅନ୍ୟ ଜଣେ ମହିଳାଙ୍କ ସମସ୍ୟାକୁ ମଧ୍ୟ ବୁଝନ୍ତି ଓ ସମାଧାନ କରନ୍ତି ତାହାର ଜୀବନ୍ତ ଚିତ୍ର ଦିଆଯାଇଛି ।

ସମାଜର ଏକ ବୃହତ ବିଭାଗ ଚଳଚ୍ଚିତ୍ରକୁ ପ୍ରତ୍ୟାଖ୍ୟାନ କରୁଛନ୍ତି । ଅନ୍ୟମାନେ କହିଛନ୍ତି ଯେ ଯଦି ଝିଅମାନେ ନିଜ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିବା ଆରମ୍ଭ କରନ୍ତି । ତେବେ ସେ ଘର କାମ କରିବ ନାହିଁ, କିନ୍ତୁ ଧ୍ୟାନ ଦେବା ଆବଶ୍ୟକ ଯେ ଯେଉଁ ଘରେ ସୁରୁଖୁରୁରେ ଚାଲୁଛି । ମହିଳାମାନେ ନିଜ ମନକୁ ଅନେକ ପରିମାଣରେ ମାଡ଼ ଖାଇ ଘରର ମୂଳଦୁଆ ବଜାୟ ରଖିଛନ୍ତି । ପରିବାର ସଦସ୍ୟ କିମ୍ବା ପ୍ରତ୍ୟକ୍ଷ ରକ୍ତ ସମ୍ପର୍କୀୟମାନେ ଏହା ଜାଣି ନାହାଁନ୍ତି ।

ଏହା ହେଉଛି 'ନିଖୋଜ ଲେଡିଜ୍'ର କାହାଣୀ ଯେତେବେଳେ ସେମାନଙ୍କର ସୁନ୍ଦର ବୋହୂ ଏକ ଅନ୍ତର୍ନିହିତ ଭାବରେ ଛଦ୍ମବେଶରେ ଘରକୁ ଆସନ୍ତି । କହିବା କଥା ସମସ୍ତେ ଶାଶୁ, ବୋହୂ ହୁଅନ୍ତି, କିନ୍ତୁ କେହି ବନ୍ଧୁ ହୋଇପାରିବେ ନାହିଁ । ଯେତେବେଳେ ଗ୍ରାମର ଆଖପାଖର ମହିଳାମାନେ ଏଠାରେ ଥାଆନ୍ତି, ସେମାନଙ୍କ ମୁହଁରେ ଥିବା ଅଭିବ୍ୟକ୍ତି ଦର୍ଶାଏ ଯେ ସେମାନେ ଆମ ସମ୍ପର୍କ-ମାତାମାନଙ୍କ ସହିତ କେତେ ବିରକ୍ତ । ବନ୍ଧୁମାନଙ୍କ କମ୍ବଳ ଓ ଖରାପ ରୀତିନୀତି ସଂସ୍କୃତି ଦ୍ୱାରା ସେମାନେ ଶ୍ୱାସରୁଦ୍ଧ ଅନୁଭବ କରନ୍ତି, କିନ୍ତୁ ଏହାକୁ ହଟାଇବାକୁ କାହାର ସାହସ ନାହିଁ ।

'ଶ୍ରୀମତୀ' ଚଳଚ୍ଚିତ୍ରରେ କୁହାଯାଇଛି ଯେ ଏକ ସୁସଜ୍ଜିତ ଭୋଜନ ସ୍ୱାଦକୁ ପ୍ରତିଫଳିତ କରିଥାଏ । କିନ୍ତୁ ସମାଜ ସେହି ଘର ପାଇଁ ମହିଳାଙ୍କ ଇଚ୍ଛାକୁ ଚିହ୍ନଟ କରିବାରେ ଅସମର୍ଥ । ଆଜି ବି ଘରେ କେଉଁ ପନିପରିବା ଓ ପିଆଜ କାଟାଯିବ ସେସବୁ ଓ ସେହି ବ୍ୟକ୍ତି ହିଁ ସ୍ଥିର କରନ୍ତି । ମୁଁ ଶିଳବଟାରେ ତିଆରି ହୋଇଥିବା ଚଟଣୀକୁ ପସନ୍ଦ କରେ କିନ୍ତୁ ମୁଁ ଅନୁଭବ କରେ ନାହିଁ ଯେ ଏହି ଝିଅର ଏହି ଚଟଣୀ ଖାଇବାର ସ୍ୱପ୍ନ ନଷ୍ଟ ହୋଇଯାଉଛି । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପରିଶ୍ରମ କରିବା ପରେ ମହିଳାମାନେ ଅପମାନର ସମ୍ମୁଖୀନ ହୁଅନ୍ତି । ଆଜି ବି ସମାଜର କୌଣସି ବଡ଼ ବିଭାଗ ମହିଳାମାନଙ୍କ ବିଷୟରେ କେହି ଥରେ ଚିନ୍ତା କରନ୍ତି ନାହିଁ । ଏହିପରି ଚିନ୍ତା କରିବା ସେମାନଙ୍କ ଘରର ମୂଳଦୁଆକୁ ଦୋହଲାଇବ । ସେଥିପାଇଁ ସେମାନେ ଏହିପରି ଚଳଚ୍ଚିତ୍ର ପସନ୍ଦ କରନ୍ତି ନାହିଁ ।

ଆଜିକାଲି ମହିଳାମାନେ ମିଥ୍ୟା ଅଭିଯୋଗ କରି ପୁରୁଷମାନଙ୍କ ଠାରୁ ଟଙ୍କା ଲୁଟି ନେଉଛନ୍ତି ନା ମହିଳାମାନେ ବ୍ୟବସାୟରେ ପରିଣତ ହୋଇଛନ୍ତି ସେନେଇ ଅନେକ ବିତର୍କ ଚାଲିଛି । ଲୋକମାନେ ଏହି ବିଷୟରେ କଥାବାର୍ତ୍ତା କରନ୍ତି । ଘରେ ସଂଘର୍ଷ କରୁଥିବା ମହିଳା ଓ ନିକଟସ୍ଥ କର୍ମ ସଂସ୍ଥାନରେ କାର୍ଯ୍ୟରତ ମହିଳାଙ୍କୁ ଗଣନା କରାଯାଉ ନାହିଁ । ଯେଉଁଠାରେ ପ୍ରତ୍ୟେକ ଘରେ ମହିଳାଙ୍କୁ ହଇରାଣ କରାଯାଉଛି, ଏହାର କୌଣସି ହିସାବ ନାହିଁ ।

ମହିଳା ନିର୍ଯ୍ୟାତନା, ବଧୂ ଶୋଷଣ, ଅତ୍ୟାଚାର ଓ ଘରୋଇ ହିଂସା ବିଷୟରେ କେହି ଆଲୋଚନା କରନ୍ତି ନାହିଁ । ଗୋଟିଏ ଘଟଣା କିମ୍ବା ଗୋଟିଏ ଚାପୁଡ଼ା ଯୋଗୁଁ ପରିବାରରେ ଆଲୋଚନା ଆରମ୍ଭ ହୋଇଛି ଯେ ମହିଳାଙ୍କ ଉପରେ ହେଉଥିବା ନିର୍ଯ୍ୟାତନା ହେତୁ ପୁରୁଷମାନେ କେତେ ଅସୁବିଧାରେ ପଡ଼ନ୍ତି ? ତେଣୁ ପୁରୁଷ ହିଂସା ବିରୋଧରେ ଏକ ନିର୍ଦ୍ଦିଷ୍ଟ ନିୟମ ପ୍ରସ୍ତୁତ କରାଯିବା ଉଚିତ୍ । ବର୍ତ୍ତମାନ ଏଥିପାଇଁ ସଂଗଠନ ଗଠନ ଆରମ୍ଭ ହୋଇଛି । ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ମହିଳାମାନେ ମଧ୍ୟ ଉଚ୍ଚାଭିଳାଷୀ ଓ ଆତ୍ମନିର୍ଭରଶୀଳ ହୋଇଥାନ୍ତି । କିନ୍ତୁ ସେଠାରେ ଦେଖିବାକୁ ଗଲେ ସେଭଳି କେତେଜଣ ମହିଳା ଅଛନ୍ତି ? ମହିଳା ଜନସଂଖ୍ୟାର ଅଧାରୁ ଅଧିକ ସମୟ ଘରେ ପରିବାର ଓ ପିଲାମାନଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ନିଜକୁ ଉତ୍ସର୍ଗ କରୁଛନ୍ତି । ପୁରୁଷମାନଙ୍କ ନିର୍ଯାତନା ଓ ମହିଳାଙ୍କ ନିର୍ଯାତନା ମଧ୍ୟରେ କୌଣସି ତୁଳନାତ୍ମକ ବିଚାର କେବେ କରାଯାଇପାରିବ ନାହିଁ । କାହାକୁ ନିର୍ଯ୍ୟାତନା ପ୍ରକୃତିର ଏଭଳି ଛବି ରହିଛି । ଏହା ଭାରତୀୟ ସମ୍ବିଧାନରେ ଉଲ୍ଲେଖ କରାଯାଇଥିବା ଅଧିକାରର ବିପରୀତ ଅଟେ । ଏହି ସଂଗ୍ରାମ ଦୀର୍ଘ ସମୟ ଧରି ଚାଲିବ, ସମାଜକୁ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ । ନାରୀବାଦର ଏହି ଧାରାର ଅବସାନ ନାହିଁ କହିଲେ ଚଳେ ।

ଆଉ ଟିକିଏ ତଳେଇ ଦେଖିଲେ କାଳଜୟୀ ସାରସ୍ୱତ ସାଧକ, ମହାପୁରୁଷ ପଞ୍ଚସଖା ଯୁଗର ସନ୍ଥକବି ବଳରାମ ଦାସ ପ୍ରଥମ କରି ଲକ୍ଷ୍ମୀପୁରାଣରେ 'ଶ୍ରୀୟା ଚଣ୍ଡାଳୁଣୀ ' ଦ୍ୱାରା ଏ ସମାଜକୁ ଉତ୍ତମ ବାର୍ତ୍ତା ଦେଇଥିଲେ । ତାହା ହିଁ ବିଶ୍ୱରେ ପ୍ରଥମ ସାମାଜିକ ନ୍ୟାୟ ଅଧିକାରର ସୁସନ୍ଦେଶ । ନାରୀକୁ ବନ୍ଦନୀୟା , ପୂଜ୍ୟନୀୟା , ପରାମର୍ଶ ପ୍ରଦାୟିନୀ ତଥା ସମ୍ମାନାସ୍ପଦା ବୋଲି ଉଲ୍ଲେଖଯୋଗ୍ୟା କରିଛନ୍ତି । ଶାସ୍ତ୍ରରେ ଉଲ୍ଲେଖ ଅଛି 'ଯତ୍ର ନାର୍ଯ୍ୟସ୍ତୁ ପୂଜୟେତ, ରମନ୍ତେ ତତ୍ର ଦେବତା' । ପରବର୍ତ୍ତୀ ସମୟରେ ରାଜା ରାମମୋହନ ରାୟ , ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଆଦିଙ୍କ ଭୂମିକା ମଧ୍ୟ ଗ୍ରହଣୀୟ ଓ ସ୍ମରଣୀୟ । ସମୟ କ୍ରମେ ନାରୀବାଦର ଏହି ଧାରା ୧୧୪ ବର୍ଷ ତଳେ ଆମେରିକାର ନ୍ୟୁୟର୍କରେ ଓ ଠିକ୍ ୧୦୮ ବର୍ଷ ତଳେ ରୁଷିଆରେ ୧୯୧୭ରେ ଓ ୧୯୭୫,ମାର୍ଚ୍ଚ ୮ରେ ଆନ୍ତର୍ଜାତିକ ଶ୍ରମଜୀବୀ ମହିଳା ଦିବସ ଭାବେ ପାଳିତ ହେବା ଓ ୧୯୯୬ରେ ଏହା ଆନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳିତ ହେଉଛି । ବାସ୍ତବରେ ପ୍ରତି ବର୍ଷ ଏକ ନିର୍ଦ୍ଦିଷ୍ଟ ବିଷୟ ନାରୀ ବାଦର ପ୍ରବାହିତ ଧାରା ଭାବେ ପ୍ରଚାରିତ, ପ୍ରସାରିତ ଓ ବିସ୍ତାରିତ ହେଉଛି ଓ ହେଉଥିବ ଯାହାର କୌଣସି ଅନ୍ତ ନାହିଁ ...!!!

**ଡକ୍ଟର ଲକ୍ଷ୍ମଣ ସାହୁ**
ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ-୪, ମୋ- ୯୦୪୦ ୧୫୧୪୭୫

## ରାଷ୍ଟ୍ର ବିକାଶରେ ନାରୀଶକ୍ତି

ଜଣେ ନାରୀ ତା' ଜୀବନ କାଳରେ ବହୁ ଭୂମିକା ତୁଲାଇ ଥାଏ । କେବେ ମା ହୋଇ, କେବେ ଭଉଣୀ ହୋଇ, ତ ଆଉ କେବେ ସ୍ତ୍ରୀ ହୋଇ । ନାରୀ , ଈଶ୍ୱରଙ୍କ ଏକ ଅନବଦ୍ୟ ସୃଷ୍ଟି । ନିଃସର୍ତ୍ତ ମମତାର ନିରୋଳା ନିର୍ଝରିଣି । ଅବିରତ ସେବାର ସଂଜୀବନି ସୁଧା ସିଞ୍ଚି ସାରା ବିଶ୍ୱକୁ କରେ ମଧୁମୟ । ହେଲେ ଆବଶ୍ୟକ ପଡିଲେ ହାତରେ ଅସ୍ତ୍ର ଧରି କରିପାରେ ସଂହାର । ପୁରାଣ ଇତିହରସ ଏହାର ମୁକସାକ୍ଷୀ । ଆମ ଦେଶର ମୋଟ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ହେଉଛନ୍ତି ନାରୀ । ନାରୀକୁ ହିଁ ନେଇ ଏ ସମାଜ । ଆମ ଦେଶରେ ନାରୀଙ୍କୁ ଦେବୀର ଆଖ୍ୟା ଦିଆ ଯାଇଛି । ନାରୀକୁ ନେଇ ଅତୀତରେ ମହାଭାରତ, ରାମାୟଣ ପରି ଅନେକ ଯୁଦ୍ଧ ଘଟି ଯାଇଛି । କେବଳ ପୌରାଣିକ ଭାବରେ ନୁହେଁ, ଇତିହାସ ମଧ୍ୟ ଏହି ଘଟଣାର ମୂକସାକ୍ଷୀ । ନାରୀ ଜନ୍ମଦାୟିନୀ, ଶକ୍ତି ପ୍ରଦାୟିନୀ ଅଟେ ।

ପୁରୁଷ ସହ ସମାଜରେ ପାଦରେ ପାଦ ମିଶାଇ ଚାଲିବା ପାଇଁ ଅନ୍ତର୍ଜାତୀୟ ମହିଳା ଦିବସର ସୃଷ୍ଟି । ଆଜିର ପ୍ରତିଯୋଗିତା ମୂଳକ ସମାଜରେ ନାରୀ କୌଣସି କ୍ଷେତ୍ରରେ ପଛରେ ନାହିଁ । ସବୁଥିରେ ପୁରୁଷର ସମକକ୍ଷ । ସାହିତ୍ୟ, ଠାରୁ ଆରମ୍ଭ କରି ବିଜ୍ଞାନ, ପ୍ରଦ୍ୟୋଗ ସବୁ କ୍ଷେତ୍ରରେ ନାରୀ ରଚିଛି ଇତିହାସ । ପୁରୁଷ ପ୍ରଧାନ ସମାଜରେ ନାରୀର ସ୍ୱରକୁ ଅନେକ ସମୟରେ ଦାବି ଦିଆ ଯାଉଛି, କିନ୍ତୁ ଦେଶର ଉନ୍ନତି ନିମନ୍ତେ ମହିଳାଙ୍କ ପ୍ରଗତି ଆବଶ୍ୟକ । ଶିଶୁ ଟିଏ ଜନ୍ମ ହେବା ପରେ କେବଳ ମାଆକୁ ହିଁ ଜାଣେ । ମାଆ ହିଁ ତାର ପ୍ରଥମ ଗୁରୁ ହୋଇ ଥାଆନ୍ତି । କିନ୍ତୁ ଯଦି ମାଆ ହିଁ ନିରକ୍ଷର ରହିବ, ତେବେ ଶିଶୁକୁ ସୁରକ୍ଷା ଦେବ କିଏ ? ଦେଶର ପ୍ରଗତି ନିମନ୍ତେ ମହିଳାଙ୍କର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସଶକ୍ତିକରଣ ହେବାର ଆବଶ୍ୟକତା ରହିଛି । ସାମଗ୍ରିକ ବିକାଶ ପାଇଁ ମହିଳାମାନଙ୍କ ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦେବାର ପ୍ରୟୋଜନ ରହିଛି ।

ଆଗରୁ ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ନାରୀ ଆଜି ଆତ୍ମନିର୍ଭରଶୀଳ ହେବାକୁ ଚେଷ୍ଟା କରୁଛି । ପୁରୁଷ ପ୍ରଧାନ ସମାଜରେ ପୁରୁଷମାନଙ୍କ ସହ ପ୍ରତି ମୂହୁର୍ତ୍ତରେ ସମକକ୍ଷ ହେବା ପାଇଁ ପ୍ରଚେଷ୍ଟା ଜାରି ରଖିଛି । ପାରିବାରିକ ଦାୟିତ୍ୱ ଏବଂ ସରକାରୀ କିମ୍ବା ବେସରକାରୀ କର୍ମକ୍ଷେତ୍ର ଦୁଇଟି ମଧ୍ୟରେ ତାଳମେଳ ରକ୍ଷା କରି ଆଗକୁ ବଢିବାକୁ ପ୍ରୟାସ କରୁଛି । ଏଥିପାଇଁ ତାକୁ ଦୈନନ୍ଦିନ ଜୀବନରେ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡୁଛି । ଏହାସତ୍ତ୍ୱେ ସମାଜରେ ସମ୍ମାନର ସହ ବଞ୍ଚିବାକୁ ସେ ତାର ସଂଘର୍ଷ ଜାରି ରଖିଛି । ଆଜି ମଧ୍ୟ ସମାଜରେ ଅନେକ ମହିଳା ଅଶିକ୍ଷିତ, ବାଲ୍ୟ ବିବାହ, ଯୌତୁକ ପ୍ରଥା, ଯୌନ ଉତ୍ପୀଡନ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସଂପ୍ରତି ସମାଜରେ ନାରୀଙ୍କ ପ୍ରତି ସମ୍ମାନ ଧିରେ ଧିରେ କମି ଯାଉଛି । ପ୍ରତି ଦିନ ହଜାର ହଜାର ଗଣ ଦୁଷ୍କର୍ମ ଖବର କାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରୁଛି । ଆମେ ଆମର ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ଦୂରକୁ ଘୁଞ୍ଚି ଘୁଞ୍ଚି ଯାଉଛୁ । କିନ୍ତୁ ସତ ହେଉଛି, ସମାଜରେ ନିଜକୁ ସୁରକ୍ଷିତ ମଣୁଥିବା ନାରୀଟିଏ ନିଜକୁ ଆତ୍ମନିର୍ଭରଶୀଳ କରିବା ସହିତ ସମାଜର ପ୍ରଗତିର ଯୋଗଦାନ କରିପାରିବ । ମହିଳାଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଗ୍ରାମ ପଞ୍ଚାୟତ ସ୍ତରୀୟ ନିର୍ବାଚନରେ ପାଇଁ ୧୯୯୬ ମସିହା ସେପ୍ଟେମ୍ବର ୧୨ତାରିଖରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷିତ ବ୍ୟବସ୍ଥା କରାଯାଇଛି । ୨୦୧୭ ମସିହାରେ କେନ୍ଦ୍ର ସରକାର ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ବେଟି ବଚାଓ ବେଟି ପଢାଓ, ଉଜ୍ଜଳା, ନାରୀ ଶକ୍ତି ପୁରସ୍କାର, ମହିଳା ଶକ୍ତି କେନ୍ଦ୍ର, ନିର୍ଭୟା, ପ୍ରତ୍ୟେକ ଥାନାରେ ମହିଳା ସ୍ୱେଚ୍ଛାସେବୀ ପୁଲିସ ସହ ମହିଳା ଡେସ୍କ ଏବଂ ରାଜ୍ୟ ମହିଳା ସମ୍ମାନ ଯୋଜନା କାର୍ଯ୍ୟକାରୀ ହେଉଛି । ଯଦି କୌଣସି ନିର୍ବାଚିତ ମହିଳା ପ୍ରତିନିଧି ନିଜ କ୍ଷମତାର ପ୍ରକୃତ ଉପଯୋଗ କରିବାକୁ ଚେଷ୍ଟା କରେ, ତେବେ ପୁରୁଷ ପ୍ରାଧାନ୍ୟ ସମାଜରେ ସମ୍ପୃକ୍ତ ମହିଳାଙ୍କ କ୍ଷମତାକୁ ନ୍ୟୁନ କରିବାକୁ ହୀନ ଚକ୍ରାନ୍ତର ଶିକାର ହେବାକୁ ପଡିଥାଏ । ନିର୍ବାଚିତ ମହିଳା ପ୍ରତିନିଧିମାନେ ଯେପରି ନିଜ ଅଧିକାରରୁ ବଞ୍ଚିତ ନହେବେ ସେନେଇ କେନ୍ଦ୍ର, ରାଜ୍ୟ ସରକାରଙ୍କ ତରଫରୁ ଦୃଷ୍ଟି ଦିଆଯିବା ନିତାନ୍ତ ଆବଶ୍ୟକ ।

ଆର୍ଥିକ ଦୃଷ୍ଟିକୋଣରୁ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସ୍ୱୟଂସହାୟକ ଦଳ ଗଠନ କରାଯାଇଛି । 'ମିଶନ ଶକ୍ତି', ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୦୧ ମସିହା ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସରେ ଆରମ୍ଭ କରା ଯାଇଥିଲା । ମହିଳା ସ୍ୱୟଂ ସହୟିକା ଗୋଷ୍ଠୀକୁ ମଜବୁତ କରିବା ଲକ୍ଷ୍ୟରେ ଏହି ଯୋଜନା ଆରମ୍ଭ କରା ଯାଇଥିଲା । ୨୦୨୦ ମସିହା ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେରେ, ତତ୍କାଳୀନ ଓଡ଼ିଶା ସରକାର ମିଶନ ଶକ୍ତିକୁ ଏକ ସ୍ୱତନ୍ତ୍ର ବିଭାଗ ଭାବରେ ଘୋଷଣା କରିଥିଲେ । ପ୍ରତ୍ୟେକ ମହିଳା ସ୍ୱାବଲମ୍ବୀ ହେବା ପାଇଁ ଏହି 'ସ୍ୱଂୟ ସହାୟକ ଗୋଷ୍ଠୀ' ସବୁ ଗଠନ କରୁଛନ୍ତି । ମହିଳାମାନଙ୍କୁ ସମ୍ମାନ କରିବା ପାଇଁ ଓଡ଼ିଶା ସରକାର ଆରମ୍ଭ କରିଥିଲେ 'ସ୍ୱଂୟସିଦ୍ଧା' । ସମସ୍ତ ପ୍ରତିକୂଳ ସତ୍ତ୍ୱେ ସଫଳତାର ପାହାଚରେ ପହଞ୍ଚିଥିବା ନାରୀମାନଙ୍କୁ ସ୍ୱଂୟସିଦ୍ଧା କୁହାଯାଏ । ମା' ଓ ଶିଶୁ ପୁଷ୍ଟିହୀନତା ସମସ୍ୟାକୁ ଦୂରକରିବା ଉଦ୍ଦେଶ୍ୟରେ ଓଡିଶା ସରକାର ଗର୍ଭବତୀ ମାଆମାନଙ୍କ ନିମନ୍ତେ 'ମମତା' ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି । ଏହି ଯୋଜନା ଗର୍ଭବତୀ ଓ ପ୍ରସୂତି ମାଆମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଏ । କିଶୋରୀ ସ୍ୱାସ୍ଥ୍ୟ ମେଳାମେଳା' ମାଧ୍ୟମରେ ପ୍ରତି ମାସରେ ଥରେ ଗ୍ରାମ୍ୟ ସ୍ ?ାସ୍ଥ୍ୟ ଓ ପୁଷ୍ଟି ଦିବସରେ କିଶୋରୀ ବାଳିକା ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ । ଝିଅମାନଙ୍କର ଶିକ୍ଷା, ସ୍ୱାଭିମାନ ଓ ସ୍ୱାଧୀନତାକୁ ଆହୁରି ସୁଦୃଢ଼ କରିବାରେ ଏକ ମାଇଲଷ୍ଟୋନ ସାଜିବ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ' ଯୋଜନା । ଚଳିତ ବଜେଟ୍ ୨୦୨୬-୨୭ରେ ଏହି ଯୋଜନା ମହିଳା ସଶକ୍ତିକରଣରେ ଶିକ୍ଷାକୁ ନୂତନ ଦିଗ ଦେବ । 'ମହିଳା ସମ୍ମାନ ସଞ୍ଚୟ ପ୍ରମାଣପତ୍ର' ଯୋଜନା ମହିଳାଙ୍କ ଆର୍ଥିକ ସଶକ୍ତୀକରଣ କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ୨୦୨୩ ଫେବୃଆରି ୧ ତାରିଖରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଉଲ୍ଲେଖନୀୟ ପଦକ୍ଷେପ ଭାବେ ଉଭା ହୋଇଛି । 'ମହିଳା କିଷାନ୍ ସଶକ୍ତିକରଣ ପରିଯୋଜନା' ମହିଳା କିଷାନଙ୍କ ସ୍ଥିତି ତଥା ଜୀବନ ଜୀବିକାର ମାନଦଣ୍ଡରେ ଉନ୍ନତି ଆଣିବା ଦିଗରେ ଏକ ସୁଯୋଗ ସୃଷ୍ଟି କରିଛି ।

ଉଚ୍ଚଶିକ୍ଷିତା ଥିବା ସତ୍ତ୍ୱେ ସନ୍ତୋଷଜନକ ନିଯୁକ୍ତି ନପାଇ ଅଧିକାଂଶ ମହିଳା ଘରର ଚାରି କାନ୍ଥ ଭିତରେ ପେଶି ହେଉଛନ୍ତି । ନିର୍ଯାତିତା ହେଉଥିବା ନେଇ ମଧ୍ୟ ବହୁ ନଜିର ରହିଛି । ତେବେ, ସମାଜରେ ଏଭଳି ମହିଳା ମଧ୍ୟ ଅଛନ୍ତି, ଯେଉଁମାନେ ନିଜର ନିଷ୍ଠା, ଆତ୍ମବିଶ୍ୱାସ ବଳରେ ସ୍ୱାବଲମ୍ବୀ ହୋଇ ଅନ୍ୟପାଇଁ ପ୍ରେରଣା ପାଲଟୁଛନ୍ତି । ମହିଳାଙ୍କ ସୁରକ୍ଷା ପାଇଁ ମଧ୍ୟ ଆମ ଦେଶରେ ବିଭିନ୍ନ ପ୍ରକାରର ଆଇନର ପ୍ରଚଳନ ରହିଛି । ଆତ୍ମନିର୍ଭର ପାଇଁ ପ୍ରତ୍ୟେକ ମହିଳାଙ୍କର ଶିକ୍ଷା ଗ୍ରହଣ କରିବାର ଅଧିକାର ରହିଛି । ମହିଳାମାନଙ୍କୁ ଏଥିରୁ ବଞ୍ଚିତ ରଖିବା ଅପରାଧ । ଏଥିପାଇଁ ଲୋକଙ୍କ ମାନସିକତାରେ ପରିବର୍ତନ ଆସିବା ଜରୁରୀ । ଆଜି ମଧ୍ୟ ଶୋଷଣର ଶିକାର ହେଉଥିବା ମହିଳାଟି ଏହାର ପ୍ରତିରୋଧ କରିବାକୁ କୁଣ୍ଠାବୋଧ କରୁଛି । ସମାଜ ତା ଉପରେ ହିଁ ଅଙ୍ଗୁଳି ଉଠାଇବ ଏହି ଭୟରେ ସେ ଚୁପ୍ ରହୁଛି । ଅଭିଭାବକମାନଙ୍କୁ ହିଁ ପ୍ରୟାସ କରିବାକୁ ପଡିବ ଯେପରି ପିଲାଟି ଦିନରୁ କନ୍ୟା ସନ୍ତାନ ସମାଜରେ କିପରି ସଂସ୍କାର ମୁତାବକ ଚଳିବା ସେନେଇ ଶିକ୍ଷା ଦେବା ଉଚିତ । ଏଭଳି ଅନେକ କାହାଣୀ ରହିଛି, ଯେଉଁଥିରେ ମହିଳାମାନେ କେବଳ ନିଜ ପରିବାରର ସୁରକ୍ଷା ଏବଂ କଲ୍ୟାଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ନାହିଁ, ବରଂ ଏକ ରାଷ୍ଟ୍ରର ସ୍ଥାୟୀ ଅଭିବୃଦ୍ଧି ଏବଂ ବିକାଶରେ ମଧ୍ୟ ଅଗ୍ରଣୀ ଭୂମିକା ଗ୍ରହଣ କରନ୍ତି । ପିଲାଙ୍କୁ ମଣିଷ କରିବା ଠାରୁ ସମାଜ ଗଠନ ପର୍ଯ୍ୟନ୍ତ, ପରିବାରର ଆର୍ଥିକ ସୁଦୃ ?ତାରୁ ଦେଶର ଅର୍ଥବ୍ୟବସ୍ଥାରେ ଯୋଗଦାନ ପର୍ଯ୍ୟନ୍ତ, ଜଳବାୟୁ ପରିବର୍ତ୍ତନ ବିରୁଦ୍ଧରେ ଲଢେଇ କରିବା ଠାରୁ ପ୍ରକୃତିର ସଂରକ୍ଷଣ ପର୍ଯ୍ୟନ୍ତ, ଖାଦ୍ୟ ସମସ୍ୟାକୁ ସାମ୍ନା କରିବା ଠାରୁ ସ୍ଥାୟୀ ଅଭିବୃଦ୍ଧି ପର୍ଯ୍ୟନ୍ତ ମହିଳାଙ୍କ ଅବଦାନ ବିଦ୍ୟମାନ, ହେଲେ ସମାଜ ଦ୍ୱାରା ନଗଣ୍ୟ । ସ୍ଥାୟୀ ବିକାଶ ଲକ୍ଷ୍ୟ ସିଦ୍ଧିରେ ସାରା ବିଶ୍ୱ ଯେତେବେଳେ ଅଗ୍ରସର, ମହିଳାମାନଙ୍କ ପ୍ରମୁଖ ଭୂମିକାକୁ ସ୍ୱୀକୃତି ଏବଂ ସମର୍ଥନ ଦିଆଯିବା ଜରୁରି, ସିଏ ଘରେ ରହି ଘରକାମ କରୁଥିବା ଅପାଠୁଆ ମହିଳା ହୁଅନ୍ତୁ ବା ରୋଜଗାରକ୍ଷମ ପାଠୁଆ ମହିଳା ହୁଅନ୍ତୁ ନା କାହିଁକି । ସଶକ୍ତ ନାରୀ ହିଁ ମହିଳା ସଶକ୍ତିକରଣର ଅସ୍ମିତା ଓ ଅସ୍ତିତ୍ୱ । ନାରୀଶକ୍ତିକୁ ପରିଚୟ ଦେବା ଓ ଶ୍ରେୟ ଦେବା ହେଲା ବର୍ତ୍ତମାନ ସମୟର ଆହ୍ୱାନ ।

**-କିଶୋର ଚନ୍ଦ୍ର ବେହେରା**
ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ,
୯୪୩୭୯୫୫୫୬୮

## ଅନ୍ତର୍ଜାତୀୟ ମହିଳା ଦିବସର ଅନୁଚିନ୍ତା

ସୃଷ୍ଟିର ଆଦ୍ୟା ସରୂପା ହେଉଛନ୍ତି ନାରୀ ଯାହାଙ୍କ ଗର୍ଭରୁ ସମଗ୍ର ଜୀବ ଜଗତର ସୃଷ୍ଟି । ନାରୀ ବିନା ସଂସାର ଶୂନ୍ୟ ବୋଲି କୁହାଯାଏ । ଯୁଗେ ଯୁଗେ ସର୍ବଂସହାର ପରିଚୟ ଦେଇ ଜନନୀ , ଭଗିନୀ , ବଧୂ ଓ ବାନ୍ଧବୀ ଆଦି ବିଭିନ୍ନ ରୂପରେ ନାରୀ ନିଜ ଶକ୍ତିର ପରାକାଷ୍ଠାକୁ ପ୍ରତିପାଦିତ କରିଛି । ସେହି ନାରୀର କର୍ତ୍ତବ୍ୟକୁ ସମ୍ମାନ, ସାମର୍ଥ୍ୟକୁ ପ୍ରେରଣା , ଅଧିକାର ତଥା ସମାନତାକୁ ଗୁରୁତ୍ୱ ଏବଂ ସମାଜରେ ନାରୀର ଅବଦାନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଏ । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ମହିଳାଙ୍କ ଅଧିକାର, ବିଶେଷକରି ମତଦାନକୁ ପ୍ରୋତ୍ସାହିତ କରିବା ପାଇଁ ଆରମ୍ଭ ହୋଇଥିବା ପ୍ରୟାସରୁ ଅନ୍ତର୍ଜାତୀୟ ମହିଳା ଦିବସ ଜନ୍ମ ନେଇଥିଲା । ୧୯୦୯ ମସିହାରେ ଅନୁଷ୍ଠିତ ମହିଳାଙ୍କ ମତାଧିକାର ଅଭିଯାନରେ ଆମେରିକାର ସମାଜବାଦୀ ପାର୍ଟି ପ୍ରଥମଥର ଜାତୀୟ ମହିଳା ଦିବସ ପାଳନ କରିଥିଲା, ଯାହାକୁ ସାରା ଯୁକ୍ତରାଷ୍ଟ୍ରରେ ଏକ ଗଣ ସଭା ଭାବେ ପରିଚୟ ମିଳିଲା ଏବଂ ୧୯୧୩ ମସିହା ପର୍ଯ୍ୟନ୍ତ ଏହାକୁ ପାଳନ କରାଗଲା । ଜର୍ମାନ କର୍ମୀ କ୍ଲାରା ଜେଟକିନଙ୍କ ଦ୍ୱାରା ଉତ୍ସାହିତ ହୋଇ, ଅନ୍ତର୍ଜାତୀୟ ସମାଜବାଦୀ କଂଗ୍ରେସ ୧୯୧୦ ମସିହାରେ ଆମେରିକାର ଛୁଟିଦିନର ଏକ ଅନ୍ତର୍ଜାତୀୟ ସଂସ୍କରଣ ସୃଷ୍ଟି କରିବାକୁ ରାଜି ହୋଇଥିଲା ଏବଂ ୧୯ ମାର୍ଚ୍ଚ, ୧୯୧୧ ରେ, ପ୍ରଥମ ଅନ୍ତର୍ଜାତୀୟ ମହିଳା ଦିବସ ଅଷ୍ଟ୍ରିଆ, ଡେନମାର୍କ, ଜର୍ମାନୀ ଏବଂ ସ୍ୱିଜରଲ୍ୟାଣ୍ଡରେ ଅନୁଷ୍ଠିତ ହେଲା । ଏହି ଦିବସକୁ ପାଳନ କରୁଥିବା ରାଲିରେ ଦଶ ଲକ୍ଷରୁ ଅଧିକ ମହିଳା ଯୋଗ ଦେଇଥିଲେ । ପରବର୍ତ୍ତୀ ସମୟରେ ଏହାର ପ୍ରଭାବ ଅନ୍ୟ ଦେଶକୁ ବିସ୍ତାରିତ ହେଲା ଯାହାର ଫଳ ସ୍ୱରୂପ ୧୯୧୭ ମସିହା ମାର୍ଚ୍ଚ ୮ ରେ ରୁଷର ପେଟ୍ରୋଗ୍ରାଡ (ସେଣ୍ଟ ପିଟର୍ସବର୍ଗ) ରେ ମହିଳାମାନେ ଖାଦ୍ୟ ଅଭାବ, ଖରାପ ଜୀବନଯାପନ ପରିସ୍ଥିତି ଏବଂ ପ୍ରଥମ ବିଶ୍ୱଯୁଦ୍ଧ ପ୍ରତିବାଦରେ ଧର୍ମଘଟ କରି ଏହି ଦିବସ ପାଳନ କରିଥିଲେ ।

'ରୁଟି ଏବଂ ଶାନ୍ତି' ପାଇଁ ଏହି ଧର୍ମଘଟ ୧୯୧୭ ମସିହାର ରୁଷ ବିପ୍ଳବକୁ ଜନ୍ମ ଦେବାରେ ସାହାଯ୍ୟ କରିଥିଲା, ଯାହା ଫଳରେ ନିକୋଲାସ ଦ୍ୱିତୀୟ ୧୫ ମାର୍ଚ୍ଚ (ରୁଷର ପୁରୁଣା କ୍ୟାଲେଣ୍ଡର ଅନୁଯାୟୀ ୨ ମାର୍ଚ୍ଚ) ରେ ରାଜତ୍ୱ ତ୍ୟାଗ କଲେ । ମହିଳାଙ୍କ ଏହି ଅଭୂତପୂର୍ବ ସଫଳତାକୁ ସ୍ମରଣ ରଖିବା ପାଇଁ ୧୯୨୧ ମସିହାରେ ମାର୍ଚ୍ଚ ୮ ତାରିଖକୁ ଆନୁଷ୍ଠାନିକ ଭାବେ ଅନ୍ତର୍ଜାତୀୟ ମହିଳା ଦିବସ ରୂପେ ପାଳନ କରିବା ପାଇଁ ନିଷ୍ପତି ନିଆ ଯାଇଥିଲା । ପରବର୍ତ୍ତୀ ଦଶନ୍ଧିଗୁଡ଼ିକରେ, ମତଦାନ ଆନ୍ଦୋଳନର ସଫଳତା ଅନ୍ତର୍ଜାତୀୟ ମହିଳା ଦିବସର ଲୋକପ୍ରିୟତାକୁ ହ୍ରାସ କରିଥିଲା ହେଲେ ୧୯୬୦ ଦଶକରେ ନାରୀବାଦର ଅଭିବୃଦ୍ଧି ଏବଂ ଜାତିସଂଘ ପ୍ରାୟୋଜକତା (୧୯୭୫) ଦ୍ୱାରା ସହାୟତା ପାଇ, ବିଂଶ ଶତାବ୍ଦୀର ଶେଷ ଭାଗରେ ଏହା ପୁନର୍ଜୀବନ ପାଇଲା । ସେବେଠୁ ଏହି ଦିବସଟି ଶହେ ବର୍ଷରୁ ଅଧିକ ସମୟ ଧରି ପାଳିତ ହୋଇଆସୁଛି ଏବଂ ୧୯୧୧ ମସିହାରୁ ଲିଙ୍ଗଗତ ସମାନତାକୁ ପ୍ରାଧାନ୍ୟ ଦେଇ ଏହା ସମସ୍ତଙ୍କର ଚିନ୍ତା ପ୍ରକଟ କରିଥିଲା । ଭାରତବର୍ଷରେ ଏହିଦିନ ମହିଳାଙ୍କ ସ୍ୱାସ୍ଥ୍ୟ , ଶିକ୍ଷା , ଅଧିକାର ଓ ସମାନତାକୁ କେନ୍ଦ୍ରକରି ବିଭିନ୍ନ ସାମାଜିକ ଉନ୍ନତି ମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୁଏ । ବର୍ତ୍ତମାନ ସମୟରେ ବିଶେଷକରି ଆମ ରାଜ୍ୟ ଓଡ଼ିଶାରେ ମହିଳାଙ୍କ ବିକାଶ ଓ ସୁରକ୍ଷା ପାଇଁ କେଉଁ ସବୁ ଆଦର୍ଶ ଗୁଡ଼ିକ ସୃଷ୍ଟି ହୋଇଛି ତାହା ଉପରେ ନଜର ପକାଇଲେ ଆମେ ଦେଖିପାରିବା ଯେ ମହିଳା ସଶକ୍ତିକରଣକୁ ଗୁରୁତ୍ୱକୁ ନୂଆ ଭାବେ ଶାସନ ଗାଦିରେ ବସିଥିବା ବିଜେପି ସରକାର ସୁଭଦ୍ରା ଯୋଜନା ଭଳି ଏକ ଐତିହାସିକ ଯୋଜନା ପ୍ରଣୟନ କରିଛନ୍ତି ଯେଉଁଥିରେ ସବୁ ବର୍ଗର ଯୋଗ୍ୟ ମହିଳାଙ୍କୁ ପ୍ରତିବର୍ଷ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ କରୁଛି ଯାହାଦ୍ ?ାରା ମହିଳା ମାନେ କିଛିମାତ୍ରାରେ ଆର୍ଥିକ ସଶକ୍ତ ହେବାସହ ସ୍ୱାବଲମ୍ବୀର ରାସ୍ତା ପାଉଛନ୍ତି । ୨୦୦୧ ମସିହାରେ ଆରମ୍ଭ ହୋଇଥିବା ମିଶନ ଶକ୍ତି ନାମକ ଏକ ଦୀର୍ଘକାଳୀନ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମୀଣ ମହିଳାମାନଙ୍କୁ ନେଇ ୬ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀରେ ରୂପାନ୍ତରଣ କରିବା ସହ ପ୍ରାୟ ୭୦ ଲକ୍ଷ ମହିଳାଙ୍କ ପାଇଁ ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରାଯାଉଛି । ମହିଳାମାନଙ୍କୁ ଉଦ୍ୟୋଗୀ ଏବଂ ବୃତ୍ତିଗତ ଡ୍ରାଇଭର କ୍ଷେତ୍ରରେ ସଶକ୍ତ ହେବାପାଇଁ ୨୦୨୫ ମସିହାରେ ଆମ ସୁବାହକ ନାମକ ଏକ ଯୋଜନା ପ୍ରଣୟନ କରି ୧୧% ସୁଧ ସବସିଡି ସହିତ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଉଛି । ଉଚ୍ଚ ଶିକ୍ଷାନୁଷ୍ଠାନରେ ପାଠ ପଢୁଥିବା ଛାତ୍ରୀଙ୍କୁ ଉପଯୁକ୍ତ ସୁରକ୍ଷା ଦେବାପାଇଁ ଶକ୍ତିଶ୍ରୀ ଭଳି ପଦକ୍ଷେପ ଗ୍ରହଣ କରାଯାଇଛି ଯେଉଁଥିରେ ଛାତ୍ରୀଙ୍କ ପ୍ରତି ହେଉଥିବା ନିର୍ଯାତନାର ଅଭିଯୋଗ (ଟେକ୍ସଟ୍/ଅଡିଓ/ଭିଡିଓ) ସିଧାସଳଖ ସରକାରଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ଏକ ମୋବାଇଲ୍ ଆପ୍‌ର ପ୍ରଚଳନ କରାଯାଇଛି ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନ ପରିସରରେ ୨୪X୭ ସିସିଟିଭିର ପଦକ୍ଷେପ ଗ୍ରହଣ କରିବା ମଧ୍ୟ ଏକ ପ୍ରଶଂସନୀୟ ପଦକ୍ଷେପ । ସେହିପରି କନ୍ୟା ମାନଙ୍କ ଦୀର୍ଘକାଳୀନ ଆର୍ଥିକ ସୁରକ୍ଷା ଏବଂ ବିବାହ ନିମନ୍ତେ କନ୍ୟା ସୁମଙ୍ଗଳ ଯୋଜନା , ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପରି କାର୍ଯ୍ୟକୁ ପ୍ରୋତ୍ସାହନ ଦିଆଯାଉଛି ।ରାଜନୈତିକ କ୍ଷେତ୍ରକୁ ବିଚାର କଲେ ପଞ୍ଚାୟତିରାଜ ନିର୍ବାଚନରେ ଓଡ଼ିଶା ମହିଳା ମାନଙ୍କୁ ୫୦ ପ୍ରତିଶତ ଏବଂ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା କରିଛି । ପ୍ରତିବର୍ଷ ପୋଷଣ ସପ୍ତାହ ଭଳି ସର୍ବ ଗ୍ରହଣୀୟ କାର୍ଯ୍ୟକ୍ରମ ଆୟୋଜନ କରି ଗର୍ଭବତୀ ସ୍ତ୍ରୀ ଓ ପୁଷ୍ଟି ଅଭାବ ମହିଳା ମାନଙ୍କୁ ଉପଚାର କରାଯାଉଛି । ଏତେ ସବୁ ପନ୍ଥା ଆପଣେଇ ମହିଳାଙ୍କ ଉନ୍ନତିକୁ ପ୍ରେରଣା ଦିଆଯାଉଛି ସତ କିନ୍ତୁ ଆଜିବି ମହିଳାଙ୍କ ଉପରେ ଅତ୍ୟାଚାର , ନିର୍ଯାତନା ତଥା ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଅସମାନତା ବଢ଼ି ବଢ଼ି ଚାଲିଛି ଯାହାର ପ୍ରମୁଖ କାରଣ ହେଉଛି ପ୍ରତିଟି ସୋପାନରେ ଅବହେଳାର ନଗ୍ନ ଚିତ୍ର । ଏଠାରେ କେବଳ ଯୋଜନା ପ୍ରଣୟନ କରିଦେଲେ ହେବନି ବରଂ ସଠିକ୍ କାର୍ଯ୍ୟକାରୀ ଏବଂ ନିରୀକ୍ଷଣ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି । ଚଳିତ ବର୍ଷ ମିଳିତ ଜାତିସଂଘ ତରଫରୁ ଏହି ଦିବସ ପାଇଁ ବାର୍ତ୍ତା ରହିଛି 'ଅଧିକାର, ନ୍ୟାୟ, କାର୍ଯ୍ୟ : ସମସ୍ତ ମହିଳା ଏବଂ ବାଳିକାଙ୍କ ପାଇଁ । ଯେତେ ବାଧାବିଘ୍ନ ଆସିଲେ ବି ନାରୀ ନିଜ ବାସ୍ତବିକ କ୍ଷମତାକୁ ଯୁଗେ ଯୁଗେ ପ୍ରମାଣିତ କରିଛି । ଏହି ଆପଣେଇ ଯଦି ଆମେ ନାରୀଙ୍କୁ ଯଥେଷ୍ଟ ସମ୍ମାନ ଓ ଅଧିକାର ଦେବା ତେବେ ଏହି ଜାତିର ଉନ୍ନତି ହେବାସହ ରାଷ୍ଟ୍ରର ଉତ୍କୃଷ୍ଟ ବିକାଶ ହେବ ଏଥିରେ ସନ୍ଦେହ ନାହିଁ ।

**ଅଧ୍ୟାପକ ରାଜେଶ ରାୟ**
ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର , କୋରାପୁଟ
ମୋବାଇଲ୍ :- ୬୩୭୧୫୫୫୯୪୦

ରବିବାର ୦୮।୦୩।୨୦୨୬
ଅକ୍ଷର
AKHYARA ODISHA | ଓଡ଼ିଶା

## ଆଠଗଡ଼ ଡାକ୍ତରଖାନାରେ ଏଚପିଭି ଟୀକାକାରଣ

ଆଠଗଡ଼,୭/୩(ଅବିନାଶ ଦାସ) ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଏଚପିଭି ଟୀକାକରଣ ସୋମବାର ଠାରୁ ଆରମ୍ଭ ହୋଇଯାଇଛି ।୧୪ ବର୍ଷ ରୁ ୧୫ ବର୍ଷର ଝିଅ ମାନଙ୍କୁ ଏହି ଟୀକା ଦିଆଯିବା ସହ ଏହି ଟୀକା ଗୋଟିଏ ମାତ୍ରା (ଡୋଜ) ଦିଆଯିବ । ଏହି ଟୀକା ଦ୍ଵାରା ଜରାୟୁ ଗ୍ରୀବା କର୍କଟ ସହିତ ଅନ୍ୟାନ୍ୟ ରୋଗ ପ୍ରତିରୋଧକ ଶକ୍ତି ମିଳିବ ।ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଆଠଗଡ଼ ଡାକ୍ତରଖାନାରେ ଦିଆଯିବ। ଡାକ୍ତରଖାନା ଅଧିକ୍ଷକ ଡାକ୍ତର ମାନସ ରଞ୍ଜନ ପାଣିଙ୍କ ଦ୍ଵାରା ଏହାର ଶୁଭାରମ୍ଭ କରାଯାଇଥିଲା।

## ସ୍ତ୍ରୀଙ୍କୁ ପିଟିପିଟି ମାରିଦେଲେ ସ୍ୱାମୀ

ଦେବଗଡ଼,୭/୩(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲା ବାରକୋଟ ବ୍ଲକ ବମ୍ପରଡ଼ା ଆଇଆରବି ବାଟାଲିୟନ ପଛପାଖରୁ ଜଣେ ମହିଳାଙ୍କ ମୃତଦେହ ଜବତ ହେଇଥିବା ଜଣାପଡ଼ିଛି ।ତେବେ ଘରୋଇ କଳିରୁ ସ୍ତ୍ରୀଙ୍କ ପିଟିପିଟି ସ୍ୱାମୀ ହତ୍ୟା କରିଥିବା ଅନୁମାନ କରାଯାଉଛି । ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଅଟକ ରଖି କେସ୍ ? ନଂ ୧୦୧/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ସ୍ୱାମୀ ଆଉ ସ୍ତ୍ରୀ ବମ୍ପରଡ଼ା ଗ୍ରାମରେ ରୁହନ୍ତି ଏବଂ ମାଗଯାଚି କରି ଚଳନ୍ତି । ହେଲେ ଶୁକ୍ରବାର ରାତି କୌଣସି ଏକ ଘଟଣାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହେଇଥିଲା। ଫଳରେ ସ୍ୱାମୀ ରାଗି ଯାଇ ସ୍ତ୍ରୀଙ୍କ ମୁଣ୍ଡକୁ ପଥରରେ ମଧ୍ୟ ଛେଚିଛନ୍ତି। ପରେ ପିଟିପିଟି ମାରିଦେଇଛନ୍ତି। ଯାହା ପାରିପାର୍ଶ୍ୱିକ ସ୍ଥିତିରୁ ଅନୁମାନ କରାଯାଉଛି।

## ମା' ତାରାତାରିଣୀଙ୍କ ଚୈତ୍ର ପର୍ବ ନେଇ ଚୂଡାନ୍ତ ପ୍ରସ୍ତୁତି

### ଆସନ୍ତା ୧୦ ତାରିଖରୁ ଆରମ୍ଭ



ପୁରୁଷୋତ୍ତମପୁର ୦୭/୦୩ (ପ୍ରସନ୍ନ କୁମାର ଦାଶ) : ମାଆ ତାରା ତାରିଣୀ ଙ୍କ ପୀଠରେ ଆଜି ମନ୍ଦିରକାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା ଙ୍କ ସଂଯୋଜନା ରେ ଚୈତ୍ର ଯାତ୍ରା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଚଳିତ ମାର୍ଚ୍ଚ ମାସ ୧୦ ତାରିଖରୁ ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ବହୁ ପ୍ରତିକ୍ଷିତ ଚୈତ୍ର ପର୍ବ ଆରମ୍ଭ ହେବାକୁ ଯାଉଛି । ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଚୈତ୍ର ପର୍ବ ସରସ ଓ ସୁନ୍ଦର ଭାବରେ ପାଳନ ନେଇ ଚୂଡାନ୍ତ ପ୍ରସ୍ତୁତି ବୈଠକ ଆଜି ସନ୍ଧ୍ୟା୮ ଘଣ୍ଟ ସମୟରେ ମାଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ଅନ୍ୟ ମାନଙ୍କ ମଧ୍ୟରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ , ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଗଞ୍ଜାମ ଜିଲ୍ଲପାଳ ଭି କୀର୍ତ୍ତି ଭାସନ, ଅତିରିକ୍ତ ଜିଲ୍ଲପାଳ ସୁନୀଲ କୁମାର କେର୍କେଟା, ଛତ୍ରପୁର ଉପଜିଲ୍ଲାପାଳ ଶୁଭାଶିଷ ବରାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକପ୍ରଶାନ୍ତ କୁମାର ଦାଶ,ଟ୍ରଷ୍ଟ ର ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ପଣ୍ଡା, ମଞ୍ଚାସିନ ଥିଲେ । ପୁରୁଷୋତ୍ତମପୁର ଏସଡ଼ି ପିଓ ସୁଜିତ ନାୟକ, ଆଇ ଆଇସି କୁଳମଣୀ ସେଠୀ, ମଞ୍ଚାସିନ ଥିଲେ । ଏହା ସହବିଡ଼ିଓ ଶରତ କୁମାର ପାତ୍ର, ଅତିରିକ୍ତ ତହସିଲଦାର ସଙ୍ଗୀତା ସେଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ପୁରୁଷୋତ୍ତମପୁରଏସଡ଼ି ପି ଓ ସୁଜିତ କୁମାର ନାୟକ, ଆଇ ଆଇ ସି କୁଳମଣୀ ସେଠୀ, ବରିଷ୍ଠ ସେବାୟତ ବାପୁଜୀ ରଣା, ସେବାୟତ ସଙ୍ଘ ସଭାପତି ବାପୁଜୀ ରଣା ରାଇପୁର ସରପଞ୍ଚ ପ୍ରତିନିଧି ବିଚିତ୍ର କୁମାର ବେହେରା ସମେତ ସବୁ ଲାଇନ ବିଭାଗ ର ଅଧିକାରୀ ସେବାୟତ ଓ ଗଣ ମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।ଚଳିତ ମାର୍ଚ୍ଚ ମାସର ୪ ଟି ମଙ୍ଗଳବାର ଯଥା ୧୦, ୧୭, ୨୪ ଏବଂ ୩୧ ତାରିଖ ଦିନ ଏହି ପର୍ବ ଅନୁଷ୍ଠିତ ହେବ ।ବୈଠକରେ ଗ୍ରୀଷ୍ମ ଋତୁକୁ ଆଖି ଆଗରେ ରଖି ଆବଶ୍ୟକୀୟ ପାନୀୟ ଜଳ ଯୋଗାଣ, ମନ୍ଦିରର ସାଜସଜ୍ଜା ଓ ଆଲୋକୀକରଣ ତାସହ ଆଦିଶକ୍ତି ପୀଠର କୁଞ୍ଜ ତୋରଣ ନିର୍ମାଣ, ଦୁଇଟି ସ୍ଥାନରେ ଯଥା ଦିଗନ୍ତ ଓ ସହଦେବ ଛକରେ ମାଗଣା ଅନ୍ନ ପ୍ରସାଦ ବ୍ୟବସ୍ଥା, ମୁଣ୍ଡନ ସ୍ଥାନରେ ଆଲୋକୀକରଣ ଓ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ଦୈନିକ ପୂଜାବିଧି ଓ ପ୍ରତି ପାଳିର ଯଜ୍ଞ ପାଇଁ ଗୋଟିଏ ସ୍ଥାନରେ ସୁବନ୍ଦୋବସ୍ତ, ଆଇନ ଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ ନିୟନ୍ତ୍ରଣ, ଯାନବାହାନ ରକ୍ଷଣ ସ୍ଥଳ, ପର୍ଯ୍ୟାପ୍ତ ଭ୍ରାମ୍ୟମାଣ ଶୌଚାଳୟ, ଅଗ୍ନିଶମ ନିର୍ବାପକ, ପ୍ରାଥମିକ ଚିକିତ୍ସା ସମେତ ଅଂଶୁଘାତ ଚିକିତ୍ସା ପାଇଁ ଦୁଇଟି ଶୀତତାପ ନିୟନ୍ତ୍ରିତ ରୁମ୍ ଓ ଆବଶ୍ୟକୀୟ ଆମ୍ବୁଲାନ୍ସ ବ୍ୟବସ୍ଥା, ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି, ଆକର୍ଷଣୀୟ ଭଜନ ସମାରୋହ, ଗମନାଗମନ, ମାଦକ ଦ୍ରବ୍ୟ ବିକ୍ରୟ ଉପରେ କଟକଣା ଆଦି ସମସ୍ତ ବିଷୟରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା ।

## ଅଂଶୁଘାତ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି



ଭଦ୍ରକ ୦୭/୦୩(ଅକ୍ଷର ଓଡ଼ିଶା) : ଆସନ୍ତା ଗ୍ରୀଷ୍ମ ଋତୁରେ ସମ୍ଭାବ୍ୟ ଅଂଶୁଘାତ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲା ପରିଷଦ ସଭାଗୃହରେ ଆୟୋଜିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅଂଶୁଘାତ ସମୟରେ ଲୋକମାନଙ୍କ ସୁରକ୍ଷା ଓ ସଚେତନତା ସମ୍ପର୍କରେ ବିଭିନ୍ନ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲାବୈଠକରେ ପାନୀୟ ଜଳ ସୁବିଧା ବୃଦ୍ଧି, ସହର ଓ ଗ୍ରାମାଞ୍ଚଳରେ ଶିତଳ ପାଣି ଘର (ୱାଟର କିଓସ୍କ) ସ୍ଥାପନ, ଚିକିତ୍ସାଳୟଗୁଡିକରେ ଅଂଶୁଘାତ ଚିକିତ୍ସା ପାଇଁ ବିଶେଷ ୱାର୍ଡ ବ୍ୟବସ୍ଥା ଓ ଆବଶ୍ୟକ ଔଷଧ ମହଜୁଦ ରଖିବା ତଥା ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ମାଧ୍ୟମରେ ଗ୍ରାମସ୍ତରରେ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରବି ନାରାୟଣ ସାହୁ , ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭେନ୍ଦ୍ର ସାମଲ , ଉପ ଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତୀ ,ଡେପୁଟି କଲେକ୍ଟର ଜ୍ଞାନ ରଞ୍ଜନ ସାହୁ ଉପସ୍ଥିତ ରହି ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଅଂଶୁଘାତ ଜନିତ ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ନବୋଦୟ ବିଦ୍ୟାଳୟର ଦଶମ ଶ୍ରେଣୀର ୩ ଛାତ୍ର କୋଲାବ ଜଳ ଭଣ୍ଡାରରେ ବୁଡି ମୃତ୍ୟୁ

କୋରାପୁଟ,୦୭/୦୩(ଅକ୍ଷର ଓଡ଼ିଶା): ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା କୋରାପୁଟ ପିଏମ୍ ଶ୍ରୀ ନବୋଦୟ ବିଦ୍ୟାଳୟର ତିନିଜଣ ଛାତ୍ର ସ୍କୁଲରୁ ବିଦାୟ ନେଇ ଘରକୁ ଫେରିବା ବଦଳରେ ସବୁ ଦିନ ପାଇଁ ଦୁନିଆରୁ ବିଦାୟ ନେଇଛନ୍ତି। ଏଭଳି ଦୁଃଖଦ ଘଟଣା ସମଗ୍ର କୋରାପୁଟ ଜିଲ୍ଲାରେ ଶୋକର ଛାୟା ଖେଳାଇ ଦେଇଛି। ସୂଚନା ଅନୁଯାୟୀ କୋରାପୁଟ ନବୋଦୟ ବିଦ୍ୟାଳୟର ଛାତ୍ର ଛାତ୍ରୀ କୋରାପୁଟ ବ୍ଲକ ମାଛରା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ଦେଉଥିଲେ । ଆଜି ପରୀକ୍ଷା ସରିବା ପରେ ପ୍ରତିଦିନ ଭଳି ସମସ୍ତେ ସ୍କୁଲକୁ ଫେରି ଆସିଲେ। ହେଲେ ଆଜି ଶେଷ ଦିନ ଥିବାରୁ ଠିକ ସମୟରେ ଆସି ନିଜ ପିଲାଙ୍କୁ ଘରକୁ ନେଇ ଯିବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଅଭିଭାବକ ମାନଙ୍କୁ ଅବଗତ କରିଥିଲେ। ପ୍ରାୟ ସବୁ ପିଲାଙ୍କ ଅଭିଭାବକ ଆସି ନିଜ ପିଲାଙ୍କୁ ନେଇଥିବା ବେଳେ ଲକ୍ଷ୍ମୀପୁର ବ୍ଲକ ଓଡ଼ିଆପେଣ୍ଠ ପଞ୍ଚାୟତ ବିରିଗୁଡ଼ା ଗ୍ରାମର ସ୍ୱସ୍ତିକ ହାଲୱା, ଲମତାପୁଟର ଓମ ପ୍ରକାଶ ବେହେରା ଏବଂ କୋରାପୁଟ ପୂଜାରିପୁଟର ଲିଙ୍ଗରାଜ ଖିଲଙ୍କୁ ନେବା ପାଇଁ ସମ୍ପର୍କୀୟ ମାନେ କୌଣସି କାରଣ ବଶତଃ ବିଳମ୍ବ କରିଥିଲେ। ସେମାନଙ୍କୁ ନେବା ପାଇଁ ସମ୍ପର୍କୀୟ ଆସି ନଥିବାରୁ ସ୍ୱସ୍ତିକ, ଓମ ପ୍ରକାଶ ଏବଂ ଲିଙ୍ଗରାଜ ତିନିଜଣ ବିଦ୍ୟାଳୟ ନିକଟରେ ଥିବା ଉପର କୋଲାବ ଜଳ ଭଣ୍ଡାରକୁ ଗାଧୋଇବା ପାଇଁ ଚାଲି ଯାଇଥିଲେ। କିନ୍ତୁ ଦୁର୍ଭାଗ୍ୟ ବଶତଃ ତିନିଜଣ ଛାତ୍ର ପହଁରା ଶିଖି ନଥିବା ହେତୁ ବୁଡ଼ି ଯାଇଥିଲେ । ସ୍ଥାନୀୟ ଲୋକ ଓ ସ୍କୁଲ କର୍ତ୍ତୃପକ୍ଷ ସମସ୍ତେ ଘଟଣା ସ୍ଥଳରେ ପହଞ୍ଚି ଛାତ୍ର ମାନଙ୍କୁ ଜଳ ଭଣ୍ଡାରରୁ ଉଦ୍ଧାର କରି କୋରାପୁଟ ମେଡିକାଲ କଲେଜ ଓ ହସପିଟାଲକୁ ଅଣା ଯାଇଥିଲା ହେଲେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

## ମାଓନେତା ଆଜାଦଙ୍କୁ ୪ ମାମଲାରୁ ନିର୍ଦ୍ଦୋଷରେ ଖଲାସ



ପାରଳାଖେମୁଣ୍ଡି, ୭/୩(ତାରିଣୀ ପ୍ରସାଦ ପଣ୍ଡା ): ଅନ୍ୟତମ ମାଓନେତା ଡୋନା କେଶବ ରାଓ ଓରଫ ଆଜାଦଙ୍କୁ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଠାରେ ଥିବା ସ୍ୱତନ୍ତ୍ର ଅଦାଲତରେ ଭୁବନେଶ୍ୱର ଝାରପଡା ଜେଲରୁ ଅଣାଯାଇ ଦ୍ୱିତୀୟ ଥର ପାଇଁ ହାଜର କରାଯାଇଛି । ଆଜାଦଙ୍କ ବିରୋଧରେ ସମୁଦାୟ ୩୭ ମାମଲା ରହିଛି। ସେଥିମଧ୍ୟରୁ ଅଧିକାଂଶ ମାମଲା ଗଜପତିରେ ରହିଛି । ଗତ ୧୪ ବର୍ଷ ଧରି ଆଜାଦ ବିଭିନ୍ନ ମାମଲାରେ ଜଡ଼ିତ ଥାଇ କୌଣସି ମାମଲାର ବିଚାରଣ ହୋଇପାରୁନଥିଲା। ଯାହାକୁ ଭିତ୍ତି କରି ଆଜାଦଙ୍କ ଓକିଲ ସୁପ୍ରିମକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ। ଏହାକୁ ଶୁଣାଣି କରି ସୁପ୍ରିମକୋର୍ଟ ଆଜାଦଙ୍କ ମାମଲା ଗୁଡିକର ବିଚରଣ କରି ଶୁଣାଣି କରିବା ପାଇଁ ରାୟରେ ନିର୍ଦ୍ଦେଶ ଦେଇଥିଲେ. ଏଥି ଅନୁଯାୟୀ ଗତକାଲି ଦ୍ୱିତୀୟ ଥର ପାଇଁ ପାରଳାଖେମୁଣ୍ଡି ସ୍ୱତନ୍ତ୍ର କୋ ?ର୍ଟରେ ଆଜାଦ ହାଜର ହୋଇଥିଲେ. ୪ ଗୋଟି ମାମଲାରେ ସାକ୍ଷ୍ୟ ପ୍ରମାଣ ଅଭାବ ଯୋଗୁଁ ସ୍ୱତନ୍ତ୍ର କୋର୍ଟ ଆଜାଦଙ୍କୁ ୪ ଟି ମାମଲାରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ।

## ନୂତନ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ



ନୂଆପଡା ୦୭/୦୩( ମୋହନ ଲାଲ ଦୀପ ) : ମାନ୍ୟବର କେନ୍ଦ୍ର ଗୃହ ଓ ସମବାୟ ବିଭାଗ ମନ୍ତ୍ରୀ ଅମିତ ଶାହ ଆଭାସୀ ମାଧ୍ୟମରେ ନୂଆପଡାରେ ଏକ ନୂତନ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଅନେକ ଗୁଡ଼ିଏ ସାଇବର ଓ ଅର୍ଥନୈତିକ ଅପରାଧ ପୋଲିସ୍ ଥାନାକୁ ଏକାସାଥିରେ ଉଦ୍ଘାଟନ କରାଯାଇଛି ।ଭୁବନେଶ୍ୱର ୟୁନିଟ୍–୩ ଅଞ୍ଚଳର ଇଡକୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ପ୍ରମୁଖ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ ।ଏହି ଅବସରରେ ନୂଆପଡା ପୋଲିସ୍ ଥାନାରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ ଏହି ଥାନାର ନାମ ଫଳକ ବାସ୍ତବ ଉଦ୍ଘାଟନ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଣଜିତ୍ ନାୟକଙ୍କ ସହ ପୋଲିସ୍ ବିଭାଗର ସମସ୍ତ ଅଧିକାରୀ , ସମସ୍ତ ଥାନା ଅଧିକାରୀ, ନୂଆପଡ଼ାର ମାନ୍ୟ ଗଣ୍ୟ ବ୍ୟକ୍ତି,ବରିଷ୍ଠ ନାଗରିକ ମଣ୍ଡଳୀ, ଗଣ ମାଧ୍ୟମର ପ୍ରତିନିଧି ଯୋଗଦେଇ ଏହି ଭର୍ଚୁଆଲ୍ ଉଦ୍ଘାଟନ କାର୍ଯ୍ୟକ୍ରମକୁ ବଡ଼ ପରଦାରେ ଉପଭୋଗ କରିଥିଲେ ।ନୂଆପଡାରେ ସାଇବର ଓ ଅର୍ଥନୈତିକ ଅପରାଧ ପୋଲିସ୍ ଥାନା ସ୍ଥାପନ ହେବାରୁ ସାଇବର ଠକେଇ ଓ ଅନଲାଇନ୍ ଅର୍ଥନୈତିକ ଅପରାଧ ସମ୍ବନ୍ଧୀୟ ଅଭିଯୋଗର ଶୀଘ୍ର ତଦନ୍ତ ଓ ନିବାରଣରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆଶା ପ୍ରକାଶ କରିଛନ୍ତି।

## ଯାଜପୁରରେ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ

ଯାଜପୁର ୦୭/୦୩ (ଅକ୍ଷର ଓଡ଼ିଶା): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ ହୋଇଛି। ଆଜି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ପତାକା ଦେଖାଇ ଯାତ୍ରୀ ବସଗୁଡିକୁ ଉଦଘାଟନ କରିଛନ୍ତି। ଏହି ଯୋଜନାରେ ଜିଲ୍ଲାରୁ ଶତାଧିକ ବରିଷ୍ଠ ନାଗରିକ ଏବଂ ସାମାଜିକ

### ପୁରୀ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କଲେ ଯାଜପୁରର ପେନସନଧାରୀ ବରିଷ୍ଠ ନାଗରିକ

ସୁରକ୍ଷା ଯୋଜନା ଅନ୍ତର୍ଗତ ପେନସନଧାରୀ ପୁରୀଧାମ ଅଭିମୁଖେ ଯାତ୍ରା କରିଥିଲେ। ଓଡ଼ିଶା ରାଜ୍ୟ ଆଞ୍ଚଳିକ ପରିବହନ ନିଗମର ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ବସ ଯୋଗେ ଯାତ୍ରୀମାନେ ବାହାରିଥିଲେ। ଏହା ପୂର୍ବରୁ ଜିଲ୍ଲାପାଳ ଶ୍ରୀ କର ଯାତ୍ରୀମାନଙ୍କ ସହ କଥାବାର୍ତ୍ତା ହୋଇ ସେମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାପାଳ ଶ୍ରୀ କର କହିଥିଲେ ଯେ ମହାପ୍ରଭୁଙ୍କ ଡୋରି ନ ଲାଗିଲେ ବଡ଼ଠାକୁରଙ୍କ ଦର୍ଶନ କରିବା ସମ୍ଭବ ହୁଏ ନାହିଁ। ତେଣୁ ଯାତ୍ରୀମାନଙ୍କ ଯାତ୍ରା ମଙ୍ଗଳମୟ ହେଉ ଏବଂ ସେମାନଙ୍କ ମନୋସ୍କାମନା ପୂରଣ ହେଉ ବୋଲି ଜିଲ୍ଲାପାଳ ପ୍ରାର୍ଥନା କରିଥିଲେ। ଏହାସହ ଶ୍ରୀମନ୍ଦିରରେ ଜଗନ୍ନାଥ ଦର୍ଶନ ସହ ମାଆ ବିମଳା, ବଟଗଣେଶ, ଦେବୀ କାଳୀ ମନ୍ଦିର, ନବଗ୍ରହ ମନ୍ଦିର ଦର୍ଶନ କରିବା ପାଇଁ ଜିଲ୍ଲାପାଳ ଯାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଯାତ୍ରୀଙ୍କୁ ସୁବିଧା ପାଇଁ ଏକ କିଟ୍ ଦିଆଯାଇଥିଲା। ଯାତ୍ରୀମାନଙ୍କୁ ସୁରକ୍ଷିତ ନେବା ପାଇଁ ସେମାନଙ୍କ ଦାୟିତ୍ୱରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୫ ଜଣ ଏସ୍କର୍ଟ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୫ ଜଣ ମେଡିକାଲ ଓ ପାରା-ମେଡିକାଲ ଷ୍ଟାଫ୍, ଓଏସଆରସିଟିସିର ୫ ଜଣ ଏହି ଯାତ୍ରାରେ ନିୟୋଜିତ ଅଛନ୍ତି। ଯାତ୍ରୀମାନେ ଆଜି ପୁରୀ ଶ୍ରୀମନ୍ଦିର ଦର୍ଶନ କରି ଫେରିବେ। ଉଦଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ଦେବବ୍ରତ ସାହୁ, ଓଏସଆରଟିସି ମ୍ୟାନେଜର ଶ୍ରୀ ଅମ୍ଳେଶ ସିହ୍ନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ, ଯାଜପୁର ମୁନିସିପାଲିଟି ନିର୍ବାହୀ ଅଧିକାରୀ ଶ୍ରୀ ଲକ୍ଷ୍ମୀଧର ରାଉତ, ସହକାରୀ ଜିଲ୍ଲାପାଳ ଶ୍ରୀ ତାପସ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପାଣି ସମସ୍ୟା ନେଇ ବିଧାୟକଙ୍କୁ ଭେଟିଲେ ଗ୍ରାମବାସୀ



ଆସିକା ୦୭/୦୩(ଅକ୍ଷର ଓଡ଼ିଶା) : ସାମ୍ପ୍ରତିକ ଗ୍ରୀଷ୍ମଋତୁ ଆରମ୍ଭରୁ ଆସିକା ର ଦୁଇ ପାର୍ଶ୍ୱରେ ପ୍ରଭାବିତ ଦୁଇ ନଦୀ ରହିଥିଲେ ମଧ୍ୟ ଗାଁ ଗାଁ ରେ ଜଳ ସମସ୍ୟା ଦେଖା ଦେଲାନି । ଆଲ୍ଲିପୁର ପଂଚାୟତ ର ପଥରା ରେ ଜଳ ସମସ୍ୟା ପରେ ଆଜି ବଡଖୋଲି ପଂଚାୟତ ର ଧନିଯା ଗ୍ରାମବାସୀ ଦୀର୍ଘ ଦିନ ହେଲା ପାନୀୟ ଜଳ ସମସ୍ୟା ନେଇ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଆସିକା ବିଧାୟକ ଙ୍କ ବାସଭବାନରେ ପହଂଚି ଆଲୋଚନା କରିଥିଲେ । ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଯଥାଶୀଘ୍ର ସ୍ଥାନୀୟ ଗ୍ରାମ୍ୟ ଜଳ ପରିମଳ ବିଭାଗ ର କନିଷ୍ଠ ଯନ୍ତ୍ରୀ ଙ୍କ ସହ ଆଲୋଚନା କରିଥିଲେ । ଯଥାଶୀଘ୍ର କିଭଳି ଗ୍ରାମ ମାନଙ୍କୁ ତୁରନ୍ତ ବିଶୁଦ୍ଧ ପାନୀୟ ଜଳ ପହଂଚିବ ବୋଲି କହିଥିଲେ । ଏସମ୍ପର୍କ ରେ କନିଷ୍ଠ ଯନ୍ତ୍ରୀ ଇ. ଶ୍ରୀଧର ସେନାପତି ଙ୍କୁ ପଚାରିବାରୁ ସେ ଗ୍ରାମରେ ଥିବା ପାନୀୟ ଜଳ ର ଉତ୍ସ ରେ ଜଳ ସ୍ତର କମିବା ହେତୁ ଏଭଳି ସମସ୍ୟା ଦେଖା ଦେଇଛି । ଅନ୍ୟ ଗୋଟିଏ ବୋର ଖୋଲି ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

## ଦାଦା ବଟି ଆଦାୟ ବେଳେ ବ୍ୟବସାୟୀଙ୍କୁ ଛୁରୀରେ ଆକ୍ରମଣ



ଲକ୍ଷ୍ମୀପୁର ୦୭/୦୩(ଅକ୍ଷର ଓଡ଼ିଶା) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ରେ ସାମ୍ବାଦିକ ସୁରକ୍ଷିତ ନୁହନ୍ତି। ଆଜି ସାପ୍ତାହିକ ହାଟରେ ଜଣେ କାର୍ଯ୍ୟରତ ସାମ୍ବାଦିକ ଭିଡିଓ ଉତ୍ତଳନ ସମୟରେ ତାଙ୍କୁ ଦୁଇ ଜଣ ଯୁବକ ଆକ୍ରମଣ କରି ତାଙ୍କ ମୋବାଇଲ ଭାଙ୍ଗି ଦେଇଛନ୍ତି ।ଏହି ଘଟଣା କୁ ନେଇ ସାମ୍ବାଦିକ ମାନେ ଏସପି ଙ୍କୁ ଜଣାଇଥିବା ବେଳେ ତୁରନ୍ତ ଲକ୍ଷ୍ମୀପୁର ଥାନାରେ ଅଭିଯୋଗ କରନ୍ତୁ ପୋଲିସ ନିଶ୍ଚୟ ପଦକ୍ଷେପ

### ଭିଡିଓ ଉତ୍ତଳନ କରୁଥିବା ସାମ୍ବାଦିକଙ୍କ ମୋବାଇଲ ଭାଙ୍ଗିଲେ

ଗ୍ରହଣ କରିବ ବୋଲି କହିଛନ୍ତି ।ଘଟଣାରୁ ପ୍ରକାଶ ଲକ୍ଷ୍ମୀପୁର ସାପ୍ତାହିକ ହାଟରେ ଆଜି ଜଣେ ବ୍ୟବସାୟୀ ଭି.ମୂର୍ତ୍ତି କ୍ରିଷ୍ଣା ଙ୍କୁ ଛୁରୀରେ ଅକ୍ରମଣ କରୁଥିବା ସମୟରେ ଜଣେ ସାମ୍ବାଦିକ ବଂଶୀଧର ହାଲବା ଭିଡିଓ ଉତ୍ତଳନ କରୁଥିଲେ। ଏହା ଦେଖି ଆକ୍ରମଣ କାରି ଦୁଇ ଯୁବକ ତାଙ୍କୁ ମଧ୍ୟ ଆକ୍ରମଣ କରି ତାଙ୍କର ମୋବାଇଲ ଝିକି ନେଇ ଭାଙ୍ଗି ଦେଇଥିଲେ ।ଏନେଇ ହାଟ ବ୍ୟବସାୟୀ ମୂର୍ତ୍ତି କ୍ରିଷ୍ଣା ଙ୍କ ସମେତ ସାମ୍ବାଦିକ ବଂଶୀଧର ଥାନାର ଦ୍ୱାରସ୍ଥ ହୋଇଭଜ କୁଲଦୀପିଆ ଓ ଜି.ଶୁଭମ ନାମରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଭିତ୍ତି କରି ପୋଲିସ ଆକ୍ସନ ମୁଡ଼ କୁ ଆସି ସେମାନଙ୍କୁ ଖୋଜିବା ପାଇଁ ବାହାରିଥିଲା ହେଲେ ଖବର ଲେଖା ହେବା ସୁଧା ସେମାନଙ୍କ ପତା ମିଳିନଥିଲା ।ଏହି ଘଟଣାକୁ ନେଇ ଲକ୍ଷ୍ମୀପୁର ଥାନାରେ କିଛି ସମୟ ଧରି ଉତ୍ତେଜନା ଦେଖା ଦେଇଥିଲା ।ପ୍ରକାଶ ଥାଉକି ସାପ୍ତାହିକ ହାଟରେ ପ୍ରତ୍ୟେକ ସପ୍ତାହ ରେ ଉକ୍ତ ଦୁଇ ଯୁବକ ଦାଦା ବଟି ଆଦାୟ କରି ବ୍ୟବସାୟୀ ମାନଙ୍କୁ ଭୟଭୀତ କରିଆସୁଥିବା ହାଟ ବ୍ୟବସାୟୀ କହିଛନ୍ତି। ତୁରନ୍ତ ଉକ୍ତ ଦୁଇ ଦୁର୍ବୃତ୍ତ ଙ୍କୁ ଗିରଫ କରାନଗଲେ ଆସନ୍ତା ସାପ୍ତାହିକ ହାଟ ବନ୍ଦ କରି ଥାନା ଆଗରେ ଧାରଣାରେ ବସିବୁ ବୋଲି ବ୍ୟାଭାଶାୟୀ ମାନେ କହିଛନ୍ତି। ଏହି ଘଟଣା କୁ ନେଇ ସାମ୍ବାଦିକ ମାନେ ଏସପି ଙ୍କୁ ଜଣାଇଥିବା ବେଳେ ଲକ୍ଷ୍ମୀପୁର ପୋଲିସ କଣ ପଦକ୍ଷେପ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା ।

## କଳାହାଣ୍ଡି ବିଜେପିର ମିଶ୍ରଣ ପର୍ବ

### ନବ ଗଠିତ ନର୍ଲା ଏନ୍ଏସି ଅଞ୍ଚଳରୁ ଯୋଗ ଦେଲେ ୫୦ରୁ ଉର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସ କର୍ମୀ



କେସିଙ୍ଗା/ଭବାନୀପାଟଣା ୦୭/୦୩ (ମଧୁ ସିନ୍ଦୁର ) : କଳାହାଣ୍ଡି ଜିଲ୍ଲା ବିଜେପି ପକ୍ଷରୁ ଭବାନୀପାଟଣା ଟାଉନ ହଲ୍ ରେ ଆୟୋଜିତ ଏକ ମିଶ୍ରଣ ପର୍ବ ରେ ବିଭିନ୍ନ ଦଳ ର ଶତାଧିକ କର୍ମୀ ଯୋଗ ଦେଇ ଥିବା ବେଳେ ନବ ଗଠିତ ନର୍ଲା ଏନ୍ଏସି ଅଞ୍ଚଳ ର ୫୦ ରୁ ଉର୍ଦ୍ଧ୍ୱ ବିଜେଡ଼ି ଓ କଂଗ୍ରେସ କର୍ମୀ ଯୋଗ ଦେଇ ଥିଲେ। ନର୍ଲା ଏନ୍ଏସି ର ସଂଯୋଜକ ସରୋଜ ବୁଦ୍ଧିଆ ଏବଂ ସହ ସଂଯୋଜକ ଚିରଞ୍ଜିବୀ ଗୌଡ଼ିଆ ତଥା ନର୍ଲା ମଣ୍ଡଳ ସଭାପତି ଶିବ ପ୍ରସାଦ ରଣା ଙ୍କ ନେତୃତ୍ୱ ରେ ନବ ଗଠିତ ନର୍ଲା ଏନ୍ଏସି ଅନ୍ତର୍ଗତ ନର୍ଲା ଏବଂ ସର୍ଗିଗୁଡ଼ା ପଞ୍ଚାୟତ ରୁ ବିଜେପି ରେ ଯୋଗ ଦେଇ ଥିବା କର୍ମୀ ଙ୍କ ମଧ୍ୟରେ ନର୍ଲା କୃଷି ସମବାୟ ସମିତି ର ସଭାପତି ମଞ୍ଜୁଲତା ଗୌଡ଼ିଆ, ସର୍ଗିଗୁଡ଼ା ପଞ୍ଚାୟତ ର ୱାର୍ଡ ସଭ୍ୟ କନ୍ଦର୍ପ ନାଗ, ସନ୍ତୋଷ ଥାପା, ଦେହେଲି ୱାର୍ଡ ସଭ୍ୟ ଉମ୍ବରୁଧର ନାୟକ, ନର୍ଲାର ପୂର୍ବତନ ନାଏବ ସରପଞ୍ଚ ପ୍ରଦୀପ ହଂସ ଙ୍କ ବ୍ୟତୀତ ଅନ୍ୟ ମାନଙ୍କ ମଧ୍ୟରେ ରାଜୀବ ପାତ୍ର, ଲିଙ୍ଗ ମାଝୀ, ଲିପ୍ତାଙ୍ଗିନୀ ମାଝୀ, ଗୋପାଳ ସରାଫ, କ୍ଷୀତିସୁତା ସରାଫ, ଜଗତରାମ ମାଝୀ, ଜଗଦୀଶ ଦୁର୍ଗା, ମଙ୍ଗଳ ମାଝୀ, ଟିକେଶ୍ୱର୍ ଭୋଇ, ପରିଚୟ ଦୁର୍ଗା, ଚିନ୍ମୟ ଚାନ୍ଦ, ଗଜରାମ ମାଝୀ, କିର୍ତିବାସ ବଗର୍ତ୍ତି, ବୀରେନ୍ଦ୍ର ପଟ୍ଟନାୟକ, ରୁପେଶ ପୁଝାରୀ, ଟୁକୁନା ପାତ୍ର, ରମାକାନ୍ତ ପୂଝାରୀ, ସରୋଜ ପୁଝାରୀ, ସୁରେନ୍ଦ୍ର ମାଝୀ ପ୍ରମୁଖ ଯୋଗ ଦେଇ ଥିଲେ । ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଦ୍ଦାର ଙ୍କ ସଭାପତିତ୍ୱ ରେ ଆୟୋଜିତ ଉକ୍ତ ମିଶ୍ରଣ ପର୍ବ ରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଧର୍ମଗଡ ବିଧାୟକ ସୁଧୀର କୁମାର ପାଟଯୋଶୀ ତଥା ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ ।

## ଆୟୁର୍ବେଦ ସ୍ୱାସ୍ଥ୍ୟ ପରାମର୍ଶ ଓ ନିଶୁଳ୍କ ଚିକିତ୍ସା ଶିବିର




ପୁରୀ,୭ ।୩(ଅକ୍ଷର ଓଡ଼ିଶା): ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ମହିଳାମାନଙ୍କ ଲାଗି ଏକ ଆୟୁର୍ବେଦ ସ୍ୱାସ୍ଥ୍ୟ ପରାମର୍ଶ ଓ ନିଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ପର୍କ ପକ୍ଷରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରସୂତି ତନ୍ତ୍ର ଓ ସ୍ତ୍ରୀରୋଗ ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିରରେ ସ୍ତ୍ରୀରୋଗ,ସନ୍ଧି ଓ ସ୍ନାୟୁ ଯନ୍ତ୍ରଣା,ତ୍ୱଚା ସମସ୍ୟା, ପାଚନ ତନ୍ତ୍ର ସମସ୍ୟା,ରକ୍ତଚାପ ଓ ମଧୁମେହ ସମେତ ବିଭିନ୍ନ ରୋଗ ପାଇଁ ୧୫୦ରୁ ଅଧିକ ମହିଳାଙ୍କୁ ଆୟୁର୍ବେଦିକ ପରାମର୍ଶ ସହିତ ଔଷଧ ପ୍ରଦାନ କରାଯାଇଥିଲା। ଆୟୁର୍ବେଦ ଚିକିତ୍ସକ ପ୍ରଫେସର ସୁଦେଷ୍ଣା ମେହେର,ଡା. ମନ୍ଶିଯୁଷ୍ରୀ ସାହୁ,ଡା. ଜସ୍ମିତା ପ୍ରିୟଦର୍ଶିନୀ ଓ ଡା.ଶିବାନୀ ଦାସ ପ୍ରମୁଖ ରୋଗୀଙ୍କର ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଚିକିତ୍ସା ପରାମର୍ଶ ଦେଇଥିଲେ। ସିଡିପିଓ ବିନୋଦିନୀ ତ୍ରିପାଠୀ ଶିବିରର ଉଦଘାଟନ କରିଥିଲେ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧକ୍ଷ ମୁଖ୍ୟ ଅତିଥି ଭାବେଯୋଗଦେଇ ଥିଲେ। ଏହି ଅବସରରେ 'ସମ୍ପର୍କ'ର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ସମାଜରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ସାଙ୍ଗକୁ ପାରମ୍ପରିକ ଚିକିତ୍ସା ପ୍ରଣାଳୀ ପ୍ରତି ଲୋକମାନଙ୍କର ଆସ୍ଥା ବଢ଼ାଇବା ପାଇଁ ଏହି ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଉଛି ବୋଲି କହିଥିଲେ । ଲୋକଙ୍କୁ ସହଜ ଓ ସୁଲଭ ଚିକିତ୍ସାସେବା ପହଞ୍ଚାଇବା ଏହାର ପ୍ରମୁଖ ଲକ୍ଷ୍ୟ ବୋଲି ସେ ଉଲ୍ଲେଖ କରିଥିଲେ ।ରୋଜାଲିନ ମିଶ୍ର,ରଞ୍ଜିତା ପାଢ଼ୀ,ସରକାରୀ ଅଧିବକ୍ତା ସ୍ୱଦେଷ୍ଣା ପଣ୍ଡା ଓ ଡା. ସୋନାଲିକା ଜେନା ପ୍ରମୁଖ ଉପସ୍ଥିତଥିଲେ ।ଶୁଭ ପ୍ରସାଦ ଶର୍ମା,କୁନା ବାରିକ,ଡା. ସ୍ୱେତାଞ୍ଜଳି ବେହେରା, ଡା. ସ୍ୱେତପ୍ରଭା ପଣ୍ଡା,ଡା. ଦୀପ୍ତିମୟୀ ନାୟକ,ଡା. ଶ୍ରୁତି ସୁଧାକର ବାଗୁଲ ଓଡା. ଯୁଗ୍ମଜ୍ୟୋତି ରାୟ ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ।

## ମାନସିକ ଅନଗ୍ରସର ମହିଳା ଉଦ୍ଧାର

ରିଆମାଳ, ୭ ।୩(ଅକ୍ଷର ଓଡ଼ିଶା): କୁଣ୍ଢେଇଗୋଳା ଥାନା ଅଧିକାରୀଙ୍କ ଦ୍ୱାରା ଜନୈକ ଅଜଣା ମାନସିକ ଅନଗ୍ରସର ମହିଳାଙ୍କୁ ଭାଇଭଉଣୀ ଦର୍ହ ଠାରୁ ଉଦ୍ଧାର କରି ମେଡିକାଲ ଠାରେ ଦୁଇ ଦିନ ଚିକିତ୍ସା କରାଯାଇଥିଲା। ତାଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ ଙ୍କ ତତ୍ତ୍ୱାବଧାନରେ ସାନପୁର ସ୍ଥିତ ପିପୁଲ୍ ଫୋରମକୁ ପଠାଯାଇଥିଲା। ସେଠାରେ ତାଙ୍କର ଆବଶ୍ୟକ ଯତ୍ନ ଓ ଚିକିତ୍ସା ନିମନ୍ତେ ଥଇଥାନ କରାଯିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ବୋଲି ଜଣାପଡିଛି।



ରବିବାର ୦୮।୦୩।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ନୟାଗଡ଼,୭।୩ (ଅକ୍ଷର ଓଡ଼ିଶା):ନୟାଗଡ଼ ସହରରେ ଅବସ୍ଥିତ ଗାଲାକ୍ସି ସ୍ୱାସ୍ଥ୍ୟ ବୀମା କମ୍ପାନୀ ପକ୍ଷରୁ ଆଜି ଏକ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ନୟାଗଡ଼ ସାମ୍ବାଦିକ ଭବନଠାରେ ଆୟୋଜିତ ହୋଇଯାଇଛି । ଆପୋଲ ହସ୍ପିଟାଲ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥିବାବେଳେ ଭେଷଜ ବିଶେଷଜ୍ଞ ଡା. ପ୍ରେମାନନ୍ଦ ପଟ୍ଟନାୟକ ସ୍ୱାସ୍ଥ୍ୟ ପରାମର୍ଶ ପ୍ରଦାନ କରିଥିଲେ । ୭୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ବିଭିନ୍ନ ପ୍ରକାର ପରୀକ୍ଷା କରାଯାଇଥିଲା। ଲରେନ୍ସ ଆଣ୍ଡ ମେୟୋ ଆଇ ହସ୍ପିଟାଲ ଚକ୍ଷୁ ବିଭାଗ ଦଳ ଉପସ୍ଥିତ ରହିଚକ୍ଷୁ ପରୀକ୍ଷା କରିଥିଲେ । ଗାଲାକ୍ସି ସ୍ୱାସ୍ଥ୍ୟ ବୀମା କମ୍ପାନୀ ବ୍ୟବସାୟିକ ପରିଚାଳକ ବିଷ୍ଣୁପ୍ରସାଦ ମହାପାତ୍ର, ଏଜେନ୍ସି ସହଯୋଗୀ ବିଭୂତି ଭୂଷଣ ସାହୁଁ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।ଗାଲାକ୍ସିର ମୁଖ୍ୟ ମନୋରଞ୍ଜନ ଦାଶ ରୋଗୀ ଓ ରୋଗୀ ସମ୍ପର୍କିୟଙ୍କ ସହ ଆଲୋଚନା କରିଥିଲେ । ସ୍ୱାସ୍ଥ୍ୟ ବୀମା ନେଇ ଅନେକ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ର, ସମ୍ପାଦକ ଅନୀଲ କୁମାର ପଣ୍ଡା, ସନ୍ଦୀପ ଲେଙ୍କା, କ୍ଷୀରୋଦ ପଟ୍ଟନାୟକ, ଶ୍ରୀକାନ୍ତ ଖଟେଇ, ରାମକୃଷ୍ଣ ରଥ,ଧିରେନ୍ଦ୍ର ପଟ୍ଟନାୟକ, ବିଶ୍ୱଜିତ ନାୟକ, ପ୍ରଭାତ ମହାପାତ୍ର ପ୍ରମୂଖ ଉପସ୍ଥିତ ସହଯୋଗ କରିଥିଲେ ।

## କଣ୍ଟ୍ରାକ୍ଟର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା

# କୋଟି କୋଟି ଟଙ୍କା ହଡପ କରିବାକୁ ଯୋଜନା



ରାଜନଗର,୭।୩(କାମାକ୍ଷ୍ୟା ପ୍ରସାଦ ସ୍ୱାଇଁ): ଲୋକଙ୍କ ସରକାର ମୋହନ ସରକାର ରେ ଲୋକଙ୍କ ଯାତାୟାତର ସୁବିଧା ନିମନ୍ତେ ଗ୍ରାମାଞ୍ଚଳ ମାନଙ୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କୋଟି କୋଟି ଟଙ୍କାର ଟେଣ୍ଡର କରାଯାଇ ଉନ୍ନତ ମାନର ରାସ୍ତା ନିର୍ମାଣ କରାଯାଉଛି । କିନ୍ତୁ ଗ୍ରାଉଣ୍ଡ ଜିରୋ ରେ ବିଜେଡି ଶାସନରେ ଦୁର୍ନୀତି ର ମୋହ ଲାଗିଥିବା ବିଭାଗୀୟ ଅଧିକାରୀ ମାନେ ଏବେବି ନିଜର ଦୁର୍ନୀତି କୁ ବଜାୟ ରଖିଛନ୍ତି । ଯେଉଁ କଣ୍ଟ୍ରାକ୍ଟର ମାନେ ବିଜେଡି ନେତାଙ୍କ ଅଧୀନରେ ରହି ବିଭିନ୍ନ ରାସ୍ତା କାମରେ ବଡ଼ ବଡ଼ ଦୁର୍ନୀତି କରୁଥିଲେ ସେମାନେ ଆଜି ମଧ ସେହି ବିଭାଗୀୟ ଅଧିକାରୀଙ୍କ ସହିତ ମିଶି ମୋହନ ସରକାରର ରାସ୍ତା କାମରେ ବଡ଼ ବଡ଼ ଦୁର୍ନୀତି କରି ମୋହନ ସରକାରଙ୍କୁ ବଦନାମ କରିବାରେ ଲାଗିଛନ୍ତି । ରାଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗର ଏସଡ଼ିଓ ସୁବାସ ଚନ୍ଦ୍ର ସାହୁ ଚାକିରୀ କାଳର ଶେଷ ସମୟରେ ପହଂଚି ସାରିଲେଣି ଆଉ ଦିନ କେଇଟା ପରେ ଚାକିରୀ କାଳ ଶେଷ ହେବ କିନ୍ତୁ କଣ୍ଟ୍ରାକ୍ଟର ସହିତ ମଧୁ ଚନ୍ଦ୍ରିକା କରି ଦୁର୍ନୀତି କରିବାଟା ଭୁଲି ନାହାଁନ୍ତି,ସୂଚନା ଯୋଗ୍ୟ ରାଜନଗର ବ୍ଲକ ଡେରା ପଞ୍ଚାୟତ କାଠୁଆ ଗଣ୍ଡ ଗାଁ ପାଖରୁ ହାତୀନା ଛକ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କାରେ ନୂତନ ପିଚୁ ରାସ୍ତା ନିର୍ମାଣ ହେଉଛି,ଯାହାର କଣ୍ଟ୍ରାକ୍ଟର ହେଉଛନ୍ତି ବାଲିସାହିପାଟଣା ଗ୍ରାମପଞ୍ଚାୟତ ବିଜେଡି ଦଳର ସହଯୋଗୀ ଦୀପୁ ସୁତାର । ଯିଏ ଏହି ରାସ୍ତା କାମର ଟେଣ୍ଡର ନେଇ ଏସଡ଼ିଓ ସୁବାସ ଚନ୍ଦ୍ର ସାହୁ ଙ୍କ ସହିତ ମଧୁଚନ୍ଦ୍ରିକା କରି ଅତି ନିମ୍ନ ମାନର ରାସ୍ତା କାମ କରୁଥିବା ନଜର ଆସିଛି । ନୂଆ ରାସ୍ତା ନିମନ୍ତେ ପୁରଣା ପିଚୁ ଖୋଳା ଯାଇ ତା ଉପରେ ଏବେ ମୋରମ ଢଳା ଯାଉଛି ତା ପୁଣି କଉଠି ଅଧିକ ଆଉ କଉଠି କମ, ଏହା ବ୍ୟତୀତ ରାସ୍ତାର ଦୁଇ ପାର୍ଶ୍ୱର ଦୃଢତ୍ୱ ପାଇଁ ନୂତନ ମାଟି ବଦଳରେ ସେହି ରାସ୍ତା କଡରେ ଥିବା ଅନାବାଦୀରୁ ମାଟି ଉଠା ଯାଇ ରାସ୍ତା କଡରେ ପକା ଯାଉଛି । ଯାହା ବେଶୀ ଦିନ ଯିବ ନାହିଁ ବର୍ଷା ଆରମ୍ଭ ହେବା ମାତ୍ରେ ଉକ୍ତ ରାସ୍ତା ତଳକୁ ଧୀରେ ଧୀରେ କରି ସବୁ ଧସିଯିବ । କିନ୍ତୁ ସବୁ ଜାଣି ମୋଟା ଅଙ୍କର ଦୁର୍ନୀତି କରିବା ଉଦେଶ୍ୟରେ କଣ୍ଟ୍ରାକ୍ଟର ଦୀପୁ ସୁତାର ଓ ଏସଡ଼ିଓ ସୁବାସ ଚନ୍ଦ୍ର ସାହୁ ଏଭଳି କାମ କରିଛନ୍ତି, ରାସ୍ତାରେ ପିଚୁ ଢଳା ଯିବା ପୂର୍ବରୁ ଏଭଳି ଦୁର୍ନୀତି ହେଉଛି ତେବେ ରାସ୍ତାରେ ଯେତେବେଳେ ପିଚୁ ଢଳା ଯିବ ତାହା କଉଭଳି ଦୁର୍ନୀତି ନ ହେବ ତାହା ଏବେ ବଡ଼ ଚିନ୍ତା ଘାରିଛି । ଅନ୍ୟ ପଟେ ଗ୍ରାମବାସୀ ଏଭଳି ନିମ୍ନ କାମକୁ ବାରଣ କରିଥିଲେ ସୁଦ୍ଧା କଣ୍ଟ୍ରାକ୍ଟର ଦୀପୁ ସୁତାର ଓ ଏସଡ଼ିଓ ସୁବାଷ ଚନ୍ଦ୍ର ସାହୁ ଏହାକୁ ଭୃକ୍ଷପ କରି ଦିଅବଳିଆ ନୀତିରେ କାମ କରି ଚାଲିଛନ୍ତି । ତେବେ ଏହି ରାସ୍ତା ନିର୍ମାଣକୁ ତଦାରଖ କରିବା ସହିତ ବିଭାଗୀୟ ଅଧିକାରୀ ଓ କଣ୍ଟ୍ରାକ୍ଟର ଦୀପୁ ସୁତାର ଉପରେ ମୋହନ ସରକାର ଏବଂ ଜିଲ୍ଲାପାଳ କଡ଼ା ଅଭିମୁଖ୍ୟ ଗ୍ରହଣ କରିବା ପାଇଁ ପଞ୍ଚାୟତବାସୀ ଦାବି ରଖିଛନ୍ତି ।

# ଅନ୍ତର୍ଜାତୀୟ ମହିଳା ଦିବସର 'ଶକ୍ତି ସ୍ୱରୂପିଣୀ' କାର୍ଯ୍ୟକ୍ରମ



ମାଲକାନଗିରି,୭।୩(ଅକ୍ଷର ଓଡ଼ିଶା): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ରଥମ ଦିନର କାର୍ଯ୍ୟକ୍ରମ ମାଲକାନଗିରି ସ୍ପୋଟର୍ସ କମ୍ପ୍ଲେକ୍ସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ମୁନା ତୁରୁକ୍ ଉପସ୍ଥିତ ଥିଲେ। ଆଜିର ପ୍ରଥମ ଦିବସ 'ଶକ୍ତି ସ୍ୱରୂପିଣୀ' କାର୍ଯ୍ୟକ୍ରମ ଅବସରରେ ଶାରୀରିକ ଫିଟନେସ୍, ପୋଷଣ ଏବଂ ମାନସିକ ସୁସ୍ଥତା ସକାଶେ ସାମୁହିକ ଯୋଗ ଅଧିବେଶନ ସମ୍ପର୍କରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

## ହାଇମାକ୍ସ ଲାଇଟ ଅଚଳ

# କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି



ଖଣ୍ଡପଡ଼ା,୭।୩ (ଅକ୍ଷର ଓଡ଼ିଶା): ଖଣ୍ଡପଡ଼ା ସହରର ଡାକ୍ତରଖାନା ଛକରେ ଗତ ୫ ବର୍ଷ ତଳେ ଲକ୍ଷାଧିକ ଟଙ୍କା ବ୍ୟୟରେ ସ୍ଥାପନ କରାଯାଇଥିବା ହାଇମାକ୍ସ ଲାଇଟ ପୋଷ୍ଟଟି ରକ୍ଷଣାବେକ୍ଷଣ ଅଭାବରୁ ଏବେ ଅଚଳ ଅବସ୍ଥାରେ ଦଣ୍ଡାୟମାନ ହୋଇ ରହିଛି। ଉକ୍ତ ହାଇମାକ୍ସ ଲାଇଟ ପୋଷ୍ଟରେ ଲଗାଯାଇଥିବା ୯ ଟି ଲାଇଟ ମଧ୍ୟରୁ ମାତ୍ର ୨ ଟି ଲାଇଟ ଜଳୁଥିବାର ସଞ୍ଜ ନଇଁଲେ ସହରର ଏହି ଗୁରୁତ୍ୱପୂର୍ଣ୍ଣ ଛକଟି ଏକରକମ ଅନ୍ଧାରରେ ରହୁଥିବାରୁ ସ୍ଥାନୀୟ ବାସିନ୍ଦା ଏ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ୱେ ମଧ ହାଇମାକ୍ସ ଲାଇଟ ପୋଷ୍ଟରେ ଲାଗିଥିବା ଅଚଳ ଲାଇଟ ଗୁଡିକୁ ବଦଳାଇବା ଦିଗରେ ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହେଉଛି। ଏକଦା ହାଇମାକ୍ସ ଲାଇଟ ଯୋଗୁଁ ଖଣ୍ଡପଡ଼ା ଡାକ୍ତରଖାନା ଛକଟି ଉଜ୍ଜଳ ଆଲୋକୀକରଣରେ ଉଦଭାସିତ ହେଉଥିଲା।ଏବେ ଉକ୍ତ ସ୍ଥାନ ଅନ୍ଧାରରେ ରହୁଛି। ଏଥିପ୍ରତି ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସଂପର୍କରେ ଖଣ୍ଡପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କୁ ଯୋଗାଯୋଗ କରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

## ଶିକ୍ଷା ବିଭାଗର ପାଞ୍ଚ କୋଟି ଟଙ୍କା ଲୁଟ୍

# ଶିକ୍ଷା ଅଧିକାରୀଙ୍କ ଥାନାରେ ଲିଖିତ ଅଭିଯୋଗ




ଯାଜପୁର, ୭।୩ (ଅକ୍ଷର ଓଡ଼ିଶା)ମୃତ ଓ ଅବସର ପ୍ରାପ୍ତ କର୍ମଚାରୀଙ୍କୁ ଚାକିରିଆ ଦର୍ଶାଇ ତାଙ୍କ ଦରମା ଟଙ୍କା ନିଜ ପତ୍ନୀ, ପୁଅ, ପାରିବାରିକ ସମ୍ପର୍କୀୟ ଏପରିକି ଘର ଚାକରାଣୀ ନାମରେ ଟ୍ରାନ୍ସଫର୍ମ କରି ପାଞ୍ଚ କୋଟି ଟଙ୍କା ଦରମା ବାବଦ ଅର୍ଥ ଲୁଟି ନେଇଥିବା ସ୍ପେଶାଲ ଅଡିଟ୍ ରିପୋର୍ଟ୍ରୁ ଜଣାପଡ଼ିଛି। ସ୍ପେଶାଲ ଅଡିଟ୍ ରିପୋର୍ଟ୍ ଅନୁଯାୟୀ କୋରେଇ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରା ୧୯ ଜଣ ଶିକ୍ଷକ ଯେଉଁମାନେ ବହୁ ବର୍ଷ ପୂର୍ବରୁ ଅବସର ନେଇ ସାରିଛନ୍ତି ସେମାନଙ୍କ HRMS ଆଇଡିକୁ ବ୍ୟବହାର କରି ସେମାନଙ୍କ ଅବସର କାର୍ଯ୍ୟକାଳ ବଢାଇ ସେମାନଙ୍କ ନାମରେ ପୁନଃ ଚାକିରିଥିବା ଦର୍ଶାଇ ଅଫିସରେ କାର୍ଯ୍ୟରତ କର୍ମଚାରୀ ମାନେ ୪୮୦ ଥର ମିଥ୍ୟା ବିଲ ପ୍ରସ୍ତୁତ କରି ନିଜ ନିଜର ସମ୍ପର୍କୀୟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦରମା ବାବଦ ଅର୍ଥ ପାଖପାଖି ୪ କୋଟି ୯୭ ଲକ୍ଷ ୫୫ ହଜାର ଟଙ୍କା ଟ୍ରେଜେରୀ କାର୍ଯ୍ୟାଳୟ ମାଧ୍ୟମରେ ଟ୍ରାନ୍ସଫର୍ମ କରି ଲୁଟି ନେଇଛନ୍ତି। ଯାହା ଜଣା ପଡିବା ପରେ ଏବେ କୋରେଇ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଏବର ଶିକ୍ଷା ଅଧିକାରୀ ସୁଦର୍ଶନ ମଲିକଙ୍କ ସମେତ ୧୧ ଜଣଙ୍କ ନାମରେ ଭିଜିଲାନ୍ସରେ ମାମାଲା ରୁଜୁ କରିଛନ୍ତି ଜିଲା ଶିକ୍ଷା ଅଧିକାରୀ। ଏ ସମ୍ପର୍କରେ ମଧ ଯାଜପୁର ଏସ୍ପି ଓ କୋରେଇ ଥାନାର ଦ୍ୱାରସ୍ଥ ହୋଇ ଜିଲା ଶିକ୍ଷା ଅଧିକାରୀ ଏହି ଆର୍ଥୀକ ଅନିୟମିତତାରେ ସମ୍ପୃକ୍ତି ଥିବା ୧୨ ଜଣଙ୍କ ବିରୁଦ୍ଧରେ ମାମାଲା ରୁଜୁ କରିବାକୁ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଯାଜପୁରଙ୍କ ନିକଟକୁ ଏ ସଂକ୍ରାନ୍ତରେ ଏନ୍ ଥିରୁମଲ୍ଲା ନାୟକ ଚିଠି କରି ଅଡିଟ୍ ରିପୋର୍ଟ୍ରେ ହୋଇଥିବା ଆର୍ଥିକ ଅନିୟମିତତା ସଂପର୍କରେ ଜଣାଇବା ସହ ଏଥିରେ ସମ୍ପୃକ୍ତ ଥିବା ପୂର୍ବକୋଟ ୟୁ ଜି ଏମ୍ଇର ପୂର୍ବତନ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ମହାନ୍ତିଙ୍କ ସମେତ ତାଙ୍କ ପୁଅ ମାତୃ ପ୍ରସାଦ ମହାନ୍ତି , ପତ୍ନୀ ଗୀତାରାଣୀ ମହାନ୍ତି, ସମ୍ପର୍କୀୟ ମୋନାଲିସା ପାଣି ଓ ତାଙ୍କର ସହଯୋଗୀ ଦିଲ୍ଲୀପ କୁମାର ମହାପାତ୍ରଙ୍କ ଆକାଉଣ୍ଟକୁ ୫ କୋଟି ଟଙ୍କା ଦରମା ଅର୍ଥ ଟ୍ରାନ୍ସଫର୍ମ କରି ଲୁଟି ନେଇଥିବା ଜଣାପଡିଛି। ପ୍ରଦୀପଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଥିବା ଦୁଇଟି ଆକାଉଣ୍ଟକୁ ଦୁଇ କୋଟି ୬୩ ଲକ୍ଷ ଟଙ୍କା ଟ୍ରାନ୍ସଫର ହୋଇଥିବା ବେଳେ ତାଙ୍କ ପୁତ୍ର ମାତୃ ପ୍ରସାଦ ମହାନ୍ତି ଯେ କି ଜଣେ ଘରୋଇ ବ୍ୟାଙ୍କ କର୍ମଚାରୀ ଅଟନ୍ତି ତାଙ୍କ ଆକଉଣ୍ଟକୁ ପାଖାପାଖି ଏକ କୋଟି ୪୫ ଲକ୍ଷ ଟଙ୍କା ଦରମା ବାବଦ ଅର୍ଥ ପ୍ରଦାନ କରାଯାଇଅଛି ।

# ହିଞ୍ଜିଳିରେ ବହୁ ନଳକୂପ ଅଚଳ



ହିଞ୍ଜିଳିକାଟୁ,୭।୩(ଅବନି କାନ୍ତ ପଟ୍ଟନାୟକ): ମାର୍ଚ୍ଚ ପ୍ରଥମ ସପ୍ତାହରୁ ଅସହ୍ୟ ହେଲାଣି ଖରା । ଦିନ ଗଡିବା ସହିତ ଉତ୍ତାପ ମଧ ବଢୁଛି । ଦିନରେ ଖରା ସାଙ୍ଗକୁ ରାତିରେ ସ୍ୱଳ୍ପ ଶୀତ ଅନୁଭୂତ ହେଉଥିଲେ ହେଁ ଜଳାଭାବ ସମସ୍ୟା ନେଇ ଲୋକେ ଏବେଠୁ ଚିନ୍ତା ପ୍ରକଟ କଲେଣି । ତେବେ ବାଟର ବାଟୋଇ ଖୋଜି ବୁଲିବ ପାଣି ମୁନ୍ଦେ ପାଇଁ, ଏଭଳି ସ୍ଥଳେ ସ୍ଥାନୀୟ ପ୍ରଶାସନ ଗ୍ରୀଷ୍ମ ମୁକାବିଲା ପାଇଁ କେବେ ପ୍ରସ୍ତୁତ ଅଛି ଆସନ୍ତୁ ଜାଣିବା । ହିଞ୍ଜିଳିକାଟୁ ପୌର ପରିଷଦରେ ସମୁଦାୟ ୨୧ ଟି ୱାର୍ଡ଼ ରହିଛି । ୨୦୧୭ ମସିହା ପରେ ହିଞ୍ଜିଳି ଏନଏସିରୁ ମୁନିସିପାଲିଟି ହେବା ଆଶା ନେଇ ହିଞ୍ଜିଳିକାଟୁ ୨ ନଂ ୱାର୍ଡରେ ପି. ରାମଚନ୍ଦ୍ରପୁର ସାମିଲ ହୋଇଛି । ଏଭଳି ସ୍ଥିତିରେ ପୁରା ସହରର ପାନୀୟ ଜଳର ଗୋଲାପୀ ଚିତ୍ରକୁ ଦେଖିଲେ ଯେ କେହି ବି ଆଶ୍ଚର୍ଯ୍ୟ ହେବେ । ମୁନିସିପାଲିଟିରେ ସମୁଦାୟ ୧୩୪ଟି ନଳକୂପ ଅଛି କିନ୍ତୁ ସେଥିରୁ ୯୨ଟି ସଚଳ ଆଉ ୪୨ ଟି ନଳକୂପ ଅଚଳ ହୋଇପଡିଛି । ପୌର କାର୍ଯ୍ୟାଳୟ ଥିବା ୧୦ ନଂ ୱାର୍ଡ଼ର କଥା ବିଚାରକୁ ନେଲେ ତଳ ରେଗିଡ଼ିରେ ୨ ଟି ନଳକୂପ ମଧ୍ୟରୁ ଗୋଟିଏ ମରାମତି ହୋଇ ନ ଥିବାରୁ ଖତ ଖାଇଲାଣି । ଉପର ରେଗିଡ଼ିରେ ୪ ଟି ନଳକୂପ ମଧ୍ୟରୁ ୨ଟି କାମରେ ଆସୁନି । ଅନ୍ୟପଟେ ମୋହନକଲୋନୀ ଅଂଚଳରେ ୮ ଟି ଗଳି ରହିଥିବା ବେଳେ ଘରେ ନ ପଶୁଣୁ ମୁଣ୍ଡ ବାଜିବା ନ୍ୟାୟରେ ପ୍ରଥମ ଗଳିରେ ଥିବା ନଳକୂପ ସଚଳ କିନ୍ତୁ ପାଣି ଅପରିଷ୍କାର । ଦୂଷିତ ପାଣି ଦେଖି ଲୋକେ ମୁହଁ ମୋଡୁଛନ୍ତି ।

# ମେଗା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର

ସମ୍ବଲପୁର,୭।୩ (ଅକ୍ଷର ଓଡ଼ିଶା): ମହାନଗର ନିଗମର ୱାର୍ଡ ନମ୍ବର ୨୯, ଧନକଉଡାରେ ଅବସ୍ଥିତ ସହରାଂଚଳ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ରତ୍ନାକର ବେହେରା ଯୁବକ ସଙ୍ଘ ଓ ଜନଆରୋଗ୍ୟ ସମିତି (ୟୁ.ପି.ଏସ.ସି.)ର ମିଳିତ ଉଦ୍ୟମରେ ଏକ ମେଗା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପୂର୍ବାହ୍ନ ଘ.୮.୩୦ମି. ଠାରୁ ଆରମ୍ଭ ହୋଇ ଅପରାହ୍ନ ଘ.୨.୦୦ମି. ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ୬୦୦ରୁ ଉର୍ଦ୍ଧ୍ୱ ରୋଗି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରି ଓ ମାଗଣା ଔଷଧ ପାଇ ଉପକୃତ ହୋଇଥିଲେ । ଭିମସାର(ବୁର୍ଲା), ଜିଲ୍ଲା ମୂଖ୍ୟଚିକିତ୍ସାଳୟ ଓ ସି.ଏଚ.ସି. ଦେବେଇପାଲିର ଅଭୀଜ୍ଞ ଡାକ୍ତର ପ୍ରଫେସର ଅଶୋକ କୁମାର ପାଣିଗ୍ରାହୀ, ସହପ୍ରଫେସର ମନୋରଞ୍ଜନ ନାୟକ(ମେଡିସିନ ବିଭାଗ), ଡାକ୍ତର କେ.କେ. ଗୁପ୍ତା (ଶିଶୁ ରୋଗ), ସହପ୍ରଫେସର ଡାକ୍ତର ବିଶ୍ୱ ରଞ୍ଜନ ରାଉତରାୟ(କେନ୍ସର ବିଭାଗ), ପ୍ରଫେସର ଡାକ୍ତର ସତ୍ୟଜିତ ମିଶ୍ର(ନାସା,ଗଳା,କର୍ଣ୍ଣ), ସହପ୍ରଫେସର ଡାକ୍ତର ଏସ.କେ.ପାଟଯୋଶୀ(ଚର୍ମ ଓ ଯୌନ ବିଭାଗ), ଡାକ୍ତର ଅରବିନ୍ଦୋ ବେହେରା(ଛାତି ଓ ଯକ୍ଷ୍ମା ରୋଗ ବିଭାଗ), ଡାକ୍ତର ପ୍ରମୋଦ କୁମାର ଶର୍ମା (ଚକ୍ଷୁ ବିଭାଗ), ପ୍ରଫେସର ଡାକ୍ତର ଲାଲ ମୋହନ ନାୟକ(ସ୍ତ୍ରୀ ଓ ପ୍ରସୁତୀ ବିଭାଗ), ହୋମିଓପେଥି ଓ ଆୟୁର୍ବେଦିକ ବିଭାଗର ଡାକ୍ତର ଲକ୍ଷ୍ମୀକାନ୍ତ ବେହେରା, ଡାକ୍ତର ଜ୍ୟୋତିର୍ମୟୀ ସାହୁ ନିଶୁଳ୍କ ସେବାପ୍ରଦାନ କରିଥିଲେ । ଏହା ସହ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବୀର ଅନୁଷ୍ଠିତ ହୋଇ ପ୍ରାୟ ୮୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଶିବିରର ସୁଚାରୁ ପରିଚାଳନାରେ କିଶୋର କୁମାର ସାହୁ, ଜାଗ୍ରତ ସାହୁ, ଆକାଶ ସାହୁ, ମହେଶ ବଗର୍ତୀ, ପ୍ରିତୀଶ ସାହୁ, ସରିତା ଦାଶ, ଗୁଞ୍ଜନ ଶର୍ମା ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

# ବିଜୁ ବାବୁଙ୍କ ୧୧୦ ତମ ଜନ୍ମ ଜୟନ୍ତୀ

କବିସୂର୍ଯ୍ୟନଗର,୭।୩(ବିବେକାନନ୍ଦ ସାହୁ):କବିସୂର୍ଯ୍ୟନଗର ସହରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ପୃଥକ ପୃଥକ ଭାବେ ପାଳନ କରାଯାଇଥିବା ଦେଖିବାକୁ ମିଳିଛି । ଗୋଟିଏ ପଟେ ରାଜ୍ୟ ରାଜ ନୀତିରେ କବିସୂର୍ଯ୍ୟନଗର ବିଜେଡିର ଗୋଷ୍ଠି କନ୍ଦଳକୁ ନେଇ ଚର୍ଚ୍ଚା ରହି ଆସୁଥିବା ବେଳେ ବର୍ତ୍ତମାନ ସମୟରେ ଏଭଳି ବିଜୁ ଜୟନ୍ତୀ ପାଳନକୁ ନେଇ ଦେଖା ଦେଇଛି ଆଉ ଏକ ବିବାଦ। ଆସ୍କା ସଂସଦୀୟ କ୍ଷେତ୍ର କବିସୂର୍ଯ୍ୟନଗର ବିଧାନସଭାର ନୂତନ ଭାବେ ବିଜେଡିର ଦାୟିତ୍ୱ ନେଉଥିବା ଡ଼ଃ ରଞ୍ଜିତା ସାହୁଙ୍କୁ ନିଜର ଦଳ ନେତା ଓ କର୍ମୀ ଗ୍ରହଣ କରୁନଥିବା ବେଳେ ସେ କିଛି ନୂତନ କର୍ମୀ ଓ ଦଳ ପରିବର୍ତ୍ତନ କାରୀଙ୍କୁ ସାଥିରେ ନେଇ ସଂଗଠନ କରୁଥିବା ଅଭିଯୋଗ କରିଛନ୍ତି ବିଜେଡିର ପୁରୁଖା ନେତା, ଏହାର ଜଳନ୍ତ ଉଦାହରଣ ବର୍ତ୍ତମାନ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ରେ ଦେଖିବାକୁ ମିଳିଛି । କବିସୂର୍ଯ୍ୟନଗର ସହରର ପୂର୍ବତନ ନଗରପାଳ ତଥା ଗଞ୍ଜାମ ଜିଲ୍ଲା ବିଜେଡି ଉପସଭାପତି ମନୋରଞ୍ଜନ ମହାପାତ୍ରଙ୍କ ନେତୃତ୍ୱ ରେ କବିସୂର୍ଯ୍ୟନଗର ପୌର ପରିଷଦର ପୂର୍ବତନ ନଗରପାଳିକା ତଥା ମହିଳା ସଭାନେତ୍ରୀ ଲକ୍ଷ୍ମୀ ପ୍ରିୟା ସାହୁ,କାଉନସିଲର ଓ ବିଜୁ ପ୍ରେମୀ ମାନେ କଳାମନ୍ଦିର ସ୍ଥିତ ବିଜେଡି କାର୍ଯ୍ୟାଳୟ ଠାରୁ ବାହାରି କବିସୂର୍ଯ୍ୟନଗର ଗୁଡ଼ିଆଳି ଛକ ନିକଟରେ ଥିବା ବିଜୁ ପଟ୍ଟନାୟକ ଙ୍କ ପତିମୂର୍ତ୍ତି ଉପରେ ପୁଷ୍ପ ମାଲ୍ୟ ଅର୍ପଣ କରି ବିଜୁ ବାବୁଙ୍କ ସ୍ମୃତି ଓ ନୀତି ଆଦର୍ଶକୁ ମନେ ପକାଇ କବିସୂର୍ଯ୍ୟନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ସେହିପରି ଆସ୍କା ର ପୂର୍ବତନ ସାଂସଦ ପାର୍ଥିନି କବିସୂର୍ଯ୍ୟନଗରର ନଗର ସଭାପତି ଭଗବାନ ସ୍ୱାଇଁଙ୍କ ନେତୃତ୍ୱରେ ସାମନ୍ତରଳାୟ ଭାବେ ବିଜୁ ଜୟନ୍ତୀ ପାଳନ କରିଥିବା ଦେଖିବାକୁ ମିଳିଥିଲା। ଏଠି ପ୍ରଶ୍ନ ଉଠୁଛି ଯଦି ଦଳର ହାଇକମାଣ୍ଡ ପକ୍ଷରୁ ନିର୍ବାଚନ ମଣ୍ଡଳୀର ସଂଗଠନ ଦାୟିତ୍ୱ ଦିଆଯାଇଛି ତାହଲେ କାହିଁକି ପୃଥକ ପୃଥକ ଭାବେ ପାଳନ କରାଗଲା।

# ବେଆଇନି ଇଟାଭାଟି ଓ ଚୋରା ମାଟି ଚାଲାଣ



ଗୋପ,୭।୩ (ସନ୍ତୋଷ କୁମାର ଭୋଳ): ନିମାପଡ଼ା ଚାରିଛକ ବ୍ରହ୍ମକୁଣ୍ଡି ଏବଂ ଅଗରକୋଠ ଅଞ୍ଚଳରେ ବେଆଇନି ଇଟାଭାଟି ସହ ଚୋରା ମାଟି ଚାଲାଣ ଦିନକୁ ଦିନ ବୃଦ୍ଧି ପାଉଥିବା ଦେଖାଯାଉଛି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି କାରବାର ରାଜସ୍ୱ ନିରକ୍ଷକଙ୍କ ଜ୍ଞାତରେ ହେଉଥିବା ଅଭିଯୋଗ ଉଠୁଛି। ରାଜସ୍ୱ ନିରକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ପ୍ରତିଦିନ ସହ ସହ ଟ୍ରାକ୍ଟରରେ ମାଟି ବୁହାଯାଉଥିଲେ ମଧ ପ୍ରଶାସନର ନଜର ପଡୁନଥିବା କଥା ସ୍ଥାନୀୟ ଲୋକେ କହୁଛନ୍ତି। ଏପରିକି ବେଆଇନି ବାଲି ଚାଲାଣ, ମାଟି ଚାଲାଣ ଏବଂ ଇଟାଭାଟି ବନ୍ଦ ପାଇଁ ତହସିଲଦାରଙ୍କ ପକ୍ଷରୁ କଡା ଆଦେଶ ଥିବା ସତ୍ୱେ ମଧ ତଳସ୍ତରର ପ୍ରଶାସନିକ କର୍ମଚାରୀମାନେ ଏହାକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକମାନେ ଏହାର ତୁରନ୍ତ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନଙ୍କୁ ଦାବି କରିଛନ୍ତି।

# ପୋଖରୀରେ ବୁଡ଼ି ଛାତ୍ର ମୃତ



କେସିଙ୍ଗା/ଭବାନୀପାଟଣା,୭।୩ (ଅକ୍ଷର ଓଡ଼ିଶା): ପୋଖରୀରେ ବୁଡି ହଷ୍ଟେଲ ଛାତ୍ର ମୃତ ମେଦିନୀପୁର ଗାଁ ନିକଟସ୍ଥ ଏକ ପୋଖରୀରେ ହୋଲି ଖେଲି ସାରିବା ପରେ ଗାଧେଇବାକୁ ଯାଇ ଛାତ୍ର ମୃତ। ସୂଚନା ଅନୁଯାୟୀ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଠାରେ ଥିବା ଶାସ୍ତ୍ରୀଜି ଶିକ୍ଷାନିକେତନର ନବମ ଶ୍ରେଣୀ ଛାତ୍ର ସୋମିୟ ରଞ୍ଜନ ସାହୁ (୧୪) ହଷ୍ଟେଲରେ ରହି ପାଠ ପଢୁଥିଲେ। ଆଜି ସାଙ୍ଗମାନଙ୍କ ସହ ହୋଲି ଖେଲି ସାରୀବା ପରେ ସାଙ୍ଗମାନଙ୍କ ସହ ହଷ୍ଟେଲ ନିକଟରେ ଥିବା ମେଦିନୀପୁର ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଅଘଟଣା ଘଟିଥିବା ଜଣାପଡିଛି। ଖବର ପାଇ ଘଟଣା ସ୍ଥଳରେ ପୋଲିସ ଓ ଓଡ୍ରାଫ ଟିମ ପହଞ୍ଚି ମୃତଦେହ ଉଦ୍ଧାର କରିଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୂଖ୍ୟଚିସ୍ଥାଳୟକୁ ପଠା ଯାଇଥିବା ଜଣାପଡିଛି। ସୌମ୍ୟ ତାଙ୍କ ସାଙ୍ଗମାନଙ୍କ ସହ ହଷ୍ଟେଲରୁ ସକାଳ ୧୧ ଟା ସମୟରେ ପୋଖରୀକୁ ଗାଧିବା ପାଇଁ ଯାଇଥିଲେ ହେଲେ ହଷ୍ଟେଲ କର୍ମଚାରୀଙ୍କ ଏତେଯେ ଅବହେଳା ଘଟଣା ଘଟିଲା ପରେ ତାଙ୍କ ପରିବାର ଲୋକଙ୍କୁ ସାନ୍ଧ୍ୟରେ ଖବର ଦେଇଥିଲେ। ଏହି ଘଟଣାକୁ ନେଇ କୋକସରା ବ୍ଲକ ଓ ଝରିଆ ଗୁଡା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଭବାନୀପାଟଣା ସଦର ଥାନା ପୋଲିସ ଏ ନେଇ ଏକ ଅପମୃତ ମାମଲା ରୁଜୁ କରିଛନ୍ତି ଆଉ ତାଙ୍କ ପରିବାର ଲୋକଙ୍କୁ ଶବକୁ ହସ୍ତାନ୍ତର କରିଛନ୍ତି।

# ଜିଲ୍ଲାସ୍ତରୀୟ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଅନୁଷ୍ଠିତ

ନବରଙ୍ଗପୁର,୭।୩ (ଅକ୍ଷର ଓଡ଼ିଶା): ନବରଙ୍ଗପୁର ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପଠାରେ ଜିଲ୍ଲା ସ୍ତରୀୟ ଆଶା,ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି,ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ , ସମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଅନ୍ୟ ଅତିଥି ଭାବେ ସି ଡି ଏମ ଓ ଡ଼ ମଳୟ ପ୍ରଧାନ , ଏ ଡି ପି ଏଚ ଓ ଡ ମଳୟ ତ୍ରିପାଠୀ, ଡ ସୁକାନ୍ତ ଶତପଥୀ, ଡି ଇ ଓ ଛତ୍ରପତି ସାହୁ,ଡି ଏସ ଡବ୍ଲୁ ଓ ଦ୍ରୌପଦୀ କହଁର ,ଡି ପି ଏମ (ଏନ୍ ଏଚ ଏମ) ଶଙ୍କର ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସିନ ଥିଲେ। ଜିଲ୍ଲାର ସ୍ୱାସ୍ଥ୍ୟ ସେବାରେ ଗ୍ରାମ ସ୍ତରରେ କାର୍ଯ୍ୟରତ ଆଶା କର୍ମୀ,ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି,ମହିଳା ଆରୋଗ୍ୟ ସମିତି ମାନଙ୍କର ଅବଦାନକୁ ସମ୍ମାନୀତ କରାଯିବା ସହ ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା ,ସୁସ୍ଥ ଗାଁ ସୁସ୍ଥ ଜିଲ୍ଲା ଗଠନ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏ ଡି ପି ଏଚ ଓ ଡ ମଳୟ ତ୍ରିପାଠୀ ସମ୍ମିଳନୀର ଉଦ୍ଦେଶ୍ୟ ଉପରେ ସମ୍ୟକ୍ ସୁଚନା ଦେଇଥିଲେ। ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଶ୍ରୀ ମାଝୀ ନିଜ ବକ୍ତବ୍ୟରେ ଜିଲ୍ଲାର ଗ୍ରାମାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସହଯୋଗ କରୁଥିବା ଆଶାକର୍ମୀଙ୍କ ପରିଶ୍ରମ ଓ ନିଷ୍ଠାକୁ ପ୍ରଶଂସା କରିବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ତଙ୍କ ସହଭାଗିତା କୁ ଗୁରୁତ୍ୱଦେଇଥିଲେ। ଜିଲ୍ଲାପାଳ ଡ଼ ସ୍ୱାଇଁ ଜିଲ୍ଲାରେ ଶତ ପ୍ରତିଶତ ଆନୁଷ୍ଠାନିକ ପ୍ରସବ, ଟୀକାକରଣ ଉପରେ ଗୁରୁତ୍ୱ ଦେଇ ଆଶାକର୍ମୀଙ୍କୁ ପରାମର୍ଶ ଦେଇଥିଲେ ଏବଂ ସମସ୍ତେ ବାଲ୍ୟ ବିବାହକୁ ନିରୁତ୍ସାହିତ କରିବା ଓ ଏହା ଯେଭଳି ସମୁଳେ ଲୋପ ପାଇବ ତା ଉପରେ ସମସ୍ତେ ଚେଷ୍ଟା କରିବାକୁ କହିଲେ। ଜିଲ୍ଲାରେ ତୃଣ ମୂଳ ସ୍ତରରେ ସ୍ୱାସ୍ଥ୍ୟ ସେବାଯୋଗାଇବା,ପୋଷଣ,ସ୍ୱଚ୍ଛତା ଅଭ୍ୟାସ, ସୁରକ୍ଷିତ ଆନୁଷ୍ଠାନିକ ପ୍ରସବ, ଟୀକାକରଣ, ସଂକ୍ରାମକ ଓ ଅଣ ସଂକ୍ରାମକ ରୋଗ ପ୍ରତିରୋଧ,ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରଚାର,ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁଧାର,ଗ୍ରାମ୍ୟ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତି, ସରକାରୀ ସ୍ୱାସ୍ଥ୍ୟ ଯୋଜନାର ସଫଳ ରୂପାୟନ ଏବଂ ସହଭାଗିତା ଦ୍ୱାରା ଆଜି ଗ୍ରାମ୍ୟ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ଉନ୍ନତି ପରିଲକ୍ଷିତ ହୋଇଛି। ସ୍ୱାସ୍ଥ୍ୟ ସେବା ଜିଲ୍ଲାରେ ୩ ଲକ୍ଷ ୧୫ ହଜାର ପରିବାର ପାଇଁ ବର୍ତ୍ତମାନ ୨୦୬୮ ଜଣ ଆଶା କର୍ମୀ,୮ ଜଣ ଆଶା ସାଥୀ ସ୍ୱାସ୍ଥ୍ୟ ସେବାରେ ନିଯୁକ୍ତି ଅଛନ୍ତି। ଜିଲ୍ଲାରେ ୮୬୮ ଟି ଗାଁ କଲ୍ୟାଣ ସମିତି ଓ ୨୮୯ ଟି ଜନ ଆରୋଗ୍ୟ ସମିତି ମାଧ୍ୟମରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରାଯାଉଛି। ଏହି ଅବସରରେ ୧୦ ଜଣ ଶ୍ରେଷ୍ଠ ଆଶାଙ୍କୁ ସ୍ୱାସ୍ଥ୍ୟ ସେବା ସମ୍ମାନ,୪୦ ଜଣଙ୍କୁ ବ୍ଲକ୍ସ୍ତରୀୟ ଶ୍ରେଷ୍ଠ ଆଶା,୧୦ ଟି ଗାଁ କୁ ସୁସ୍ଥ ଗାଁ ,୧୦ ଟି ଜନ ଆରୋଗ୍ୟ ସମିତି ଏବଂ ୯ ଟି ମହିଳା ଆରୋଗ୍ୟ ସମିତିକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ସହ ସମ୍ମାନୀତ କରାଗଲା। ଏହା ସହିତ ସ୍ୱାସ୍ଥ୍ୟ ସଂସ୍ଥା ଗୁଡ଼ିକର ସ୍ୱଚ୍ଛତା ଓ ସେବା ଗୁଣବତ୍ତାକୁ ଦୃଷ୍ଟିରେ ରଖି ୧୪୫ ଟି ସ୍ୱାସ୍ଥ୍ୟ ସଂସ୍ଥାକୁ କାୟକଳ୍ପ ପୁରସ୍କାର,୪ ଟି ସ୍ୱାସ୍ଥ୍ୟ ସଂସ୍ଥାକୁ ଏନ୍କ୍ୟୁ ଏ ଏସ ମାନ୍ୟତା ଏବଂ ୬୦ ଟି ଶିକ୍ଷା ଅନୁଷ୍ଠାନକୁ ତମାଖୁ ମୁକ୍ତ ଅନୁଷ୍ଠାନ ଭାବେ ସମ୍ମାନୀତ କରାଗଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୧୦ରୁ କ୍ଲଷ୍ଟରସ୍ତରୀୟ କ୍ରୀଡା ସମାରୋହ

ଖଣ୍ଡପଡ଼ା,୭।୩(ଅକ୍ଷର ଓଡ଼ିଶା): କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଆନୁକୂଲ୍ୟରେ ଆସନ୍ତା ୧୦ ରୁ ୧୩ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଖଣ୍ଡପଡ଼ା ସହରର ବାଇପାସ ରାସ୍ତା ପାର୍ଶ୍ୱସ୍ଥିତ ଭଲିବଲ କ୍ରୀଡାଙ୍ଗନ ଓ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଖଣ୍ଡପଡ଼ା ବ୍ଲକ କ୍ଲଷ୍ଟରସ୍ତରୀୟ କ୍ରୀଡା ସମାରୋହ ଆରମ୍ଭ ହେବ ।ପଠାଣି ସାମନ୍ତ ପୂଜ୍ୟପୂଜା ଅନୁଷ୍ଠାନର ସହଯୋଗରେ ଆୟୋଜିତ ହେବାକୁ ଯାଉଥିବା ଏହି କ୍ରୀଡା ସମାରୋହକୁ ସଫଳ କରିବା ପାଇଁ ଯୁବ ସଂଗଠକ ତଥା ପୂଜ୍ୟପୂଜା ପରିଷଦର ମୁଖ୍ୟ ମହେନ୍ଦ୍ର କୁମାର ବାରିକଙ୍କ ଅଧକ୍ଷତାରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି ।

# ଆଭାସୀ ମାଧ୍ୟମରେ ନୂତନ କୋଠା ଥାନା ଉଦ୍‌ଘାଟିତ



କଲମପୁର,୭।୩(ଟଙ୍କଧର ବିହାରୀ): କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ କଲମପୁର ଥାନା ଆଭାସୀ ମାଧ୍ୟମରେ ଭାରତ ସରକାର କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କ ଏବଂ ଓଡିଶା ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ରାଜ୍ୟର ନରମ ନିର୍ମିତ ଥାନା କୋଠା ଶୁଭ ଉଦ୍‌ଘାଟନ ହୋଇଯାଇଛି। ଥାନା ପରିସରରେ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ବ୍ୟବସ୍ଥା କରାଯାଇଥିଲା। କଳାହାଣ୍ଡି ଜିଲ୍ଲାରେ ପାଞ୍ଚଟି ନୂତନ କୋଠା ଥାନା ନର୍ଲା, କେଗାଁ. କେସିଙ୍ଗା କାର୍ଲାପାଟ. ଏବଂ କଲମପୁରଥାନା ଉଦଘାଟନସମାରୋହରେ ମୁଖ୍ୟ ଅଥିତି ଭାବରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଉପସ୍ଥିତ ରହି କଲମପୁର ଥାନା ଉଦ୍‌ଘାଟନ କରିଥିଲେ । ତତସହିତ ପୋଲିସ ବିଭାଗରୁ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡୋଲାମଣୀ ଭୋଇ, ଧର୍ମଗଡ଼ ଏସଡିପିଓ ବର୍ଷିତା ଆଡେପୁ, କଲମପୁର ଥାନା ଅଧିକାରୀ ବିଶ୍ୱମ୍ଭର କହଁର, ନୂତନ ଭାବେ କଲମପୁର ଥାନା ଦାୟିତ୍ୱ ଗ୍ରହଣ କରିଥିବା କଲମପୁର ଥାନା ଅଧିକାରୀ ସୁନିଲୋ କାନ୍ଦୋଗିରି, ଜୟପାଟଣା ଥାନା ଅଧିକାରୀ ଅର୍ଚ୍ଚନା ନାୟକ, ଜୁନାଗଡ଼ ଥାନା ଅଧିକାରୀ ଶେଷଦେବ ବେହେରା, କୋକସରା ଥାନା ଅଧିକାରୀ ସୁଜ୍ଞାନ କୁମାର ବାରିକ, କଲମପୁର ଏସଆଇ ଶିବ ଶଙ୍କର ମହାନ୍ତି, ବଡ଼ କୁଟରୁ ଫାଣ୍ଡି ଅଧିକାରୀ ଅସିତ କୁମାର ପଣ୍ଡା ସମେତ ଅନେକ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। କଲମପୁର ଅଞ୍ଚଳରୁ ସମାଜସେବୀ ଘନଶ୍ୟାମ ନାଏକ, ପୂର୍ବତନ ସମିତି ଅଧକ୍ଷ ମହେନ୍ଦ୍ର ନାଥ ସାହୁ, ସାଂସଦ ପ୍ରତିନିଧି ଅରୁଣ ଜଗରୀଆ ସମେତ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହି ଉଦଘାଟନୀ ସମୟରେ ଉପସ୍ଥିତ ରହିଥିଲେ।

# ରବି ଧାନମଣ୍ଡି ପରିଚାଳନା ପାଇଁ ଲ୍ୟାମ୍ପସ କମିଟି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



କୋରାପୁଟ, ୭।୩ (ଅକ୍ଷର ଓଡ଼ିଶା): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ଭୂସାଙ୍ଗଗୁଡା ଗ୍ରାମ ପଞ୍ଚାୟତର ଲ୍ୟାମ୍ପସ ପରିଚାଳନା କମିଟି ଓ ପଞ୍ଚାୟତର ଅନେକ ଚାଷୀ ରବି ଧାନ କିଣିବା ସକାଶେ ନୂତନ ଭାବେ ସ୍ଥାପିତ ହୋଇଥିବା ଭୁସାଙ୍ଗଗୁଡା ଲ୍ୟାମ୍ପସ କମିଟିକୁ ଧାନମଣ୍ଡି ପରିଚାଳନା ପାଇଁ ଅନୁମତି ପ୍ରଦାନ କରାଯାଉ ବୋଲି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସାକ୍ଷାତ କରି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ କହିବା ପ୍ରକାରେ ପୂର୍ବରୁ ଏହି ମଣ୍ଡିର ପରିଚାଳନା ଦାୟିତ୍ୱ ସଙ୍ଘ ସହାୟକ ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଥିଲା। ସେମାନେ କ୍ଷମତାର ଅପ ବ୍ୟବହାର କରି ସ୍ଥାନୀୟ ଚାଷୀଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରୁଥିଲେ। ସେମାନେ ପ୍ରତି ବସ୍ତାରୁ ଚାଷୀଙ୍କ ୨ କିଲୋ ଧାନ କାଟି ରଖିବା ସହିତ ମିଲରଙ୍କ ଠାରୁ ରସିଦ ନନେଲେ ମଣ୍ଡିକୁ ଧାନ ପ୍ରବେଶ କରାଇ ଦେଉନଥିଲେ ଓ ଏଥିସହ ଗାଡି ପିଛା ଦୁଇ ହଜାର ଟଙ୍କା ଲାଞ୍ଚ ଚାଷୀଙ୍କ ଠାରୁ ନେଉଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏସବୁ ବିଷୟ ଜିଲ୍ଲାପାଳ ଜାଣିବା ପରେ ଜିଲ୍ଲାପାଳ ସଙ୍ଘ ସହାୟିକା ଗୋଷ୍ଠିକୁ ଦାଇତ୍ୱରୁ ହଟାଇ ଭୁସାଙ୍ଗଗୁଡା ନୂତନ ଲ୍ୟାମ୍ପସ କମିଟିକୁ ମଣ୍ଡି ପରିଚାଳନା ଦାଇତ୍ୱ ପ୍ରଦାନ କରିଥିଲେ। ଚଳିତ ବର୍ଷ ଖରିପ ଧାନ କିଣିବା ଦାଇତ୍ୱ ମିଳିବା ପରେ ଲ୍ୟାମ୍ପ କର୍ତ୍ତୃପକ୍ଷ ଖରିପ ଧାନ କିଣାରେ ମଣ୍ଡିକୁ ସୁବ୍ୟବସ୍ଥିତ ଭାବେ ପରିଚାଳନା କରିଥିଲେ। ଏଥିରେ ଅଞ୍ଚଳର ଚାଷୀମାନେ ମଧ ଖୁସି ପ୍ରକଟ କରିଥିଲେ। ବର୍ତ୍ତମାନ ଉକ୍ତ ଅଞ୍ଚଳରୁ ରବି ଧାନ କିଣିବା ପାଇଁ ମଣ୍ଡିର ଭିତ୍ତିଭୂମି ତଦାରାଖ କରିବାକୁ ଡିଆରସିଏସକୁ ଜିଲ୍ଲାପାଳ ଦାୟିତ୍ୱ ପ୍ରଦାନ କରିଥିବା ବେଳେ ଡିଆରସିଏସ ଉକ୍ତେ ଗ୍ରାମର ମଣ୍ଡିକୁ ପୂର୍ବେ ପରିଚୋଳନା କରୁଥିବା ଦୁର୍ନୀତି ଗ୍ରସ୍ତ ସଙ୍ଘ ସହାୟକ ଗୋଷ୍ଠୀଙ୍କ ନାମକୁ ମଣ୍ଡି ପରିଚାଳନା ଦାୟିତ୍ୱ ଦେବାକୁ ଜିଲ୍ଲାପାଳଙ୍କ ନିକଟରେ ସୁପାରୀଶ କରିଥିବା ଅଞ୍ଚଳର ଚାଷୀ ମାନେ ଜାଣିବାକୁ ପାଇ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସଙ୍ଘ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ପ୍ରଦାନ ନକରିବାକୁ ଲିଖିତ ଭାବେ ଜଣାଇଛନ୍ତି।



ରବିବାର ୦୮।୦୩।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ବିଶ୍ୱକପ୍ ଦଖଲ ଲକ୍ଷ୍ୟରେ ଭାରତ

ଭୁବନେଶ୍ୱର, ୭/୩ ଦୁଇଟି ଦେଶକୁ ସଂପ୍ରସାରିତ ୨୮ ଦିନ ଓ ୫୪ ମ୍ୟାଚ୍‌ର କ୍ରିକେଟ୍ ଯୁଦ୍ଧ ପରେ ଫାଇନାଲ୍ ଟକ୍କର ପାଇଁ ସମର ସଜ୍ଜା ସରିଛି। ଫଟାଫଟ୍ କ୍ରିକେଟ୍ ମହାକୁମ୍ଭର ମହାମୁକାବିଲା ଲାଗି ବିଶ୍ୱର ସର୍ବବୃହତ୍ କ୍ରିକେଟ୍ ମଞ୍ଚ 'ନରେନ୍ଦ୍ର ମୋଦୀ କ୍ରିକେଟ୍ ଷ୍ଟାଡିୟମ୍' ବି ପୂରା ପ୍ରସ୍ତୁତି ହୋଇ ରହିଛି। କେବଳ ଭାରତ କିମ୍ବା ଏସିଆ ମହାଦେଶ ନୁହେଁ, ସାରା ବିଶ୍ୱର ପ୍ରଶଂସକ ଏହି ମହାଲଢ଼େଇକୁ ଢେର ଉଲ୍ଲସିତ ଅଛନ୍ତି। ରାତି ୭ଟାରୁ ଆରମ୍ଭ ହେବାକୁ ଥିବା ଶୁଭ ରବିବାରର ଏହି ଐତିହାସିକ ଟକ୍କର ଲାଗି ଦୁଇ ଫାଇନାଲିଷ୍ଟ ଭାରତ ଓ ନ୍ୟୁଜିଲାଣ୍ଡ ମଧ ମାନସିକ ଓ ଶାରୀରିକ ଭାବେ ନିଜକୁ ସଜାଡ଼ି ନେଇଛନ୍ତି। ଜୋରଦାର ଅଭ୍ୟାସ କରି ନିଜ ନିଜ ଶକ୍ତିକୁ ଆହୁରି ଶଣିତ କରିଛନ୍ତି। ଅହମଦାବାଦରେ ଟ୍ୱେଣ୍ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ର ଫାଇନାଲ୍ ନେଇ ଅପୂର୍ବ ଉତ୍ସାହ ଦେଖିବାକୁ ମିଳୁଛି। ସମଗ୍ର ବିଶ୍ୱର ନଜର ଯେମିତି ଏହି ଐତିହାସିକ ତଥା ପ୍ରତୀକ୍ଷିତ ମହାଲଢେଇ ଉପରେ କେନ୍ଦ୍ରୀଭୂତ ହୋଇଛି। ଆଉ ମାତ୍ର କିଛି ଘଣ୍ଟା ପରେ ହିଁ ଦୁଇ ଦଳ ପଡ଼ିଆକୁ ଓହ୍ଲାଇବେ। କ୍ରିକେଟ୍ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିବାକୁ ଚେଷ୍ଟା କରିବେ। ଉଭୟ ଦଳ ପାଖରେ ଅଭିନବ ଓ ଅନନ୍ୟ ଇତିହାସ ରଚିବାର ସୁଯୋଗ ରହିବ। ଭାରତ ଜିତିଲେ ଆୟୋଜକ ଦେଶ ଭାବେ ବିଶ୍ୱକପ୍ ଜିତିବାର ବିରଳ ଗୌରବ ଗାଥା ଲେଖିବ। ସେହିଭଳି ଲଗାତାର ବିଶ୍ୱକପ୍ ଜିତିବାର ଅସାଧାରଣ ସଫଳତାରକୁ ସାକାର କରିବ। ନ୍ୟୁଜିଲାଣ୍ଡ ଜିତିଲେ ପ୍ରଥମ ଥର ଟ୍ୱେଣ୍ଟି-୨୦ ବିଶ୍ୱକପ୍




ଜିତିବାର ପ୍ରତୀକ୍ଷିତ ସପ୍ନକୁ ପୂରଣ କରିବ। ଏହି ହାଇଭୋଲ୍‌ଟେଜ୍ ମୁକାବିଲା ପୂର୍ବର ରେକର୍ଡ କିନ୍ତୁ ଭାରତ ବିପକ୍ଷରେ ରହିଛି। କାରଣ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡକୁ କେବେବି ହରାଇନି ଟିମ୍ ଇଣ୍ଡିଆ। ୩ଥର ଭେଟି ସବୁଥର ପରାଜିତ ହୋଇଛି। ଏଣୁ ରବିବାର ବିଜୟୀ ହେଲେ କିୱି ଦଳଠାରୁ ପୂର୍ବର ସବୁ ପରାଜୟର ମଧୁର ପ୍ରତିଶୋଧ ବି ନେଇ ପାରିବ ସୂର୍ଯ୍ୟକୁମାର ଯାଦବଙ୍କ ଦକ୍ଷ ସେନା। ଭାରତୀୟ କ୍ରିକେଟ୍ ଦଳ ପାଖରେ ମଧ ୨୦୨୩ ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଫାଇନାଲ୍ ପରାଜୟର ଦୁଃଖକୁ ଦୂର କରିବାର ସୁଯୋଗ ରହିବ। ୩ବର୍ଷ ତଳେ ଏହି ଷ୍ଟାଡିୟମ୍‌ରେ ଅଷ୍ଟ୍ରେଲିଆଠାରୁ ହାରି ଆଉ ଏକ ଏକଦିବସୀୟ ବିଶ୍ୱକପ୍ ଜିତିବାର ସୁଯୋଗକୁ ହାତଛଡ଼ା କରିଥିଲା। ଏଥର ସେହି ଭୁଲ୍ ନଦୋହରାଇବାକୁ ପ୍ରତିଶ୍ରୁତିବଦ୍ଧ ରହିବ। ଏଥରର ଫାଇନାଲ୍‌ରେ ଦୁଇ ଦଳର ଯୁବ ଯୋଦ୍ଧା ସଞ୍ଜୁ ସାମସନ ଓ ଫିନ୍ ଆଲେନଙ୍କ ବ୍ୟାଟିଂ ପ୍ରମୁଖ ଆକର୍ଷଣ ହେବ। ଯଶପ୍ରୀତ୍ ବୁମ୍ରା ପୁଣି ଥରେ ଭାରତୀୟ ବୋଲିଂ ବାହିନୀର ନେତୃତ୍ୱ ନେବେ। ଅଭିଷେକ ଶର୍ମାଙ୍କ ଫ୍ଲପ୍ ସୋ' ଏବଂ ବରୁଣ ଚକ୍ରବର୍ତ୍ତୀଙ୍କ ବ୍ୟୟ ବହୁଳ ବୋଲିଂ ଭାରତ ପାଇଁ ଚିନ୍ତାର କାରଣ ହୋଇପାରେ। ଦୁଇଟି ଯାକ ଦଳ ବେଶ୍ ସନ୍ତୁଳିତ ହୋଇଥିବାରୁ ଟକ୍କର ଜୋରଦାର ହେବ ବୋଲି ଆଶା କରାଯାଉଛି। ତେବେ ନ୍ୟୁଜିଲାଣ୍ଡ ସ୍ପିନରମାନେ ହିଁ ଭାରତୀୟ ବ୍ୟାଟର୍‌ଙ୍କୁ ସର୍ବାଧିକ ପରୀକ୍ଷାରେ ପକାଇବେ ବୋଲି ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଲାଲ୍ ଓ କଳା ରଙ୍ଗର ମିଶ୍ରିତ ମାଟିରେ ପ୍ରସ୍ତୁତ ଏବଂ ସ୍ୱଳ୍ପ ଟର୍ଣ୍ଣ ଓ ଅଧିକ ବାଉନ୍ସ ଭରା ପିଚ୍‌ରେ ମ୍ୟାଚ୍‌କୁ ଅଧିକ ରୋଚକ ଓ ରୋମାଞ୍ଚକ କରିବ ବୋଲି ଆଶା କରାଯାଉଛି। ଅହମଦାବାଦ ଷ୍ଟାଡିୟମ୍ ଭାରତୀୟ କ୍ରିକେଟ୍ ଦଳ ପାଇଁ ସେତେଟା ଶୁଭଙ୍କର ସାବ୍ୟସ୍ତ ହୋଇନି। ଏଠାରେ ଭାରତ ୨୦୨୩ ମସିହା ଦିନିକିଆ ବିଶ୍ୱକପ୍‌ର ଫାଇନାଲ୍ ହାରିଥିଲା। ଏଥରର ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ସୁପର-୮ ମ୍ୟାଚ୍‌ରେ ମଧ ଦକ୍ଷିଣ ଆଫ୍ରିକାଠାରୁ ପରାଜିତ ହୋଇଥିଲା। ଏଣୁ କେହିକେହି ଏହି ଷ୍ଟାଡିୟମ୍ ଭାରତୀୟ ଦଳ ପାଇଁ ପନୌତି ବା ଅଶୁଭ ଆଖ୍ୟା ଦିଅନ୍ତି।ସେଥିପାଇଁ ଅହମଦାବାଦର କ୍ରିକେଟ୍‌ପ୍ରେମୀ ଶନିବାର ଦୃଷ୍ଟି ଦୂର ପୂଜା କରିଛନ୍ତି। ବାସ୍ତୁ ଦୋଷ ସହ ନକାରାତ୍ମକ ଶକ୍ତି (ଦୃଷ୍ଟି) ଦୂର କରିବା ପାଇଁ ସେମାନେ ହନୁମାନ ଚାଳିଶା ପାଠ, ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ, ଗାୟତ୍ରୀ ମନ୍ତ୍ର, ଗଙ୍ଗାଜଳ ସିଞ୍ଚନ ସହ ହନୁମାନ ମନ୍ଦିରରେ ପୂଜାକରିଥିଲେ। ଏହାର ଭିଡିଓ ମଧ ସାମାଜିକ ଗଣମାଧମରେ ପ୍ରକାଶ କରିଥିଲେ। ଯାହାର ଭିଡିଓ ଏବେ ବେଶ୍ ଭାଇରାଲ୍ ହେଉଛି।

## ମଦୁରାଇରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା

ଭାରତ ବିଜୟ ପାଇଁ ପ୍ରଶଂସକମାନେ ତାମିଲନାଡୁର ମଦୁରାଇର ପେରିୟାବା ମନ୍ଦିରରେ ସ୍ୱତନ୍ତ୍ର ପୂର୍ଜାର୍ଚ୍ଚନା କରିଛନ୍ତି। ଏହି ପୂଜାର୍ଚ୍ଚନା ସମୟରେ ସେମାନେ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇବା ପୂର୍ବକ ବିଭିନ୍ନ ମନ୍ତ୍ର ଉଚ୍ଚାରଣ କରିଥିଲେ। ସେହିଭଳି ଭଗବାନ ପେରିୟାବା ଏବଂ ତାଙ୍କ ରୌପ୍ୟ ପାଦୁକାଙ୍କୁ ହଳଦୀ ପାଣି, ପଞ୍ଚାମୃତ, କ୍ଷିଣ, ଦହି, ଘିଅ, ମହୁ, ନଡ଼ିଆ ଜଳ, ଚନ୍ଦନ,ଆଗୁର ଆଦିରେ ଅଭିଷେକ କରାଯାଇଥିଲା। ପ୍ରଶଂସକମାନେ ମଧ ଭାରତୀୟ ଦଳର ଖେଳାଳିଙ୍କ ଫଟୋ ଥିବା ଏକ ଫ୍ଲେକ୍ସ ପ୍ଲାକାର୍ଡ ଧରି ଭଗବାନଙ୍କ ସମ୍ମୁଖରେ ସ୍ୱତନ୍ତ୍ର ପୂଜା କରିଥିଲେ।

## ୟୁରୋପରେ ଟ୍ୱେଣ୍ଟି-୨୦ ଫ୍ରାଞ୍ଚାଇଜି କିଣିବେ ଦ୍ରାବିଡ଼, ଅଶ୍ୱୀନ

ବେଙ୍ଗାଲୁରୁ, ୭/୩- ପୂର୍ବତନ ଭାରତୀୟ କ୍ରିକେଟର୍ ରାହୁଲ ଦ୍ରାବିଡ଼ ଓ ରବିଚନ୍ଦ୍ରନ୍ ଅଶ୍ୱୀନ ୟୁରୋପୀୟ ଟ୍ୱେଣ୍ଟି-୨୦ ପ୍ରିମିୟର୍ ଲିଗ୍(ଇଟିପିଏଲ୍)ର ଗୋଟିଏ ଫ୍ରାଞ୍ଚାଇଜି କିଣିବାର ସମ୍ଭାବନା ରହିଛି। ଏଥିପାଇଁ ଉଭୟ ଏକ ନିବେଶକ ଗୋଷ୍ଠୀ ବା କନ୍‌ସୋର୍ଟିୟମ୍‌ରେ ସାମିଲ ହୋଇଛନ୍ତି। ଗ୍ଲାସଗୋ ଭିତ୍ତିକ ଏକ ଫ୍ରାଞ୍ଚାଇଜି କିଣିବାକୁ ଏହି କନ୍‌ସୋର୍ଟିୟମ୍ ରାଜି ହୋଇଛି। ଫ୍ରାଞ୍ଚାଇଜି ସଂଖ୍ୟା ବୃଦ୍ଧି କରାଯିବାକୁ ରହିଛି ଯୋଜନା ୟୁରୋପୀୟ ଟ୍ୱେଣ୍ଟି-୨୦ ପ୍ରିମିୟର୍ ଲିଗ୍ ଚଳିତ ବର୍ଷରୁ ଆରମ୍ଭ ହେବ ଓ ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିରେ ଛଅଟି ଫ୍ରାଞ୍ଚାଇଜି ରହିଛନ୍ତି। ତେବେ ପରିବର୍ତ୍ତି ସମୟରେ ଫ୍ରାଞ୍ଚାଇଜି ସଂଖ୍ୟା ବୃଦ୍ଧି କରାଯିବାକୁ ଯୋଜନା ରହିଛି। ବର୍ତ୍ତମାନ ସୁଦ୍ଧା ଆମଷ୍ଟରଡାମ, ବେଲଫାଷ୍ଟ ଓ ଏଡିନବର୍ଗର ଫ୍ରାଞ୍ଚାଇଜିକୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡର କେତେକ ନିବେଶକ ଖରିଦ କରିସାରିଛନ୍ତି। ନେଦରଲାଣ୍ଡସ୍‌ର ଦ୍ୱିତୀୟ ବୃହତ୍ତମ ସହର ରୋଟରଡାମରେ ଏହି ଫ୍ରାଞ୍ଚାଇଜି ରହିବ। ଚଳିତ ମାସ ଶେଷ ଭାଗରେ ଏହି ପ୍ରମିୟର ଲିଗ୍‌ର ରୂପରେଖ ଓ ଫ୍ରାଞ୍ଚାଇଜି ମାନଙ୍କ ସଂପର୍କରେ ଔପଚାରିକ ଘୋଷଣା କରାଯିବ।

## ପୁରୁଷ ବିଶ୍ୱକପ୍ ହକି ପାଇଁ ଯୋଗ୍ୟତା ଅର୍ଜନ କଲେ ପାକିସ୍ତାନ, ଇଂଲଣ୍ଡ

ଇସ୍ଲାଲିଆ, ୭/୩- ଚଳିତ ବର୍ଷ ବେଲଜିୟମ୍ ଓ ନେଦରଲାଣ୍ଡସ୍‌ରେ ହେବାକୁ ଥିବା ପୁରୁଷ ବିଶ୍ୱକପ୍ ହକି ୨୦୨୬ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ପାକିସ୍ତାନ ଓ ଇଂଲଣ୍ଡ। ଏହା ସହିତ ବିଶ୍ୱକପର ୧୬ଟି ଦଳ ମଧ୍ୟରୁ ୧୧ଟି ନିଶ୍ଚିତ ହୋଇଯାଇଛି । ଶୁକ୍ରବାର ଇଂଲଣ୍ଡ ମାଲେସିଆକୁ ୭-୧ରେ ଓ ପାକିସ୍ତାନ ଜାପାନକୁ ୪-୩ରେ ପରାସ୍ତ କରିବା ପରେ ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିଛନ୍ତି। ଉଭୟ ଦଳ ଶନିବାର ଫାଇନାଲ୍‌ରେ ପରସ୍ପରକୁ ଭେଟିବେ। ପାକିସ୍ତାନ ପ୍ରାୟ ୮ ବର୍ଷ ପରେ ବିଶ୍ୱକପ ଯୋଗ୍ୟତା ଅର୍ଜନ କରିଛି।



ସେହିପରି କାଂସ୍ୟ ପଦକ ପାଇଁ ଶନିବାର ମାଲେସିଆ ଓ ଜାପାନ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ୍‌ର ବିଜୟୀ ମଧ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିବ। ପୂର୍ବରୁ ଭାରତ, ଅଷ୍ଟ୍ରେଲିଆ, ନେଦରଲାଣ୍ଡସ୍, ବେଲଜିୟମ, ସ୍ପେନ, ଆର୍ଜେଣ୍ଟିନା, ଜର୍ମାନୀ,ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍‌ରେ ନିଜର ସ୍ଥାନ ନିଶ୍ଚିତ କରିସାରିଛନ୍ତି। ଗତ ବର୍ଷ ଅନୁଷ୍ଠିତ ଏସିଆ କପ୍ ଜିତିବା ପରେ ଭାରତୀୟ ପୁରୁଷ ହକି ଦଳ ସିଧାସଳଖ ଏହି ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ୮ରୁ ଭାରତୀୟ ମହିଳା ହକି ଦଳର ଯୋଗ୍ୟତା ଅଭିଯାନଅନ୍ୟପକ୍ଷରେ ମହିଳା ବିଶ୍ୱକପ୍ ନିମନ୍ତେ ଯୋଗ୍ୟତା ହାସଲ ପାଇଁ ରବିବାରଠାରୁ ଅଭିଯାନ ଆରମ୍ଭ କରିବ ଭାରତୀୟ ଦଳ। ବିଶ୍ୱକପ୍ ଲାଗି ଯୋଗ୍ୟତା ପର୍ଯ୍ୟାୟ ମାର୍ଚ୍ଚ ୮ରୁ ୧୪ ପର୍ଯ୍ୟନ୍ତ ହାଇଦ୍ରାବାଦରେ ଅନୁଷ୍ଠିତ। ଏହି ପ୍ରତିଯୋଗିତାରେ ପ୍ରଥମ ତିନୋଟି ସ୍ଥାନ ହାସଲ କରୁଥିବା ଦଳକୁ ବିଶ୍ୱକପ୍ ସୁଯୋଗ ମିଳିବ। ଏହି ତିନୋଟି ସ୍ଥାନ ପାଇଁ ଭାରତ, ଇଂଲଣ୍ଡ,ଇଟାଲି, କୋରିଆ, ଅଷ୍ଟ୍ରିଆ, ସ୍କଟଲାଣ୍ଡ, ଉରୁଗୁଏ ଓ ଓ୍ୱେଲ୍‌ସ ମଧ୍ୟରେ ପ୍ରତିଯୋଗିତା ହେବ। ରବିବାର ନିଜର ପ୍ରଥମ ମ୍ୟାଚ୍‌ରେ ଉରୁଗୁଏକୁ ଭେଟିବ ଭାରତ। ଏହି ବିଶ୍ୱକପ୍ ଲାଗି ଆଉ ଏକ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ଏବେ ଚିଲିର ସାଣ୍ଟିଆଗୋଠାରେ ଚାଲିଛି। ଏହି ପ୍ରତିଯୋଗିତାର ପ୍ରଥମ ତିନୋଟି ଦଳକୁ ବିଶ୍ୱକପ ସୁଯୋଗ ମିଳିବ।

## ଯୁଦ୍ଧ ଯୋଗୁଁ ଅଲ୍ ଇଂଲଣ୍ଡ ପ୍ରତିଯୋଗିତାରୁ ଓହରିଲେ ସିନ୍ଧୁ

ବେଙ୍ଗାଲୁରୁ,୭/୩- ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ାବିତ୍ଙ୍କଙ୍କ ଚଳାଚଳ ପ୍ରଭାବିତ ହୋଇଛି। ଅଲମ୍ପିକ୍ସ ପଦକ ବିଜେତା ଭାରତୀୟ ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ ପ୍ରାୟ ଦୁଇଦିନ ଦୁବାଇରେ ଅଟକି ରହିବା ପରେ ବାଧ ହୋଇ ଇଂଲଣ୍ଡର ବର୍ମିହାମରେ ଚାଲିଥିବା ଅଲ୍-ଇଂଲଣ୍ଡ ଓପନ୍ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରୁ ଓହରି ଯାଇଛନ୍ତି। ସେ ପ୍ରତିଯୋଗିତାରେ ଯୋଗଦେବାକୁ ଦୁବାଇ ଦେଇ ଇଂଲଣ୍ଡ ଯାତ୍ରା କରୁଥିବା ବେଳେ ଯୁଦ୍ଧ ଆରମ୍ଭ ହୋଇଥିଲା। ବିଭିନ୍ନ ବିମାନ ବାତିଲ ହେବାରୁ ସେ ଦୁବାଇରେ ହିଁ ଅଟକି ରହିଥିଲେ। ପରେ ସେ ଏକ ବିମାନରେ ବେଙ୍ଗାଲୁରୁ ଫେରିଆସିଥିଲେ। ଅଲ୍ ଇଂଲଣ୍ଡ ପ୍ରତିଯୋଗିତା ପାଇଁ ସେ ଜଣେ ପ୍ରମୁଖ ପ୍ରତିଯୋଗୀ ଥିବାବଳେ ସେ ଓହରିବା ଭାରତୀୟ ଅଭିଯାନ ପାଇଁ ଏକ ଧକ୍କା ସଦୃଶ ହୋଇଛି। ସିନ୍ଧୁ ନିରାପଦରେ ଭାରତ ଫେରିଆସିଥିଲେ ବି ଅନ୍ୟ କେତେକ ଲୋକପ୍ରିୟ ଖେଳାଳି ଦୁବାଇରେ ଫସି ରହିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ରୁଷୀୟ ଟେନିସ୍ ତାରକା ଡାନିଲ୍ ମେଡଭେଡେଭ୍ ଓ ଆନ୍ଦ୍ରେ ରୁବଲେଭ୍। ଯୁକ୍ତରାଷ୍ଟ୍ର ଆମେରିକାରେ ଆୟୋଜିତ ଓ୍ୱେଲ୍‌ସ ଓପନ୍‌ରେ ଯୋଗଦେବାକୁ ସେମାନେ ଯାଉଥିବାବେଳେ ଦୁବାଇରେ ଅଟକି ରହିଥିଲେ। ଅନ୍ୟପକ୍ଷରେ ଏହି ଯୁଦ୍ଧ ଯୋଗୁଁ ମଧ୍ୟପ୍ରାଚ୍ୟରେ ଆୟୋଜିତ କେତେକ ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତାକୁ ବାତିଲ କିମ୍ବା ବିଳମ୍ବିତ କରାଯାଇଛି। ସେହିପରି ବିଭିନ୍ନ ଦେଶର ଅଲମ୍ପିକ୍ସ ପ୍ରସ୍ତୁତି ବାଧାପ୍ରାପ୍ତ ହୋଇଛି। ବିଶ୍ୱ ବିମାନ ଚଳାଚଳ କ୍ଷେତ୍ରରେ ମଧ୍ୟପ୍ରାଚ୍ୟରେ ଥିବା ଦୁବାଇ, ଦୋହା, ଆବୁ ଧାବି ଆଦି ପ୍ରମୁଖ କେନ୍ଦ୍ରସ୍ଥଳ ଓ ଅଧିକାଂଶ ବିମାନ ଏହି ରୁଟ୍ ଦେଇ ଚଳାଚଳ କରିଥାଏ। ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଖେଳାଳି ଓ କ୍ରୀଡ଼ା ପରିଚାଳକମାନେ ନିୟମିତଭାବେ ବିମାନ ଯାତ୍ରା କରିଥାନ୍ତି। କିନ୍ତୁ ମଧ୍ୟପ୍ରାଚ୍ୟର ବାୟୁସୀମା ବନ୍ଦ ଥିବାରୁ ସମଗ୍ର ବିଶ୍ୱର କ୍ରୀଡ଼ା ଜଗତ ପ୍ରଭାବିତ ହୋଇଛି।

### ଦୁବାଇରେ ଫସି ରହିଛନ୍ତି ଅନେକ ଖେଳାଳି

## ନୂଆପଡାରେ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ

# ରାଜସ୍ୱ ସଂଗ୍ରହ ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ନୂଆପଡା,୭/୩(ମୋହନ ଲାଲ ଦୀପ):ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆଜି ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ। ବୈଠକରେ ବିଭିନ୍ନ ବିଭାଗର ରାଜସ୍ୱ ସଂଗ୍ରହର ପ୍ରଗତି ସମୀକ୍ଷା କରାଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ଷ୍ଟାମ୍ପ ଶୁଳ୍କ ଓ ପଞ୍ଜିକରଣ ଶୁଳ୍କ ମିଶି ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ମୋଟ ୮ କୋଟି ୬୫ ଲକ୍ଷ ୩ ହଜାର ୧୪୬ ଟଙ୍କା ଆଦାୟ ହୋଇଛି। ଯାହା ବାର୍ଷିକ ଲକ୍ଷ୍ୟର ୧୧୫ ପ୍ରତିଶତ ଅଟେ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ଫେବୃଆରୀ ମାସରେ ୧ କୋଟି ୫୪ ଲକ୍ଷ ୨୦ ହଜାର ୫୬ ଟଙ୍କା ରାଜସ୍ୱ ସଂଗ୍ରହ ହୋଇଥିବାବେଳେ, ଫେବୃଆରୀ ଶେଷ ପର୍ଯ୍ୟନ୍ତ ସମୁଦାୟ ସଂଗ୍ରହ ୧୩ କୋଟି ୮୮ ଲକ୍ଷ ୨୮ ହଜାର ୬୯୧ ଟଙ୍କାରେ ପହଞ୍ଚିଛି। ଯାହା ଗତବର୍ଷ ତୁଳନାରେ ପ୍ରାୟ ୧୪.୪ ପ୍ରତିଶତ ବୃଦ୍ଧି ହୋଇଛି। ଅବକାରୀ ବିଭାଗ



ଦ୍ୱାରା ଫେବୃଆରୀ ପର୍ଯ୍ୟନ୍ତ ୧୭ କୋଟି ୪୯ ଲକ୍ଷ ୨୨ ହଜାର ୬୫୫ ଟଙ୍କା ସଂଗ୍ରହ ହୋଇଥିବାବେଳେ ଏହା ବାର୍ଷିକ ଲକ୍ଷ୍ୟର ପ୍ରାୟ ୫୮ ପ୍ରତିଶତ ପୂରଣ ହୋଇଛି। ମାଇନିଂ ବିଭାଗ ପକ୍ଷରୁ ଅପ୍ରେଲ ୨୦୨୫ ଠାରୁ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ମୋଟ୧ କୋଟି ୮୬ ଲକ୍ଷ ୬୦ ହଜାର ୪୯୩ ଟଙ୍କା ମାଇନିଂ ରାଜସ୍ୱ ସଂଗ୍ରହ ହୋଇଛି। ସିଟି ଓ ଜିଏସଟି ବିଭାଗରେ ଏହି ସମୟ ମଧ୍ୟରେ ସଂଗ୍ରହ ୧୮୯୧.୬୧ ଲକ୍ଷ ଟଙ୍କା ହୋଇଥିବାବେଳେ ନିର୍ଦ୍ଧାରିତ ଲକ୍ଷ୍ୟ ତୁଳନାରେ କମ୍ ହୋଇଛି। ରାଜସ୍ୱ ସଂଗ୍ରହର ସମୀକ୍ଷା କରି ଜିଲ୍ଲାପାଳ ସମ୍ପୃକ୍ତ ବିଭାଗମାନଙ୍କୁ ଲକ୍ଷ୍ୟ ପୁରଣ ହୋଇ ନଥିବା କ୍ଷେତ୍ରରେ ଯଥୋଚିତ ରଣନୀତି ଦ୍ୱାରା ରାଜସ୍ୱ ସଂଗ୍ରହ ବୃଦ୍ଧି ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅବୈଧ ଖଣିଜ ଉତ୍ତୋଳନ ଓ ରାଜସ୍ୱ ହାନି ରୋକିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ କଡ଼ା ଏନଫୋର୍ସମେଣ୍ଟ କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ କହିଥିଲେ। ବୈଠକରେ ଉପ ଜିଲ୍ଲାପାଳ ସୁର୍ମି ସୋରେନ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ଏବଂ ନିଜ ନିଜ ବିଭାଗର ରାଜସ୍ୱ ସଂଗ୍ରହ ଓ କାର୍ଯ୍ୟକ୍ରମର ପ୍ରଗତି ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି ଅବସରରେ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଦେଇଥିବା କୋମନା ବ୍ଲକ କୁରୁମପୁରୀ ଗ୍ରାମର କୈଳାଶ ରାଉତଙ୍କୁ ରାଜସ୍ୱ ମିତ୍ର ପୁରସ୍କାରରେ ଜିଲ୍ଲାପାଳ ସମ୍ମାନିତ କରିଥିଲେ।

## ମହାପ୍ରଭୁଙ୍କ ଦର୍ଶନ କଲେ ୭ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ପୁରୀ,୭/୩ (ଅକ୍ଷର ଓଡ଼ିଶା): ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ କେନ୍ଦ୍ରାପଡା, ନୟାଗଡ଼, ଯାଜପୁର,ଗଜପତି ଓ ଅନୁଗୁଳ ପ୍ରଭୃତି ୫ଟି ଜିଲ୍ଲାରୁ ଆସିଥିବା ଜିଲ୍ଲାର ୭୦୩ ଜଣ ଶ୍ରଦ୍ଧାଳୁ ଆଜି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପର୍ଯ୍ୟଟନ ବିଭାଗ ସହାୟତା ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଶ୍ରୀଜଗନ୍ନାଥ ଯୋଜନାରେ ଆସିଥିବା ଏହି ଶ୍ରଦ୍ଧାଳୁମାନେ ବୃନ୍ଦାବତୀ ନିବାସଠାରେ ପହଞ୍ଚିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନିଳମାଧବ ଭୋଇ, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଓଏସଆରଟିସିର ମ୍ୟାନେଜର ରଶ୍ମି ସାହୁ, ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଦେବସ୍ମିତା ମହାନ୍ତି ଓ ରୂପେଶ ରାଉତ ପ୍ରମୁଖ ବୃନ୍ଦାବତୀ ନିବାସରେ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ସ୍ୱାଗତ କରିଥିଲେ। ପହଞ୍ଚିବା ପରେ ସେମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା । ମହାପ୍ରଭୁଙ୍କ ଦର୍ଶନ ପରେ ଶ୍ରଦ୍ଧାଳୁମାନଙ୍କ ପାଇଁ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି

ନବରଙ୍ଗପୁର,୭।୩(ଅକ୍ଷର ଓଡ଼ିଶା): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲାରେ ହେବାକୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସଂକ୍ରାନ୍ତରେ ଏକ ପ୍ରସ୍ତୁତିମୂଳକ ବୈଠକ ଗତକାଲି ୫.୩.୨୦୨୬ ରିଖ ସ୍ଥାନୀୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟଜିତ୍ ଗାହାଣ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁପ୍ରିୟା ନାୟକ, ଜିଲ୍ଲା ପ୍ରୋଜେକ୍ଟ ଅଫିସର ଏନ୍‌ଏସ୍‌ଏସ୍ ବିନୋଦ ବିହାରୀ ପ୍ରଧାନ, ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଆୟୋଜନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବର୍ଷର ଅନ୍ତର୍ଜାତୀୟ




ମହିଳା ଦିବସ କାର୍ଯ୍ୟକ୍ରମର ବିଷୟବସ୍ତୁ "ସଶକ୍ତ ମହିଳା, ସଶକ୍ତ ରାଷ୍ଟ୍ର" କୁ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରତିଫଳିତ କରାଯାଇଛି। ଏହାର ପ୍ରତିଫଳନ ସ୍ୱରୂପ ଆଜି ୬.୩.୨୦୨୬ ରିଖ ସକାଳ ୮.୦୦ ଘ ସମୟରେ ଆର୍‌ସିଡି ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ମହିଳାମାନଙ୍କ ପାଇଁ ଏକ ସାମୂହିକ ଯୋଗ ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦ରୁ ଅଧିକ ଛାତ୍ରୀ, ମିଶନ ଶକ୍ତି କର୍ମୀ, ଏନ୍‌ସିସି ଓ ଏନ୍‌ଏସ୍‌ଏସ୍ ସଦସ୍ୟାମାନେ ଯୋଗ ଦେଇଥିଲେ। ଯୋଗ ଅଭ୍ୟାସ ସମୟରେ ଛାତ୍ରୀମାନଙ୍କୁ ଯୋଗର ଗୁରୁତ୍ୱ ଏବଂ ଏହା କିପରି ସଶକ୍ତ ମହିଳା ଗଠନ କରିବାରେ ସହାୟକ ହୁଏ ସେ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ଆଗାମୀ କାର୍ଯ୍ୟକ୍ରମରେ ଆସନ୍ତା କାଲି ୭ ମାର୍ଚ୍ଚ ମହିଳାମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ,୮ ମାର୍ଚ୍ଚ ମହିଳାମାନଙ୍କ ପାଇଁ ମାରାଥନ ଏହି କାର୍ଯ୍ୟକ୍ରମଗୁଡ଼ିକ ମହିଳାମାନଙ୍କର ସ୍ୱାସ୍ଥ୍ୟ, ଆତ୍ମନିର୍ଭରତା ଓ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା ପ୍ରକାଶ କରାଯାଉଛି।

## ରଜତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ସମ୍ବଲପୁର,୭।୩ (ଅକ୍ଷର ଓଡ଼ିଶା): ସମ୍ବଲପୁର ମହାନଗର ନିଗମ ଧନକଉଡ଼ା ଖେଳ ପଡିଆଠାରେ ଡ଼ିଏକ୍ସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଚତୁର୍ଥ ରଜତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଘାଟିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟଟିକୁ ରତ୍ନାକର ବେହେରା ଯୁବକ ସଂଘର ସମ୍ପାଦକ ତଥା ସମାଜସେବୀ ହୀରାଲାଲ ବେହେରା ମୁଖ୍ୟ ଅତିଥି ଓ ସାମ୍ବାଦିକ ସରୋଜ ସାହୁ, ଆଖଣ୍ଡଳ ପଣ୍ଡା, ପର୍ଶୁରାମ ପଣ୍ଡା, ସୁକାନ୍ତ ସାହୁ ଅଙ୍ଗଦ ସାଇଁ ଯୋଗଦେଇ ଫିତାକାଟି ଉଦ୍‌ଘାଟନ କରିଥିଲେ ।ଏହି ଉଦ୍‌ଘାଟନ ଉତ୍ସବରେ କ୍ରିକେଟ କ୍ଲବର ସଭାପତି ଚିନ୍ମୟ ଦାସ, ନୀଳମଣି ସାହୁ, କୁନା ସୁସାରୀ, ଆକାଶ କୁମାର ସାହୁ, ସାଗର ଦାସ, ଗୌତମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ଓ ଗେମ୍ ଚେଞ୍ଜର ଓ ବ୍ଲେକ ଟାଇଗର କ୍ରିକେଟ ଟିମ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା ।ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ ଟି ଦଳ ଅଂଶ ଗ୍ରହଣ କରିଛନ୍ତି ଓ ଆସନ୍ତାକାଲି ରବିବାର ଅପରାହ୍ନ ୪ ଟା ସମୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ଓ ଟୁର୍ଣ୍ଣାମେଣ୍ଟରେ ସପନ ଖତ୍ରୀ ଓ ରମେଶ ଚନ୍ଦ୍ର ନାୟକ ଅମ୍ପେୟାର ଦାୟିତ୍ୱ ତୁଲାଇ ଥିବା ବେଳେ ସ୍କୋରର ଆରଆର ସ୍ପୋର୍ଟ୍‌ସ ଦାୟିତ୍ୱ ତୁଲାଇଥିଲେ । ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କ୍ଲବର ସମସ୍ତ ସଦସ୍ୟ ମାନେ ସହଯୋଗ କରୁଛନ୍ତି।

### କୁଚିଣ୍ଡା ବରିଷ୍ଠ ନାଗରିକ ସଂଘର ଉପଜିଲ୍ଲାପାଳଙ୍କୁ ଦାବିପତ୍ର

# ପୁରୀକୁ ସିଧାସଳଖ ବସ୍ ସେବା ପାଇଁ ଦାବି

କୁଚିଣ୍ଡା,୭।୩(ଚତୁର୍ଭୁଜ ଜୟପୁରିଆ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବୁର୍ଲା ମେଡ଼ିକାଲ ଓ ପୁରୀ ନାମକୁ ବସ୍ ସଂଯୋଗ ପାଇଁ ସମ୍ବଲପୁର ଜିଲ୍ଲାପାଳ ଏବଂ କୁଚିଣ୍ଡାକୁ ଜିଲ୍ଲା ଘୋଷଣା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍‌ସଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୁଚିଣ୍ଡା ଏକ ଆଦିବାସୀ ଅଧ୍ୟୁଷିତ ଉପଖଣ୍ଡ ଅଟେ। ଅଞ୍ଚଳର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମାସ୍ୟାର ଡାକ୍ତରୀ ଚିକିତ୍ସା ନିମନ୍ତେ ବୁର୍ଲା ଭୀମସାର ମେଡ଼ିକାଲ ଉପରେ ସମ୍ପୂର୍ଣ୍ଣ ଭାପେ ନିର୍ଭର କରନ୍ତି। ତେଣୁ କୁଚିଣ୍ଡାରୁ ସିଧା ସଳଖ ବୁର୍ଲାକୁ ଯାତାୟାତ ନିମନ୍ତେ ବସ ସୁବିଧା ନ ଥିବାରୁ ରୋଗୀ ଏବଂ ଜନସାଧାରଣ ସମ୍ବଲପୁରରୁ ବସ୍ ପରିବର୍ତ୍ତନ କରି ବୁର୍ଲାକୁ ଯାଉଛନ୍ତି। ସେହିପରି କୁଚିଣ୍ଡାରୁ ପୁରୀ ଜଗନ୍ନାଥ ଧାମକୁ



ସିଧା ସଳଖ ବସ ସୁବିଧା ନ ଥିବାରୁ ଜନ ସାଧାରଣ କୁଚିଣ୍ଡାରୁ ଭୁବନେଶ୍ୱର ଯାଇ ସେଠାରୁ ବସ ପରିବର୍ତ୍ତନ କରି ପୁରୀକୁ ଯାଉଛନ୍ତି। ତେଣୁ କୁଚିଣ୍ଡାରୁ ବୁର୍ଲା ଓ କୁଚିଣ୍ଡାରୁ ଜଗନ୍ନାଥ ଧାମକୁ ସିଧା ସଳଖ ଯାତାୟାତ ପାଇଁ ସରକାରୀ ଅଥବା ବେସରକାରୀ ବସର ସୁବିଧା କରାଯିବାକୁ ଦାବି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦତ୍ତ ଦାବିପତ୍ରରେ କୁଚିଣ୍ଡାକୁ ତୁରନ୍ତ ଜିଲ୍ଲା ଘୋଷଣା କରିବାକୁ ଉଲ୍ଲେଖ କରାଯାଇଛି। ଯେହେତୁ ନୂତନ ଜିଲ୍ଲା ପାଇଁ କୁଚିଣ୍ଡାର ଜନସଂଖ୍ୟା, ଭୌଗୋଳିକ କ୍ଷେତ୍ର, ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମି,ପ୍ରଶାସନିକ ବ୍ୟବସ୍ଥା କାରଣରୁ ଏକ ପୃଥକ ଜିଲ୍ଲା ହେବା ପାଇଁ ସମସ୍ତ ଯୋଗ୍ୟତା ହାସଲ କରିଛି। କୁଚିଣ୍ଡାରୁ ସମ୍ବଲପୁର ଜିଲ୍ଲା ମୁଖ୍ୟାଳୟର ଦୂରତା ପ୍ରାୟ ୭୦ କିଲୋମିଟରରୁ ୧୫୦ କିଲୋମିଟର ଅଟେ। ତେଣୁ କୁଚିଣ୍ଡାବାସୀ ଦୂରତା ଦୃଷ୍ଟିରୁ ବିଭିନ୍ନ ସମୟରେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ଜିଲ୍ଲା ଘୋଷଣା ପାଇଁ ଏଥିରେ ଦର୍ଶାଯାଇଛି। କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସଙ୍କୁ ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ନାଗରିକ ସଂଘ ସଭାପତି ଧିରେନ୍ଦ୍ର କୁମାର ମହାନ୍ତି, ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ସଂଘ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ପାତ୍ରପୁର,୭।୩, ଜରଡ଼ା ଥାନା ଅଧିନସ୍ଥ ଖାଡ଼ିଆଗୁଡା ଫାଣ୍ଡି ଅନ୍ତର୍ଗତ ପଥରାଘାଇ ନିକଟରେ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ଜଣକ ହେଲେ କେ ନୁଆଗାଁ ଥାନା ଅନ୍ତର୍ଗତ ଚୌଧୁରୀ ଟିକରପଡା ଗ୍ରାମର ଖଲି ସାହୁଙ୍କ ୪୨ ବର୍ଷିୟ ପୁଅ ନବୀନ ସାହୁ । ଖାଡ଼ିଆଗୁଡା ଫାଣ୍ଡି ପୋଲିସ ସୂଚନା ଅନୁସାରେ ନବୀନ ସାହୁ ପୁତୁରା ବାହାଘର ଗୁଆ ଦେବା ପାଇଁ ମନ୍ଦରଡା ଗ୍ରାମର ଭଉଣୀଙ୍କ ଘରକୁ ଯାଇ ଫେରିବା ସମୟରେ ପଥରାଘାଇ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଗଛକୁ ପିଟି ହୋଇଥିଲା। ଫଳରେ ନବୀନ ଗୁରୁତର ଆହତ ହୋଇ ରାସ୍ତା କଡ଼ରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ତୁରନ୍ତ ନବୀନଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରିବା ସହିତ ଖାଡ଼ିଆଗୁଡା ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପାତ୍ରପୁର ମେଡିକାଲରେ ଖାଡ଼ିଆଗୁଡା ପୋଲିସ ପହଞ୍ଚିଥିଲେ। କିନ୍ତୁ ସେଠାରେ ଡାକ୍ତର ନବୀନଙ୍କ ମୃତ ଘୋଷଣା କରିଥିଲେ। ଖାଡ଼ିଆଗୁଡା ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ସ୍ଥାନାନ୍ତରିତ କରିଥିବା ନେଇ ଖାଡ଼ିଆଗୁଡା ଫାଣ୍ଡି ଅଧିକାରୀ ସମିର ଜୟସିଂହ ସୂଚନା ଦେଇଛନ୍ତି।

## ବେଆଇନ ଗୋଚାଲାଣ:୪ ଗିରଫ ଓ ୧୭ ଗୋରୁ ଜବତ

ବୁଗୁଡା,୭।୩ (ଅକ୍ଷର ଓଡ଼ିଶା): ସମ୍ପ୍ରତି ବୁଗୁଡା ଅଞ୍ଚଳରେ ଘନ ଘନ ଛେଳି ଚୋରି ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଗତକାଲି ରାତିରେ ପୋଲିସ ପେଟ୍ରୋଲିଂ ସମୟରେ ୨ଟି ବେଆଇନ ଗୋଚାଲାଣ ଗାଡିକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଅଭିଯୁକ୍ତମାନେ ହେଲେ ନୟାଗଡ ଜିଲ୍ଲା ଚାନ୍ଦପୁର ଥାନା ଅନ୍ତର୍ଗତ ହରଚଣ୍ଡୀସାହିର ବଳରାମ ମଲ୍ଲିକ (୪୨) ଓ ଶିବ ସେନାପତି(୨୪) , ଶରଣକୁଳ ଥାନା ଅନ୍ତର୍ଗତ ହରିହରପୁର ଗାଁର ଅମଜାଦ୍ ଖାନ୍(୪୦) ଓ ଜଗତସିଂହପୁର ଜିଲ୍ଲାର ନାଉଗାଁ ଥାନା ଅନ୍ତର୍ଗତ ଅରଖପାରି ଗ୍ରାମର ଦିବ୍ୟଜ୍ୟୋତି ବେହେରା (୨୧। ବୁଗୁଡା ଥାନାରେ କେସ୍ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଥାନା ଏସ୍‌ଆଇ ଜ୍ୟୋତିଶ୍ରୀ ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଶୁକ୍ରବାର ବିଳମ୍ବିତ ରାତିରେ ପେଟ୍ରୋଲିଂ କାଳରେ ବି.ବ୍ରହ୍ମପୁର ଗାଁ ଛକରେ ଯାନବାହାନ ଯାଞ୍ଚ କରୁଥିବା ବେଳେ ୨ଟି ଅବୈଧ ଗୋଚାଲାଣ ଗାଡିକୁ କାବୁ କରିଥିଲେ।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera